# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୧୫/୨୦୧୯ (୨୦ ପୃଷ୍ଠା) Sambalpur, Friday, November 15 / 2019 ★★

୧୫ଶ ଭାଗ ୩୨୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ଡେଙ୍ଗୁରେ ଆକ୍ରାନ୍ତ ସୁଶାନ୍ତ

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ରକ୍ତପରୀକ୍ଷା ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡ଼ିଛି। ସମ୍ପୂର୍ଣ୍ଣ ସୁସ୍ଥ ନ ହେବା ପର୍ଯ୍ୟନ୍ତ ସେ ବିଶ୍ରାମ ନେବେ।

୧୪ | ୧୮

## ଡ୍ରାଭିଡଙ୍କୁ ଆଶ୍ୱସ୍ତି

ଭାରତୀୟ କ୍ରିକେଟ କିମ୍ବଦନ୍ତୀ ରାହୁଲ ଡ୍ରାଭିଡଙ୍କୁ ଗୁରୁବାର ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ମାମଲାରୁ ଆଶ୍ୱସ୍ତି ମିଳିଛି।



# ବୃହତ୍ତର ପୀଠକୁ ଗଲା ସାବରିମାଲା

## ପୂର୍ବ ରାୟ ଉପରେ ରହିତାଦେଶ ଲାଗି ନ ଥିବାରୁ ମନ୍ଦିର ଯାଇପାରିବେ ମହିଳା

ନୂଆଦିଲ୍ଲୀ,୧୪।୧୧(ପି.ଟି.)



କେରଳର ସାବରିମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶ ସମେତ ଅନ୍ୟାନ୍ୟ ଧର୍ମୀୟ ପ୍ରସଙ୍ଗର ଅନୁଧ୍ୟାନ ୭ ଜଣିଆ ପୀଠ କରିବେ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ତେବେ ଅଦାଲତ ତାଙ୍କ ପୂର୍ବ ରାୟ ଉପରେ ସ୍ଥଗିତାଦେଶ ଜାରି କରି ନ ଥିବାରୁ ଉକ୍ତ ରାୟ ଆସିବା ପର୍ଯ୍ୟନ୍ତ ସବୁ ବୟସ ବର୍ଗର ମହିଳା ମନ୍ଦିରରେ ପ୍ରବେଶ କରିପାରିବେ। ଧର୍ମୀୟ ପ୍ରସଙ୍ଗର ଅନୁଧ୍ୟାନ ଲାଗି ଏହାକୁ ବୃହତ୍ତର ପୀଠକୁ ପଠାଇବା ନିମନ୍ତେ ୫ ଜଣିଆ ସାମ୍ବିଧାନିକ ପୀଠ ସର୍ବସମ୍ମତିକ୍ରମେ ରାଜି ହୋଇଥିଲେ। ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏ.କେ. ଖାନ୍‌ୱିଲ୍‌କର ଏବଂ ଇନ୍ଦୁ ମାଲହୋତ୍ରା ମହିଳାଙ୍କ ମନ୍ଦିର ପ୍ରବେଶ ସମ୍ପର୍କିତ ପୂର୍ବ ରାୟ ଉପରେ ରିଭ୍ୟୁ ପିଟିଶନକୁ ଅଟକାଇ ରଖିବାକୁ ନିଷ୍ପତ୍ତି ନେଇଥିଲେ। ମହିଳାଙ୍କ ପ୍ରବେଶ ଉପରେ କେବଳ ସାବରିମାଲା ମନ୍ଦିରରେ କଟକଣା ନାହିଁ, ଅନ୍ୟ କେତେକ ଧର୍ମପୀଠରେ ମଧ୍ୟ ଏଭଳି ବ୍ୟବସ୍ଥା ରହିଛି।

ଆସନ୍ତା ୧୭ରୁ ପୂଜାର୍ଚ୍ଚନା ପାଇଁ ସାବରିମାଲା ମନ୍ଦିର ଖୋଲିବାକୁ ଥିବାବେଳେ ମହିଳା ପ୍ରବେଶ କରିପାରିବେ କି ନାହିଁ ତାହା ଉପରେ ସ୍ପଷ୍ଟ ନିଷ୍ପତ୍ତି ହୋଇପାରି ନ ଥିଲା। ଖଣ୍ଡପୀଠର ସଂଖ୍ୟାଗରିଷ୍ଠ ମତାମତ ସମ୍ପର୍କରେ ସିଜେଆଇ କହିଥିଲେ, ସାବରିମାଲା ଭଳି ଧର୍ମପୀଠଗୁଡ଼ିକ ଲାଗି ସର୍ବୋଚ୍ଚ ଅଦାଲତ ସମାନ ନୀତି ଅବଲମ୍ବନ କରିବା ଉଚିତ। ମସ୍‌ଜିଦରେ ମହିଳାଙ୍କ ପ୍ରବେଶ ଏବଂ ଦାଉଦି ବୋହରା ସମ୍ପ୍ରଦାୟରେ ମହିଳାମାନଙ୍କ ଲିଙ୍ଗାଗ୍ରଛେଦନ ଭଳି ପ୍ରଥା ଉପରେ ମଧ୍ୟ ବୃହତ୍ତର ପୀଠ ନିଷ୍ପତ୍ତି ନେବେ। ତେବେ ବିଚାରପତି ଆର୍.ଏଫ୍. ନରିମାନ ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ ଭିନ୍ନମତ ଦେଇଥିଲେ। ସମସ୍ତ ରିଭ୍ୟୁ ପିଟିଶନକୁ ଖାରଜ କରିବା ସହ ସେପ୍ଟେମ୍ବର ୨୮ ରାୟକୁ ଅନୁପାଳନ କରିବା ଲାଗି ନିର୍ଦ୍ଦେଶ ଦେବାକୁ ସେମାନେ କହିଥିଲେ। ସର୍ବୋଚ୍ଚ ଅଦାଲତଙ୍କ ୨୦୧୮ ସେପ୍ଟେମ୍ବର ୨୮ ରାୟ ପରେ କେରଳରେ ହିଂସାତ୍ମକ ପ୍ରତିବାଦ ଜୋରଦାର ହୋଇଥିଲା। ଫଳରେ ଉକ୍ତ ରାୟକୁ ଚ୍ୟାଲେଞ୍ଜ କରି ୫୬ଟି ରିଭ୍ୟୁ ପିଟିଶନ, ୪ଟି ସାନି ରିଟ୍ ପିଟିଶନ ଏବଂ ୫ଟି ସ୍ଥାନାନ୍ତର ଆବେଦନ ହୋଇଥିଲା।

ସୂଚନାଯୋଗ୍ୟ ସାବରିମାଲାସ୍ଥିତ ପ୍ରସିଦ୍ଧ ଆୟାପ୍ପା ମନ୍ଦିରରେ ମହିଳାମାନେ ପ୍ରବେଶ କରିପାରିବେ ବୋଲି ଗତବର୍ଷ ସେପ୍ଟେମ୍ବର ୨୮ରେ ସର୍ବୋଚ୍ଚ ଅଦାଲତ ରାୟ ଦେଇଥିଲେ। ଏହି ମନ୍ଦିରରେ ୧୦ରୁ ୫୦ ବର୍ଷୀୟା ମହିଳାଙ୍କ ପ୍ରବେଶ ଓ ପୂଜାର୍ଚ୍ଚନା ଉପରେ ଜାରି କରାଯାଇଥିବା କଟକଣାକୁ ୫ ଜଣିଆ ସାମ୍ବିଧାନିକ ପୀଠ ଉଠାଇ ଦେଇଥିଲେ। ଲିଙ୍ଗଗତ ପ୍ରଭେଦ ଦୃଷ୍ଟିରୁ ଧର୍ମପୀଠରେ ହିନ୍ଦୁ ମହିଳାଙ୍କ ପ୍ରବେଶକୁ ନିଷିଦ୍ଧ କରାଯିବା ସେମାନଙ୍କ ଅଧିକାରର ଉଲ୍ଲଂଘନ ବୋଲି ତତ୍କାଳୀନ ସିଜେଆଇ ଦୀପକ ମିଶ୍ର ଅଧ୍ୟକ୍ଷତା କରୁଥିବା ସାମ୍ବିଧାନିକ ପୀଠ ଅଭିହିତ କରିଥିଲେ। ଏହା ବିରୋଧରେ ନାୟାର ସର୍ଭିସ୍ ସୋସାଇଟି, ଟ୍ରାଭାଙ୍କୋର ଦେବସ୍ୱମ୍ ବୋର୍ଡ (ଟିଡିବି) ଏବଂ ରାଜ୍ୟ ସରକାରଙ୍କ ସମେତ ବିଭିନ୍ନ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଅଦାଲତ ତାଙ୍କ ରାୟ ସଂରକ୍ଷିତ ରଖିଥିଲେ। ପରେ ମନ୍ଦିର ପରିଚାଳନା ସଂସ୍ଥା ଟିଡିବି ମତ ପରିବର୍ତ୍ତନ କରି ମହିଳାଙ୍କ ପ୍ରବେଶ ସମ୍ପର୍କିତ ସୁପ୍ରିମକୋର୍ଟଙ୍କ ରାୟକୁ ସମର୍ଥନ ଜଣାଇଥିଲା। ଅଦାଲତଙ୍କ ଐତିହାସିକ ରାୟର ସମୀକ୍ଷା ଆବେଦନକୁ କେରଳ ସରକାରଙ୍କ ସହିତ ଟିଡିବି ବିରୋଧ କରିଥିଲା।

# କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଦ୍ୱିତୀୟ କ୍ଲିନ୍‌ଚିଟ୍

ନୂଆଦିଲ୍ଲୀ,୧୪।୧୧(ପି.ଟି.)

ଫ୍ରାନ୍ସର ଦାସଲ୍ଟ ଆଭିଏଶନ୍ କମ୍ପାନୀରୁ ୩୬ ରାଫାଲ ଯୁଦ୍ଧବିମାନ କିଣା ପ୍ରସଙ୍ଗରେ କେନ୍ଦ୍ରର ମୋଦି ସରକାରଙ୍କୁ ଦ୍ୱିତୀୟଥର କ୍ଲିନ୍‌ଚିଟ୍ ମିଳିଛି। ସୁପ୍ରିମକୋର୍ଟ ଶୁକ୍ରବାର ଏହି ବହୁଚର୍ଚ୍ଚିତ ମାମଲାରେ ନିଜ ପୂର୍ବ ରାୟକୁ ବଳବତ୍ତର ରଖିଛନ୍ତି। ଏଥିସହ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଏଫ୍‌ଆଇଆର୍ ରୁଜୁ କରାଇବା ପାଇଁ ହୋଇଥିବା ରିଭ୍ୟୁ ପିଟିଶନଗୁଡ଼ିକୁ ଖାରଜ କରିଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠଙ୍କ ସଦ୍ୟ ରାୟ ପରେ ରାଫାଲକୁ ନେଇ ଚାଲିଥିବା ବିବାଦରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଛି।

୫୮ ହଜାର କୋଟି ଟଙ୍କାରେ ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିରେ କୌଣସି ପ୍ରକାର ଅନିୟମିତତା ନାହିଁ। ତେଣୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ନେଇ ସନ୍ଦେହ କରିବାର କିଛି କାରଣ ନାହିଁ ବୋଲି ୨୦୧୮ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଏହାସହ ଚୁକ୍ତିକୁ ନେଇ କୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ପାଇଁ ଦାଏର ଏକାଧିକ ପିଟିଶନକୁ ଖାରଜ କରିଦେଇଥିଲେ। ଏହା ବିରୋଧରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ, ଦୁଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶ୍ୱନ୍ତ ସିହ୍ନା ଓ ଅରୁଣ ସୌରୀ ସୁପ୍ରିମକୋର୍ଟରେ ପୁନର୍ବିଚାର ପାଇଁ ଆବେଦନ କରିଥିଲେ। ସେହିପରି ଆଇନଜୀବୀ ବିନୀତ ଧଣ୍ଡା ଓ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏମ୍‌ପି ସଞ୍ଜୟ ସିଂ ମଧ୍ୟ ରାୟର ପୁନଃ ଯାଞ୍ଚ ଲାଗି ଆବେଦନ କରିଥିଲେ। ଶୀର୍ଷ ଅଦାଲତ ଗତ ମେ ୧୦ରେ ସେମାନଙ୍କ ପିଟିଶନଗୁଡ଼ିକର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ, ଯାହା ଗୁରୁବାର ପ୍ରକାଶ ପାଇଛି। ରିଭ୍ୟୁ ପିଟିଶନଗୁଡ଼ିକରେ ଶୁଣାଣି ପାଇଁ କୌଣସି ଯୋଗ୍ୟତା ବା ସତ୍ୟତା ନାହିଁ ବୋଲି ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଯୋସେଫ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ନିଜ ରାୟରେ କହିଛନ୍ତି। ଜଷ୍ଟିସ୍ କୌଲ ରାୟ ଶୁଣାଇ କହିଛନ୍ତି, ବିଚାରପତିମାନେ ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ, ଅଭିଯୋଗଗୁଡ଼ିକୁ ନେଇ ଏକ ଲକ୍ଷ୍ୟହୀନ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ଉପଯୁକ୍ତ ନୁହେଁ। ଏଫ୍‌ଆଇଆର୍ ପଞ୍ଜୀକରଣ ଲାଗି ଆବେଦନକାରୀମାନଙ୍କ ଯୁକ୍ତି ଉପଯୁକ୍ତ ବୋଲି ଆମେ ବିଚାର କରୁନାହୁଁ। ଭିନ୍ନ ରାୟ ଲେଖିଥିବା ଜଷ୍ଟିସ୍ ଯୋସେଫ୍ କହିଛନ୍ତି, ମୁଖ୍ୟ ରାୟ ଲେଖିଥିବା ଜଷ୍ଟିସ୍ କୌଲଙ୍କ ସହ କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ସେ ଏକମତ।

### ରାଫାଲ ଡିଲ୍



### 'ଚୋର' ମନ୍ତବ୍ୟ

### ରାହୁଲଙ୍କ ବିରୋଧରେ ଅବମାନନା ମାମଲା ବନ୍ଦ

ଏହାସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଥିବା 'ଚୌକିଦାର ଚୋର ହେଁ' ମନ୍ତବ୍ୟକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କ୍ଷମାମାଗିବା ପରେ ତାଙ୍କ ବିରୋଧରେ ଅବମାନନା ମାମଲାକୁ ମଧ୍ୟ ବନ୍ଦ କରିଦେଇଛନ୍ତି। ରାହୁଲ ଜଣେ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବ୍ୟକ୍ତି ଭାବେ ଭବିଷ୍ୟତରେ ଏପରି ମନ୍ତବ୍ୟ ଦେବାରୁ କ୍ଷାନ୍ତ ରହିବା ଉଚିତ ବୋଲି ଶୀର୍ଷ ଅଦାଲତ ତାଗିଦ୍ କରିଛନ୍ତି।

# ରାଜ୍ୟରେ ଖୋଲିବ ୬ ନୂଆ କୋର୍ଟ

## କଟକରେ ୪, ଭଦ୍ରକରେ କୋର୍ଟ ସଂଖ୍ୟା ୨ରେ ପହଞ୍ଚିବ





**ଭୁବନେଶ୍ୱର,୧୪।୧୧(ବ୍ୟୁରୋ):** ରାଜ୍ୟରେ ଆଉ ୬ଟି ଅଧିକ ନୂଆ କୋର୍ଟ ଖୋଲିବ। ହାଇକୋର୍ଟଙ୍କ ସୁପାରିସ ଆଧାରରେ ରାଜ୍ୟ ସରକାର ଚଳିତବର୍ଷଠାରୁ ଏହିସବୁ କୋର୍ଟ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆଇନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା ଗୁରୁବାର ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଜେନା କହିଛନ୍ତି ଯେ, କଟକ, ଭଦ୍ରକ, ବାଲେଶ୍ୱର ଜିଲାର ନୀଳଗିରି, ମୟୂରଭଞ୍ଜ ଜିଲାର ଉଦଳା, କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ଏବଂ ନୂଆପଡ଼ା ଜିଲାର ଖଡିଆଳରେ ଗୋଟିଏ ଲେଖା ଅତିରିକ୍ତ ଜିଲା ଓ ସେସନ୍ ଜଜ୍ କୋର୍ଟ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ଏସବୁ ଖୋଲିବା ଦ୍ୱାରା କଟକରେ କୋର୍ଟ ସଂଖ୍ୟା ୪ ହେବ। ଏହାସହ ଭଦ୍ରକରେ ଆଉ ଗୋଟିଏ ନୂଆ କୋର୍ଟ ଖୋଲିଲେ ଜିଲାରେ କୋର୍ଟ ସଂଖ୍ୟା ୨ରେ ପହଞ୍ଚିବ ବୋଲି ମନ୍ତ୍ରୀ ଜେନା କହିଛନ୍ତି।

# ବ୍ରାଜିଲ ରାଷ୍ଟ୍ରପତି ହେବେ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି



ବ୍ରାସିଲିଆ, ୧୪।୧୧(ପି.ଟି.) : ଭାରତରେ ହେବାକୁ ଥିବା ୨୦୨୦ ସାଧାରଣତନ୍ତ୍ର ଦିବସରେ ବ୍ରାଜିଲ ରାଷ୍ଟ୍ରପତି ଜୈର୍ ବୋଲ୍‌ସୋନାରୋ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନୁରୋଧକୁ ସେ ଗ୍ରହଣ କରିଥିବା ଜଣାପଡ଼ିଛି। ୧୧ତମ ବ୍ରିକ୍ସ ସମିଟ୍ ଅବସରରେ ମୋଦି ବୋଲ୍‌ସୋନାରୋଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି। ଆତଙ୍କବାଦ ଦମନ ଲାଗି ସହଯୋଗ, ବାଣିଜ୍ୟ, ପୁଞ୍ଜିନିବେଶ, କୃଷି ଯନ୍ତ୍ରପାତି, ବାୟୋଫୁଏଲ ସହ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ଦୁଇନେତାଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। ଏଥିସହ ମହାକାଶ ଓ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ଲାଗି ମଧ୍ୟ ଆଲୋଚନା କରାଯାଇଥିଲା। ଭାରତୀୟଙ୍କ ଲାଗି

# ସ୍ମିତାରାଣୀ ଆତ୍ମହତ୍ୟା କରିଛନ୍ତି: ଗୃହ ରାଷ୍ଟ୍ରମନ୍ତ୍ରୀ

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

### ମୁଲତବୀ ଆଲୋଚନା

- ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ
- ସିବିଆଇ ତଦନ୍ତ ଦାବି ଦୋହରାଇଲେ କଂଗ୍ରେସ, ଭାଜପା
- ବିରୋଧୀ ରାଜନୀତି କରୁଛନ୍ତି: ଶାସକ



ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ହରିଦାସପୁର ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସ୍ମିତାରାଣୀ ବିଶ୍ୱାଳ ଆତ୍ମହତ୍ୟା କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟରେ ଏଭଳି ନିଷ୍କର୍ଷ ବାହାରିଛି। ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଗୁରୁବାର ବିଧାନସଭାରେ ଏ କଥା କହିଛନ୍ତି। କଂଗ୍ରେସ ପକ୍ଷରୁ ଅଣାଯାଇଥିବା ମୁଲତବୀ ଆଲୋଚନାର ଜବାବରେ ମନ୍ତ୍ରୀ କହିଛନ୍ତି ଯେ, ଶବ ବ୍ୟବଚ୍ଛେଦ ରିପୋର୍ଟରେ ଡାକ୍ତରୀ ଦଳ ମତାମତ ଦେଇଛନ୍ତି ଯେ ସ୍ମିତାରାଣୀଙ୍କ ମୃତ୍ୟୁ ଶ୍ୱାସରୁଦ୍ଧ ଯୋଗୁ ହୋଇଛି। ୨୦୧୯ ଅକ୍ଟୋବର ୧୬ ତାରିଖରେ ହରିଦାସପୁର ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରାଙ୍କ ଗେଷ୍ଟ ହାଉସ୍‌ରେ ସ୍ମିତାରାଣୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ତାଙ୍କ ବାପାଙ୍କ ଏତଲା ଉପରେ ଏକ ଅପମୃତ୍ୟୁ ମାମଲା ଧର୍ମଶାଳା ଥାନାରେ ରୁଜୁକରି ତଦନ୍ତ କରାଯାଇଛି। ତଦନ୍ତ ସମୟରେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଏବଂ ସାକ୍ଷୀଙ୍କ ଉପସ୍ଥିତିରେ ମୃତଦେହର ପଞ୍ଚନାମା କରାଯାଇଛି। ବ୍ୟବଚ୍ଛେଦ ବେଳେ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଚିତ୍ର ଉତ୍ତୋଳନ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ତଦନ୍ତକାରୀ ଅଧିକାରୀଙ୍କ ରିପୋର୍ଟ ଆଧାରରେ ଧର୍ମଶାଳା ଥାନାରେ ଆଇପିସି ଦଫା ୩୦୬ରେ ଏକ ମାମଲା (ନଂ.୧୮୧/୨୦୧୯) ରୁଜୁ କରାଯାଇ ତଦନ୍ତ କରାଯାଇଛି। ତଦନ୍ତ ପରେ ରୂପେଶ ଭଦ୍ରାଙ୍କୁ ଅକ୍ଟୋବର ୧୯ ତାରିଖରେ ଦଫା ୩୦୬(ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜେଲରେ ଅଛନ୍ତି, ଅନୁସନ୍ଧାନ ଚାଲୁ ରହିଛି। ସରକାର ଦୋଷୀଙ୍କୁ କେବେ ଛାଡ଼ିନାହାନ୍ତି। ନାରୀମାନଙ୍କ ସୁରକ୍ଷା ପ୍ରତି ସରକାର ସବୁବେଳେ ସମ୍ବେଦନଶୀଳ। ସରକାରଙ୍କୁ ଏହି ମାମଲାରେ ସମାଲୋଚନା କରିବା ଆଦୌ ଠିକ୍ ନୁହେଁ ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ କଂଗ୍ରେସ ଦଳର ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲିଯାଇଥିଲେ। କଂଗ୍ରେସ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ, ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସିବିଆଇ କିମ୍ବା ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଗଠନ କରିବାକୁ ଦାବି କରିଛୁ। ମାତ୍ର ମନ୍ତ୍ରୀ ଏ ସମ୍ପର୍କରେ ମୁହଁ ଖୋଲୁନାହାନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ କଂଗ୍ରେସ ଦଳର ସମସ୍ତ ବିଧାୟକ ବିଧାନସଭା ବାହାରକୁ ଚାଲିଯାଇଥିଲେ।

ବୁଧବାର ଗୃହକାର୍ଯ୍ୟ ଅଚଳ ହେବା ପରେ ବାଚସ୍ପତି କଂଗ୍ରେସ ଦଳ ପକ୍ଷରୁ ଦିଆଯାଇଥିବା ସ୍ମିତାରାଣୀ ମୃତ୍ୟୁ ସଂକ୍ରାନ୍ତ ମୁଲତବୀ ପ୍ରସ୍ତାବକୁ ଗ୍ରହଣ କରିଥିଲେ। ଶୂନ୍ୟକାଳ ପରେ ମଧ୍ୟାହ୍ନ ୧୨ଟା ୩୯ ମିନିଟ୍‌ରେ ☞ପୃଷ୍ଠା–୪

## ଆଜିର ସମ୍ପାଦକୀୟ

### ମୁଦ୍ରାସ୍ଫୀତି କମାଅ






Vencobb Fresh Chicken — Taste the difference!

14.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 82 | 135 | 145 |
| BHM | 81 | 133 | 143 |

*Conditions Apply

Issued in the Interest of Consumers


■ ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟରୁ ଗ୍ୟାସ୍ ଲିକ୍ ଘଟଣା

# ପ୍ଲାଣ୍ଟ ସିଲ୍, ୭ ଅଧିକାରୀ ଗିରଫ

ବାଲେଶ୍ୱର ଅଫିସ/ବାହାନଗା, ୧୪।୧୧(ଡି.ଏନ.ଏ.)



ଫାଲ୍‌କନ ପ୍ଲାଣ୍ଟ ପରିସରରୁ ଫରେନ୍‌ସିକ୍ ଟିମ୍ ତଦନ୍ତ କରି ଫେରୁଛି।

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ପଣପଣାସ୍ଥିତ ଫାଲ୍‌କନ କମ୍ପାନୀର ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟରୁ ବୁଧବାର ରାତିରେ କ୍ଲୋରିନ୍ ଗ୍ୟାସ୍ ଲିକ୍ ହୋଇ ଶତାଧିକ ମହିଳା ଶ୍ରମିକ ଅସୁସ୍ଥ ହୋଇଥିଲେ। ଏହି ଘଟଣା ପରେ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ପ୍ଲାଣ୍ଟକୁ ଗୁରୁବାର ସିଲ୍ କରାଯାଇଛି। ଖନ୍ତାପଡ଼ା ଥାନା ପୋଲିସ ଏକ ମାମଲା (ନଂ.୩୫୮/୧୯) ରୁଜୁକରି କମ୍ପାନୀର ୭ ଅଧିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ କମ୍ପାନୀର ଜେନେରାଲ ମ୍ୟାନେଜର ପ୍ରଭିନ୍ଦ ପିଲାଇ, ପ୍ରଡକ୍ସନ ମ୍ୟାନେଜର ଜୟଦେବ କେ.ଏସ୍., ଏଚ୍‌ଆର୍ ମ୍ୟାନେଜର ନେଦିହେସ୍ ପ୍ରକାଶ, ସୁପରଭାଇଜର ରବୀନ୍ଦ୍ର ନାଥ ପରିଡ଼ା, ସିଫ୍ଟ ଇନ୍‌ଚାର୍ଜ ବୁଲୁ ସ୍ୱାଇଁ, ସେଫ୍ଟି ମ୍ୟାନେଜର ରମାକାନ୍ତ ମହାପାତ୍ର ଓ ସୁପରଭାଇଜର (ପିପିଏଚ୍) ରାକେଶ ଧଳ। ଜିଲା ପ୍ରଦୂଷଣ ବୋର୍ଡ ଅଧିକାରୀ ପ୍ରକାଶ କୁମାର ମହାପାତ୍ର, ରାଜ୍ୟ ଫରେନସିକ୍ ଟିମ୍‌ର ମୁଖ୍ୟ ହେମନ୍ତ କୁମାର ମହାକୁଡ଼ଙ୍କ ନେତୃତ୍ୱରେ ୬ଜଣିଆ ଟିମ୍ ଗୁରୁବାର ପ୍ଲାଣ୍ଟରେ ପହଞ୍ଚି ଦିନତମାମ୍ ତଦନ୍ତ କରିଛନ୍ତି । ତଦନ୍ତ ତ୍ୱରାନ୍ୱିତ ପାଇଁ ଜିଲା ପ୍ରଶାସନ ୩ ଦିନ ଲାଗି ପ୍ଲାଣ୍ଟକୁ ସିଲ୍ କରିଥିବା ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ ଓ ଡିଏସ୍‌ପି ମନୋଜ କୁମାର ରାଉତ କହିଛନ୍ତି। ସୁରକ୍ଷା ଦୃଷ୍ଟିରୁ ପ୍ଲାଣ୍ଟ ପରିସରରେ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। କେଉଁ କାରଣରୁ ଗ୍ୟାସ୍ ଲିକ୍ ହେଲା ତାହାର ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂହ ନିର୍ଦ୍ଦେଶ ଦେଇଛନ୍ତି।

ଉକ୍ତ ପ୍ଲାଣ୍ଟରେ ବାଲେଶ୍ୱର ଜିଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳ ଏବଂ ପଶ୍ଚିମବଙ୍ଗରୁ ମୋଟ୍ ୫ହଜାର ୬ଶହ ଶ୍ରମିକ ଓ କର୍ମଚାରୀ କାମ କରୁଛନ୍ତି। ବୁଧବାର ସନ୍ଧ୍ୟା ବି' ସିଫ୍ଟରେ ୮ଶହରୁ ଊର୍ଦ୍ଧ୍ୱ ମହିଳା ଶ୍ରମିକ କାମ କରୁଥିଲେ। କେତେଜଣ ଅଣକୁଶଳୀ ଶ୍ରମିକ ଚିଙ୍ଗୁଡ଼ିକୁ ସଫା କରିବା ପାଇଁ ଆବଶ୍ୟକଠାରୁ ଅଧିକ କେମିକାଲଯୁକ୍ତ ବ୍ଲିଚିଂ ଦେଇ ପାଣି ଢାଳିଦେବାରୁ ହଠାତ୍ ☞ପୃଷ୍ଠା–୪





ବାୟୁ ପ୍ରଦୂଷଣ ହ୍ରାସ ପାଇଁ ଗୁରୁବାର ନୂଆଦିଲ୍ଲୀ ରାସ୍ତାରେ ଟ୍ୟାଙ୍କର ଯୋଗେ ପାଣି ସ୍ପ୍ରେ କରାଯାଉଛି।

## ଅଲିଭ୍ ରିଡ୍‌ଲେ ସୁରକ୍ଷା ଚିନ୍ତା

# ମେ' ୩୧ ପର୍ଯ୍ୟନ୍ତ ମାଛଧରା ଉପରେ କଟକଣା

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

- ରଷିକୁଲ୍ୟା, ଗହୀରମଥା ଓ ଦେବୀନଦୀ ମୁହାଣରେ ଖୋଲାଯିବ ୬୬ ଶିବିର

ବିରଳ ଅଲିଭ୍ ରିଡ୍‌ଲେ କଇଁଛ ସୁରକ୍ଷା ପାଇଁ ସମୁଦ୍ରରୁ ମାଛଧରା ଉପରେ ସରକାର କଟକଣା ଜାରି କରିଛନ୍ତି। ଉପକୂଳଠାରୁ ସମୁଦ୍ର ଭିତରକୁ ୨୦ କିଲୋମିଟର ପର୍ଯ୍ୟନ୍ତ ଆଗାମୀ ମେ' ୩୧ ଯାଏ ମାଛ ନ ଧରିବା ଲାଗି ମତ୍ସ୍ୟଜୀବୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମୁଦ୍ର କଇଁଛଙ୍କ ସୁରକ୍ଷା କରି ଏହାକୁ ଓଡ଼ିଶାର ଆଧୁନିକ ପରିଚୟ ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ ଓ ସୁରକ୍ଷା ନେଇ ଗୁରୁବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ☞ପୃଷ୍ଠା–୪



“ଯୁଗ୍ମ-ଅଯୁଗ୍ମ ସୂତ୍ର ଏକ ରାଜନୈତିକ ପଦକ୍ଷେପ। ଏହାକୁ ଲାଗୁ କରିବା ସତ୍ତ୍ୱେ ଦିଲ୍ଲୀ ଗ୍ୟାସ ଚାମ୍ବରରେ ପରିଣତ ହୋଇଛି।

-ବିଜୟ ଗୋଏଲ, ବରିଷ୍ଠ ଭାଜପା ନେତା

## ରାଫାଲ ରାୟର ପୁନର୍ବିଚାର

# କାହିଁକି ମନାକଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୪।୧୧**



ସୁପ୍ରିମକୋର୍ଟ ରାଫାଲ ରାୟର ପୁନର୍ବିଚାର ପାଇଁ ଦାଏର ପିଟିଶନଗୁଡ଼ିକୁ ଖାରଜ କରିବା ସହ ଏହି ବିବାଦର ଆଇନଗତ ଦିଗ ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।୩୬ଫାଇଟରଜେଟ୍‌ଡିଲ୍‌କୁନେଇତଦନ୍ତ ବା ଏଫ୍‌ଆଇଆର୍ ଅନାବଶ୍ୟକ ବୋଲି ତିନିଜଣିଆ ଖଣ୍ଡପୀଠ କହିଛନ୍ତି। ରାୟ ଶୁଣାଇବାବେଳେ ଜଷ୍ଟିସ୍ ଏସ୍.କେ. କୌଲ ରିଭ୍ୟୁ ପିଟିଶନଗୁଡ଼ିକର ମେରିଟ୍ ବା ଯୋଗ୍ୟତା ନାହିଁ ବୋଲି ଘୋଷଣା କରିଛନ୍ତି।

ଖଣ୍ଡପୀଠ କହିଛନ୍ତି, ସୁପ୍ରିମକୋର୍ଟଙ୍କ ପୂର୍ବ ରାୟ ସମ୍ବିଧାନର ଅନୁଚ୍ଛେଦ ୩୨ ଅନୁସାରେ ଦିଆଯାଇଥିଲା। ନ୍ୟାୟିକ ସମୀକ୍ଷା ପାଇଁ ଏହାର ପରିସର ସୀମିତ। ଆବେଦନକାରୀମାନେ ରାଫାଲ ଡିଲ୍‌ର ପ୍ରତ୍ୟେକ ଦିଗକୁ ନିର୍ଦ୍ଧାରଣ କରିବା ପାଇଁ ନିଜକୁ ଏକ ଉପରିସ୍ଥ କର୍ତ୍ତୃପକ୍ଷ ଭାବେ ଦର୍ଶାଇବା ପାଇଁ ଉଦ୍ୟମ କରିଛନ୍ତି ବୋଲି ବୁଝାପଡୁଛି, ଯାହାକି ଗ୍ରହଣଯୋଗ୍ୟ ନୁହେଁ ବୋଲି ଅଦାଲତ କହିଛନ୍ତି। ଏହି ରାୟ ଦୁଇଟି ସମାନ ମତକୁ ନେଇ ଆସିଛି। ପ୍ରଥମଟି ଜଷ୍ଟିସ୍ ଏସ୍.କେ. କୌଲ ଦେଇଛନ୍ତି, ଯିଏକି ନିଜ ଓ ସିଜେଆଇ ରଞ୍ଜନ ଗୋଗୋଇଙ୍କ ପାଇଁ ରାୟ ଲେଖିଛନ୍ତି। ଏହି ମତ ସଂକ୍ଷିପ୍ତ ଏବଂ ରିଭ୍ୟୁ ପିଟିଶନଗୁଡ଼ିକରେ ଉଠାଯାଇଥିବା ଅଧିକାଂଶ ଆପତ୍ତିକୁ ଖାରଜ କରିଦେଇଛି। ଅନ୍ୟ ରାୟଟି ‘ରିଭ୍ୟୁ ଜୁରିସ୍‌ଡିକ୍‌ଶନ’ର ବୈଶିଷ୍ଟ୍ୟ ଏବଂ ତଦନ୍ତ ନିର୍ଦ୍ଦେଶ ଦେବାରେ ରହିଥିବା ବାଧା ଉପରେ ଜଷ୍ଟିସ୍ କେ.ଏମ୍. ଯୋସେଫ୍ ଲେଖିଛନ୍ତି। ତେବେ ସୁପ୍ରିମକୋର୍ଟ ଶେଷରେ ପୂର୍ବ ରାୟର ସମୀକ୍ଷା କରିବା ପାଇଁ କାହିଁକି ମନାକଲେ ତା’ର ତିନୋଟି କାରଣ ସମ୍ପର୍କରେ ଅବତାରଣା କରାଗଲା।

### ରାୟରେ ତ୍ରୁଟି?

ସୁପ୍ରିମକୋର୍ଟଙ୍କ ୨୦୧୮ ଡିସେମ୍ବର ରାୟ କେତେକ ଗୁରୁତ୍ୱପୂର୍ଣ୍ଣ ଭୁଲ୍ ବିବୃତିକୁ ନେଇ ଦିଆଯାଇଥିଲା ବୋଲି କେତେଜଣ ପିଟିଶନରଙ୍କ ଯୁକ୍ତି ଥିଲା। ସରକାରୀ ଅଧିକାରୀମାନେ ଅଦାଲତଙ୍କୁ ବିଭ୍ରାନ୍ତ କରିବା ଲାଗି କେତେକ ଭୁଲ୍ ବିବୃତିକୁ ଜାଣିଶୁଣି ସାମ୍ନାକୁ ଆଣିଥିବା ଅରୁଣ ସୌରୀ, ଯଶ୍‌ୱନ୍ତ ସିହ୍ନା ଓ ପ୍ରଶାନ୍ତ ଭୂଷଣ ଅଭିଯୋଗ ଆଣିଥିଲେ। ସେହିପରି ସିଏଜି ରିପୋର୍ଟରେ ମଧ୍ୟ କେତେକ ତ୍ରୁଟି ଥିବା କୁହାଯାଇଥିଲା। ଏହାକୁ ନେଇ ରାୟରେ ଦର୍ଶାଯାଇଛି ଯେ, ଏହି ତ୍ରୁଟିଗୁଡ଼ିକ ସିଏଜି ରିପୋର୍ଟରେ ଖଞ୍ଜାଯାଇଥିଲା ଅଥବା ଅମ୍ବାନୀ ଭ୍ରାତାଙ୍କ କ୍ଷେତ୍ରରେ ଚୂଡ଼ାନ୍ତ ପରିଣାମକୁ ପ୍ରଭାବିତ କରିବା ପାଇଁ ସେତେଟା ଗୁରୁତ୍ୱପୂର୍ଣ୍ଣ ନୁହେଁ। ଏନେଇ ଅଧିକ ଆଲୋଚନାର ଆବଶ୍ୟକତା ନାହିଁ ବୋଲି ଜଷ୍ଟିସ୍ କୌଲ କହିଛନ୍ତି।

### ପ୍ରକ୍ରିୟାଗତ ବିଚ୍ୟୁତି?

ସୁପ୍ରିମକୋର୍ଟଙ୍କ ପୂର୍ବ ରାୟରେ ୩ ପ୍ରାଥମିକ ଦିଗକୁ ନେଇ ପରୀକ୍ଷା କରାଯାଇଛି ଏବଂ ରାଫାଲ ଅଧିଗ୍ରହଣ ପ୍ରକ୍ରିୟାକୁ ଉଦ୍ଦେଶ୍ୟମୂଳକ ଭାବେ ଅନ୍ୟ ବିଚ୍ୟୁତିଗୁଡ଼ିକୁ ଅଣଦେଖା କରାଯାଇଛି ବୋଲି ଆବେଦନକାରୀମାନେ ଦର୍ଶାଇଥିଲେ। ରିଭ୍ୟୁ ପିଟିଶନଗୁଡ଼ିକରେ ସାର୍ବଭୌମ ଗ୍ୟାରେଣ୍ଟିର ଅଭାବ, ବେଞ୍ଚମାର୍କ ପ୍ରାଇସ୍‌କୁ ନେଇ ପ୍ରଶ୍ନ ଉଠାଯାଇଥିଲା। ଏହାସହ ଯେପରି ଭାବେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍‌କୁ ବାଦ୍‌ଦେଇ ରିଲାଏନ୍ସ ଏରୋଷ୍ଟ୍ରକ୍‌ଚରକୁ ଏକ ଅଫ୍‌ସେଟ୍ ପାର୍ଟନର ଭାବେ ଚୟନ କରାଗଲା ତାହା ମଧ୍ୟ ଉଲ୍ଲେଖ କରାଯାଇଥିଲା। ରିଭ୍ୟୁ ପିଟିଶନଗୁଡ଼ିକରେ ଏହି ସବୁ ପ୍ରସଙ୍ଗ ଉଠାଯାଇଥିବା କୋର୍ଟ ସ୍ୱୀକାର କରିଛନ୍ତି। କିନ୍ତୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ବେଳେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଥିବାରୁ ଏହାକୁ ଭୁଲ୍ ଧରାଯିବ ନାହିଁ। ସେହିପରି ସମୀକ୍ଷାର ଏହି ସ୍ତରରେ ନୂଆ ସୂଚନାକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ନିଜ ରାୟରେ ସ୍ପଷ୍ଟ କରିଛନ୍ତି।

### ସିବିଆଇ ପକ୍ଷରୁ ଏଫ୍‌ଆଇଆର୍ ଉପରେ

ଚୁକ୍ତିନାମାକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ନ୍ୟାୟପାଳିକା ସମୀକ୍ଷା କରିଥିଲା ଏବଂ ସିବିଆଇ ତଦନ୍ତ କରାଯାଇଥିଲେ ଅଧିକ ତଥ୍ୟ ସାମ୍ନାକୁ ଆସିଥାନ୍ତା ବୋଲି ଏକ ରିଭ୍ୟୁ ପିଟିଶନରେ ଦର୍ଶାଯାଇଥିଲା। ଏହାକୁ ଜଷ୍ଟିସ୍ କୌଲ ଆବେଦନର ଏକ ଉପଯୁକ୍ତ ବିଷୟ ବୋଲି ବିଚାର କରିନାହାନ୍ତି। ସେ କହିଛନ୍ତି, ଖଣ୍ଡପୀଠ ସମସ୍ତ ମୂଳ ପିଟିଶନକୁ ଯୋଗ୍ୟତାର ୩ଟି ଦିଗ ଉପରେ ଯାଞ୍ଚ କରିଥିଲେ। ସେଗୁଡ଼ିକ ମଧ୍ୟରୁ କୌଣସି ପିଟିଶନରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବା ପାଇଁ ଯଥାର୍ଥ ଯୁକ୍ତି ନାହିଁ।



“ଆବେଦନକାରୀମାନଙ୍କ ଅଭିଯୋଗ ଉପରେ ସିବିଆଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରିବ। ରାଫାଲ ଡିଲ୍‌ରେ ଦୁର୍ନୀତି ଅଭିଯୋଗ ହୋଇଥିବା ନେଇ ଅଣାଯାଇଥିବା ଅଭିଯୋଗକୁ ନେଇ ସିବିଆଇର ତଦନ୍ତ ରାସ୍ତାରେ ମୂଳ ରାୟ ଛିଡ଼ାହେବ ନାହିଁ। କିନ୍ତୁ ଏଥିପାଇଁ ଦୁର୍ନୀତି ନିବାରଣ ଆଇନର ଧାରା ୧୭ଏ ଅଧୀନରେ ମଞ୍ଜୁରୀ ଆବଶ୍ୟକ।

**-ଜଷ୍ଟିସ୍ କେ.ଏମ୍. ଜୋସେଫ୍**



“ଭାଜପା ସରକାର ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣି ଅପପ୍ରଚାର ଚଳାଇଥିବା କଂଗ୍ରେସ ଓ ଏହାର ନେତାମାନଙ୍କ ପାଇଁ ସୁପ୍ରିମକୋର୍ଟ ରାୟ ଏକ ମୁହଁତୋଡ଼ ଜବାବ। ସେମାନେ କ୍ଷମାମାଗିବା ଉଚିତ। ଏହି ରାୟ ନରେନ୍ଦ୍ର ମୋଦି ସରକାରଙ୍କ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ବିଶ୍ୱସନୀୟତାର ପ୍ରମାଣ ଦେଇଛି।

**-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ**



“ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାବମୂର୍ତ୍ତିକୁ ମଳିନ କରିବା ପାଇଁ ରାଫାଲ ଚୁକ୍ତିରେ ଦୁର୍ନୀତି ହୋଇଥିବା ଅଭିଯୋଗ ଅଣାଯାଇଥିଲା। କଂଗ୍ରେସ କ୍ଷମାମାଗିବା ଉଚିତ।

**-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ**



“ସୁପ୍ରିମକୋର୍ଟ ରାୟ ଜାତୀୟ ନିରାପତ୍ତାର ବିଜୟ। ଦେଶକୁ ବିଭ୍ରାନ୍ତ କରିଥିବା କଂଗ୍ରେସ ଓ ଏହାର ନେତା ରାହୁଲ ଗାନ୍ଧୀ କ୍ଷମାମାଗନ୍ତୁ।

**-ରବିଶଙ୍କର ପ୍ରସାଦ, ଆଇନ ଓ ଆଇଟି ମନ୍ତ୍ରୀ**



“ସୁପ୍ରିମକୋର୍ଟଙ୍କ ରାଫାଲ ରାୟ ସରକାରଙ୍କ ଆଭିମୁଖ୍ୟ ସପକ୍ଷରେ ଯାଇଛି। ଏହାର ସକାରାତ୍ମକ ପ୍ରଭାବ ସମଗ୍ର ସାମରିକ ଅଧିଗ୍ରହଣ ଉପରେ ପଡ଼ିବ।

**-ବି.ଏସ୍. ଧନୋଆ, ଭାରତୀୟ ବାୟୁସେନାର ପୂର୍ବତନ ମୁଖ୍ୟ**



“ରାଫାଲ ରାୟ ରାହୁଲ ଗାନ୍ଧୀଙ୍କ ପାଇଁ ଏକ ଶିକ୍ଷଣୀୟ ଅନୁଭୂତି। ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀ ମନୋହର ପାରିକରଙ୍କ ଅସୁସ୍ଥତାକୁ ନେଇ ରାହୁଲ ରାଜନୈତିକ ଫାଇଦା ଉଠାଇବାକୁ ଉଦ୍ୟମ କରିଥିଲେ।

**-ଉତ୍ପଳ ପାରିକର, ମନୋହର ପାରିକରଙ୍କ ପୁଅ**

## ‘ଜେପିସି ତଦନ୍ତର ବାଟ ଫିଟାଇଛି ରାୟ’

**ନୂଆଦିଲ୍ଲୀ,୧୪।୧୧ (ଆଇଏଏନ୍‌ଏସ୍)**



ରାହୁଲ ଗାନ୍ଧୀ

ସୁପ୍ରିମକୋର୍ଟଙ୍କ ରାୟ ରାଫାଲ ଦୁର୍ନୀତିର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ପାଇଁ ପଥ ପ୍ରଶସ୍ତ କରିଛି ବୋଲି ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଜୋସେଫ ରାଫାଲ ଦୁର୍ନୀତିର ତଦନ୍ତ ଲାଗି ବାଟ ଫିଟାଇଦେଇଛନ୍ତି। ଏହାର ତଦନ୍ତ ପାଇଁ ଏକ ଜେପିସି ଗଠନ କରାଯିବ ଜରୁରୀ ବୋଲି ରାହୁଲ ଟୁଇଟ୍ କରିଛନ୍ତି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ରାୟ ନ ପଢ଼ି ଉତ୍ସବ ମନାଇବାର ଅଭ୍ୟାସ ଭାଜପାର ରହିଛି। ସୁପ୍ରିମକୋର୍ଟଙ୍କ ରାୟ ନିଜ ସପକ୍ଷରେ ରହିଥିବା ଦର୍ଶାଇ ଭାଜପା ଦେଶକୁ ବିଭ୍ରାନ୍ତ କରୁଛି। ଜେପିସି ଦ୍ୱାରା ନିରପେକ୍ଷ ତଦନ୍ତ କରାଯାଇ ରାୟ ପ୍ରକାଶ ପାଇବା ଯାଏ ରାଫାଲ ଡିଲ୍‌କୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଥିବ। ସେମାନେ ରାଜନୈତିକ ଚାପ ନ ପକାଇ ସିବିଆଇକୁ ତଦନ୍ତ କରିବାକୁ ଦେବା ଉଚିତ।

## ଚୌକିଦାର ଚୋର ହୈ ମନ୍ତବ୍ୟ

## ରାହୁଲଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ,୧୪।୧୧(ପି.ଟି.)**

ସୁପ୍ରିମକୋର୍ଟଙ୍କ ରାୟର ଭୁଲ ଅବତାରଣା କରି ‘ଚୌକିଦାର ଚୋର ହୈ’ ମନ୍ତବ୍ୟ ଦେଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଗୁରୁବାର ସର୍ବୋଚ୍ଚ ଅଦାଲତ ଭର୍ତ୍ସନା କରିଛନ୍ତି। ରାଫାଲ ଡିଲ୍ ମାମଲାରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏପରି ମନ୍ତବ୍ୟ ଦେବା ଅନୁଚିତ ବୋଲି ଦର୍ଶାଇଛନ୍ତି। ଶୀର୍ଷ ଅଦାଲତ ରାହୁଲଙ୍କୁ ଚେତାବନୀ ଦେବା ସହ ତାଙ୍କ ବିରୋଧରେ ଅବମାନନା ମାମଲା ବନ୍ଦ କରିଦେଇଛନ୍ତି। ସୁପ୍ରିମକୋର୍ଟ ନିଜ ପୂର୍ବ ରାୟରେ ଚୌକିଦାର ଚୋର ବୋଲି ମାନିଥିବା ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଅନେକ ସଭାସମିତିରେ ଦୋହରାଇଥିଲେ। ଏହାକୁ ନେଇ ଭାଜପା ଏମ୍‌ପି ମୀନାକ୍ଷୀ ଲେଖି ତାଙ୍କ ବିରୋଧରେ ଅବମାନନା ପିଟିଶନ ଦାଏର କରିଥିଲେ। ଏହାର ଶୁଣାଣି କରି ଖଣ୍ଡପୀଠ କହିଛନ୍ତି, ରାହୁଲ ଅଦାଲତଙ୍କ ରାୟ ନ ପଢ଼ି ବାରମ୍ବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ଚୋର’ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ରାଜନୈତିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ଜଣେ ବ୍ୟକ୍ତି ଏପରି ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ ଓ ସତ୍ୟତାରୁ ବହୁ ଦୂରରେ। ରାହୁଲ ନିଜ ଭୁଲ୍ ସ୍ୱୀକାର କରି ନିଃସର୍ତ୍ତ କ୍ଷମା ମାଗିବା ବଦଳରେ ୨୦ ପୃଷ୍ଠା ସମ୍ବଳିତ ସତ୍ୟପାଠ ଦେବା ପରେ ଏହା ଜଟିଳ ହୋଇଥିଲା। ତେବେ ଅତିରିକ୍ତ ସତ୍ୟପାଠରେ ସେ ନିଃସର୍ତ୍ତ କ୍ଷମା ମାଗିଥିବାରୁ ତାଙ୍କ ବିରୋଧରେ ମାମଲା ବନ୍ଦ କରାଯାଉଛି।




### ଇତିହାସର ଆଇନାରେ

**ନଭେମ୍ବର ୧୫ର ପ୍ରମୁଖ ଘଟଣା**

୨୦୦୭ ନଭେମ୍ବର ୧୫ରେ ବାଂଲାଦେଶରେ ବାତ୍ୟା ‘ସିଦର’ ତାଣ୍ଡବ ରଚିଥିଲା। ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହା ପ୍ରଭାବରେ ପ୍ରାଣ ହରାଇଥିଲେ। ଘଣ୍ଟା ପ୍ରତି ୨୧୫ କି.ମି. ବେଗରେ ପବନ ବହିବା ସହ ୧.୭ ବିଲିୟନ ଡଲାରର କ୍ଷୟକ୍ଷତି ହୋଇଥିଲା। ଅନେକ ଘର ଭାଙ୍ଗିବା ସହ ରାସ୍ତାଘାଟ ବହୁଳ କ୍ଷତିଗ୍ରସ୍ତ ହୋଇଥିଲା।

୨୦୧୨ ନଭେମ୍ବର ୧୫ରେ ଜି. ଜିନ୍‌ପିଙ୍ଗ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନାର ମହାସଚିବ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ହୁ ଜିଣ୍ଟାଓଙ୍କ ପରେ ସେ ସର୍ବୋଚ୍ଚ କ୍ଷମତାସମ୍ପନ୍ନ ବ୍ୟକ୍ତି ଭାବେ ଚାଇନାରେ ଜଣାଶୁଣା। ଚାଇନାର ସ୍ୱପ୍ନ ପୂରଣ କରିବା ସହ ଦେଶରୁ ଦୁର୍ନୀତି ଦୂରକରିବା ଲାଗି ସେ ଅଭିଯାନ ଜାରି ରଖିଛନ୍ତି।

# ୧୩ ଅଯୋଗ୍ୟ ବିଧାୟକ ହେଲେ ଭାଜପା ପ୍ରାର୍ଥୀ

### କର୍ଣ୍ଣାଟକ ଉପନିର୍ବାଚନ

**ନୂଆଦିଲ୍ଲୀ, ୧୪।୧୧ (ପି.ଟି.):**

କର୍ଣ୍ଣାଟକର ଅଯୋଗ୍ୟ ଘୋଷିତ ୧୭ ବିଧାୟକଙ୍କ ମଧ୍ୟରୁ ଗୁରୁବାର ୧୬ ଜଣ ଭାଜପାରେ ଯୋଗ ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କୁ ବିଧାନସଭା ଉପନିର୍ବାଚନ ଲାଗି ଦଳ ପ୍ରାର୍ଥୀ କରିଛି। ବୁଧବାର ସୁପ୍ରିମକୋର୍ଟ ଏହି ବିଧାୟକଙ୍କ ଅଯୋଗ୍ୟ ଘୋଷଣା ସମ୍ପର୍କିତ ନିଷ୍ପତ୍ତିକୁ କାଏମ ରଖିବା ସହ ଏମାନେ ଉପନିର୍ବାଚନ ଲଢ଼ିପାରିବେ ବୋଲି କହିଥିଲେ। ରାଜ୍ୟରେ ୧୫ ନିର୍ବାଚନମଣ୍ଡଳୀ ଲାଗି ଉପନିର୍ବାଚନ ହେବାକୁ ଥିବାବେଳେ ଖୁବ୍‌ଶୀଘ୍ର ଭାଜପା ବାକି ୨ ପ୍ରାର୍ଥୀଙ୍କ ନାମ ଘୋଷଣା କରିବ। ୧୩ ଅଯୋଗ୍ୟ ବିଧାୟକ ସେମାନଙ୍କ ନିଜ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବେ। ସେମାନେ ହେଲେ ମହେଶ୍ କୁମାତାଲ୍ଲି(ଅଠାନି), ଶ୍ରୀମନ୍ତ ଗୌଡ଼ ପାଟିଲ(କାଗୱାଡ୍), ରମେଶ ଜାର୍କିହୋଲ (ଗୋକକ୍), ଶିବରାମ୍ ହେବ୍ବାର(ୟେଲାପୁର), ଆନନ୍ଦ ସିଂ(ବିଜୟନଗର), କେ. ସୁଧାକର (ଚିକ୍କାବାଲ୍ଲାପୁର), ବିରତି ବାସବରାଜ୍(କେ.ଆର୍ ପୁରମ୍), ଏସ୍.ଟି. ସୋମଶେଖର(ଯଶ୍‌ୱନ୍ତପୁର) ଓ ଏମ୍‌ଟିବି ନାଗରାଜ (ହୋସ୍‌କୋଟେ), କେ. ଗୋପାଲାୟା(ମହାଲକ୍ଷ୍ମୀ ଲେଆଉଟ୍), ଏ.ଏଚ୍. ବିଶ୍ୱନାଥ(ହୁନ୍‌ସୁର୍) ଓ କେ.ସି. ନାରାୟଣ ଗୌଡ଼ା(କ୍ରିଷ୍ଣା ରାଜପେଟ୍)। କ୍ଷମତାରେ ରହିବାକୁ ହେଲେ ଏହି ୧୫ ଆସନରୁ ଭାଜପାକୁ ୬ଟିରେ ବିଜୟୀ ହେବାକୁ ପଡ଼ିବ।

## ବ୍ରିକ୍ସ ବିଜ୍‌ନେସ୍ ଫୋରମ୍‌ରେ ମୋଦିଙ୍କ ଉଦ୍‌ବୋଧନ

# ଭାରତ ସବୁଠୁ ମୁକ୍ତ ଅର୍ଥନୀତି

**ବ୍ରାସାଲିଆ,୧୪।୧୧(ପି.ଟି.)**



ଭାରତ ବିଶ୍ୱରେ ସବୁଠୁ ମୁକ୍ତ ଓ ନିବେଶ ଅନୁକୂଳ ଅର୍ଥନୀତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ବ୍ରିକ୍ସ ବିଜ୍‌ନେସ୍ ଫୋରମ୍‌ରେ ଗୁରୁବାର ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା ସତ୍ତ୍ୱେ ୫ ସଦସ୍ୟ ରାଷ୍ଟ୍ର ଆର୍ଥିକ ବିକାଶ ଦିଗରେ ଅଗ୍ରସର ହେଉଛନ୍ତି। ଭାରତରେ ପୁଞ୍ଜିନିବେଶର ଅସୀମ ସମ୍ଭାବନା ଓ ସୁଯୋଗ ରହିଥିବାରୁ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ବ୍ୟବସାୟୀମାନେ ସେଠାରେ ପୁଞ୍ଜିବିନିଯୋଗ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଭାରତରେ ରାଜନୈତିକ ସ୍ଥିରତା ସାଙ୍ଗକୁ ଆଶାଜନକ ନୀତି ନିର୍ଦ୍ଧାରଣ ଏବଂ ବ୍ୟବସାୟ ଅନୁକୂଳ ସଂସ୍କାର ଯୋଗୁ ଏହା ସବୁଠୁ ମୁକ୍ତ ଅର୍ଥନୀତିରେ ପରିଣତ ହୋଇଛି। ୨୦୨୪ ସୁଦ୍ଧା ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। କେବଳ ଭିତ୍ତିଭୂମି ସେକ୍ଟରରେ ୧.୫ ଟ୍ରିଲିୟନ ଡଲାର ନିବେଶର ସୁଯୋଗ ରହିଛି। ତେଣୁ ବ୍ରିକ୍ସ ରାଷ୍ଟ୍ରର ବ୍ୟବସାୟୀମାନଙ୍କୁ ଏହାର ସୁଯୋଗ ନେବା ଲାଗି ଆମନ୍ତ୍ରଣ କରୁଛି ବୋଲି ମୋଦି କହିଥିଲେ। ବିଶ୍ୱ ମାନ୍ଦାବସ୍ଥା ସତ୍ତ୍ୱେ ଆର୍ଥିକ ଅଭିବୃଦ୍ଧିର ୫୦ ପ୍ରତିଶତ ବ୍ରିକ୍ସ ରାଷ୍ଟ୍ରଗୁଡିକର ଅବଦାନ। ଏହି ରାଷ୍ଟ୍ରଗୋଷ୍ଠୀ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ପ୍ରଯୁକ୍ତି ଓ ଅଭିନବ ପ୍ରୟାସ ବଳରେ ଲକ୍ଷ ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟମୁକ୍ତ କରିପାରିଛନ୍ତି। ବ୍ରିକ୍ସ ଗଠନ ହେବାର ୧୦ ବର୍ଷ ପରେ ଭବିଷ୍ୟତ ପାଇଁ ଏହା ଏକ ଭଲ ପ୍ଲାଟଫର୍ମରେ ପରିଣତ ହୋଇପାରିଥିବା ମୋଦି କହିଥିଲେ। ଏକାଦଶ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ ବାଣିଜ୍ୟ ଓ ପୁଞ୍ଜିନିବେଶ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ଆତଙ୍କବାଦ ଯୋଗୁ ଲକ୍ଷେ କୋଟି ଡଲାର କ୍ଷତି

**ବ୍ରାସାଲିଆ,୧୪।୧୧(ପି.ଟି.):** ଆତଙ୍କବାଦ ଯୋଗୁ ବିଶ୍ୱ ଅର୍ଥନୀତିରେ ଲକ୍ଷେ କୋଟି (୧ ଟ୍ରିଲିୟନ) ଡଲାର କ୍ଷତି ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ବ୍ରିକ୍ସ ସମିଟ୍‌ରେ ଉଦ୍‌ବୋଧନ ଦେଇ କହିଛନ୍ତି। ଏଥିପାଇଁ ଯେଉଁ ବାତାବରଣ ସୃଷ୍ଟି ହୋଇଛି ତାହା ବାଣିଜ୍ୟକୁ ପରୋକ୍ଷରେ ଏବଂ ଗଭୀର ଭାବରେ କ୍ଷତି ପହଞ୍ଚାଇଥିବା ସେ ପ୍ରକାଶ କରିଛନ୍ତି। ଇଟାମାରାଟି ପ୍ୟାଲେସ୍‌ରେ ଅନୁଷ୍ଠିତ ଏକାଦଶ ବ୍ରିକ୍ସ ସମିଟ୍‌ରେ ଅନ୍ୟମାନଙ୍କ ମଧ୍ୟରେ ବ୍ରାଜିଲ, ଚାଇନା, ରୁଷିଆ ଓ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ଯୋଗଦେଇଥିଲେ। ଆତଙ୍କବାଦ ଯୋଗୁ ବିକାଶଶୀଳ ରାଷ୍ଟ୍ରଗୁଡିକର ଆର୍ଥିକ ଅଭିବୃଦ୍ଧି ୧.୫ ପ୍ରତିଶତ ହ୍ରାସ ପାଇଛି। ୧୦ ବର୍ଷରେ ୨ଲକ୍ଷ ୨୫ ହଜାର ଲୋକଙ୍କ ମୃତ୍ୟୁ ଘଟିଛି ଓ ସମାଜର ଅପୂରଣୀୟ କ୍ଷତି ହୋଇଛି। ଆତଙ୍କବାଦ, ଏହି ସଂଗଠନଗୁଡିକୁ ଅର୍ଥ ଯୋଗାଣ, ନିଶାଦ୍ରବ୍ୟ ଚୋରା କାରବାର, ସଂଗଠିତ ଅପରାଧ ସନ୍ଦେହର ବାତାବରଣ ସୃଷ୍ଟି କରିବା ଫଳରେ ବାଣିଜ୍ୟ ଗୁରୁତର କ୍ଷତିଗ୍ରସ୍ତ ହେଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅନାହିଁ।
- ମହାତ୍ମା ଗାନ୍ଧୀ




# ବିପର୍ଯ୍ୟୟରୁ ଐତିହ୍ୟ କୀର୍ତ୍ତିରାଜି ସୁରକ୍ଷା ଉପରେ ଗୁରୁତ୍ୱ

- ୧୦ ବର୍ଷରେ ବାତ୍ୟାର ମାତ୍ରା ବଢ଼ିଛି ୩୩ ପ୍ରତିଶତ
- ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଉଦାହରଣ ସାଜିଛି
- ୨୦୨୦ରେ ପୁରୀ, କୋଣାର୍କରେ ହେବ ବିମ୍‌ଷ୍ଟେକ ପକ୍ଷରୁ ମକ୍‌ଡ୍ରିଲ୍

ପୁରୀ ଅଫିସ, ୧୪।୧୧

ବନ୍ୟା, ବାତ୍ୟା, ଭୂମିକମ୍ପ, ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ ଅନେକ ଐତିହ୍ୟ କୀର୍ତ୍ତିରାଜି ନଷ୍ଟ ହୋଇଥାଏ। ତେଣୁ ବିପର୍ଯ୍ୟୟରୁ କିପରି ଐତିହ୍ୟସ୍ଥଳୀ ଓ କୀର୍ତ୍ତିରାଜିକୁ ସୁରକ୍ଷା ଦିଆଯାଇପାରିବ ତାହା ଉପରେ ଗୁରୁତ୍ୱ ଦେଇଛନ୍ତି ବିମ୍‌ଷ୍ଟେକ ସଦସ୍ୟ ରାଷ୍ଟ୍ର। ଆସନ୍ତା ୨୦୨୦ ଫେବୃୟାରୀ ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ପୁରୀ ଓ କୋଣାର୍କରେ ହେବ ବିମ୍‌ଷ୍ଟେକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ। ଏହି ଦୁଇ ଐତିହ୍ୟସ୍ଥଳୀରେ ବାତ୍ୟା, ବନ୍ୟା, ଭୂମିକମ୍ପ ବେଳେ କିଭଳି ରହିବ ଏନ୍‌ଡିଆରଏଫ୍‌ର କାର୍ଯ୍ୟ ସେ ନେଇ ମକ୍‌ଡ୍ରିଲ କରାଯିବ। ସେଥିପାଇଁ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ବିମ୍‌ଷ୍ଟେକ ଦେଶ ସମୂହର ଦୁଇଦିନିଆ ପ୍ରସ୍ତୁତି ବୈଠକ ଆରମ୍ଭ ହୋଇଛି। ଏଥିରେ ବିମ୍‌ଷ୍ଟେକର ସଦସ୍ୟ ରାଷ୍ଟ୍ର ଭାରତ ସମେତ ବାଂଲାଦେଶ, ଭୁଟାନ, ନେପାଳ, ଶ୍ରୀଲଙ୍କା, ମ୍ୟାନ୍‌ମାର ଓ ଥାଇଲାଣ୍ଡର ପ୍ରତିନିଧି ଯୋଗ ଦେଇଛନ୍ତି। ବିପର୍ଯ୍ୟୟ ପୂର୍ବରୁ ପୁରାତନ ଐତିହ୍ୟର ସୁରକ୍ଷା ପାଇଁ କି ପଦକ୍ଷେପ ନିଆଯିବା ଦରକାର, ଯଦି ଐତିହ୍ୟସ୍ଥଳୀର କ୍ଷତି ହୁଏ ତେବେ ପୁନରୁଦ୍ଧାର କିପରି କରାଯିବ ଏବଂ ୨୦୨୦ରେ ହେବାକୁ ଥିବା ମକ୍‌ଡ୍ରିଲ୍ ସମ୍ପର୍କରେ ଏଥିରେ ଆଲୋଚନା କରାଯାଇଛି। ବୈଠକରେ ଏନ୍‌ଡିଆର୍‌ଏଫ୍ (ଭାରତ) ଡିଜି ସତ୍ୟନାରାୟଣ ପ୍ରଧାନ ଯୋଗଦେଇ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଉଦାହରଣ ସାଜିଛି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ତଥା ଏନ୍‌ଡିଏମ୍ ସଦସ୍ୟ ଏନ୍.ସି. ମାରୱାହା ଯୋଗଦେଇ କହିଥିଲେ, ଗତ ୧୦ବର୍ଷରେ ବାତ୍ୟାର ମାତ୍ରା ୩୩ ପ୍ରତିଶତ ବଢ଼ିଛି। ବର୍ଷକରେ ଓଡ଼ିଶା ୩ଟି ବାତ୍ୟା ସାମ୍ନା କଲାଣି। ତେଣୁ ସଚେତନ ହେବାକୁ ପଡ଼ିବ।




| MARAZZO | XUV500 | TUV300 | SCORPIO | KUV100 | ALTURAS | XUV300 | THAR | BOLERO |
|---|---|---|---|---|---|---|---|---|
| BENEFITS UPTO ₹1,71,000* | BENEFITS UPTO ₹64,000* | BENEFITS UPTO ₹69,500* | BENEFITS UPTO ₹55,000* | BENEFITS UPTO ₹74,000* | BENEFITS UPTO ₹2,15,000* | BENEFITS UPTO ₹30,000* | BENEFITS UPTO ₹41,000* | BENEFITS UPTO ₹64,000* |



# ମହିମା ମିଶ୍ରଙ୍କୁ ଜାମିନ

- ତଳକୋର୍ଟ ନିର୍ଦ୍ଧାରଣ କରିବେ ଜାମିନ ସର୍ତ୍ତ
- ଆଜି ବାହାରି ପାରନ୍ତି ଜେଲ୍‌ରୁ

କଟକ ଅଫିସ, ୧୪।୧୧

ପାରାଦୀପ ସିୱେଜ ଶିପିଙ୍ଗ କମ୍ପାନୀ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କୁ ହାଇକୋର୍ଟ ଗୁରୁବାର ଜାମିନ ପ୍ରଦାନ କରିଛନ୍ତି। ଏଥିସହ ତଳକୋର୍ଟ ଜାମିନ ସର୍ତ୍ତ ରଖିବେ ବୋଲି ରାୟରେ ସ୍ପଷ୍ଟ କରିଛନ୍ତି। ଶୁକ୍ରବାର କୁଜଙ୍ଗ କୋର୍ଟରେ ମହିମାନନ୍ଦଙ୍କ ଶୁଣାଣି ରହିଥିବାରୁ ସେ ଜାମିନ ସର୍ତ୍ତ ପୂରଣ କରି ଜେଲ୍‌ରୁ ବାହାରିବା ସମ୍ଭାବନା ରହିଛି ବୋଲି ତାଙ୍କ ଓକିଲ ଜୟଦୀପ ପାଲ୍ କହିଛନ୍ତି। ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ଜାମିନ ପାଇଁ ମହିମାନନ୍ଦ ତଳ କୋର୍ଟରୁ ଆରମ୍ଭ କରି ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଅନେକଥର ଆବେଦନ କରି ବିଫଳ ହୋଇଥିଲେ। ଶେଷରେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଦେବବ୍ରତ ଦାଶଙ୍କ ଖଣ୍ଡପୀଠ ତାଙ୍କୁ ଜାମିନ ଦେଇଛନ୍ତି। ଗତ ସେପ୍ଟେମ୍ବରରେ ହାଇକୋର୍ଟ ମହିମାନନ୍ଦଙ୍କୁ ତଳ କୋର୍ଟରେ ଜାମିନ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅକ୍ଟୋବର ୪ରେ ତଳକୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିବା ପରେ ମହିମାନନ୍ଦ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



ସୂଚନାଥାଉ କି, ୨୦୧୬ ଅକ୍ଟୋବର ୨୬ରେ ପାରାଦୀପ ସିୱେଜ ଶିପିଙ୍ଗ କମ୍ପାନୀ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁଙ୍କୁ ଦୁର୍ବୃତ୍ତମାନେ ଗୁଳିକରି ହତ୍ୟା କରିଥିଲେ। ଏ ନେଇ ମହେନ୍ଦ୍ରଙ୍କ ବଡ଼ଭାଇ ରାଜକିଶୋର ସ୍ୱାଇଁ ପାରାଦୀପ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମହିମାନନ୍ଦଙ୍କ ସମେତ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍(ଓଏସ୍‌ଏଲ୍)ର ଅନ୍ୟ ଅଧିକାରୀଙ୍କ ନାମରେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରିଥିଲା। ଏଥିସହ ୧୬ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିବାବେଳେ ମହିମାନନ୍ଦଙ୍କୁ ୨୦୧୬ ଡିସେମ୍ବର ୨୫ରେ ବ୍ୟାଙ୍କକ୍‌ରୁ ଗିରଫ କରିଥିଲା। ୨୦୧୭ ଜୁଲାଇରେ ହାଇକୋର୍ଟରୁ ମହିମାନନ୍ଦଙ୍କୁ ଜାମିନ ମିଳିଥିବାବେଳେ ରାଜ୍ୟ ସରକାର ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଥିଲେ।




| BRAND | BALENO (P) | BALENO (D) | IGNIS | S-CROSS | CIAZ (P) | CIAZ (D) |
|---|---|---|---|---|---|---|
| CONSUMER OFFER* | ₹15,000 | ₹20,000+5 YEAR WARRANTY | ₹25,000 | ₹50,000+5 YEAR WARRANTY | ₹25,000 | ₹25,000+5 YEAR WARRANTY |
| EXCHANGE OFFER | ₹15,000 | ₹15,000 | ₹20,000 | ₹30,000 | ₹30,000 | ₹30,000 |
| CORPORATE OFFER | ₹5,000 | ₹10,000 | ₹10,000 | ₹10,000 | ₹10,000 | ₹10,000 |
| TOTAL SAVINGS# | ₹35,000 | ₹62,400 | ₹55,000 | ₹1,12,900 | ₹65,000 | ₹87,700 |

**କିଛି ତଥ୍ୟ**
ସରକାର ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ ଟିକସ ସଂଗ୍ରହ କରିଛନ୍ତି। ଏହା ଧାର୍ଯ୍ୟ ଲକ୍ଷ୍ୟର ୫୦%ରୁ କମ୍ ରହିଛି।
– ସିବିଡିଟି

**ଆଜିର ମନ୍ତବ୍ୟ**
ପ୍ରଧାନମନ୍ତ୍ରୀଙ୍କ ନିର୍ମଳ ଭାବମୂର୍ତ୍ତିକୁ ମଳିନ କରିବା ପାଇଁ ରାଫାଲ ଡିଲ୍‌ରେ ଦୁର୍ନୀତି ଅଭିଯୋଗ ଅଣାଯାଇଥିଲା।
– ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଖୁସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ପ୍ଲାଣ୍ଟ ସିଲ୍,...

ଚାରିଆଡ଼େ କ୍ଲୋରିନ୍ ଗ୍ୟାସ୍ ବ୍ୟାପିଯାଇଥିଲା। ଏଥିରେ ପ୍ରାୟ ଶତାଧିକ ମହିଳା ଶ୍ରମିକ ଅଣନିଃଶ୍ୱାସୀ ହୋଇ ଅଚେତ ହୋଇପଡ଼ିଥିଲେ ବୋଲି ଚିକିତ୍ସାଧୀନ ମହିଳା ଶ୍ରମିକ ପ୍ରତିମା ଜାନି, ଜାନକୀ ସିଂ, ପୂର୍ଣ୍ଣିମା ମାରାଣ୍ଡି, ମଣି ମାରାଣ୍ଡି, ଗୁରୁବାରୀ ସିଂ ପ୍ରମୁଖ କହିଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଜାଣିବା ପରେ ଆହତମାନଙ୍କୁ ସ୍ଥାନୀୟ ଖନ୍ତାପଡ଼ା ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଶ୍ରମିକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟ ଅଧିକାରୀମାନେ କମ୍ପାନୀ ପରିସରରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଶ୍ରମମନ୍ତ୍ରୀ ସିଂହ ବୁଧବାର ରାତି ୩ଟାରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଅସୁସ୍ଥଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ ପଟ୍ଟନାୟକ, ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ତପନ କୁମାର ପଟ୍ଟନାୟକ ପ୍ଲାଣ୍ଟ ପରିସରରେ ପହଞ୍ଚି ଘଟଣାକୁ ତଦାରଖ କରିଛନ୍ତି। ଉକ୍ତ ପ୍ଲାଣ୍ଟରେ ବେଆଇନ ଭାବେ ୧୪ଜଣ ନାବାଳିକା କାମ କରୁଥିବା ସେମାନେ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ କୁବେର ବେହେରା କହିଛନ୍ତି, କମ୍ପାନୀ ସମସ୍ତ ଶ୍ରମିକଙ୍କୁ ଇପିଏଫ୍, ଇଏସ୍ଆଇ, କାର୍ଯ୍ୟର ନିର୍ଦ୍ଧାରିତ ସମୟ ଭଳି କେତେକ ମୁଖ୍ୟ ନିୟମ ବଜାୟ ରଖିଛି। କୌଣସି ପ୍ରକାର ଲିଖିତ ଅଭିଯୋଗ ମିଳିନାହିଁ। ପ୍ରାଥମିକ ତଦନ୍ତରେ ୮୮ଜଣ ଅସୁସ୍ଥ ମହିଳା ଶ୍ରମିକଙ୍କ ବୟାନକୁ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ସେମାନଙ୍କ ବୟାନକୁ ଆଧାର କରି ପ୍ରସ୍ତୁତ କରାଯାଇଥିବା ରିପୋର୍ଟକୁ ଜିଲାପାଳ, ଲେବର କମିଶନର, ପ୍ରିନ୍ସିପାଲ ଅଫ୍ ସେକ୍ରେଟାରିଙ୍କୁ ହସ୍ତାନ୍ତର କରାଯାଇଥିବା ସେ ପ୍ରକାଶ କରିଛନ୍ତି।

### ସ୍ମିତାରାଣୀ ଆତ୍ମହତ୍ୟା...

ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ତେବେ ଏହାକୁ ଭାଜପା ସଦସ୍ୟମାନେ ଗ୍ରହଣ ନ କରି ସିବିଆଇ ଦାବିକରି ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ହୋହାଲ୍ଲା ମଧ୍ୟରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମୁଲତବୀ ଆଲୋଚନା ଆରମ୍ଭ କରିଥିଲେ। କଂଗ୍ରେସ ସଦସ୍ୟ ନରସିଂହ ସ୍ମିତାରାଣୀଙ୍କ ରହସ୍ୟଜନକ ମୃତ୍ୟୁ, ରାଜ୍ୟରେ ବଢ଼ୁଥିବା ନାବାଳିକା ଓ ମହିଳା ବଳାତ୍କାର ଘଟଣାକୁ ନେଇ ସରକାରଙ୍କ ଉପରେ ଜୋର୍‌ଦାର ବର୍ଷିଥିଲେ। ସେ କହିଥିଲେ ଯେ, ଏଭଳି ସମ୍ବେଦନଶୀଳ ଆଲୋଚନା ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ଗୃହରେ ଅନୁପସ୍ଥିତ ରହିବା ଅତ୍ୟନ୍ତ ପରିତାପର ବିଷୟ। ସରକାର ଏହା ଉପରେ ଆଲୋଚନା ନ ହେଉ ବୋଲି ଚାହୁଁଥିଲେ। ଏହି ଆଲୋଚନା ଯେପରି ଭଣ୍ଡୁର ହେବ ସେନେଇ ବିଜେଡି ଓ ଭାଜପା ମଧ୍ୟରେ ମହା ସଲାସୁତରା ଚାଲିଛି। ପ୍ରତ୍ୟେକ ଦିନ ରାଜ୍ୟରେ ନାରୀ ଓ ନାବାଳିକା ବଳାତ୍କାର ବଢ଼ିଚାଲିଛି। ୨୦୧୯ ଜାନୁୟାରୀ ୧ ତାରିଖରୁ ଜୁନ୍ ୩୦ ମଧ୍ୟରେ ୧୦୦୫ ଜଣ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ସୁପ୍ରିମକୋର୍ଟଙ୍କ ରିପୋର୍ଟରେ କୁହାଯାଇଛି। ୨୦୧୭ରେ ମହିଳା ନିର୍ଯ୍ୟାତନା ମାମଲା ୯୪.୭% ହୋଇଥିବାବେଳେ ସେଥିରୁ ମାତ୍ର ୭.୪% ମାମଲାର ଶୁଣାଣି ହୋଇଛି। ଗତ ୨ବର୍ଷରେ ରାଜ୍ୟରେ ବିଭିନ୍ନ ଅପରାଧରେ ୨୪ଲକ୍ଷ ଲୋକଙ୍କୁ ଗିରଫ କରାଯାଇଥିବାବେଳେ ମାତ୍ର ୧୭,୦୦୦ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ସ୍ମିତାରାଣୀଙ୍କ ରହସ୍ୟଜନକ ମୃତ୍ୟୁର ତଦନ୍ତ ସିବିଆଇ ଦ୍ୱାରା କରାଇବାକୁ କଂଗ୍ରେସ ଦଳ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଇଛି। ଭାଜପାର ଦାବି ସହ ଆମେ ସହମତ। ମାତ୍ର ସେମାନେ ଏହା ଉପରେ ଆଲୋଚନା ନ କରି ହଟ୍ଟଗୋଳ କରିବା ଅର୍ଥ ସରକାରଙ୍କୁ ପରୋକ୍ଷରେ ସହାୟତା ସହ ସମାନ ବୋଲି ନରସିଂହ କହିଛନ୍ତି। ଜଣେ ସରକାରୀ କର୍ମଚାରୀ ସେ ଗେଷ୍ଟ ହାଉସ୍‌କୁ କାହିଁକି ଯାଇଥିଲେ, ତାଙ୍କୁ କିଏ ନେଇଥିଲେ, ଏ ସମସ୍ତ ଘଟଣାର ନିରପେକ୍ଷ ତଦନ୍ତ ହେବା ଦରକାର। ଏହି ଘଟଣାର ସିବିଆଇ କିମ୍ବା ଏସ୍ଆଇଟି ଦ୍ୱାରା ତଦନ୍ତ କରାଗଲେ ସ୍ମିତାରାଣୀଙ୍କ ଆତ୍ମା ଶାନ୍ତି ପାଇବ ବୋଲି ନରସିଂହ କହିଥିଲେ। କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ ମଦ ଯୋଗୁ ଏଭଳି ଅଭାବନୀୟ କାଣ୍ଡ ରାଜ୍ୟରେ ଘଟୁଛି ବୋଲି କହିଥିଲେ। ନିଯୁକ୍ତି ନ ପାଇ ଯୁବକମାନେ ମଦ ପିଇ ହତ୍ୟା ଓ ବଳାତ୍କାର ଭଳି ଘଟଣାରେ ଲିପ୍ତ ରହୁଛନ୍ତି। ମଦ ଦୋକାନ ବନ୍ଦ ହେବା ଦରକାର ବୋଲି ସେ କହିଥିଲେ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା, ତାରା ବାହିନୀପତି, ଅମଧିରାଜ ପାଣିଗ୍ରାହୀ ପ୍ରମୁଖ ସରକାରଙ୍କୁ ସମାଲୋଚନା କରିବା ସହ ସିବିଆଇ କିମ୍ବା ଏସ୍ଆଇଟି ଦ୍ୱାରା ଘଟଣାର ତଦନ୍ତ କରିବାକୁ ଦାବି କରିଥଲେ। ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବରେ ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ, ପ୍ରଫୁଲ୍ଲ ସାମଲ, ପ୍ରମିଳା ମଲ୍ଲିକ, ଅଶ୍ୱିନୀ ପାତ୍ର ପ୍ରମୁଖ ନାରୀମାନଙ୍କ ସୁରକ୍ଷା ନେଇ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିଥିଲେ। ମା'ଙ୍କୁ ସମ୍ମାନ ଓ ନାରୀ ସୁରକ୍ଷା ଯୋଗୁ ଗତ ୨୦ ବର୍ଷ ଧରି ଲୋକମାନେ ନବୀନ ବାବୁଙ୍କୁ ମୁଖ୍ୟମନ୍ତ୍ରୀ କରିଚାଲିଛନ୍ତି। ଭାଜପା ଓ କଂଗ୍ରେସ ନିଜର ରାଜନୈତିକ ଫାଇଦା ପାଇଁ ଏଭଳି ନାଟକବାଜି କରୁଥିବା ଶାସକ ଦଳ ସଦସ୍ୟ ଅଭିଯୋଗ କରିଥିଲେ।

### ମେ’୩୧ ପର୍ଯ୍ୟନ୍ତ...

ଅନୁଷ୍ଠିତ ହୋଇଯାଇଛି। ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ଋଷିକୁଲ୍ୟା, ଗହୀରମଥା ଓ ଦେବୀନଦୀ ମୁହାଣରେ ମୋଟ ୬୬ ପାଟ୍ରୋଲିଂ ଶିବିର ଖୋଲାଯିବ। ଏହି ଶିବିରଗୁଡ଼ିକରେ ବନବିଭାଗ କର୍ମଚାରୀଙ୍କୁ ମୁତୟନ କରାଯିବ। ଏମାନେ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ଦାୟିତ୍ୱ ନେବେ। ଅଲିଭ୍ ରିଡ୍‌ଲେ ଅଣ୍ଡା ଦେଉଥିବା ୩ ନଦୀ ମୁହାଣ ଯଥା ଧାମରା, ଦେବୀ ଓ ଋଷିକୁଲ୍ୟା ନିକଟରେ ସମୁଦ୍ର ଭିତରକୁ ୨୦କିମି ପର୍ଯ୍ୟନ୍ତ ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଜାରି ହୋଇଛି। ଏହି କଟକଣା ଅବଧିରେ ପ୍ରାୟ ୭ ମାସ ଯାଏ ମତ୍ସ୍ୟଜୀବୀମାନେ ନିଜ ବୃତ୍ତି ହରାଇ ଆର୍ଥିକସ୍ତରରେ ଦୁର୍ବଳ ହୋଇପଡ଼ିବେ। ତେଣୁ ପ୍ରଶାସନ ପକ୍ଷରୁ ୮ହଜାର ମତ୍ସ୍ୟଜୀବୀ ପରିବାରକୁ ମାସିକ ୭,୫୦୦ ଟଙ୍କା ଆର୍ଥିକ ସହଯୋଗ ଯୋଗାଇଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

ଅନ୍ୟପକ୍ଷରେ ପାରମ୍ପରିକ ପଦ୍ଧତିରେ ବିନା ପାୱାର ବୋଟ୍‌ରେ ମାଛ ଧରୁଥିବା ମତ୍ସ୍ୟଜୀବୀଙ୍କୁ ଅଯଥା ହଇରାଣ ନ କରିବା ଓ କଇଁଛଙ୍କ ପ୍ରତି ପ୍ରକୃତ ବିପଦ ସୃଷ୍ଟି କରୁଥିବା ଅପରାଧୀଙ୍କୁ ଦଣ୍ଡିତ କରିବାକୁ ତ୍ରିପାଠୀ ସମୁଦ୍ର ଉପକୂଳରେ ପାଟ୍ରୋଲିଂ କରୁଥିବା ସାମୁଦ୍ରିକ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ କଇଁଛଙ୍କ ଅଣ୍ଡାଦାନ ଓ ମୃତ୍ୟୁ ଉପରେ ନଜର ରଖିବା ପାଇଁ ସ୍ୱତନ୍ତ୍ର ଭାବେ ଏକ ୱେବସାଇଟ୍ କାର୍ଯ୍ୟକ୍ଷମ ହେବ ବୋଲି ବୈଠକରୁ ଜଣାପଡ଼ିଛି। ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ମୋନା ଶର୍ମା, ପିସିସିଏଫ୍ ସନ୍ଦୀପ ତ୍ରିପାଠୀ, ପିସିସିଏଫ୍(ବନ୍ୟପ୍ରାଣୀ) ହରିଶଙ୍କର ଉପାଧ୍ୟାୟଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଧାମରା, ଗୋପାଳପୁର ଓ ପାରାଦୀପ ବନ୍ଦର ପ୍ରତିନିଧି, ତଟରକ୍ଷୀ ବାହିନୀ ଅଧିକାରୀ, ଚାନ୍ଦିପୁର ଆଇଟିଆରର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଆୟୁଷ୍ମାନ୍ ଏକାଂଶ ପଣ୍ଡା



ଗାୟତ୍ରୀ ପ୍ରିୟଦର୍ଶିନୀ ମହାନ୍ତି

**ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ**
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଅର୍ଥଲାଭ ସଙ୍ଗକୁ କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେଲେ ମଧ୍ୟ ଲାଭ କିଛି ଊଣା ହେବନି। ପରିବାରରେ ଅଶାନ୍ତ ଦୂର ହେବା ପାଇଁ ବନ୍ଧୁଙ୍କ ସାହାଯ୍ୟ ନେଇ ପାରନ୍ତି। ସୁଖ ସମ୍ମାନ ପାଇଲେ ସୁଦ୍ଧା ଏକାକୀତ୍ୱ ଅନୁଭବ କରି ଦୁଃଖିତ ହେବେ।

**ବୃଷ** ଆଜି ସହକର୍ମୀ, ପାଖ ପଡ଼ୋଶୀ କିମ୍ବା ବନ୍ଧୁବର୍ଗଙ୍କ ସାହାଯ୍ୟ, ସହାନୁଭୂତି ଲାଭ କରି କାର୍ଯ୍ୟ ସାଧନ କରିବେ। ବିଶେଷ ଅସୁବିଧା ନ ହେଲେ ମଧ୍ୟ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅନ୍ୟମନସ୍କହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ଅଫିସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ମିଥୁନ** ପ୍ରତ୍ୟେକ କାମରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଆର୍ଥିକ ଦୃଷ୍ଟି କୋଣରୁ ଦୀର୍ଘଦିନର ଆଶା ଫଳବତୀ ହେବ। ଉଚ୍ଚ ପଦାଧିକାରୀଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରି କାମ ହାସଲରେ ସମର୍ଥ ହେବେ। ମହିଳାମାନଙ୍କ ସକାଶେ ଭ୍ରାତୃ ସମ୍ପର୍କରେ କିଛିଟା ଅବନତି ପରିଲକ୍ଷିତ ହେବ।

**କର୍କଟ** ଯେତେ ଚେଷ୍ଟା କଲେ ମଧ୍ୟ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପାରେ। ଆଲୋଚନା ସମୟରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ କିନ୍ତୁ ସହଯୋଗ ପାଇବେନି ବରଂ ଅପ୍ରିୟ ସତ୍ୟ କହି ବନ୍ଧୁ ବିରୋଧୀ ହେବେ। ଶିଳ୍ପ, ବାଣିଜ୍ୟ, ଯାତ୍ରା,ରାଜନୀତି, ପ୍ରଶାସନ କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରଯତ୍ନ କରିପାରନ୍ତି।

**ସିଂହ** ଆଜି ବହୁତ ଦିନରୁ ଖୋଜୁଥିବା ଜିନିଷ ମଧ୍ୟ ସୁବିଧାରେ ପାଇଯିବେ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବା ନତୁବା ସ୍ଥାନାନ୍ତରର ସୂଚନା ରହିଛି। ସଭାସମିତିରେ ପ୍ରିୟଜନମାନଙ୍କୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ହଠାତ୍ କୌଣସି ଖବର ପାଇ ଖୁସି ହେବେ। ପିଲାଙ୍କ ମନମୁଖି କାର୍ଯ୍ୟ ମନରେ ଅସନ୍ତୋଷ ସୃଷ୍ଟିକରିବ।

**କନ୍ୟା** କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଆଗାମୀ ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଗାଡ଼ିମୋଟର, ଯାନ୍ତ୍ରିକ ଜିନିଷ କିମ୍ବା ଘର ସାଜସଜ୍ଜାରେ ବ୍ୟସ୍ତ ରହିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କିମ୍ବା ପରିବହନରେ ସମସ୍ୟାର ସମାଧାନ ହୋଇଯିବ।

**ତୁଳା** ଅଧିକାଂଶ ସମୟ ହାତ ଖାଲି ରହିବା କାରଣରୁ କେତେକ କାମ ଅଧୁରା ରହିଯାଇପାରେ। ଅତି ନିକଟରେ ରହି ସାହାଯ୍ୟ କରୁଥିବା ବ୍ୟକ୍ତି ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। କେତେକ କ୍ଷେତ୍ରରେ ମନକଥା ମନରେ ରଖି ଗୁରୁଜନମାନଙ୍କୁ ପ୍ରତାରିତ କରି ଅନୁଶୋଚନା କରିବେ। ଅଫିସ୍‌ରେ ପରିଚାଳନା ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ।

**ବିଛା** ଏଇ ଅଳ୍ପ କେତେଦିନ ହେଲା ଯେଉଁ ଟେନ୍ସନ ମଧ୍ୟଦେଇ ଗତି କରୁଥିଲେ ତାହାର ପରିସମାପ୍ତି ଘଟିବ। ନୂତନ କାମରେ ପ୍ରବେଶ କରିବା ସହ ଆର୍ଥିକ ଉନ୍ନତି ଘଟିବାରୁ ଆତ୍ମତୃପ୍ତି ଲାଭ କରିବେ। ପାରିବାରିକ ସୁସ୍ଥତା ଫେରି ପାଇବେ। କର୍ମ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ।

**ଧନୁ** ଅଧିକାଂଶ ସମୟ ମନ ବିଚଳିତ ରହିବା କାରଣରୁ ଧୈର୍ଯ୍ୟଚ୍ୟୁତି ଘଟିପାରେ। ପାରିବାରିକ ସମସ୍ୟା ପଛକୁ ପକାଇ ଏକ ଗୁରୁତ୍ୱପୂର୍ଣ୍ଣ କାମକୁ ପ୍ରାଧାନ୍ୟ ଦେବେ। ପ୍ରକାଶନ, ପ୍ରଶାସନ, ଗବେଷଣା, କଳା, ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ। ଜଣାଶୁଣା ବ୍ୟକ୍ତିବିଶେଷ କିମ୍ବା କୌଣସି ଗୁରୁବର୍ଗୀୟ ବ୍ୟକ୍ତି ଚିନ୍ତାର କାରଣ ହେବେ।

**ମକର** କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କୁ ମୁଗ୍ଧ କରିବେ। ଆର୍ଥିକ ସ୍ଥିତି ମଧ୍ୟ ମନ୍ଦ ହେବନି, କିନ୍ତୁ ଋଣ ଭାର କ୍ରମଶଃ ବୃଦ୍ଧି ପାଉଥିବା କାରଣରୁ ସାମୟିକ ଚିନ୍ତା କରିବେ। ଦୀର୍ଘ ପ୍ରତୀକ୍ଷାର ଅବସାନ ଘଟିବ। ବ୍ୟବସାୟୀମାନେ ନିଜର ପ୍ରାଧାନ୍ୟ ବିସ୍ତାର କରି ବନ୍ଧୁଙ୍କ ସମସ୍ୟାକୁ ସୁଧାରି ନେବେ।

**କୁମ୍ଭ** ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବା ଦ୍ୱାରା ଅଟକି ଥିବା କାମ ତ୍ୱରାନ୍ୱିତ ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ।

**ମୀନ** ଉନ୍ନତ ଚିନ୍ତା ଓ ଯୋଜନା ମନୋବଳ ବୃଦ୍ଧିରେ ସହାୟକ ହେବ। ଋଣ ପରିଶୋଧ କରି ଏକ ପ୍ରକାର ହାଲୁକା ଅନୁଭବ କରିବେ। ଶିଳ୍ପ, ବ୍ୟବସାୟ ଓ ପରିବହନ ତଥା ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଏକ ବିଶେଷ କାର୍ଯ୍ୟକ୍ରମ ମଧ୍ୟରେ ବନ୍ଧୁ ମିଳନରୁ ଆନନ୍ଦିତ ହେବେ।

ଆଜି ମାର୍ଗଶିର କୃଷ୍ଣ ତୃତୀୟା ଶୁକ୍ରବାର, ନଭେମ୍ବର ୧୫ ତାରିଖ, ବିର୍ସାମୁଣ୍ଡା ଜୟନ୍ତୀ,ରାଶି ନକ୍ଷତ୍ର-ମୃଗଶିରା/ବୃଷ ଦିବା ଘ୧୧।୫୧ମି. ଗତେ, ମିଥୁନ ଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭ ଦିନ, ଦିବା ଘ୭।୨୭ମି. ଗତେ ଘ୯।୪୦ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭।୨୬ମି. ଗତେ ଘ୮।୫୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୦୮ମି. ଗତେ ଘ୧୧।୩୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

କଟକ-ଗୋପାଳପୁର ଧାକୁଲେଇପୀଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68409

ଭୁବନେଶ୍ୱର New Railwaystation 30ft Road ଥାଇ sqft. 480/-, Ragistration, Conversion, Mutation free. 6371406921, 9439690111. D-68505

Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9040008777. D-68428

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68166

Gharabari plot for sale at Amanapada, near Anantapur, Phulnakhara. Contact: 9438826479, 9776581412. D-68022

Plot for sale Nakhara & Sundarpada, Bhubaneswar. Gharabari demarcated 30’ wide road. Immediate registration & possession. Contact: 7008683329, 9348243488. D-67719

ଭୁବନେଶ୍ୱର ନୁଆଗାଁରେ Yellowzone ଘରବାରି ପ୍ଲଟ୍ 1200sqft. @2300/- ବିକ୍ରିହେବ– 9861082584. D-68417

(Schedule Caste) 19 ଗୁଣ୍ଠ ଜମି ଭିଙ୍ଗାରପୁର ହସଂପାଳଠାରେ ବିକ୍ରିହେବ। 9937816565, 9937568585. D-68170

Plot sale near AIIMS Hospital, Bhubaneswar yellow zone 30’ Road- 8280037688. D-68425

ସ୍ଥିତିବାନ ବାସପୋଯୋଗୀ ଜମି 60ft ପିଚୁରାସ୍ତାକୁ ଲାଗି ବିକ୍ରିହେବ। 9937816565, 9937568585. D-68171

Bhubaneswar Pitapalli NH ପାଖରେ BDA plot 30’ ରାସ୍ତାଥାଇ ମିଳୁଅଛି। 8338065148. D-68420

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68177

Gharabari 5ft boundarywall complete plot sale Chhatabar bypass roadside 3k.m. from 2nd infosys 6000sqft. 36,00,000/- (3side simplex) 9861281504. D-68423

Bhubaneswar ରୁ 18k.m ଏବଂ Cuttack ରୁ 13k.m ଦୂରରେ ଘରବାଡି plot କିଣନ୍ତୁ ମାତ୍ର 299 ଟଙ୍କାରେ। Mobile: 8917492419, 9090950009. D-68179

100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320. D-68426

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**GENERAL**

**SALE**

Dignostics setup for disposal near Amri Hospital Bhubaneswar. Contact: 9437022665. D-68603

**to-let**

1000sqft. Office 233, Sahid Nagar for rent. Contact: 9090089376. D-68026

**healthcare**

Rejuvenate and ayurvedic full body massage by smart therapist. 9114402304. D-68145

Refresh your mind and soul with best therapy at Orchid Salon/Spa. 9937287222. D-66998

Ayurvedic full body massage ladies & gents smart therapist, 9040900385. D-68701

Newly open full body massage by ladies, gents therapist. 8018656899 D-60850

Kajal Ayurvedic massage club fully relaxed by smart lady, home service available- 9937637219. D-67000

Full body herbal massage with refreshment expert therapist. 7381239385, 06742540855. D-68172

Experience full body massage with us (expert). Call: 7377048581, 06742597822. D-68173

Herbal full body massage by smart / expert therapist. Contact: 8338067247. D-68174

Summer special mesmerizing offer expert therapeutic refreshing massage appointment. 9668374480. D-68175

Ayurvedic full body massage ladies & gents smart therapist, 9668814589. D-68702

Ayurvedic full body massage by ladies, gents therapist. 7008773793 D-60851

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Escort service Bhubaneswar, SPA new open Ayurvedic full body massage, refresh by export Ladies/ Gents therapist home service also available, Contact: 8018467469. D-63061

**LOST**

I, Smt. Suravi Padhee, W/o- Chandra Kumar Padhee, residing At/Po- Bandhbahal Colony (Qr. No-M/186), Dist.- Jharsuguda. I have lost my original Sale deed bearing No.2824/2006 and ROR Patta No. 1067/2152, Plot No. 404/7165 of Area Ac.0.036 dec. of Mouza- Ekatali, Jharsuguda in the name of me. D-37379

**Marriage Wish**



**Satyajit (Mithun)**
**&**
**Sasmita (Pinky)**
Best wishes on this wonderful journey, as you build your new lives together.....
Wishing lifetime of Love & Happiness....
Little-Lucky family, Pipili.
D-15232



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉଚ୍ଚତର ଜୀବନ ମିଳେ।
- ଗୌତମ ବୁଦ୍ଧ

■ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି

# ‘ଖଣି ଦୁର୍ନୀତି କରିଥିବା କମ୍ପାନୀକୁ ନିଲାମରେ ସାମିଲ କରନି’

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ରାଜ୍ୟ ସରକାର ୩୧ଟି ଖଣିର ନିଲାମ କରିବାକୁ ଯାଉଛନ୍ତି। ଯେଉଁ କମ୍ପାନୀଗୁଡ଼ିକ ଖଣି ଦୁର୍ନୀତିରେ ସାମିଲ ଥିଲେ ସେମାନଙ୍କୁ ଖଣି ନିଲାମରୁ ବାଦ୍ ଦିଆଯାଉ। ଯେଉଁମାନଙ୍କର ଷ୍ଟିଲ ଓ ଲୁହା ଉତ୍ପାଦନ କାରଖାନା ଅଛି ସେମାନଙ୍କୁ ଏହି କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉ। ଖଣି ଓ ଖଣିଜଭିତ୍ତିକ ଶିଳ୍ପ ସଂସ୍ଥାରେ ଥିବା ନିଯୁକ୍ତିରେ ସ୍ଥାନୀୟ ଓଡ଼ିଆ ଯୁବକମାନେ କିପରି ନିଯୁକ୍ତି ପାଇବେ ତାହା ନିଶ୍ଚିତ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଚିଠି ଲେଖି ଅନୁରୋଧ କରିଛନ୍ତି। ବିରୋଧୀ ଦଳ ନେତା ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଖଣି ବିଭାଗ ନିଲାମରେ ଭାଗନେବାକୁ ଯାଉଥିବା ଖଣି କମ୍ପାନୀଗୁଡ଼ିକର ସ୍ଥାନୀୟ ବିକାଶ ପାଇଁ କ’ଣ କରିବେ ତାହା ଆଗୁଆ ସାଧାରଣରେ ପ୍ରକାଶ କରନ୍ତୁ। କିପରି ପ୍ରାକୃତିକ ସମ୍ବଳକୁ ଉଚିତ ବିନିଯୋଗ କରାଯାଇ ଗରିବ ଲୋକଙ୍କ ଆର୍ଥିକ ପ୍ରଗତି ଅଣାଯିବ ତାହା ସରକାରଙ୍କ ପ୍ରାଥମିକତାରେ ରହିବା ଉଚିତ। କେନ୍ଦୁଝର ଜିଲାର ଲୁହାପଥରରେ ସାରା ଦେଶରେ ଷ୍ଟିଲ ନିର୍ମାଣ ହେଉଛି କିନ୍ତୁ ସେଠାରେ ୬୨ପ୍ରତିଶତ ଲୋକ ଗରିବ। ଏସିଆର ବକ୍ସାଇଟ କ୍ୟାପିଟାଲ କୁହାଯାଉଥିବା କୋରାପୁଟ ଆଦିବାସୀ ଲୋକଙ୍କ ଆର୍ଥିକ ସ୍ଥିତି କେତେ ପଛରେ ତାହା ସମସ୍ତେ ଜାଣନ୍ତି। ବର୍ତ୍ତମାନ ମଧ୍ୟ କୋରାପୁଟ ଜିଲା ଦେଶର ସବୁଠାରୁ ପଛୁଆ ଜିଲା ତାଲିକାରେ ଆସୁଛି। ୭୯ପ୍ରତିଶତ ଲୋକ ବିପିଏଲ ତାଲିକାରେ ଅଛନ୍ତି। ଶିଳ୍ପାୟନର ସ୍ୱପ୍ନ ଦେଖାଇ ରାଜ୍ୟର ବହୁମୂଲ୍ୟ ଖଣିଜ ସମ୍ପଦର ଦୁରୁପଯୋଗ ଓ ଲୁଟ ଚାଲିଛି। ଖଣି ଚୋରି ପ୍ରଘଟ ହେବା ପରେ ୨୦୧୪ ନିର୍ବାଚନର ଠିକ ପୂର୍ବରୁ ଲୁଣ୍ଠନକାରୀ ଖଣି ମାଲିକଙ୍କଠାରୁ ୫୯ ହଜାର କୋଟି ଟଙ୍କା ଜରିମାନା ଆଦାୟର ନୋଟିସ ରାଜ୍ୟ ସରକାର ଦେଇଥିଲେ। ମାତ୍ର ସୁପ୍ରିମକୋର୍ଟଙ୍କ ରାୟର ମିଛ ବାହାନା କରି ୧୭ରୁ ୧୮ ହଜାର କୋଟି ଟଙ୍କା ମଧ୍ୟରେ ଜରିମାନା ଆଦାୟ ପାଇଁ ସରକାର କାହିଁକି ନିଷ୍ପତ୍ତି ନେଲେ। ଖଣି ଦୁର୍ନୀତିରେ ସମ୍ପୃକ୍ତ ମାଲିକଙ୍କୁ ସରକାରଙ୍କ ମାଇନିଂ ରପ୍ତାନି ନୀତି ସବୁଠାରୁ ବେଶି ସୁହାଇଥିଲା। ରାଜ୍ୟର ବହୁ ବିଧାୟକ ଖଣି ଚୋରି ନେଇ ଜୁନ୍ ୨୦୦୭ରେ ମୁଖ୍ୟମନ୍ତ୍ରୀଙ୍କୁ ମାଇନିଙ୍ଗ ଏକ୍ସପୋର୍ଟ ବନ୍ଦ କରିବା ପାଇଁ ଏକ ଚିଠି ଲେଖିଥିଲେ। ବିଧାୟକଙ୍କ ଉଦ୍‌ବେଗର ୫ବର୍ଷ ପରେ ଅର୍ଥାତ ସବୁ ଚୋରି ହୋଇ ଖାଲିହୋଇ ଗଲା ପରେ ୨୦୧୨ରେ ମୁଖ୍ୟମନ୍ତ୍ରୀ ଖଣି ଉତ୍ତୋଳନ ବନ୍ଦ କରିବାକୁ କହିଲେ। ରାଜ୍ୟରେ କାରଖାନା ହେଲେ ଖଣିଜ ସମ୍ପଦର ଲାଭ ରାଜ୍ୟବାସୀ ପାଇପାରନ୍ତେ। କାରଖାନାଗୁଡ଼ିକରେ ନିଯୁକ୍ତି ସୃଷ୍ଟି ହୋଇପାରନ୍ତା। ଆମ ଖଣିଜ ସମ୍ପଦର ସୁବିନିଯୋଗ କରିବା ପାଇଁ ରାଜ୍ୟରେ ଲୁହା ଓ ଷ୍ଟିଲ କାରଖାନା ବସାଇବା ଦିଗରେ ଯତ୍ନବାନ ହେବାକୁ ବିରୋଧୀ ଦଳ ନେତା ଦାବି କରିଛନ୍ତି।




# କେରଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଧର୍ମେନ୍ଦ୍ର

■ତୈଳ, ଗ୍ୟାସ ଓ ଇସ୍ପାତ୍ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଥିରୁଭାନନ୍ତପୁରମ୍‌ଠାରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କ ସହ ରାଜ୍ୟରେ ବିଭିନ୍ନ ତୈଳ, ଗ୍ୟାସ ଓ ଇସ୍ପାତ୍ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି । ଥିରୁଭାନନ୍ତପୁରମ୍ ଗସ୍ତ ଅବସରରେ ଭାରତୀୟ ଧାତୁ ସଂସ୍ଥାନ ୫୭ତମ ରାଷ୍ଟ୍ରୀୟ ଧାତୁ ବିଜ୍ଞାନ ସମାରୋହ ଓ ତା’ର ୭୩ତମ ବାର୍ଷିକ ଟେକ୍ନିକାଲ ବୈଠକରେ ଧର୍ମେନ୍ଦ୍ର ସାମିଲ ହୋଇଛନ୍ତି । ଏହି ଅବସରରେ ଧର୍ମେନ୍ଦ୍ର ରାଷ୍ଟ୍ରୀୟ ଧାତୁ ବିଜ୍ଞାନ ଦିବସ ପୁରସ୍କାର ଓ ଭାରତୀୟ ଧାତୁ ସଂସ୍ଥାନ ପୁରସ୍କାର ମଧ୍ୟ ପ୍ରଦାନ କରିଛନ୍ତି। ସମାରୋହରେ ସାମିଲ ହୋଇଥିବା ପ୍ରତିନିଧିମାନଙ୍କୁ ଅଧିକ ଆତ୍ମନିର୍ଭରଶୀଳ ହେବା ପାଇଁ ଉଚ୍ଚସ୍ତରର ଷ୍ଟିଲ ଉତ୍ପାଦନର ଆହ୍ୱାନକୁ ସେମାନେ ସ୍ୱୀକାର କରନ୍ତୁ ବୋଲି ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ଇସ୍ପାତର ବ୍ୟବହାର ଓ ଦେଶର ଆର୍ଥିକ ବୃଦ୍ଧି ମଧ୍ୟରେ ଏକ ଶକ୍ତିଶାଳୀ ସକାରାତ୍ମକ ସମ୍ପର୍କ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୫ ଟ୍ରିଲିୟନ ଡଲାରର ଅର୍ଥନୀତି ହେବାର ରାସ୍ତାରେ ଭାରତ ଅଗ୍ରସର ହେଉଛି । ସମସ୍ତଙ୍କ ସାମୂହିକ ପ୍ରୟାସରେ ଏହି ସ୍ୱପ୍ନ ସାକାର ହୋଇପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଉଠା ଜଳସେଚନ ନିଗମ ଉପନିର୍ବାହୀ ଯନ୍ତ୍ରୀ ନିଲମ୍ବିତ

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ): କେନ୍ଦୁଝର ଉଠା ଜଳସେଚନ ଡିଭିଜନର ଉପ ନିର୍ବାହୀ ଯନ୍ତ୍ରୀ (ନିର୍ମାଣ) ଶ୍ରଦ୍ଧାକର ବେହେରାଙ୍କୁ ନିଲମ୍ବିତ କରାଯାଇଛି । ତାଙ୍କ ନାମରେ ବିଭିନ୍ନ ମହଲରୁ ବହୁ ଅଭିଯୋଗ ଆସିବା ପରେ ନିଗମ ତରଫରୁ ତଦନ୍ତ କରାଯାଇଥିଲା। ତଦନ୍ତ ଅନୁଯାୟୀ ତାଙ୍କ ନାମରେ ଆର୍ଥିକ ଅନିୟମିତତା, ସରକାରୀ କାର୍ଯ୍ୟରେ ଅବହେଳା ଦର୍ଶାଯାଇଥିଲା।










> ପ୍ରତ୍ୟେକ ମଣିଷ ଯେ ଜଣେ କଳାକାର ହେବ, ତା'ନୁହେଁ। କିନ୍ତୁ ପ୍ରତି ମଣିଷର କଳାତ୍ମକ ଚିତ୍ତବୃତ୍ତିଟି ଉନ୍ନତ ହେବା ଉଚିତ। ତା'ର ରୁଚି ସୁଶିକ୍ଷିତ –ତା'ର ମାର୍ଜିତ ସୌନ୍ଦର୍ଯ୍ୟବୋଧ–ରୂପ ଓ ରଙ୍ଗ ପ୍ରତି ଅନ୍ତର୍ଦୃଷ୍ଟି ଏବଂ ତା'ଭିତରେ ଯାହା ପ୍ରକାଶ ପାଏ – ତାହା ଅଭ୍ୟାସଗତ ଭାବେ ସକ୍ରିୟ, ସଂଶୋଧିତ, ଯଥାଯଥ ଓ ସମ୍ବେଦନଶୀଳ ହେବା ଉଚିତ।
> –ଶ୍ରୀଅରବିନ୍ଦ



# ମୁଦ୍ରାସ୍ଫୀତି କମାଅ

ଖୁଚୁରା ମୁଦ୍ରାସ୍ଫୀତି ଅକ୍ଟୋବର ମାସରେ ୪.୬ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ସେପ୍ଟେମ୍ବରରେ ୩.୯୯ ପ୍ରତିଶତ ଥିଲା। ମୁଦ୍ରାସ୍ଫୀତି ଝୁଡ଼ିର ଅର୍ଦ୍ଧେକ ଦଖଲ କରୁଥିବା ଖାଉଟି ଖାଦ୍ୟ ମୁଦ୍ରାସ୍ଫୀତି ୭.୮୯ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ପୂର୍ବ ମାସରେ ୫.୧ ପ୍ରତିଶତ ଥିଲା। ହେଡ୍‌ଲାଇନ୍ ମୁଦ୍ରାସ୍ଫୀତିରେ ବୃଦ୍ଧି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମଧ୍ୟବର୍ତ୍ତିକାଳୀନ ଆକଳନକୁ ଟପିଯାଇଛି। ଏହା ଏଭଳି ବୃଦ୍ଧି ପାଇଛି, ଯାହାକୁ ନେଇ ଆର୍‌ବିଆଇ ଅସ୍ୱସ୍ତି ବୋଧ କରୁଛି। ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଗତ ଫେବୃୟାରୀ ମାସରୁ ରେପୋ ରେଟ୍ ହ୍ରାସ କରିଚାଲିଛି। ଆସନ୍ତା ଡିସେମ୍ବର ମାସରେ ବ୍ୟାଙ୍କ ରେପୋ ରେଟ୍‌ରେ ଆହୁରି ୨୫ ବେସିସ୍ ପଏଣ୍ଟ ବା ସେହିପରି କିଛି ହ୍ରାସ କରିବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ବର୍ତ୍ତମାନର ମୁଦ୍ରାସ୍ଫୀତି ଗତ ଜୁଲାଇ ୨୦୧୮ରୁ ଏପର୍ଯ୍ୟନ୍ତ ସର୍ବାଧିକ ହୋଇଥିବା ବେଳେ ବ୍ୟାଙ୍କ ଉକ୍ତ ଯୋଜନା ବିଷୟରେ ପୁନର୍ବିଚାର ଲାଗି ଚିନ୍ତା କରିପାରେ। ସରକାର ମଧ୍ୟ ବର୍ଦ୍ଧନଶୀଳ ମୁଦ୍ରାସ୍ଫୀତିର ସଂଖ୍ୟାକୁ ନେଇ ଚିନ୍ତିତ ହେବା ସ୍ୱାଭାବିକ। ରିଜର୍ଭ ବ୍ୟାଙ୍କର ବର୍ତ୍ତମାନର ଗଭର୍ନରଙ୍କ ସମୟରେ ସରକାର ଯେତେବେଳେ ଯାହା ଚାହୁଁଛନ୍ତି ବ୍ୟାଙ୍କ ତାହା କରୁଥିବାରୁ ସରକାର ଖୁସି ଥିଲେ। ଆର୍‌ବିଆଇ ଚଳିତବର୍ଷ ପଲିସି ରେଟ୍ କ୍ରମାଗତ ପାଞ୍ଚଥର ଏବଂ ମୋଟ ୧୩୫ ବେସିସ୍ ପଏଣ୍ଟ ବା ୧.୩୫ ପ୍ରତିଶତ ହ୍ରାସ କରି ୫.୧୫ ପ୍ରତିଶତକୁ କମାଇ ସାରିଲାଣି। ଦେଶର ପ୍ରତି କ୍ଷେତ୍ରରେ ଅର୍ଥନୀତିରେ ମାନ୍ଦାବସ୍ଥା ଦେଖା ଦେଇଥିବା ବେଳେ କେନ୍ଦ୍ରୀୟ ବ୍ୟାଙ୍କ ପିଲିସି ରେଟ୍ ହ୍ରାସ କରି ଆଶାର ଆଲୋକବର୍ତ୍ତିକା ଜାଳିବାକୁ ଚେଷ୍ଟା କରିଥିଲା। କିନ୍ତୁ ବ୍ୟାଙ୍କଗୁଡ଼ିକ ତାହାର ଲାଭ ଖାଉଟିମାନଙ୍କୁ ହସ୍ତାନ୍ତର କରିବାକୁ କୁଣ୍ଠିତ ହେବାରୁ ସବୁ ଚେଷ୍ଟା ନିଷ୍ଫଳ ପ୍ରତିପାଦିତ ହୋଇଛି।

ଭାରତର ଶିଳ୍ପ ଉତ୍ପାଦନ ସେପ୍ଟେମ୍ବରରେ କ୍ରମାଗତ ଦ୍ୱିତୀୟ ମାସ ପାଇଁ ୪.୩ ପ୍ରତିଶତ ହ୍ରାସ ପାଇଛି, ଯାହା ଏପ୍ରିଲ ୨୦୧୨ରୁ ସବୁଠାରୁ କମ୍। ଅର୍ଥାତ୍ ସେପ୍ଟେମ୍ବର ସୁଦ୍ଧା ଶେଷ ହେଉଥିବା ତ୍ରିମାସୀରେ ଜିଡିପି ଅଭିବୃଦ୍ଧି ୫ ପ୍ରତିଶତ ତଳକୁ ଖସିଯାଇଥାଇ ପାରେ, ଯାହାର ତଥ୍ୟ ଚଳିତ ମାସ ଶେଷ ଆଡ଼କୁ ପ୍ରକାଶ ପାଇବ। ଅର୍ଥନୈତିକ ଅଭିବୃଦ୍ଧି ହାର ଜୁନ୍ ତ୍ରିମାସୀରେ ଛଅବର୍ଷରେ ୫ ପ୍ରତିଶତର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ମୁଡିର ନିବେଶକ ସେବା ଆଜି ୨୦୧୯ ପାଇଁ ଭାରତର ଅର୍ଥନୈତିକ ଅଭିବୃଦ୍ଧି ପୂର୍ବାନୁମାନ ୫.୬ ପ୍ରତିଶତକୁ ଖସାଇବା ସହ ଖାଉଟି ଚାହିଦା ହ୍ରାସଜନିତ ସମସ୍ୟାର ସମାଧାନ ପାଇଁ ସରକାର ନେଇଥିବା ସମସ୍ତ ପଦକ୍ଷେପ ବିଫଳ ହୋଇଛି ବୋଲି ମତ ଦେଇଛି। ଗତ ସପ୍ତାହରେ ଏହା ଭାରତର ଦୃଷ୍ଟିକୋଣକୁ ସ୍ଥିରତାରୁ ବିଯୁକ୍ତାତ୍ମକକୁ ନିମ୍ନାୟିତ (downgrade) କରିଥିଲା। ଏହି ସଂକଟ ବେଳାରେ ଆର୍‌ବିଆଇ ତା'ର ଆର୍ଥିକ ଆଭିମୁଖ୍ୟ ପରିବର୍ତ୍ତନ କରୁ ବୋଲି ସରକାର ଚାହିଁପାରନ୍ତି। ରିଜର୍ଭ ବ୍ୟାଙ୍କ ସହ ସରକାରଙ୍କର ଯେଉଁ ସୁସମ୍ପର୍କ ରହିଛି, ତାକୁ ବିଚାରକୁ ନେଲେ ଜଣାପଡୁଛି ଯେ ସାମ୍ପ୍ରତିକ ମୁଦ୍ରାସ୍ଫୀତି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ବ୍ୟାଙ୍କ ପଲିସି ରେଟ୍ ବୃଦ୍ଧି କରି ନ ପାରେ।

## ଆଜିର ଅର୍ଥନୀତି

ବର୍ତ୍ତମାନ ମୁଦ୍ରାସ୍ଫୀତିର ମୁଖ୍ୟ କାରକ ଖାଦ୍ୟଦ୍ରବ୍ୟର ମୂଲ୍ୟ ଯୋଗାଣ ହ୍ରାସ ଯୋଗୁ ଆକାଶଛୁଆଁ ହୋଇଥିବା ବେଳେ ଏ ସମସ୍ୟାର ନିରାକରଣ ପାଇଁ ଆର୍‌ବିଆଇ କିଛି କରୁ ବୋଲି ଅପେକ୍ଷା ନ କରି ସରକାର ତୁରନ୍ତ ନିଜେ କିଛି ପଦକ୍ଷେପ ନେବା ଉଚିତ। ବିଭିନ୍ନ ଖାଦ୍ୟଦ୍ରବ୍ୟ, ବିଶେଷକରି ଆଳୁ, ପିଆଜ ପ୍ରଭୃତିର ମୂଲ୍ୟବୃଦ୍ଧି ମୁଦ୍ରାସ୍ଫୀତିକୁ ଆହୁରି ଉଚ୍ଚକୁ ନେଇପାରେ। ମାସକୁ ମାସ ବିଭିନ୍ନ ପ୍ରକାର ଡାଲି ଦରବୃଦ୍ଧି ୮.୪ ପ୍ରତିଶତରୁ ୧୧.୭୨ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧିପାଇ ଚାଲିଥିବାବେଳେ ପନିପରିବା ଦର ମାସକୁ ମାସ ୧୧.୪ ପ୍ରତିଶତରୁ ସିଧା ୨୬ ପ୍ରତିଶତକୁ ବୃଦ୍ଧି ପାଇଛି। ଅଗଷ୍ଟରେ ମହାରାଷ୍ଟ୍ର ପରି ରାଜ୍ୟରେ ବନ୍ୟା ଯୋଗୁ ଯୋଗାଣ ହ୍ରାସ ପାଇବାରୁ ଦେଶର କିଛି ଅଞ୍ଚଳରେ ପିଆଜ ଦର କିଲୋ ପିଛା ୭୦ ଟଙ୍କା ଛୁଇଁଲାଣି। ଏହି ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ପିଆଜର ରପ୍ତାନି ଉପରେ କଟକଣା ଜାରିକରିବା ସହ ଏହାକୁ ଆବଶ୍ୟକତା ଅନୁସାରେ ବାହାରୁ ଆମଦାନି କରିବାକୁ ନିଷ୍ପତ୍ତି ନେଇଛନ୍ତି। ବାହାରୁ ଆମଦାନି କରି ଦେଶରେ ବିତରଣ କରିବା ପାଇଁ ଏମ୍‌ଏମ୍‌ଟିସି ଓ ନାଫେଡ୍‌କୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ବାତ୍ୟା ବୁଲ୍‌ବୁଲ୍ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ମୂଲ୍ୟହ୍ରାସ ପାଇଁ ଯଦି ଆମଦାନି କରାଯାଏ, ତେବେ ଏହାର ମଧ୍ୟ ପ୍ରତିକୂଳ ପ୍ରଭାବ ରହିଛି। ସରକାର ଯଦି ଖାଦ୍ୟଦ୍ରବ୍ୟର ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣ କରିପାରନ୍ତି, ତେବେ ଏହା ମୁଦ୍ରାସ୍ଫୀତି ହ୍ରାସରେ ସହାୟକ ହୋଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ନଭେମ୍ବର ୧୯୯୪**

- ସୋମାଲିଆର ଦକ୍ଷିଣାଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ଆସି ୧୦୦ ଜଣଙ୍କ ମୃତ୍ୟୁ।
- ଇଣ୍ଡୋନେସିଆର ଦକ୍ଷିଣାଞ୍ଚଳରେ ଏକ ନୌକା ମାଲେସିଆର ଦୋଦାର ପ୍ରଦେଶ ନିକଟସ୍ଥ ତାନଯୋଙ୍ଗ ବାଲାଉ ଉପକୂଳରେ ବୁଡିଯିବା ଫଳରେ ୩୭ ଜଣଙ୍କ ମୃତ୍ୟୁ।
- ଉତ୍ତରାଖଣ୍ଡ ଆନ୍ଦୋଳନକାରୀଙ୍କ ଉପରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସିବିଆଇ ତଦନ୍ତ ପାଇଁ ଆହ୍ଲାହାବାଦ ହାଇକୋର୍ଟଙ୍କ ପ୍ରଦତ୍ତ ଆଦେଶ ବିରୋଧରେ ଉତ୍ତରପ୍ରଦେଶ ସରକାରଙ୍କ ପିଟିଶନ ଦରଖାସ୍ତକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 1 | B | | D | 3 | | C | 5 | 8 | | 4 | |
| | | | 6 | | | | | | | | 3 | | | |
| | 4 | | | 9 | | | | | | 7 | | 6 | 1 | |
| | | 8 | | C | A | | 2 | | | 4 | | | D | |
| 1 | 6 | A | | D | | 7 | | | | | | | | |
| | | | D | | | | | | | | | | | |
| | | | 3 | | 7 | 5 | | 0 | | | 1 | | | |
| | 7 | | B | A | | | 6 | 2 | | 8 | C | | | |
| | | | | | | | | | 9 | B | 6 | | A | 7 |
| D | 0 | | | | 9 | | | | 5 | | A | | 6 | |
| | D | 1 | | 5 | | | B | | | 2 | 0 | | | |
| 5 | B | | | | | | | A | 4 | | | | 0 | |
| 8 | | 9 | | | | 6 | | D | | | E | 5 | | |
| 0 | | 2 | 7 | | C | 8 | | E | | 3 | | | | 1 |
| | | | | E | 2 | 3 | | 1 | | | | A | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 9 | 5 | D | 0 | 2 | C | A | E | 1 | 8 | B | 7 | 6 | 4 |
| B | E | A | 9 | 1 | 7 | 4 | 6 | 5 | 2 | C | 0 | D | 3 | 8 |
| 1 | 8 | 2 | 4 | A | B | 0 | 3 | 9 | 6 | D | 7 | C | 5 | E |
| 7 | 6 | 0 | C | 3 | 5 | B | D | 8 | A | 4 | E | 1 | 9 | 2 |
| D | C | 4 | E | 8 | 6 | 1 | 2 | 7 | 3 | 5 | 9 | 0 | B | A |
| C | B | 9 | 2 | D | 3 | 6 | 0 | A | 4 | E | 1 | 8 | 7 | 5 |
| 6 | 5 | D | 0 | E | 9 | 3 | 1 | 4 | 8 | 7 | 2 | B | A | C |
| E | 7 | 1 | 6 | B | A | 9 | 8 | C | D | 3 | 5 | 2 | 4 | 0 |
| 2 | 4 | 3 | 5 | 7 | 8 | D | E | B | 0 | A | C | 6 | 1 | 9 |
| 0 | A | 8 | 1 | C | 4 | 7 | 5 | 2 | B | 9 | 6 | E | D | 3 |
| 4 | 1 | E | A | 5 | 0 | 8 | B | 3 | C | 6 | D | 9 | 2 | 7 |
| 8 | 2 | C | B | 4 | D | A | 9 | 1 | 7 | 0 | 3 | 5 | E | 6 |
| 9 | 0 | B | 7 | 6 | C | 5 | 4 | D | E | 2 | A | 3 | 8 | 1 |
| 5 | 3 | 6 | 8 | 2 | 1 | E | 7 | 0 | 9 | B | 4 | A | C | D |
| A | D | 7 | 3 | 9 | E | 2 | C | 6 | 5 | 1 | 8 | 4 | 0 | B |

ଗତକାଲିର ଉତ୍ତର

# ଦଲାଲଙ୍କ ଶାସନ



ବିପିନ ବିହାରୀ ମିଶ୍ର

ବର୍ତ୍ତମାନ ଦଲାଲଙ୍କ ଉପରେ ଚଢ଼ଉ ଚାଲିଛି। ବିଶେଷତଃ ପରିବହନ କାର୍ଯ୍ୟାଳୟ ଓ ଡାକ୍ତରଖାନାରେ। ଏ ଦୁଇଟି ସ୍ଥାନରେ ଅନେକେ ଶୋଷିତ ହୋଇଛନ୍ତି ଓ ସେହି ପରିମାଣରେ ଅନେକେ ଲାଭବାନ ହୋଇଛନ୍ତି। ଲାଇସେନ୍ସ ନବୀକରଣ ପାଇଁ ଗଲେ କାଗଜ ପଡିରହିବ କିମ୍ବା ହଜିଯିବ କିନ୍ତୁ ଦଲାଲଙ୍କୁ ଦେଲେ ସନ୍ଧ୍ୟା ସୁଦ୍ଧା ଲାଇସେନ୍ସ ନବୀକରଣ ହୋଇଯିବ। ଅବଶ୍ୟ ଯାହା ସରକାରୀ ଦର ତା'ଠୁ ପାଞ୍ଚଗୁଣା ଦେବାକୁ ପଡ଼ିବ। ଯେଉଁ ଟ୍ୟାକ୍ସିବାଲା କିମ୍ବା ଅଟୋବାଲା ବାରମ୍ବାର ଅଫିସକୁ ଧାଇଁ ସେ ଦିନର ଆୟ ହରେଇଥାନ୍ତେ ସେମାନେ ହିସାବ କରି ଦେଖନ୍ତି ଦଲାଲଙ୍କ ମାଧ୍ୟମରେ ଯିବା ସୁବିଧାଜନକ। ତାଙ୍କ ମତରେ ସରକାରୀ କର୍ମଚାରୀମାନେ ହେଉଛନ୍ତି ଶୋଷକ, ଦଲାଲବାବୁ ହେଲେ ସହାୟକ। କିନ୍ତୁ ଦଲାଲଗିରି କେବଳ ଏ ଦୁଇଟି ସ୍ଥାନରେ ସୀମିତ ନୁହେଁ। ଯେଉଁ ଅଫିସକୁ ଯାଆନ୍ତୁ, ଯେଉଁ ସ୍ଥାନକୁ ଯାଆନ୍ତୁ ଓ ଯେଉଁ ସ୍ତରକୁ ଯାଆନ୍ତୁ ଦଲାଲବାବୁ ଭିନ୍ନ ଭିନ୍ନ ରୂପରେ ବିଦ୍ୟମାନ। ସଂଜ୍ଞା କେବଳ ବଦଳିବ। କେଉଁଠି କନ୍‌ସଲଟାଣ୍ଟ, କେଉଁଠି ମଧ୍ୟସ୍ଥ, ଉପଦେଷ୍ଟା, ଫିକ୍ସର, ଟାଉଟର କିମ୍ବା ଦଲାଲ। ଟାଉଟର ଓ ଦଲାଲ ସଂଜ୍ଞା ଦୁଇଟି ଅପମାନଜନକ। ସମୟ ଥିଲା ଦଲାଲ ଏକ ସମ୍ମାନଜନକ ଆଖ୍ୟା ଥିଲା। ବମ୍ବେରେ ଏକ ସମ୍ମାନଜନକ ସ୍ଥାନ ହେଲା ଦଲାଲ ଷ୍ଟ୍ରିଟ୍। ସେଇମାନେ ଷ୍ଟକ୍ ଏକ୍ସଚେଞ୍ଜର ପୁଞ୍ଜିନିବେଶ କାରବାର କରାନ୍ତି ଓ ଲାଭର ଏକ ଅଂଶ ନିଅନ୍ତି। ତେଣୁ ଏହା ଅପମାନଜନକ ଶବ୍ଦ ନ ଥିଲା। ହୋଇଥିଲେ ସାରା ଭାରତରେ ଅନେକ ଲୋକ ପିତୃପୁରୁଷଙ୍କଠାରୁ ଆନୀତ ଦଲାଲ ସାଙ୍ଗିଆ ବ୍ୟବହାର କରି ନ ଥାନ୍ତେ। ଏକଦା ମଧ୍ୟସ୍ଥ ବ୍ୟକ୍ତିକୁ ଠିକଣା ସ୍ଥାନରେ ପହଞ୍ଚେଇ ଶୁଭକାର୍ଯ୍ୟ କରାଉଥିଲା। ତା' ମଧ୍ୟ ମାଗଣାରେ। ଯଦି କେହି କୃତଜ୍ଞତା ଜଣାଇ ଉପହାର ଦେଲା ତାହା ଗ୍ରହଣୀୟ ଥିଲା। ଏବେ ମଧ୍ୟସ୍ଥଙ୍କୁ ଅଧିକାଂଶ ପେସା ଭାବେ ଗ୍ରହଣ କଲେଣି। ଟିଭିରେ ଚ୍ୟାନେଲ୍ ଖୋଲିଲେଣି। ଖବରକାଗଜରେ ପାତ୍ର–ପାତ୍ରୀର ଯୋଗ୍ୟତା, ଆର୍ଥିକ ପରିସ୍ଥିତି, ସୌନ୍ଦର୍ଯ୍ୟ, ଶରୀରର ରଙ୍ଗ, ବୃତ୍ତି ଇତ୍ୟାଦି ଦେଇ ଜୀବନସାଥୀ ଖୋଜା ହେଉଛି। ଏଇଭଳି ଗଣମାଧ୍ୟମକୁ ବ୍ୟବହାର କରି ସେମାନଙ୍କୁ ମଧ୍ୟସ୍ଥ ଭୂମିକାରେ ଅବତୀର୍ଣ୍ଣ କରାଯାଉଛି। ତେଣୁ ବାମ କାନ୍ଧରେ ଶାନ୍ତିନିକେତନର ବ୍ୟାଗ ଝୁଲାଇ କିଛି ଜାତକ ଫଟୋ ଧରି ଘର ଘର ବୁଲି ପୁଅଝିଅଙ୍କର ବିବାହ କରାଇବା ବୃତ୍ତିର ଚାହିଦା କମିଗଲାଣି। ସେହିଭଳି ଖବରକାଗଜର ଚାହିଦା ବି କମିଯାଉଛି, ଯେହେତୁ ସମସ୍ତେ ସବୁ ଖବରକାଗଜ ପଢୁନାହାନ୍ତି, ଇଣ୍ଟରନେଟ୍‌ରେ ବହୁତ କମ୍ ଖର୍ଚ୍ଚରେ ବିଶଦ ବିବରଣୀ ଦେଇହେବ। ଯିଏ ଚ୍ୟାନେଲ କରୁଛନ୍ତି ତାଙ୍କ କାର୍ଯ୍ୟକୁ ସୂକ୍ଷ୍ମ ଦଲାଲି ବୋଲି କୁହାଯିବ। ତଳସ୍ତରର ଅଫିସଗୁଡ଼ିକରେ ଆର୍‌ଟିଓ ଅଫିସ ହେଉ କିମ୍ବା ବ୍ଲକ୍ ହେଉ ଦଲାଲି ହେଉଛି ହାତମୋଡା ଦଲାଲି। କିନ୍ତୁ ଉପରସ୍ତରରେ ଏହା ହେଉଛି ସୂକ୍ଷ୍ମ ଓ କରମର୍ଦ୍ଦନ ଦଲାଲି। କେହି ଅସନ୍ତୁଷ୍ଟ ହେବେ ନାହିଁ କି ଅଭିଯୋଗ କରିବେ ନାହିଁ କାରଣ ବାଧ୍ୟବାଧକତା ନାହିଁ। ବାଧ୍ୟବାଧକତାର ଏକ ଉଦାହରଣ ଦେଉଛି। ଜଣେ ଭଦ୍ରଲୋକଙ୍କ ବାପା ମରିଗଲେ ଏକ ଘରୋଇ ଡାକ୍ତରଖାନାରେ। ଡାକ୍ତରଖାନାରେ ବ୍ୟବସ୍ଥା ଅଛି ଯେ ମୃତ ବ୍ୟକ୍ତିଙ୍କର ନାଁ, ଗାଁ ଇତ୍ୟାଦି ୨୪ ଘଣ୍ଟା ମଧ୍ୟରେ ମ୍ୟୁନିସିପାଲ କମିଶନର ଅଫିସକୁ ଇମେଲ୍ ଓ ସ୍ପିଡ୍‌ପୋଷ୍ଟରେ ପଠାଯାଏ। ବିଚରା ପୁଅଟି ବାପର ଶ୍ରାଦ୍ଧ କାର୍ଯ୍ୟ ସାରି ଗଲା କର୍ପୋରେଶନ ଅଫିସକୁ। ସେଇଠି ବାବୁ କହିଲେ ଯେ ସେମିତି କାଗଜ ଆମେ କିଛି ପାଇନୁ। ବିଚରା ଗଲା ଡାକ୍ତରଖାନା, ସେମାନେ ମିଳିଥିବା ରସିଦ୍ ଦେଖେଇଲେ ଓ ଫଟୋ ଉଠେଇ କପି ବି ଦେଲେ। ଅତି ଉଲ୍ଲାସରେ ପିଲାଟି ତା' ପରଦିନ ଗଲା ଅଫିସକୁ। ରସିଦ ଦେଖିବାରୁ କହିଲେ ହେଇଥିବ, ଆସିଥିବ। କିନ୍ତୁ ଶହ ଶହ କାଗଜ ଭିତରେ ମୁଁ ଖୋଜିବି କେମିତି? ମୋତେ ସମୟ ଲାଗିବ। ମୁଁ ଖୋଜିବି କି ପଚାରିବାରୁ କହିଲେ ସରକାରୀ କାଗଜ ଆପଣ ଛୁଇଁ ପାରିବେନି। ପାଖରେ ଥିବା ଭିଜିଲାନ୍ସ ଅଫିସକୁ ଗଲା ଓ ସେଠୁ ଉତ୍ତର ମିଳିଲା ଯେ ଯଦି ଖୋଲାଖୋଲି ଭାବେ କେହି ଆପଣଙ୍କୁ ପଇସା ମାଗିବ ତା'ହେଲେ ଆସିବେ। କମ୍ପାନୀରେ ଚାକିରି କରିଥିବା ବିଚରା ପିଲାଟି ସବୁ ଛୁଟି ସାରିଦେଲାଣି। ଏବେ ବିନା ଦରମାରେ ଛୁଟି ନେଉଛି ଓ ଦିନକୁ ଦୁଇହଜାର କ୍ଷତି ସହୁଛି। ନିରାଶ ହୋଇ ଫେରିଆସୁଛି, ସହାୟକ ଜଣେ ଆସିଲେ ଓ ସିଧାସଳଖ କହିଲେ ଦୁଇଦିନ ମଧ୍ୟରେ ମୁଁ ଘରେ ପହଞ୍ଚେଇ ଦେବି ଓ ୫୦୦ ଟଙ୍କା ନେବି। ଆପଣ ଯଦି ନିଜେ ଆସିବେ ୪୦୦ ଟଙ୍କା ନେବି। ପିଲାଟି ବଡ଼ ଆଦର୍ଶବାଦୀ କିନ୍ତୁ ସେଇଦିନ ତା'ର ଆଦର୍ଶବାଦ ହରାଇଲା। ୫୦୦ ଟଙ୍କା ଦେଲା ଓ ଦୁଇଦିନ ପରେ ଜଣେ ଲୋକ ଆସି ଘରେ ମୃତ୍ୟୁ ସାର୍ଟିଫିକେଟ ଦେଇଦେଲା। ୫୦୦ ଟଙ୍କାରୁ କିଏ କେତେ ଅଂଶ ପାଇଲା ତାହା କହିବା କଷ୍ଟ ଏବଂ ଏଇଭଳି ସୂକ୍ଷ୍ମ ଦଲାଲକୁ ସେ ଅଫିସରେ ସମସ୍ତେ ହେଲ୍‌ପର ବୋଲି କହିଥାନ୍ତି। ଆଇନ ହୋଇଛି କର୍ମଚାରୀମାନେ ସର୍ବସାଧାରଣଙ୍କ ସେବା କରିବେ, ବର୍ତ୍ତମାନ ସବୁକିଛି କମ୍ପ୍ୟୁଟର ମାଧ୍ୟମରେ ହେବ। କିନ୍ତୁ ସବୁ ଆଇନରେ କିଛି ଫାଙ୍କ ଥାଏ। ଅଧିକାଂଶ ଗଳି ପଳାନ୍ତି, କେତେକ ଅସାବଧାନ ଲୋକ ଧରାପଡ଼ନ୍ତି। ସୁଖର କଥା ଯେ ଓଡ଼ିଶା ସରକାର ନିର୍ଦ୍ଦେଶ ଦେଇଛନ୍ତି ଏମାନଙ୍କୁ ଧରିବା ପାଇଁ କିନ୍ତୁ ଏମାନଙ୍କର କାହା ସାଙ୍ଗରେ ଅଲିଖିତ ଚୁକ୍ତି ହୋଇଛି ଦେଣନେଣ ପାଇଁ, ତାଙ୍କୁ ଧରିବା ଦରକାର। କାମ ଯଦି ସୁରୁଖୁରୁରେ ଓ ତୁରନ୍ତ ହୋଇଯାଆନ୍ତା ଦଲାଲଙ୍କ ଆବଶ୍ୟକ ନ ଥାନ୍ତା। ଜନ୍ମ ସାର୍ଟିଫିକେଟ୍ ଆଣିବା ପାଇଁ ବହୁବର୍ଷ ତଳେ ଭୁବନେଶ୍ୱରର ଜଣେ ଅତିରିକ୍ତ ତହସିଲଦାର ପାଞ୍ଚହଜାର ଟଙ୍କା ମାଗିଲେ। ସେ ଲୋକ ଦୂରସ୍ଥାନରୁ ଆସିଥିଲେ କିନ୍ତୁ ପଇସା ଦେବା ପାଇଁ ନାରାଜ। କଲେକ୍ଟରଙ୍କୁ କହିଲେ। ସେ ଟେଲିଫୋନ୍‌ରେ ଗାଳିଦେଲେ କିନ୍ତୁ ଅତିରିକ୍ତ ତହସିଲଦାର ସାର୍ଟିଫିକେଟ ଦେଲେ ନାହିଁ। ଭିଜିଲାନ୍ସ ଅଫିସକୁ ଯାଉଛି କହି ଧମକ ଦେବାରୁ ସାର୍ଟିଫିକେଟ ମିଳିଗଲା। ସେ ବାବୁ ଅନ୍ୟ ଏକ କେସ୍‌ରେ ଧରାହୋଇ ଜେଲ୍ ଯାଇଥିଲେ। ଏଇଭଳି ଘଟଣା ଘଟୁଛି ଓ ବହୁତ କ୍ଷତିଗ୍ରସ୍ତ ହେଉଛନ୍ତି ଗରିବ ଲୋକମାନେ। ବାତ୍ୟା ହେଲା। ଲୋକେ ଘର ତିଆରି କରିବା ପାଇଁ ସାହାଯ୍ୟ ପାଇବେ କିନ୍ତୁ ତୃତୀୟ ପୁରୁଷ ଦଲାଲଙ୍କୁ ନ ଧରିଲେ ଟଙ୍କା ମିଳିବ ନାହିଁ।

ଦଲାଲ କହିଲେ ଆମେ ବୁଝୁଛୁ କେବଳ ତଳସ୍ତରର ଦଲାଲ, ଯେଉଁମାନେ କି ଦୃଶ୍ୟ କିନ୍ତୁ ଉଚ୍ଚସ୍ତରରେ ଅଦୃଶ୍ୟମାନ ଉଚ୍ଚ ଶିକ୍ଷିତ ସମ୍ଭ୍ରାନ୍ତ ଦଲାଲ (ନିଜକୁ ବୋଲାନ୍ତି କନ୍‌ସଲଟାଣ୍ଟ, ଆଡ୍‌ଭାଇଜର, ଏଜେନ୍ସି, ଫିକ୍ସର, ବ୍ରୋକର ଇତ୍ୟାଦି)ଙ୍କ ବିନା ବ୍ୟବସାୟ, ଦେଣନେଣ, କୋର୍ଟ କଚେରି ବ୍ୟାପାର ଚାଲିବା କଷ୍ଟ। ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟରେ ଓକିଲଙ୍କ ସମୁଦ୍ର, କେଉଁ ଓକିଲ କେଉଁ କେସ୍ କରିପାରିବେ ତାହା ବିଚରା ମହକିଲ ଜାଣିବାର ଉପାୟ ନାହିଁ। ସେଥିପାଇଁ ସହାୟତାର ହାତ ବଢାନ୍ତି ଫିକ୍ସର। ଓକିଲଙ୍କ ପାଖେ ପହଞ୍ଚାଇ ଉଭୟଙ୍କଠାରୁ ତାଙ୍କ ପାଉଣା ନେଇ ସେ ଯାଆନ୍ତି। ସେହିପରି ଇନ୍‌କମ୍ ଟ୍ୟାକ୍ସ ହେଉ କିମ୍ବା ସେଣ୍ଟ୍ରାଲ ଏକ୍ସାଇଜ୍ ହେଉ ଅନେକ ଆଇନଜୀବୀ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏଇଭଳି ମଧ୍ୟସ୍ଥତା କରନ୍ତି। ଯେତିକି ଟଙ୍କା ଛାଡ଼ କିମ୍ବା ଫେରସ୍ତ ମିଳେ ସାଧାରଣତଃ ତା'ର ୧୦% ପାଉଣା ପାଆନ୍ତି। ଅନ୍ତର୍ଜାତୀୟ ସ୍ତରରେ ଯେତେ ବଡ଼ ବଡ଼ କାରବାର ହୁଏ ପ୍ରାୟ ସବୁଥିରେ ଦଲାଲଙ୍କ ହାତ ଥାଏ। ପ୍ରତିରକ୍ଷା ସାମଗ୍ରୀ କିଣିବାରେ ଅନେକ ସମୟରେ ଦଲାଲମାନଙ୍କର ଭୂମିକା ଥାଏ। ଭାରତ ନୌବାହିନୀର ଜଣେ ଅବସରପ୍ରାପ୍ତ ଉଚ୍ଚ ସେନାଧ୍ୟକ୍ଷଙ୍କ ପିଲାମାନେ ଏଇ କାରବାର କରି ବେଶ୍ କମେଇଛନ୍ତି। ବର୍ତ୍ତମାନ ମୋଦି ସରକାର ଏଇ ମାଧ୍ୟମକୁ ବ୍ୟବହାର ନ କରି ସିଧାସଳଖ କଥାବାର୍ତ୍ତା କରିବାରୁ ଗଣମାଧ୍ୟମ ଏବଂ ରାଜନୈତିକ ଦଳକୁ ବ୍ୟବହାର କରି ତାଙ୍କ ଉପରେ ଆକ୍ରମଣ କରାଯାଉଛି। ମନେପକାନ୍ତୁ ବୋଫର୍ସ ଅପବାଦ ଓ କର୍ଟୋଜଙ୍କ ନାଁ। ପାଠକଙ୍କ ମନରେ ପ୍ରଶ୍ନ ଉଠିପାରେ ଯେ ଭାରତ ସରକାର ସ୍ୱିଡେନରୁ ଉନ୍ନତ ଧରଣର ତୋପ କିଣିଲେ। ଏ ବ୍ୟାପାରରେ ଆଉ ଜଣେ କେମିତି ପଶିଲା? ଉତ୍ତର ସହଜ। ସେ ନ ପଶିଥିଲେ ଆଉ ଜଣେ ପଶିଥାନ୍ତା। କାରଣ ଦଲାଲମାନେ ସବୁଠାରେ ଥାନ୍ତି। ରାଜନୀତିରେ ବିଶେଷତଃ ଦଳବଦଳ ଓ ଟିକେଟ ପାଇବାରେ ଏମାନଙ୍କର ଭୂମିକା ଅଛି। କିଏ ଟିକେଟ ପାଇବା କଥା, ତାଙ୍କର କେତେ ସମର୍ଥକ, ସେ ଦଳକୁ କେତେ ଦେଇପାରିବେ ଏସବୁ ତଥ୍ୟ ଦଲାଲ ପହଞ୍ଚାନ୍ତି ସୁପ୍ରିମୋଙ୍କ ପାଖରେ। ଦଳ ଅଦଳ ବଦଳରେ କିଏ କେତେ ଟଙ୍କା ଦେବ ତାହା ମଧ୍ୟ ସେମାନେ ଠିକଣା ସ୍ଥାନରେ ଜଣାନ୍ତି ଏବଂ ଟଙ୍କା ଧରିଯିବାରେ ଯେହେତୁ ବିପଦ ଅଛି ସେଥିପାଇଁ ଆଉ ଦଳେ ଅଛନ୍ତି। ଓଡ଼ିଶାରୁ ଜଣେ ଥିଲେ, ସେ କେବଳ ଟଙ୍କା ପହଞ୍ଚେଇ ବେଶ୍ ଦୁଇପଇସା ରୋଜଗାର କରିଛନ୍ତି।

ଦଲାଲ ନିପାତ କଷ୍ଟକର ହେଲେ ମଧ୍ୟ ଆରମ୍ଭ କରିବା ନିହାତି ଆବଶ୍ୟକ ହୋଇ ପଡିଲାଣି। ଓଡ଼ିଶା ସରକାର ଯେଉଁ ଅଭିଯାନ ଆରମ୍ଭ କରିଛନ୍ତି ସେଥିପାଇଁ ଅଭିନନ୍ଦନୀୟ। କିନ୍ତୁ ବିଭିନ୍ନ ବିଭାଗ ଉପରେ ଦୃଷ୍ଟି ପକାନ୍ତୁ ଓ ଉଚ୍ଚସ୍ତରକୁ ଯାଆନ୍ତୁ। ସ୍ୱଚ୍ଛ ଭାରତ ଅଭିଯାନ ପରି ଦଲାଲମୁକ୍ତ ଶାସନ ଲାଗି ନିଜର ଲକ୍ଷ୍ୟ ରଖନ୍ତୁ।

ମୋ–୯୦୪୦୪୧୨୩୭୮

# ଶିକ୍ଷକଙ୍କ ସପକ୍ଷରେ



ଡ. କୁଳାଙ୍ଗାର

ସକାଳୁ ସକାଳୁ ସିଏ ହାତରେ ଠେଙ୍ଗାଟିଏ ଧରି ଦୁଇ ଅକ୍ଷରୀ ଶ୍ଳୋକ ଉଚ୍ଚାରଣ ପୂର୍ବକ ଲେଖକଙ୍କ ଘରେ ପହଞ୍ଚିଲା ଏବଂ ବିଦ୍ୟାଳୟର ନାନା ଅବ୍ୟବସ୍ଥା ସମ୍ପର୍କରେ କାହିଁକି ଲେଖିଚ ବୋଲି ପଚାରିଲା। ଲେଖକ ଚକିତ ହୋଇ ବୁଝେଇଲେ– ଆରେ ଭାଇ ତମ ପିଲାମାନଙ୍କର ମଙ୍ଗଳ ପାଇଁ ଲେଖିଚି!

ସିଏ କହିଲା– ମଙ୍ଗଳ ନୁହେଁ ଅମଙ୍ଗଳ ପାଇଁ ଲେଖିଚ। ଏବେ ଯଦି ତୁମ ଲେଖା ପଢି ଉଚ୍ଚ ଅଧିକାରୀଏ ଦିଦି ସାର୍‌ମାନଙ୍କର କାର୍ଯ୍ୟକଳାପକୁ ବନ୍ଦ କରିଦିଅନ୍ତି, ହଇରାଣ ତ ଆମେ ହେବୁ ନା!

ଲେଖକ ପଚାରିଲେ– କେମିତି ହଇରାଣ ହେବ ଶୁଣେ! ସିଏ କହିଲା– ତମେ ଲେଖିଚ; ହେଡମାଷ୍ଟ୍ରେ ଗାଁରେ ଦି'ଟା ଦୋକାନ ଖୋଲିଛନ୍ତି। ଅଧିକାଂଶ ସମୟ ଦୋକାନରେ ରହୁଛନ୍ତି। ବିଦ୍ୟାଳୟକୁ ଆସିବାର ନାଁ ଧରୁନାହାନ୍ତି! କିନ୍ତୁ ସତକଥା ହେଲା ମାଷ୍ଟ୍ରେ ଏଇ ଦୋକାନଟି ଖୋଲିବା ଦିନଠାରୁ ଆମକୁ ଆଉ ଛଅ କିଲୋମିଟର ଦୂରକୁ ସଉଦା ଆଣିବାକୁ ଯିବାକୁ ପଡୁନି। ଦୂର ବଜାର ଅପେକ୍ଷା ମାଷ୍ଟ୍ରେ ଆମକୁ ଶସ୍ତା ଦରରେ ଚାଉଳ, ଅଣ୍ଡା, ତେଲ, ବଡି ଓ ମସଲାମସଲି ଯୋଗେଇ ଦେଉଛନ୍ତି। ଏବେ ପୁଣି ଗୋଟେ ମୋବାଇଲ ଦୋକାନ ଖୋଲିଚନ୍ତି, ଯେଉଁଠି ଆମେ ମୋବାଇଲ ମରାମତି କରିବା ସହ ରିଚାର୍ଜ ମଧ୍ୟ କରିପାରୁଛୁ। କେବଳ ହେଡମାଷ୍ଟ୍ରଙ୍କ ପାଇଁ ନ ମିଳିଲା ଜିନିଷକୁ ବି ରାତିଅଧ ପାହାନ୍ତା ପ୍ରହରରେ ଆମେ ହାତପାଆନ୍ତାରେ ପାଇପାରୁଛୁ। ସେମିତି ମାଷ୍ଟ୍ରଙ୍କୁ ତମେ ନିନ୍ଦିଲେ ଆମ ଦେହ ସହିବ?

ଯେଉଁମାଷ୍ଟ୍ରେ ଦିନସାରା ବିଦ୍ୟାଳୟରେ ଶୋଇକି ଘୁଙ୍ଗୁଡି ମାରନ୍ତି ବୋଲି ଲେଖିଚ, ସିଏ କେଡେ ପରୋପକାରୀ ତମେ ଜାଣିଚ? ମାଷ୍ଟ୍ରେ ଯେହେତୁ ନାଇଟ୍‌କୋଚ ବସ୍‌ରେ କଣ୍ଡକ୍ଟରୀ କରନ୍ତି, ବାଧ୍ୟ ହୋଇ ଦିନରେ ଶୁଅନ୍ତି। ନ ପଢାନ୍ତୁ ପଛେ ସେଥିରେ ଆମର ସିଏ ବହୁ ଉପକାର କରନ୍ତି। ବସ୍‌ରେ ଆମ ଗାଁ ଲୋକଙ୍କଠାରୁ କମ୍ ପଇସା ନିଅନ୍ତି, କେବେକେବେ କାହା ପାଖରେ ନ ଥିଲେ ମଧ୍ୟ ଚଳେଇ ଦିଅନ୍ତି। ସହରରେ କୋଉ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯିବୁ, କୋଉ ପ୍ରାଇଭେଟ କଲେଜରେ ପିଲାର ନାଁ ଲେଖେଇବୁ, କୋଉ ଅଫିସ କୋଉଠି? ସବୁକଥାରେ କଣ୍ଡକ୍ଟର ହୋଇ ଯାଉଥିବା ମାଷ୍ଟ୍ରେ ସାହାଯ୍ୟ କରନ୍ତି।

ଆଉ ଜଣେ ମାଷ୍ଟ୍ରେ ମାସରେ ଦିନେ ଆସି ଦରମା ନେଇ ଯାଆନ୍ତି। ଏକଥା ସତ। ଏକଥା ବି ସତ କି ସେଦିନ ସିଏ ସ୍କୁଲ୍‌ରେ ଗୋଟେ ବଢିଆ ଭୋଜି ଦିଅନ୍ତି। କୋଠଘରେ ଯେଉଁ ବଡ ଟିଭିଟା ଲାଗିଚି ସିଏ ଦେଇଛନ୍ତି, ଆଉ ସେଥିରେ ଲାଗିଥିବା କେବୁଲ୍ ସଂଯୋଗର ମାସିକ ଦେୟ ବି ସିଏ ଦିଅନ୍ତି। ଗାଁରେ ଏମିତି ମର୍ଦ୍ଦପୁଅ ନାହାନ୍ତି, ଯିଏ ସେଇ ମାଷ୍ଟ୍ରଙ୍କଠାରୁ କରଜ ନେଇ ନାହାନ୍ତି।

ଲେଖାରେ ଆମମାନଙ୍କୁ ବି ଛାଡିନ। ଲେଖିଚ କି ଆମେମାନେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ମଦପିଇ ବିଦ୍ୟାଳୟକୁ ଯାଉଛୁ ଆଉ ଖାଇ ପିଇ ସବୁଥିରେ ଦସ୍ତଖତ କରି ଦଉଛୁ! ଦେଖନ୍ତୁ ଆଜ୍ଞା, ଯେଉଁମାନେ ଆଜିଯାଏ ସ୍କୁଲ ହତା ମାଡି ନ ଥିଲେ ସେମାନେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ହେବାରୁ ଅନ୍ତତଃ ସେତକ ହୋଇପାରୁଛି। ଆମ ଏମେଲେ ତ ସେଦିନ ସଭାରେ କହୁଥିଲେ କି– ସରକାରଙ୍କର ଲକ୍ଷ୍ୟ ହେଲା ସମସ୍ତେ ସ୍କୁଲ୍ ଯାଆନ୍ତୁ! ସ୍କୁଲ୍‌କୁ ଯଦି ଯିବେ, ଢିଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟିବା ପରି ସେମାନେ ସେଠି ଅଲ୍‌ବତ ମଦ ପିଇବେ!

ଆହୁରି ଲେଖିଚ କ'ଣ ନା ଉପରିସ୍ଥ ଅଧିକାରୀମାନେ ଏକଥା ଦେଖିବାକୁ ଆସୁନାହାନ୍ତି! ସେମାନେ ଆସିଲେ ତ ଆମର କ୍ଷତି। ଚାଉଳ, ଡାଲି, ତେଲ ସିନା ସ୍କୁଲ୍‌ରେ ଅଛି କିନ୍ତୁ କୁକୁଡା ତ ଆମ ଘରୁ ଯିବ ନା। ଆମ ପିଲେ ପଢା ଛାଡି ରୋଷେଇ ପାଇଁ ଜାଳେଣି କାଠ ଆଣିବାକୁ ଘରକୁ ଧାଇଁବେ! ସିଏ ଆସିକି କ'ଣ ସବୁ ପଚରାପଚରି କରି ମାଷ୍ଟ୍ର, ଦିଦିଙ୍କ ମନ ଖରାପ କରିଦେଇ ଯିବେ। ସିଏ ଗଲାପରେ ଏମାନେ ଆମ ପିଲାଙ୍କୁ ମାଡ ଦେଇ ରାଗ ସାରିବେ।

ପୁଣି ଆମର ପୁରୁଷପଣିଆକୁ ଧିକ୍କାର କରି ଲେଖିଚ କ'ଣ ନା– ପିଲା ସଂଖ୍ୟା କମିଯାଉଥିବାରୁ ବିଦ୍ୟାଳୟଗୁଡିକୁ ବନ୍ଦ କରିବାକୁ ପଡୁଛି! ହଇଓ ପିଲାସଂଖ୍ୟା କ'ଣ ଆମେ ଜାଣିକରି କମାଉଛୁ? ସର୍କାର ତ କହିଲା କି– ଛୋଟ ପରିବାର ସୁଖୀ ପରିବାର, ଦୁଇଟି ସନ୍ତାନ ଯଥେଷ୍ଟ, ଆମେ ଦୁଇ ଆମର ଦୁଇ। ଦୁଇରୁ ଅଧିକ ପିଲାଥିଲେ ଭୋଟ୍ ଲଢିପାରିବନି, ସୁବିଧା ପାଇପାରିବନି। ତେଣୁ ବିଦ୍ୟାଳୟରେ ପିଲାସଂଖ୍ୟା କମିବା ପାଇଁ ସର୍କାର ଦାୟୀ। ସର୍କାର ଚାହିଁବ ତ ଆମେ ବର୍ଷ କେତେଟାରେ ପିଲାସଂଖ୍ୟା ବଢେଇଦେବୁ!

ତା' କଥାଶୁଣି ଲେଖକ ଆବାକାବା। ତା'ର ଅକାଟ୍ୟ ଯୁକ୍ତିକୁ କାଟିବାକୁ ଯାଇ ଲେଖକେ ଥଙ୍ଗଥଙ୍ଗ କଣ୍ଠରେ କହିଲେ– କିନ୍ତୁ ପାଠପଢା ତ ହେଉନି ନା! ସିଏ କହିଲା– ପାଠପଢାରେ କେତେ ଖର୍ଚ୍ଚ ଆମେ ଜାଣିଛୁ। ଥରେ ଗାଁକୁ ଜଣେ ନୂଆମାଷ୍ଟ୍ର ଆସିଲେ। ଦିନସାରା ବିଦ୍ୟାଳୟରେ ପଢେଇ ସକାଳ ସନ୍ଧ୍ୟାରେ ପୁଣି ଟ୍ୟୁଶନ କଲେ। ତା'ଠୁ ଦେଖି ସମସ୍ତେ ପିଲାଙ୍କୁ ତାଙ୍କ ପାଖକୁ ଟ୍ୟୁଶନ ଛାଡିଲୁ। ମାସ ଶେଷରେ ସିଏ ପଇସା ମାଗିଲେ। ଠିକ୍‌ରେ ଦେଇ ନ ପାରି ଟ୍ୟୁଶନ ଫିସ୍ ବାକିଆ ବଢିଚାଲିଲା। ଅନ୍ୟ ଉପାୟ ନ ପାଇ ଶେଷରେ ସମସ୍ତେ ଲାଗିପାଗି ମାଷ୍ଟ୍ରଙ୍କୁ ବଦଳି କରିଦେଲୁ।

ଆପଣ ବୋଧେ ଜାଣିନାହାନ୍ତି, ସରକାରୀ ହୁଅନ୍ତୁ କି ବିରୋଧୀ; ସମସ୍ତଙ୍କ ସହିତ ଆମ ମାଷ୍ଟ୍ରମାନଙ୍କର ଭଲ ସମ୍ପର୍କ। ତେଣୁ ମନେରଖ, ଭଲ ଗତି ଥିଲେ ଆଗକୁ କେବେ ଆମ ଦିଦି କି ସାର୍‌ଙ୍କ ବିଷୟରେ ହୀନ କରି ଲେଖିବ ନାଇଁ। ଲେଖିବ ଯଦି ଟେକାଟେକି କରି ଲେଖିବ, ଯେମିତି ଜଣକୁ ଆଗାମୀ ଭୋଟ୍‌ରେ ପ୍ରାର୍ଥୀ ହେବା ପାଇଁ ଟିକେଟ ମିଳିଯିବ !

ମୋ–୯୩୩୮୫୮୧୩୦୯

## ଏଇ ଭାରତରେ

ପାଞ୍ଚଟି ଗାଁରେ୧୪ ବର୍ଷ ପରେ ସ୍କୁଲ ଖୋଲାଯିବା ଘଟଣା ଦେଖିବାକୁ ମିଳିଛି ଛତିଶଗଡ଼ରେ। ବିଜାପୁର ଜିଲାରେ ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନ ଅଞ୍ଚଳରେ ରହିଥିବା ପାଞ୍ଚଟି ଗାଁରେ ଏବେ ପିଲା ଦୀର୍ଘ ବର୍ଷ ବ୍ୟବଧାନରେ ପଢିବାର ସୁଯୋଗ ପାଇଛନ୍ତି। ଗ୍ରାମବାସୀମାନେ ନିଜ ଉଦ୍ୟମରେ ଦେବଗୁଡି (ଖୋପଡିନୁମାଙ୍କ ପୂଜାସ୍ଥଳ)କୁ ଜ୍ଞାନଗୁଡି (ସ୍କୁଲ)ରେ ପରିଣତ କରିଛନ୍ତି। ପିଲା ପଢିବା ପାଇଁ ଘର ନ ମିଳିବାରୁ ଦେବଗୁଡିରେ ସ୍କୁଲ ଖୋଲିବା ପାଇଁ ବ୍ଲକ୍ ଶିକ୍ଷା ଅଧିକାରୀ ସୁଖରାମ ଚିନ୍ତୁର ପ୍ରସ୍ତାବ ଦେବା ପରେ ଏଭଳି ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦେବଗୁଡିଙ୍କ ପୂଜାସ୍ଥଳ ଥିବା ଗଛ ତଳେ ଏହି ସ୍କୁଲଗୁଡିକ ଚାଲୁଛି। ଫରସନାର, କରକାବାଡା ,ଗୋଡନୁଗୁର, ଦୁଧେପଲ୍ଲୀ ଓ କେରପ୍‌ରେ ଖୋଲାଯାଇଥିବା ସ୍କୁଲ୍‌ଗୁଡିକରେ ପିଲାମାନେ ପଢିବା ସମୟରେ ଗାଁ ଲୋକେ ସେମାନଙ୍କୁ ଜଗୁଛନ୍ତି। ଏହି ଅଞ୍ଚଳ ମାଓବାଦୀପ୍ରବଣ ହୋଇଥିବାରୁ ଆଜକୁ ୧୪ ବର୍ଷ ହେବ ସ୍କୁଲ ପୂରା ବନ୍ଦ ରହିଥିଲା। ଜାତୀୟ ଉଦ୍ୟାନ ଅଞ୍ଚଳରେ ରହିଥିବା ୫୬ଟି ଗାଁରେ ୧୩ ହଜାର ଲୋକ ରହୁଛନ୍ତି ଓ ପ୍ରାୟ ଅଢେଇ ହଜାର ପିଲା ଶିକ୍ଷାଠାରୁ ଦୂରରେ ରହୁଥିଲେ ବୋଲି କୁହନ୍ତି ଗାଁ ମୁଖିଆ ହିଡମା ଜୋଗା।

## ଚିରନ୍ତନୀ

ଭାଷା ଯେବେ ତୋର ଜୀବିତ ରହିଚି ବଦନେ ହାସ
ଜଳିଉଠେ ଆଶା, ଆଖିରେ ପୂରଇ ଲୋତକ ପ୍ରାସ,
ଅଛି ତେବେ ସବୁ ଅଛି କାମଧେନୁ ଜୀବନ–ଗାଭୀ
ଜୀବନରୁ ବଳି କି ଲୋଡୁ ଅଧିକ କହ ତ ଭାବି?
(ଜୀବନ)

ଏହି ଯେ ପାହାଡ଼ ଆକାଶେ ଟେକିଛି ଶିର
ଯୋଗୀର ଧୂସର ଧିଆନ ସମାନ ଥିର!
ଉପହସି କେତେ ଝଞ୍ଜା ବତାସ ଖରା
କେତେ ବସନ୍ତେ ତୁଟିନି ଧିଆନ ପରା!
କମ୍ପନହୀନ ବିପୁଳ ବକ୍ଷ ତୁଲେ
ଉପବୀତ ସମ ସରୁ ରଥଟିଏ ଝୁଲେ।
(ଏହି ଯେ ପାହାଡ଼)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଡାଇସ୍ଲିପିଡେମିଆ ନୁହେଁ, ଡିସ୍–ଲିପିଡେମିଆ

ମହାଶୟ,

ଧରିତ୍ରୀ (୧୪।୧୧)ରେ ଆପଣଙ୍କ ଦୈନିକ (ବାଲେଶ୍ୱର ସଂସ୍କରଣ)ର ପୃଷ୍ଠା ୫ରେ ମୃତ୍ୟୁଞ୍ଜୟ ଶତପଥୀଙ୍କ ଦ୍ୱାରା ଲିଖିତ 'ନିୟମକୁ ଫୁ' ପ୍ରବନ୍ଧଟି ଅତି ଭଲ ଲାଗିଲା। ତେବେ ଏ ପତ୍ରପ୍ରେରକର ଦୃଷ୍ଟିରେ ଏକ ଛୋଟ ତ୍ରୁଟି ପରିଲକ୍ଷିତ ହୋଇଛି। ୪ର୍ଥ ଧାଡ଼ିରେ 'ଡାଇସ୍ଲିପିଡେମିଆ' ରୋଗ ବିଷୟରେ ଉଲ୍ଲେଖ କରାଯାଇଛି ଯାହା ପ୍ରକୃତରେ 'ଡିସ୍–ଲିପିଡେମିଆ' (DYSLIPIDEMIA) ହେବ, ଯାହାର ଅର୍ଥ ରକ୍ତରେ ମାତ୍ରାଧିକ LIPID (ଚର୍ବି ଜାତୀୟ) ରହିବା।

ଡା. ପ୍ରୀତମ୍ ଦ୍ୱିବେଦୀ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ, ଗୋପବନ୍ଧୁନଗର, ମୟୂରଭଞ୍ଜ

### ଦ୍ୱିତୀୟ ଈଶ୍ୱରଙ୍କ ମନମାନି

ରୋଗ ଚିକିତ୍ସା କରି ମଣିଷକୁ ମରଣ ମୁହଁରୁ ବଞ୍ଚାଉଥିବାରୁ ଡାକ୍ତରଙ୍କୁ ଦ୍ୱିତୀୟ ଈଶ୍ୱର କୁହାଯାଏ। କିନ୍ତୁ ଆଜିକାଲି ସେହି ଦ୍ୱିତୀୟ ଈଶ୍ୱରଙ୍କ ମନମାନି ଯୋଗୁ ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ଅଭାବରୁ ଅନେକ ଶିଶୁ, ଗର୍ଭବତୀ ମହିଳା ଓ କେତେକ ଜଟିଳ ରୋଗରେ ଆକ୍ରାନ୍ତ ରୋଗୀ ଅକାଳରେ ଝଡ଼ି ପଡୁଛନ୍ତି। ରୋଗୀମାନେ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଡାକ୍ତର ମୋବାଇଲ ଚଳାଇବାରେ ବ୍ୟସ୍ତ ଥିବାରୁ ରୋଗୀଙ୍କ ଯନ୍ତ୍ରଣାର ସ୍ୱର ତାଙ୍କ ପାଖରେ ପହଞ୍ଚି ପାରୁନାହିଁ। ରୋଗୀଙ୍କ ସମ୍ପର୍କୀୟମାନେ ଡାକ୍ତରଙ୍କୁ ବାରମ୍ବାର ଡାକିଲେ ସେମାନେ ବିରକ୍ତ ହେଉଛନ୍ତି ଓ ରୋଗୀକୁ ଦେଖିବାକୁ ଆସୁନାହାନ୍ତି। ଆଉ କେତେକ ଡାକ୍ତର ଅଧିକ ଅର୍ଥ ଆଶାରେ ରୋଗୀର ସମ୍ପର୍କୀୟଙ୍କୁ ରୋଗର ଭୟାବହତା ଦର୍ଶାଇ ସରକାରୀ ଡାକ୍ତରଖାନାରୁ ଆଣି ନିଜେ ସମ୍ପୃକ୍ତ ଥିବା ବେସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଇବାକୁ ପରାମର୍ଶ ଦେଉଛନ୍ତି। ଡାକ୍ତରମାନଙ୍କୁ ଅନୁରୋଧ, ସେମାନେ ନିଜର ବୃତ୍ତି ତଥା ମଣିଷପଣିଆକୁ ଭୁଲି ନ ଯାନ୍ତୁ, ଦ୍ୱିତୀୟ ଈଶ୍ୱର ନାମର ଗୌରବକୁ ନଷ୍ଟ ନ କରନ୍ତୁ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଗଳିତ ଶବ ଉଦ୍ଧାର

ତେଲକୋଇ, ୧୪।୧୧(ଡି.ଏନ.ଏ.): ତେଲକୋଇ ଥାନା ଅନ୍ତର୍ଗତ ରାଇସୁଆଁ ପଞ୍ଚାୟତର ମୁଣ୍ଡା ସାହି ଜଙ୍ଗଲ ମଧ୍ୟରେ ପୋଲିସ ଏକ ଗଳିତ ଶବ ଉଦ୍ଧାର କରିଛି। ଗତ ବୁଧବାର ଖବର ପାଇ ପୋଲିସ ବିଭାଗ ପକ୍ଷରୁ ଏକ ସାଇଣ୍ଟିଫିକ ଦଳ ଆସି ଉକ୍ତ ଶବକୁ ଉଦ୍ଧାର କରିବା ପରେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଏହାକୁ ଫରେନସିକ ଲ୍ୟାବକୁ ପଠାଯାଇଥିବ ଜଣାପଡିଛି। ଫରେନସିକ ରିପୋର୍ଟ ଆସିବା ପରେ ମୃତଦେହ କେଉଁ ନିଖୋଜ ଯୁବତୀ କିମ୍ବା ଯୁବକଙ୍କର ବୋଲି ଜଣାପଡ଼ିବ।

# ପିଲାଙ୍କ ସହ ଶିଶୁଦିବସ ପାଳିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁନି କୁନି ପିଲାଙ୍କ ଗହଣରେ ଶିଶୁଦିବସ ପାଳନ କରିଛନ୍ତି। ଗୁରୁବାର ସକାଳେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ଡିଏଭି ସ୍କୁଲ୍‌ର ପିଲାମାନଙ୍କୁ ଭେଟି ସେମାନଙ୍କୁ ଶିଶୁ ଦିବସର ଶୁଭେଚ୍ଛା ଜଣାଇଥିଲେ। ଅଫିସ୍ ଯିବା ପୂର୍ବରୁ ସେ ପିଲାଙ୍କ ସହ କିଛି ସମୟ କାଟିବା ସହିତ ସେମାନଙ୍କୁ ଚକୋଲେଟ୍ ଦେଇଥିଲେ। ପରେ ସନ୍ଧ୍ୟାରେ ଦି ୱିସ୍‌ଡମ୍ ଟ୍ରି ଗ୍ଲୋବାଲ ସ୍କୁଲ୍‌ର ପିଲାମାନେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏହି ଅବସରରେ ପିଲାମାନଙ୍କ ସହ ମୁଖ୍ୟମନ୍ତ୍ରୀ ବେଶ୍ କିଛି ସମୟ ହସଖୁସିରେ କଟାଇଥିଲେ। ପରେ ମୁଖ୍ୟମନ୍ତ୍ରୀ ସ୍କୁଲ୍ ଟ୍ରଷ୍ଟ ପକ୍ଷରୁ ଆରମ୍ଭ ହେଉଥିବା 'ମିଶନ୍ ପଲାଶ' ପୋଷ୍ଟର ଉନ୍ମୋଚନ କରିଥିଲେ। ପିଲାମାନେ ମୁଖ୍ୟମନ୍ତ୍ରୀଙ୍କୁ ଏହି ଉପଲକ୍ଷେ ପଲାଶ ଚାରା ଉପହାର ଦେଇଥିଲେ।


ଶିଶୁଦିବସ ଅବସରରେ କୁନି କୁନି ପିଲାଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।



## ଜିଲ୍ଲା ଟିଏ

### ବୌଦ୍ଧ

# ପିଆଜ ଚାଷୀ

ଦିନେ ବୌଦ୍ଧ ଜିଲା ପିଆଜ ଚାଷ ପାଇଁ ସୁନାମ ଅର୍ଜନ କରିଥିଲା। ଜିଲାର ଉର୍ବର ମାଟି ପିଆଜ ଚାଷୀମାନଙ୍କୁ ଉତ୍ସାହିତ କରିଥିଲା। ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳକୁ ଏଠାକାର ପିଆଜ ବିକ୍ରି ଲାଗି ଯାଉଥିଲା। ଉନ୍ନତମାନର ପିଆଜ ଯୋଗୁ ବୌଦ୍ଧ ପିଆଜର ଚାହିଦା ରହିଥିଲା। ଏବେ କିନ୍ତୁ ପିଆଜ ଦର ଜିଲାବାସୀଙ୍କ ହୋସ ଉଡ଼ାଇଛି। ସରକାରଙ୍କ ସବୁ ଉଦ୍ୟମ ସତ୍ତ୍ୱେ ଏଠାକାର ପିଆଜ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇଦେବାର ବ୍ୟବସ୍ଥା କରାଯାଇଥିଲା। ଏପରିକି ଉତ୍ପାଦନ ହେଉଥିବା ପିଆଜକୁ ସ୍ୱତନ୍ତ୍ର ଭାବେ ନିର୍ମିତ 'ପିଆଜ ଘରେ' ରଖିବା ପାଇଁ ବ୍ୟବସ୍ଥା ହୋଇଥିଲା। ହେଲେ ଏସବୁ କିନ୍ତୁ କାଗଜ କଲମରେ କରାଯାଇଥିବାରୁ ଜିଲାରେ ପିଆଜ ଚାଷ ଫେଲ୍ ମାରିଛି। ପିଆଜ, ରସୁଣ ଓ ଆଳୁ ଚାଷର ଉନ୍ନତି ପାଇଁ ବଘିଆପଡାର ପାଲଝାରଠାରେ ଏକ ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ହେଲେ କୌଣସି ସୁଫଳ ଚାଷୀମାନେ ପାଇନାହାନ୍ତି। ଏବେ ଜିଲାରେ ପିଆଜ ଦର କେଜି ପ୍ରତି ୭୦ ଟଙ୍କା ରହିଛି। ବାଧ୍ୟ ହୋଇ ଲୋକେ ସେହି ଦରରେ ପିଆଜ କିଣୁଛନ୍ତି। ୨୦୧୨ ମସିହାରେ ଉଦ୍ୟାନ ବିଭାଗ ଓ ପ୍ରଶାସନର ସହାୟତାରେ ୩ ଟ୍ରକ ପିଆଜ ଦିଲ୍ଲୀକୁ ବିକ୍ରି ପାଇଁ ପଠାଯାଇଥିଲା। ସେହି ପିଆଜର ବି ଚାହିଦା ଦିନକୁ ଦିନ ବଢ଼ିଥିଲା। ହେଲେ ଯେଉଁ ଜିଲାର ବଳକା ପିଆଜ ଅନ୍ୟ ରାଜ୍ୟରେ ବିକ୍ରି ହେଉଥିଲା ଆଜି ସେହି ଜିଲାବାସୀ ଚଢ଼ା ଦରରେ ପିଆଜ କିଣୁଛନ୍ତି। ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ପିଆଜ ରଖିବା ପାଇଁ ନିର୍ମାଣ କରାଯାଇଥିବା 'ପିଆଜ ଘର' ଆଜି କୁକୁଡ଼ା ଫାର୍ମରେ ପରିଣତ ହୋଇଛି। ଚାଷୀଙ୍କୁ ଠିକ୍ ଭାବେ କୃଷି ବିଭାଗ ପକ୍ଷରୁ ସହଯୋଗ, ସହାୟତା, ପ୍ରଶିକ୍ଷଣ ମିଳିପାରୁ ନ ଥିବାରୁ ଏହି ଚାଷ ଏକ ପ୍ରକାର ବନ୍ଦ ହେବାକୁ ବସିଛି। ଉନ୍ନତମାନର ବିହନ ଅଭାବ ସହ ବଜାର ସୁବିଧା ନ ଥିବାରୁ ଚାଷୀମାନେ ପିଆଜ ଚାଷରୁ ମୁହଁ ଫେରାଇ ନେଉଛନ୍ତି। ଏଣେ ଜିଲାରେ ଗୋଟିଏ ହେଲେ ଶୀତଳଭଣ୍ଡାର ନ ଥିବାରୁ ଚାଷୀ ନିଜର ପିଆଜକୁ ସାଇତି ନ ପାରି ଅମଳ ସମୟରେ ଶାଗ ମାଛ ଦରରେ ବିକିବାକୁ ବାଧ୍ୟ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଜିଲାରେ ଶୀତଳଭଣ୍ଡାର ନିର୍ମାଣ ସହିତ ଚାଷୀମାନଙ୍କୁ ପିଆଜ ଚାଷ ପାଇଁ ସରକାରୀ ସହାୟତା ପ୍ରଦାନ ଉପରେ ବୁଦ୍ଧିଜୀବୀମାନେ ଗୁରୁତ୍ୱାରୋପ କରିଛନ୍ତି।

**– ଅଜିତ୍ କୁମାର ବାରିକ**

# ଓଡ଼ିଶାରେ ଦ୍ୱିତୀୟ: ଏମ୍‌ଏସ୍‌ଏସ୍‌ଆର ଅତ୍ୟାଧୁନିକ ରାଡର ଉଦ୍‌ଘାଟିତ

## ବ୍ରହ୍ମପୁରରୁ ୪୫୦ କି.ମି. ବ୍ୟାସାର୍ଦ୍ଧ ପର୍ଯ୍ୟନ୍ତ କରିପାରିବ ବିମାନ ଚିହ୍ନଟ

**ବ୍ରହ୍ମପୁର ଅଫିସ, ୧୪।୧୧**

ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ(ଏଏଆଇ) ଅଧୀନ ବ୍ରହ୍ମପୁର ଉପକଣ୍ଠ ନରେନ୍ଦ୍ରପୁରସ୍ଥିତ ମନୋପଲ୍‌ସ ସେକୋଣ୍ଡାରୀ ସର୍ଭିଲେନ୍ସ ରାଡର(ଏମ୍‌ଏସ୍‌ଏସ୍‌ଆର)ସାଇଟ ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଏଆଇ ନୂଆଦିଲ୍ଲୀସ୍ଥିତ କମ୍ୟୁନିକେଶନ ନାଭିଗେଶନ ଏଣ୍ଡ ସର୍ଭିଲେନ୍ସ(ସିଏନ୍‌ଏସ୍)ପ୍ଲାନିଂ ସେକ୍ସନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମିତ କୁମାର ବନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବାଞ୍ଚଳ କ୍ଷେତ୍ରୀୟ କାର୍ଯ୍ୟକାରୀ ନିର୍ଦ୍ଦେଶକ ଏସ୍.ପି. ଯାଦବ,କୋଲ୍‌କାତା ପୂର୍ବାଞ୍ଚଳ ଇଞ୍ଜିନିୟର ସେକ୍ସନର ଜେନେରାଲ ମ୍ୟାନେଜର ଜର୍ଜ ଥେରାକର, ସିଏନ୍‌ଏସ୍ ଜେନେରାଲ ମ୍ୟାନେଜର ସୁଧାମୟ ମୈତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଶାରେ ଏଏଆଇ ପକ୍ଷରୁ ବ୍ରହ୍ମପୁର ଓ ଝାରସୁଗୁଡାରେ ଏହି ରାଡର ରହିଛି। ପୂର୍ବରୁ ବ୍ରହ୍ମପୁର ଉପକଣ୍ଠ ନରେନ୍ଦ୍ରପୁରସ୍ଥିତ ରାଡର କେବଳ ବିମାନର ପରିଚୟ, ଉଚ୍ଚତା ସମ୍ପର୍କରେ ତଥ୍ୟ ପ୍ରଦାନ କରିପାରୁଥିଲା। ବର୍ତ୍ତମାନ ଏହି ସେଣ୍ଟରରେ ସ୍ଥାପିତ ରାଡର ବିମାନର ପରିଚୟ ସମେତ ଆକାଶମାଗରୁ ଏହାର ଉଚ୍ଚତା, ବେଗ, ଦିଗ, ସ୍ଥିତି, ଗତିବିଧି ଏପରିକି ଯାତ୍ରୀ ସଂଖ୍ୟା ସମ୍ପର୍କରେ ମଧ୍ୟ ତଥ୍ୟ ଦେବା କ୍ଷମତା ରହିଛି। ନୂତନ ଜ୍ଞାନକୌଶଳଯୁକ୍ତ ପ୍ରାୟ ୧.୫ କୋଟି ଟଙ୍କା ବ୍ୟୟରେ ସ୍ଥାପିତ ଏହି ରାଡର ବ୍ରହ୍ମପୁର ଅଞ୍ଚଳର ଚତୁଃପାର୍ଶ୍ୱରେ ଥିବା ପ୍ରାୟ ୪୫୦ କି.ମି. ବ୍ୟାସାର୍ଦ୍ଧ ଅଞ୍ଚଳରେ ପ୍ରବେଶ କରୁଥିବା ବିମାନ ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିବ। ଏହି ତଥ୍ୟ କୋଲ୍‌କାତା, ଭୁବନେଶ୍ୱରସ୍ଥିତ ଏୟାର ଟ୍ରାଫିକ ସର୍ଭିସ(ଏଟିଏସ୍) କେନ୍ଦ୍ରକୁ ପ୍ରଦାନ କରିବ ବୋଲି ବ୍ରହ୍ମପୁର ସାଇଟ ଯୁଗ୍ମ ଜେନେରାଲ ମ୍ୟାନେଜର ବଂଶୀଧର ଆରୁଖ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ରାଡର କେନ୍ଦ୍ର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ଏସ୍‌କେ ପାତ୍ର, ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ପାର୍ଥ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିମାନବନ୍ଦରରୁ ଅଧକୋଟି ଟଙ୍କାର ସୁନା ଜବତ

**ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)**

- ଯାଞ୍ଚବେଳେ ମିଳିଲା ୧ କେଜି ୩୧୦ ଗ୍ରାମର ଦୁଇ ସୁନା ବିସ୍କୁଟ
- ଓଡ଼ିଶାର ଅଳଙ୍କାର ବ୍ୟବସାୟୀଙ୍କ ପାଖକୁ ଆସୁଥିଲା
- ଚାଲାଣକାରୀ କେରଳ ନାଗରିକ ଗିରଫ


ଜବତ ହଳଦୀ ପାଉଡ଼ର ପ୍ୟାକେଟ ଓ ସୁନା ବିସ୍କୁଟ୍।

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଗୁରୁବାର ପୁଣି ଜଣେ ଯାତ୍ରୀଙ୍କଠାରୁ ୧୩୧୦.୬୫୦ ଗ୍ରାମର ଦୁଇଟି ସୁନା ବିସ୍କୁଟ ଜବତ କରାଯାଇଛି। ଏହି ସୁନା ବିସ୍କୁଟଟି ୯୯ ପ୍ରତିଶତ ଶୁଦ୍ଧ ହୋଇଥିବାବେଳେ ବଜାର ମୂଲ୍ୟ ୫୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ତେବେ ଏହାକୁ ଚାଲାଣ କରୁଥିବା କେରଳର ଜଣେ ନାଗରିକଙ୍କୁ କଷ୍ଟମ ବିଭାଗ ଗିରଫ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଯାତ୍ରୀ ଜଣକ ବୁଧବାର ରାତି ପ୍ରାୟ ୯ଟାରେ ଏୟାର ଏସିଆ ବିମାନ (ନଂ.ଏକେ-୩୧)ରେ କ୍ୱାଲାମ୍ପୁରରୁ ସୁନା ବିସ୍କୁଟ ଧରି ଭୁବନେଶ୍ୱର ଆସିଥିଲେ। ଏ ସମ୍ପର୍କରେ ସୂଚନା ପାଇବା ପରେ କଷ୍ଟମ ବିଭାଗର ଅଧିକାରୀମାନେ କଡ଼ା ନଜର ରଖିଥିଲେ। ଯାତ୍ରୀ ଜଣକ ବିମାନ ବନ୍ଦରରୁ ବାହାରକୁ ଯାଉଥିବାବେଳେ ତାଙ୍କର ଚାଲିଚଳନ ଦେଖି ସନ୍ଦେହ ହୋଇଥିଲା। ତାଙ୍କୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେ ଆଣିଥିବା ବ୍ୟାଗ୍‌ରେ ଏକ ହଳଦୀ ପାଉଡର ପ୍ୟାକେଟ ଭିତରେ ଦୁଇଟି ସୁନା ବିସ୍କୁଟ ଥିବା ଜଣାପଡ଼ିଥିଲା। କଷ୍ଟମ ବିଭାଗ ଅଧିକାରୀମାନେ ଉକ୍ତ ସୁନା ବିସ୍କୁଟକୁ ଜବତ କରିବା ସହ ଯାତ୍ରୀ ଜଣଙ୍କୁ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରିଥିଲେ। ସେ ଜଣେ ସୁନା ମାଫିଆଙ୍କ ଇସାରାରେ କାମ କରୁଥିବା କହିଥିଲେ। ଏଥିପାଇଁ ତାଙ୍କୁ ଚାଲାଣ ସୁନାର ୩୦ ପ୍ରତିଶତ ଅର୍ଥ ମିଳିଥାଏ। ଫୋନ୍ ଏବଂ ସୋସିଆଲ ମିଡିଆ ମାଧ୍ୟମରେ ସୁନା ମାଫିଆଙ୍କ ସହ ଓଡିଶାର ଅନେକ ଅଳଙ୍କାର ବ୍ୟବସାୟୀମାନେ ଯୋଗାଯୋଗ କରିଥାନ୍ତି। ସୁନା ମାଫିଆ ଜଣକ କିଏ, ସେ ରାଜଧାନୀର କେଉଁଠିକୁ ସୁନା ପଠାଇଥିଲେ ସେ ସମ୍ପର୍କରେ ଯାତ୍ରୀଜଣକ କିଛିବି କହି ନ ଥିଲେ। ତେବେ ରାଜଧାନୀର ଜଣେ ଅଳଙ୍କାର ବ୍ୟବସାୟୀଙ୍କ ପାଖକୁ ଏହି ସୁନା ଆସୁଥିଲା ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ଦୁଇବର୍ଷରେ ଚାଲାଣବେଳେ କେବଳ ବିମାନ ବନ୍ଦରରୁ ପ୍ରାୟ ୧୧କେଜି ସୁନା ଜବତ କରାଗଲାଣି। ଏହାସହ ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଧରାପଡିଲେଣି। ଅନ୍ୟପକ୍ଷରେ ଟ୍ରେନ୍‌ରେ ମଧ୍ୟ ସୁନା ଚାଲାଣ ଚାଲିଛି। ଗତ ଅକ୍ଟୋବର ୧୧ରେ ହାୱଡାରୁ ମୁମ୍ବାଇ ଯାଉଥିବା ଜ୍ଞାନେଶ୍ୱରୀ ଏକ୍ସପ୍ରେକ୍ସ (ନଂ.୧୨୧୦୨)ରୁ ୧୨.୯ କେଜିର ସୁନା ଜବତ କରାଯାଇଥିଲା। ୫ କୋଟି ଟଙ୍କା ମୂଲ୍ୟର ଏହି ସୁନାକୁ ସୁଟ୍‌କେସ୍ ଭିତରେ ୧୧୦ ଖଣ୍ଡ ବିସ୍କୁଟ ଆକାରରେ ରଖାଯାଇ ଚାଲାଣ କରାଯାଉଥିଲା। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଥିଲା। ଏହି ର୍‍ୟାକେଟରେ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦଙ୍କ ହାତ ରହିଥିବା ଚର୍ଚ୍ଚା ହୋଇଥିଲା।

## ଅଣୁ ଜଳସେଚନ ସମ୍ପର୍କିତ ଜାତୀୟ ସମ୍ମିଳନୀ

# 'ଜଳସେଚନର ସୁପରିଚାଳନା ଉପରେ କୃଷିମନ୍ତ୍ରୀଙ୍କ ଗୁରୁତ୍ୱ'

**ଭୁବନେଶ୍ୱର,୧୪।୧୧(ବ୍ୟୁରୋ):** କୃଷି ପାଇଁ ଜଳ ଏକ ମୁଖ୍ୟ ଉପାଦାନ। ତେଣୁ ସୀମିତ ଜଳର ସଦୁପଯୋଗ କରି ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ। ବର୍ତ୍ତମାନ ପରିସ୍ଥିତିରେ ଅଣୁ ଜଳସେଚନ ଆବଶ୍ୟକତା ରହିଛି। ତେଣୁ ଏହାର ସୁପରିଚାଳନା କରି ଚାଷୀଙ୍କୁ ସର୍ବାଧିକ ଜଳ ଯୋଗାଇଦେବା ଦରକାର ବୋଲି କୃଷିମନ୍ତ୍ରୀ ଡ. ଅରୁଣ ସାହୁ କହିଛନ୍ତି। ଭୁବନେଶ୍ୱରଠାରେ ଗୁରୁବାର ଆୟୋଜିତ ଅଣୁ ଜଳସେଚନ ସମ୍ପର୍କିତ ଜାତୀୟ ସମ୍ମିଳନୀକୁ ଆନୁଷ୍ଠାନିକ ଉଦ୍‌ଘାଟନ କରି ମନ୍ତ୍ରୀ ଏହା କହିଥିଲେ।

ମନ୍ତ୍ରୀ ଅରୁଣ କହିଥିଲେ ଯେ, ରାଜ୍ୟରେ ଅଣୁ ଜଳସେଚନ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏଥିପାଇଁ ଉନ୍ନତ ଜ୍ଞାନକୌଶଳ ମାଧ୍ୟମରେ ଜଳର ସଦୁପଯୋଗ କରିବାକୁ ପଡ଼ିବ। ଭୂତଳ ଜଳସ୍ତର କ୍ରମଶଃ କମିଯାଉଥିବା ପରିପ୍ରେକ୍ଷୀରେ ପ୍ରାକୃତିକ ଉପାୟରେ ମିଳୁଥିବା ଜଳରାଶିକୁ ଅଣୁ ଜଳସେଚନ ମାଧ୍ୟମରେ ଅଧିକ ଜମିକୁ ଜଳସେଚନ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଫସଲର ବିବିଧକରଣ କରି କମ୍ ଜଳ ଆବଶ୍ୟକ କରୁଥିବା ଫସଲ କରିବା ଉଚିତ। ବର୍ତ୍ତମାନ ସମୟରେ ଅଣୁ ଜଳସେଚନ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ଦିଗରେ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ। ସେହିପରି କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁ ବର୍ଷାର ଅନିୟମିତତା ଦେଖାଦେଇଛି। ତେଣୁ ଉପଲବ୍ଧ ଜଳରାଶିକୁ ଅଣୁ ଜଳସେଚନ ମାଧ୍ୟମରେ ଧାନ, ଆଖୁ ଚାଷ ବ୍ୟତୀତ ଉଦ୍ୟାନ କୃଷି ଅନ୍ତର୍ଗତ ଫଳ, ଫୁଲ, ପନିପରିବା ଆଦି ଅଧିକ ପରିମାଣରେ ଚାଷ କରିବା ଆବଶ୍ୟକ। କୃଷି, ସମବାୟ ଏବଂ କୃଷକ କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ ଅଳକା ଭାର୍ଗବ କହିଥିଲେ ଯେ, କୃଷି କ୍ଷେତ୍ରରେ ଭୂତଳ ଜଳ ସର୍ବାଧିକ ବ୍ୟବହାର ହେଉଥିବାବେଳେ ଅଣୁ ଜଳସେଚନକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ଏହା ଦ୍ୱାରା ଉପଲବ୍ଧ ପ୍ରାକୃତିକ ସମ୍ବଳର ନିରନ୍ତର ଉପଯୋଗ କରିହେବ ବୋଲି ଅଳକା କହିଥିଲେ। ଏହି ସମ୍ମିଳନୀରେ ତାମିଲନାଡୁ, ମହାରାଷ୍ଟ୍ର, ଗୁଜରାଟ, ଉତ୍ତରପ୍ରଦେଶ ଏବଂ ଓଡ଼ିଶା ସରକାରଙ୍କ ପ୍ରତିନିଧିମାନେ ଧାନ, ଆଖୁ, କପା ଚାଷ କ୍ଷେତ୍ରରେ ନିଜ ନିଜ ରାଜ୍ୟରେ ଅଣୁ ଜଳସେଚନ ଯୋଜନାର ଉପଯୋଗିତା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିବାବେଳେ ନାବାର୍ଡ ପକ୍ଷରୁ ଏଥି ନିମନ୍ତେ ଯୋଗାଇ ଦିଆଯାଇଥିବା ଆର୍ଥିକ ସହାୟତା ନେଇ ଆଲୋଚନା କରାଯାଇଥିଲା।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }


यूनियन बैंक ऑफ इंडिया Union Bank of India

**TENDER NOTICE**

Union Bank of India invites sealed tenders for **Garden Maintenance work at Staff Training Centre, Bhubaneswar.** Further details are available in Bank's Website: **www.unionbankofindia.co.in** and in govt portal: **www.eprocure.gov.in.** Last date for submission of bids in prescribed form is **06-12-2019.**
The Bank reserve the right to reject any or all tenders received without assigning any reason whatsoever.

Place- Bhubaneswar
Date-15-11-2019

Chief Manager, Union Bank of India,
Staff training Centre, 16-A, Jagamara,
Bhubaneswar-751030, Odisha, Phone-0674-2353109/110



# ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି, ଜିଲ୍ଲା- ସୁବର୍ଣ୍ଣପୁର

ଏତଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଉପ-ଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ଖରିଫ (୨୦୧୯-୨୦) ବର୍ଷ ପାଇଁ ସରକାର ନିମ୍ନମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରିତ କରିଛନ୍ତି। ତେଣୁ ଚାଷୀଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ନିୟନ୍ତ୍ରିତ ବଜାର କମିଟିର ପ୍ରାଙ୍ଗଣ ଏବଂ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (WSHG)ମାନଙ୍କରେ ଆସନ୍ତା ତା୧୫।୧୧।୨୦୧୯ଠାରୁ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ।

ଚାଷୀଭାଇମାନଙ୍କୁ ଅନୁରୋଧ ଧାନକୁ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡ଼ି ଇତ୍ୟାଦିକୁ ଭଲ ଭାବରେ ସଫା କରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ, ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ, ବିଷମୁକ୍ତ ହୋଇଥିବ।

**ଧାନର ଗୁଣାତ୍ମକ ମାନ**

| କ୍ର.ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁମାନର ଧାନ ପାଇଁ ସର୍ବୋଚ୍ଚ ସୀମା (ଶତକଡ଼ା) |
|---|---|---|
| ୧ | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦୦% |
| ୨ | କାଠି, କୁଟା, ଧୂଷ, ଅଗାଡ଼ି ବା ପୋକ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦୦% |
| ୩ | ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକ ଇତ୍ୟାଦି | ୫.୦୦% |
| ୪ | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା, ସଙ୍କୁଚିତ ଇତ୍ୟାଦି | ୩.୦୦% |
| ୫ | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ଼ ଏ ଧାନ ନିମନ୍ତେ) | ୬.୦୦% |
| ୬ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦୦% |

**ବର୍ଗ ଅନୁଯାୟୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସହାୟକ ମୂଲ୍ୟ ନିମ୍ନରେ ଦିଆଗଲା**

| କ୍ର.ନଂ. | ଧାନର ମାନ | ସରକାରୀ ଧାର୍ଯ୍ୟ ଦର (କ୍ୱିଣ୍ଟାଲ ପ୍ରତି) | ବସ୍ତା ପ୍ରତି (୭୫.୦୦) କେ.ଜି. | ବିକ୍ରି ବଳକା ଧାନ ଖରିଫ ବର୍ଷ ପାଇଁ (୨୦୧୯-୨୦) |
|---|---|---|---|---|
| ୧ | ଗ୍ରେଡ଼ ''ଏ'' | ଟ.୧୮୩୫.୦୦ | ୧୩୭୬.୨୫ | ଜଳ ସେଚିତ ପାଇଁ ଏକର ପ୍ରତି ୧୯.୦୦ କ୍ୱିଣ୍ଟାଲ ଏବଂ ଅଣଜଳସେଚିତ ପାଇଁ ଏକର ପ୍ରତି ୧୩.୦୦ କ୍ୱିଣ୍ଟାଲ ଧାର୍ଯ୍ୟ କରାଯାଇଅଛି। |
| ୨ | ସାଧାରଣ ଧାନ (ଏଫ୍.ଏ.କ୍ୟୁ) | ଟ.୧୮୧୫.୦୦ | ୧୩୬୧.୨୫ | |

ସୋନପୁର ଉପଖଣ୍ଡର ପ୍ରତ୍ୟେକ ସେବା ସମବାୟ ସମିତି, ତଥା ନିୟନ୍ତ୍ରିତ ବଜାର କମିଟି ଡୁଙ୍ଗୁରିପାଲି, ବିନିକା, ପଣ୍ଡକିଟାଲ, ସାରସମାଲ ବଜାର ପ୍ରାଙ୍ଗଣମାନଙ୍କରେ ଧାନ କ୍ରୟ କରାଯାଉଅଛି। ଚଳିତ ବର୍ଷ ଧାନକ୍ରୟ ପାଇଁ ପଞ୍ଜୀକୃତ ହୋଇଥିବା ଚାଷୀମାନଙ୍କର ମୋବାଇଲ ନମ୍ବରକୁ (SMS) ଜରିଆରେ ଅନ୍ୟୁନ ୧୫ଦିନ ପୂର୍ବରୁ ଚାଷୀମାନଙ୍କୁ ସେମାନଙ୍କର ବିକ୍ରି ଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବା ପାଇଁ ବାର୍ତ୍ତା (ଅଗ୍ରିମ ଟୋକନ) ପ୍ରେରଣ କରାଯିବ। ଅଗ୍ରିମ ଟୋକନ କ୍ରୟକାରୀ ସମବାୟ ସମିତି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ ହେବ।

ଚାଷୀଭାଇ ଓ ଭଉଣୀମାନେ ସେମାନେ ନିଜର ନାମ ପଞ୍ଜୀକରଣ ସମୟରେ ଦେଇଥିବା ଆଧାର ପରିଚୟ ପତ୍ର ସାଙ୍ଗରେ ନେଇ ମଣ୍ଡିକୁ ଧାନ ଆଣିବା ପାଇଁ ଅନୁରୋଧ ଏବଂ ବିନା ଟୋକନରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଅନୁରୋଧ।

ପ୍ରକାଶଥାଉକି, ଚାଷୀ ଧାନ ବିକ୍ରୟ କଲା ସମୟରେ ଯେ କୌଣସି ପରିଚୟ ପତ୍ର ଯଥା- ଆଧାରକାର୍ଡ଼, ବିଜୁକୃଷକ କଲ୍ୟାଣ ଯୋଜନା କାର୍ଡ଼, ଭୋଟର ପରିଚୟ ପତ୍ର ଇତ୍ୟାଦି ଆଣିବାକୁ ହେବ।

**''ଚାଷୀ ହସିଲେ ଦୁନିଆ ହସିବ''**

**ସମ୍ପାଦକ**
**ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି**

**ଜିଲ୍ଲାପାଳ, ସୁବର୍ଣ୍ଣପୁର ତଥା ଅଧ୍ୟକ୍ଷ**
**ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି**


## ଆଜି କ'ଣ କେଉଁଠି

**ସୁବର୍ଣ୍ଣପୁର**

- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ, ଚାରଭଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପୂର୍ବାହ୍ନ ସାଢେ ୧୦ଟା।

**ସିନାପାଲି**

- ଏନଏସି ଦାବିନେଇ ୧୨ଘଣ୍ଟିଆ ବନ୍ଦ, ସିନାପାଲି ସହରାଞ୍ଚଳ, ସକାଳ ୬ରୁ ସନ୍ଧ୍ୟା ୬ଟା।

**ସୁନ୍ଦରଗଡ**

- ବୀର୍ସାମୁଣ୍ଡା ଜୟନ୍ତୀ ଏବଂ କ୍ରୀଡା ଓ ଆଦିବାସୀ ସାଂସ୍କୃତିକ ଦଳମାନଙ୍କୁ ନେଇ ପାରମ୍ପରିକ ସାମଗ୍ରୀ ବଣ୍ଟନ ସମାରୋହ, ନାରୀ କଲ୍ୟାଣ କେନ୍ଦ୍ର ପଡିଆ. ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଯୁବ ମହୋତ୍ସବ, ଭବାନୀପୁର କ୍ରୀଡା ପ୍ରାଙ୍ଗଣ, ପୂର୍ବାହ୍ନ ୧୦ଟା।

**ବୌଦ୍ଧ**

- ଶିଶୁ ସୁରକ୍ଷା କର୍ମଶାଳା, ଏଲକେବିକେ ସମ୍ମିଳନୀ କକ୍ଷ ସରସରା, ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗୀଫୁଲ, ସରକାରୀ ଉଚ୍ଚ ବିଦ୍ୟାଳୟ ମେଣ୍ଡିମାଳ, ପୂର୍ବାହ୍ନ ୯ଟା।

**ନୂଆପଡ଼ା**

- ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ନୂଆପଡା ଥାନା ପରିସର, ପୂର୍ବାହ୍ନ ୧୦ଟା।

**ବଲାଙ୍ଗୀର**

- ସିଏନ୍‌ସି କଲେଜ ପକ୍ଷରୁ ଫୁଡ୍ ଫେଷ୍ଟିଭାଲ, କଲେଜ ସମ୍ମୁଖ, ଅପରାହ୍ନ ୪ଟା।
- ବଲାଙ୍ଗୀର ଲୋକଉତ୍ସବ ପ୍ରସ୍ତୁତି ବୈଠକ, ଡିଆରଡିଏ ସମ୍ମିଳନୀ କକ୍ଷ, ଅପରାହ୍ନ ୪ଟା।

**ସମ୍ବଲପୁର**

- ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଅଇଁଠାପାଲି ବିର୍ସାମୁଣ୍ଡା ଛକ, ସକାଳ ୮ଟା।
- ଚାଷୀ ସଂଗଠନର ୨୪ ଘଣ୍ଟିଆ ରିଲେ ଅନଶନ, ଜିଲାପାଳଙ୍କ ଅଫିସ ନିକଟସ୍ଥ ରାସ୍ତା, ପୂର୍ବାହ୍ନ ସାଢ଼େ ୧୦ଟା।
- ଜାତୀୟ ପଲ୍ଲିଶ୍ରୀ ମେଳା ପ୍ରସ୍ତୁତି ବୈଠକ, ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ବିର୍ସାମୁଣ୍ଡା ବିକାଶ ସଂଘର ଶୋଭାଯାତ୍ରା, ଦେହେରିପାଲିରୁ ଅଇଁଠାପାଲି, ପୂର୍ବାହ୍ନ ସାଢ଼େ ୧୧ଟା।
- କଖଗ ଆୟୋଜିତ ନାଟ୍ୟୋତ୍ସବ-୨୦୧୯, ଝାଡୁଆପଡ଼ା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ସାଢ଼େ ୬ଟା।


# ADVERTISEMENT

The General Public is hereby informed that as per Notification No 2/2019 – Compensation Cess (Rate), Notification No. 14/ 2019 – Integrated Tax (Rate), and Notification No. 14/ 2019 - Central Tax (Rate), dated 30th September, 2019 issued by Department of Revenue, Ministry of Finance, and corresponding State GST notifications, the GST rates for "Caffeinated Beverages" have been revised from the existing 18% to 28% plus 12% compensation cess effective from 1st October, 2019.

In view of these notifications, effective from 1st October, 2019 Red Bull Energy Drink and its other variants will be subject to the revised GST rates and compensation cess, which will result in an increase in the price of the products. The revised Maximum Retail Prices ("MRP") of the products are indicated in the table below.

| Product | Unit | Net quantity per can | Old MRP per unit (INR) | New MRP per unit (INR) |
|---|---|---|---|---|
| Red Bull Energy Drink 250ml | Can | 250ml | 99 | 115 |
| Red Bull Sugarfree 250ml | Can | 250ml | 99 | 115 |
| Red Bull Festival Edition | Can | 250ml | 99 | 115 |
| Red Bull Energy Drink 330ml | Can | 330ml | 140 | 160 |
| Red Bull Energy Drink 350ml Value Pack | Can | 350ml | 125 | 145 |
| Red Bull Energy Drink 250ml 4-pack | Multi-pack | 250ml | 370 | 435 |
| Red Bull Energy Drink 250ml 6-pack | Multi-pack | 250ml | 540 | 640 |

This advertisement is being issued in compliance with the Legal Metrology Act, 2009 and Legal Metrology (Packaged Commodities) Rules, 2011.

Any consumer feedback or complaints may be directed to customercare.india@redbull.com or +912266180888.

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୫ ନଭେମ୍ବର, ୨୦୧୯



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



**ସଂକ୍ଷେପରେ**

## ଶିଶୁ ଦିବସ ପାଳିତ

ଜମନକିରା,୧୪।୧୧(ଡି.ଏନ୍.ଏ.): ସମ୍ବଲପୁର ଜିଲା ଜମନକିରା ବ୍ଲକ ଭୋଜପୁର ବିଛାଲାଲ ରାମଚନ୍ଦ୍ର ଗୁପ୍ତା ଉନ୍ନୀତ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ଅଧ୍ୟକ୍ଷ ପ୍ରତାପ କୁମାର ମହାକୁଳ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ତପନ ଜୟପୁରୀଆ ସଭା କାର୍ଯ୍ୟ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ଦେବେନ୍ଦ୍ର ନାଥ ନାଏକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀତ୍ୱ ହାସଲ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଅନିତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ନୂଆଁମୁଣ୍ଡା ବିଜୟୀ

ପଡିଆବାହାଲ,୧୪।୧୧ (ଡି.ଏନ.ଏ.)

ଝୁମୁମୁରା ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତର ଝରଝରି ଖେଳପଡ଼ିଆରେ ଚାଲିଥିବା ଦୁଇ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ରାଣୀବନ୍ଧ ସମ୍ବଲପୁର ରଏଲ୍‌ଷ୍ଟାର ଦଳ ଏବଂ ନୂଆଁମୁଣ୍ଡା ଆର୍‌କେ ୧୧ ଦଳ ମଧ୍ୟରେ ହୋଇଥିଲା। ଏଥିରେ ରାଣୀବନ୍ଧ ରଏଲଷ୍ଟାର ଦଳକୁ ୪-୨ ଗୋଲରେ ହରାଇ ନୂଆଁମୁଣ୍ଡା ଦଳ ବିଜୟୀ ହୋଇଛି। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଦୀପକ ଓରାମ ଏବଂ ଶ୍ରେଷ୍ଠ ଗୋଲକିପର ରିଙ୍କୁ ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଇଥିଲେ। ଜୟରାମ ଧର, ନନ୍ଦକିଶୋର ନାଏକ, ବରୁଣ ନାଏକ, ନରେନ କୁମାର ସାହୁ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ। ଡଙ୍ଗରପଡ଼ା ସରପଞ୍ଚ ଶକୁନ୍ତଳା ବଡ଼େଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲାପରିଷଦ ସଦସ୍ୟ ବିଭୀଷଣ ପଧାନ ମୁଖ୍ୟଅତିଥି, ଡା. ରାଜାରାମ ଷଡଙ୍ଗୀ ମୁଖ୍ୟବକ୍ତା, ସମିତି ସଭ୍ୟ ଅନିତା ମିର୍ଦ୍ଧା, ୱାର୍ଡ ମେମ୍ବର ଅହଲ୍ୟା ମିର୍ଦ୍ଧା, ସରୋଜ ବଡ଼େଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ। ସଂଘ ସଭାପତି ମନଜିତ୍ ଠେଲା ସଭାରେ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ଉମାକାନ୍ତ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପେ ବଣିଜ ପୁତ୍ରେ ଚାଷ;**
**ଗୋତି କରେ ସର୍ବନାଶ।**

ବେପାର ବଣିଜରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଲୋଡ଼ା, ବ୍ୟବସାୟର ଦାୟିତ୍ୱ ନିଜେ ନ ନେଲେ କ୍ଷତିର ସମ୍ଭାବନା ରହିଥାଏ। ଚାଷରୁ ଭଲ ଅମଳ ପାଇବାକୁ ହେଲେ ମାଟି ସହ ମାଟି ହେବାକୁ ପଡ଼ିଥାଏ। ପରଲୋକ ନେଇ ଚାଷ କଲେ ଚାଷରେ ବିଶେଷ ଲାଭ ମିଳି ନ ଥାଏ। ସେହିପରି ପର ଘରେ ଯାଇ ଗୋତି ଖଟିବା ସବୁଠାରୁ ବଡ଼ ହୀନିମାନିଆ ଜୀବନ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆମ୍ଭ କୋଇଲି,**
**ମୋ ଧନକୁ ଖଟୁଛନ୍ତି ଯୋଡ଼ା ପୋଇଲୀ।**

କିଛି ବ୍ୟକ୍ତି ନିଜର ଥିଲାପଣିଆ ଦେଖେଇ ହୁଅନ୍ତି। ଯୋଡ଼ା ଯୋଡ଼ା ପୋଇଲୀ ବା ଚାକର ବାକର ଅଛନ୍ତି ଖଟୁଛନ୍ତି ମୋର ଆଉ ଚିନ୍ତା କ'ଣ, ଖାଲି ଗୋଡ଼ ଉପରେ ଗୋଡ଼ ପକେଇ ବସିରହିବା ନେଇ ଗର୍ବ କରି କଥା କହିଥାନ୍ତି। ଅନ୍ୟ ଆଗରେ ନିଜର ଚଳଣି, ଥାଟବାଟ ଜାହିର କରିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



କୁଚିଣ୍ଡାସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଶିଶୁ ଦିବସ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

## ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଶିଶୁ ଦିବସ ପାଳିତ

କୁଚିଣ୍ଡା,୧୪।୧୧(ଡି.ଏନ୍.ଏ.): କୁଚିଣ୍ଡାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ଗୁରୁବାର ଶିଶୁଦିବସ ପାଳିତ ହୋଇଯାଇଛି। ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ ମନୋଜ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପରିଚାଳନା କମିଟି ସଭାପତି ଅଶୋକ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କହ୍ଲେଇପାଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଡିଲେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ନାୟକ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାର ସଦ୍‌ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ଅଧକ୍ଷ ଅଶୋକ କୁମାର ନାୟକ, ଖବରଦାତା ଗଜେନ୍ଦ୍ର ଭୋଇ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ବିଜୟ କୁମାର ଭୋଲଙ୍କ ସହ ସମସ୍ତ ଗୁରୁମା, ଗୁରୁଜୀଙ୍କ ସହ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଧାନକିଣାରେ ଟୋକନ ବ୍ୟବସ୍ଥାକୁ ଚାଷୀଙ୍କ ବିରୋଧ

ପଡ଼ିଆବାହାଲ,୧୪।୧୧ (ଡି.ଏନ.ଏ.)

ଧାନ ବିକ୍ରି ନେଇ ହୋଇଥିବା ଟୋକନ ବ୍ୟବସ୍ଥାକୁ ସମ୍ବଲପୁର ଜିଲା ପଡିଆବାହାଲ ଅଞ୍ଚଳର ଚାଷୀମାନେ ବିରୋଧ କରିଛନ୍ତି। ଏହି ଅବସରରେ ଜୟଦୁର୍ଗା କୃଷକ କ୍ଲବ ଖଲିଆପାଲି ପକ୍ଷରୁ ଗୁରୁବାର ଏକ ବୈଠକ ହୋଇଥିଲା। ବୈଠକରେ ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଏଥିରେ ପ୍ରମୋଦ ମିଶ୍ର, ବିଦ୍ୟାଧର ମିଶ୍ର, ଶିବ ମେହେର, ଲିଙ୍ଗରାଜ ପଧାନ, ଲିଙ୍ଗରାଜ ନାଏକ, ସୁବ୍ରତ ପଧାନ, ନନ୍ଦିକେଶ ସାହୁ, ସୁଧୀର ବିଶ୍ୱାଳ, ଗୋଲାମଣି ବେସନ, ଉଦ୍ଧବ ସାହୁଙ୍କ ସହ ଅଞ୍ଚଳର ବହୁ ଚାଷୀ ଯୋଗଦେଇ ଟୋକନ ବ୍ୟବସ୍ଥାକୁ ବିରୋଧ କରିଥିଲେ। ମଣ୍ଡିରେ ଚାଷୀଙ୍କ କୌଣସି ଅସୁବିଧା ହେଲେ ଚାଷୀ ସମୂହ ନିଜ ଧାନ ଗାଡି ସହ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରତିବାଦ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।



ବୈଠକରେ ଯୋଗଦେଇଥିବା ଚାଷୀମାନେ।

## ଯୁବତୀଙ୍କୁ ବଳାତ୍କାର: ଯୁବକ ଗିରଫ

ସମ୍ବଲପୁର,୧୪।୧୧(ବ୍ୟୁରୋ)

ଜଣେ ବିଦ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବଡପଡ଼ାର ରାଜୁ ମୁଣ୍ଡା(୪୦)। ପୋଲିସ ଗିରଫ ଯୁବକଙ୍କୁ ଡାକ୍ତରୀମାଇନା ପରେ କୋର୍ଟ ଚାଲାଣ କରିଛି। ଅଭିଯୋଗ ମୁତାବକ, ସେପ୍ଟେମ୍ବର ୨୨ ତାରିଖରେ ଯୁବତୀ ଜଣକ ଘରେ ଏକୁଟିଆ ରହିଥିଲେ। ଏହାର ସୁଯୋଗ ନେଇ ରାଜୁ ଘରେ ପଶି ଯୁବତୀଙ୍କୁ ବଳାତ୍କାର କରିଥିଲେ। ଏନେଇ ଯୁବତୀ ଜଣକ ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ପରିବାର ଲୋକେ ଅଇଁଠାପାଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ହେଲେ ସେହିଦିନଠାରୁ ରାଜୁ ଫେରାର ହୋଇଯାଇଥିଲେ।

## ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ ପାଳିତ

ହୀରାକୁଦ,୧୪।୧୧(ଡି.ଏନ.ଏ.)

ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମାତୃଭାରତୀର ଅଧକ୍ଷା ସେଫାଳୀ ସେଠୀ ଯୋଗଦେଇ ଶିଶୁ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ସଭାପତି ଅବନୀ ବଲ୍ଲଭ ଆଚାର୍ଯ୍ୟ ନେହେରୁଙ୍କ ଜୀବନୀ ଉପରେ କହିବା ସହ ତାଙ୍କ ପ୍ରେରଣା ନେଇ ଶିଶୁମାନଙ୍କୁ ଆଗେଇ ଯିବାକୁ ପରାମର୍ଶ ଦେଇଥିଲେ। ଏଥିରେ ବିଦ୍ୟାଳୟ କୋଷାଧକ୍ଷ ଈଶ୍ୱର ଚନ୍ଦ୍ର ବାରିକ, ମାତୃ ମଣ୍ଡଳୀର ମନ୍ତ୍ରୀ ପୁଷ୍ପାଞ୍ଜଳି ସାହୁ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁଜୀ ବୀରେନ୍ଦ୍ର କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଜୀ ରାଜେନ୍ଦ୍ର ମଟାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଂଗୀତା ଚୌଧୁରୀ, ନିବେଦିତା ମହନ୍ତ, ପ୍ରିୟରଞ୍ଜନ ଧଳଙ୍କ ସହ ଅନ୍ୟ ଗୁରୁମା, ଗୁରୁଜୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ଶିଶୁ ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

■ ଜିଲାସ୍ତରୀୟ ଶିଶୁ ଦିବସ

## ପାଠ ପଢ଼ିବାରେ ମନ ଦେବାକୁ କହିଲେ ଜିଲାପାଳ

ସମ୍ବଲପୁର,୧୪।୧୧(ବ୍ୟୁରୋ)

ସମ୍ବଲପୁର ଧନକଉଡ଼ାସ୍ଥିତ ବାଳାଶ୍ରମର ଜିଲାସ୍ତରୀୟ ଶିଶୁ ଦିବସ ପାଳିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଶୁଭମ ସକ୍‌ସେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲାପାଳ କୁନିକୁନି ପିଲାମାନଙ୍କ ସହିତ ଆଲୋଚନା କରି ଖେଳକୁଦ ସହିତ ପାଠପଢାରେ ମନ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସିଏମ୍‌ଆର୍‌ଏଫ୍ ପାଣ୍ଠିରୁ ବାଳାଶ୍ରମକୁ କମ୍ପ୍ୟୁଟର, ଏଲ୍‌ଇଡି ଟିଭି, ମ୍ୟୁଜିକ ସିଷ୍ଟମ, ଇନ୍‌ଭେଟର, ଚଉକି ଟେବୁଲ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ଡବ୍ଲ୍ୟୁ ଗୀତାଞ୍ଜଳି ମହାପାତ୍ର, ଡିସିପିଓ ଶୁଚସ୍ମିତା ପଟ୍ଟନାୟକଙ୍କ ସମେତ ଶିଶୁ ସୁରକ୍ଷା ବିଭାଗର କର୍ମଚାରୀ ଉପସ୍ଥିତ ରହିଥିଲେ।




ସମ୍ବଲପୁର ଜିଲାସ୍ତରୀୟ ଶିଶୁ ଦିବସ ପାଳନ ଅବସରରେ ପିଲାମାନଙ୍କ ସହ ଜିଲାପାଳ ଶୁଭମ୍ ସକସେନା ଆଲୋଚନା କରୁଛନ୍ତି।

**ଫଟୋରେ ଖବର**



ଗୁରୁବାର ସମ୍ବଲପୁର ଧନୁପାଲି ବ୍ରାଇଟ ଫ୍ୟୁଚର୍ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରମାନେ କୌତୁକ ବେଶରେ ସଜ୍ଜିତ ହୋଇ ଅତିଥିଙ୍କ ସହ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି। ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା ୬୦ ହଜାର + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7838639856
8826558929

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରସଙ୍ଗ ଏକ, ବିରୋଧୀ ଦୁଇଫାଳ

## ■ ସିବିଆଇ ତଦନ୍ତ ଦାବି ନେଇ ଭାଜପା ସଦସ୍ୟଙ୍କ ହଟ୍ଟଗୋଳ, ■ ଗୃହ ମୁଲତବୀ

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ଇସ୍ୟୁ ଗୋଟିଏ। ମାତ୍ର ବିରୋଧୀ ଦୁଇଫାଳ। ଗତ ଅଧିବେଶନ ଭଳି ଚଳିତ ଅଧିବେଶନରେ ମଧ୍ୟ ମୁଖ୍ୟ ବିରୋଧୀ ଭାଜପା ଓ କଂଗ୍ରେସ ପୃଥକ୍ ଢଙ୍ଗରେ ସରକାରଙ୍କୁ ବିରୋଧ କରୁଛନ୍ତି। କଂଗ୍ରେସ ଆଲୋଚନା କରିବାକୁ ଚାହିଁବା ବେଳେ ଭାଜପା ହଟ୍ଟଗୋଳରେ ମାତିଯାଉଛି। ଦୁଇ ବିରୋଧୀଙ୍କ ମଧ୍ୟରେ ତାଳମେଳ ନାହିଁ। ବିଷୟବସ୍ତୁ ସମାନ ହୋଇଥିଲେ ମଧ୍ୟ ଏକତା ଅଭାବରୁ ବିରୋଧୀ ସରକାରଙ୍କଠାରୁ କୈଫିୟତ ତଲବ କରିବାରେ ବିଫଳ ହେଉଛନ୍ତି। କଙ୍କଡ଼ାକୁ ଗୋଳି ପାଣି ସୁହାଇବା ଭଳି ସରକାରଙ୍କୁ ମଧ୍ୟ ଏହା ବେଶ୍ ସୁହାଇଛି। ଚଳିତ ବିଧାନସଭା ଅଧିବେଶନ ଆରମ୍ଭରୁ ଗୃହରେ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଅଧିବେଶନର ପ୍ରଥମ ଦିବସରେ ଉଭୟ କଂଗ୍ରେସ ଓ ଭାଜପା ପୃଥକ୍ ମୁଲତବୀ ପ୍ରସ୍ତାବ ଦେଇଥିଲେ। କଂଗ୍ରେସ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସ୍ମିତାରାଣୀଙ୍କ ରହସ୍ୟଜନକ ମୃତ୍ୟୁ ଏବଂ ଭାଜପା ନାରୀ ସୁରକ୍ଷାକୁ ନେଇ ମୁଲତବୀ ପ୍ରସ୍ତାବ ଦେଇଥିଲେ। କିନ୍ତୁ ବାଚସ୍ପତି ଏହାକୁ ଗ୍ରହଣ ନ କରିବାରୁ ଉଭୟ ଦଳ ବିଧାନସଭାରେ ହଟ୍ଟଗୋଳ କରି ଗୃହକୁ ଅଚଳ କରି ଦେଇଥିଲେ। ସର୍ବଦଳୀୟ ବୈଠକରେ ଭାଜପା ନିଜର ମୁଲତବୀ ପ୍ରସ୍ତାବରୁ ଓହରିଯାଇ ନାରୀ ସୁରକ୍ଷା ନେଇ ଏକ ମୋଶନ ଆଣିବାକୁ ଦାବି କରିଛି। ଅନ୍ୟପକ୍ଷରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କଂଗ୍ରେସର ମୁଲତବୀକୁ ଗ୍ରହଣ କରି ଆଲୋଚନା ପାଇଁ ରାଜି ହୋଇଥିବା ବେଳେ ମୋଶନ ବିଷୟରେ ନିଷ୍ପତ୍ତି ଶୁଣାଇ ନ ଥିଲେ। କଂଗ୍ରେସ ଆଣିଥିବା ମୁଲତବୀ ପ୍ରସ୍ତାବରେ ଭାଜପା ସହମତ ହୋଇ ନ ଥିଲା। ଗୁରୁବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଓ ଭାଜପା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବାତିଲ କରି ନାରୀ ସୁରକ୍ଷା ସମ୍ପର୍କରେ ଆଲୋଚନା କରିବାକୁ ଦାବି କରିଥିଲେ। ବାଚସ୍ପତି ନ ଶୁଣିବାରୁ ଉଭୟ ଦଳର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହୋହଲ୍ଲା କରିଥିଲେ। ଫଳରେ ଗୃହରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଗୃହକୁ ଦୁଇଥର ମୁଲତବୀ ଘୋଷଣା କରାଯାଇଥିଲା।

ବାଚସ୍ପତି ପୂର୍ବାହ୍ନ ୧୦ଟା ୩ ମିନିଟ୍‌ରେ ଗୃହକୁ ୧୨ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ମଧ୍ୟାହ୍ନ ୧୨ଟାରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ଭାଜପା ସଦସ୍ୟମାନେ ସିବିଆଇ ତଦନ୍ତ ଦାବିକରି ଗୃହର ମଧ୍ୟଭାଗକୁ ଆସି ବ୍ୟାନର ଦେଖାଇ ହୋହଲ୍ଲା କରିଥିଲେ। ଏପରି କି ଭାଜପା ସଦସ୍ୟ ବାଚସ୍ପତିଙ୍କ ପୋଡିୟମ ଉପରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ହଟ୍ଟଗୋଳ ମଧ୍ୟରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଜେଡି ବିଧାୟକ ପ୍ରତାପ କେଶରୀ ଦେବ, ଅମର ଶତପଥୀ, ଶଶିଭୂଷଣ ବେହେରା ପ୍ରମୁଖ ଭାଜପାର ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଥିଲେ। ଆଲୋଚନାକୁ ନ ଆସି ଭାଜପା ସଦସ୍ୟମାନେ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବାକୁ ଏଭଳି କରୁଛନ୍ତି। ବାସ୍ତବ ଇସ୍ୟୁକୁ ନେଇ ଆଲୋଚନା ନ କରିବା ପଛରେ କି ରହସ୍ୟ ବୋଲି ବିଜେଡି ସଦସ୍ୟମାନେ ପ୍ରଶ୍ନ କରିଥିଲେ। ବାଚସ୍ପତି ଭାଜପା ସଦସ୍ୟମାନଙ୍କୁ ସିଟ୍‌ରେ ବସିବାକୁ ଯେତେ ଅନୁରୋଧ କରିଥିଲେ ମଧ୍ୟ ସେମାନେ ହଟ୍ଟଗୋଳରୁ ହଟି ନ ଥିଲେ। ଭାଜପା ସଦସ୍ୟ କୁସୁମ ଟେଟେ ଏବଂ ଅନ୍ୟ ସଦସ୍ୟମାନେ ସୁରକ୍ଷାକର୍ମୀଙ୍କୁ ଠେଲି ବାଚସ୍ପତିଙ୍କ ପୋଡିୟମ ଉପରକୁ ଯିବାକୁ ଚେଷ୍ଟା କରିଥିଲେ। ବାଚସ୍ପତି ବାଧ୍ୟହୋଇ ଗୃହକୁ ୧୨ଟା ୯ ମିନିଟରୁ ୧୨ଟା ୩୯ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୨ଟା ୩୯ରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ଭାଜପା ସଦସ୍ୟମାନେ ପୁଣି ସିବିଆଇ ତଦନ୍ତ ଦାବିକରି ଗୃହରେ ହଟ୍ଟଗୋଳ ଓ ନାରାବାଜି କରିଥିଲେ। ମୁଲତବୀ ଆଲୋଚନାରେ ଅଂଶଗ୍ରହଣ କରିବାକୁ ବାଚସ୍ପତି ପୁଣି ଅନୁରୋଧ କରିଥିଲେ। ମାତ୍ର ଭାଜପା ସଦସ୍ୟ ସିବିଆଇ ତଦନ୍ତ ଆମର ଦାବି... ଆମର ଦାବି... ସ୍ଲୋଗାନ ଦେଇ ହୋ ହଲ୍ଲା କରିଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି କଂଗ୍ରେସ ଦଳ ପକ୍ଷରୁ ଦିଆଯାଇଥିବା ମୁଲତବୀର ଆଲୋଚନା ଆରମ୍ଭ କରିଥିଲେ। ମୁଲତବୀ ଆଲୋଚନା ଶେଷ ହେବା ଯାଏ ଭାଜପା ସଦସ୍ୟ ଗୃହରେ ହଟ୍ଟଗୋଳ ଜାରି ରଖିଥିଲେ।


୨୦୧୨ ବ୍ୟାଚ୍‌ର ୩ ହଜାର ଅଣ ଓଟିଇଟି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟମିତ କରିବା ଦାବିରେ ପିଏମ୍‌ଜିଠାରେ ଅଭିନବ ପ୍ରତିବାଦ।

# ୨୦୧୮-୧୯ ଆର୍ଥିକବର୍ଷରେ ଖର୍ଚ୍ଚ ହୋଇପାରିନି ଏମ୍‌ଏଲ୍‌ଏ ପାଣ୍ଠି

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

**ବିଧାନସଭା ପ୍ରଶ୍ନୋତ୍ତର**



ବିଧାୟକମାନଙ୍କ ପାଣ୍ଠି ବୃଦ୍ଧି କରିବା ନେଇ ରାଜ୍ୟ ସରକାର କୌଣସି ଚିନ୍ତା କରି ନାହାନ୍ତି। ଏନେଇ କିଛି ନିଷ୍ପତ୍ତି ନିଆଯାଇନାହିଁ। ବାରମ୍ବାର ବିଧାୟକମାନେ ସେମାନଙ୍କ ପାଣ୍ଠି ବୃଦ୍ଧି ପାଇଁ କହିଆସୁଥିଲେ ମଧ୍ୟ ଏନେଇ କିଛି ନିଷ୍ପତ୍ତି ହୋଇ ନ ଥିବା ଜଣାପଡିଛି। ଅନ୍ୟପଟେ ଗତ ଆର୍ଥିକ ବର୍ଷ ୨୦୧୮-୧୯ରେ ଯେତିକି ବିଧାୟକ ପାଣ୍ଠି ଏବଂ ସ୍ପେଶାଲ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ(ଏସ୍‌ଡିପ) ପାଇଁ ପାଣ୍ଠିର ବ୍ୟୟ ବରାଦ ହୋଇଥିଲା ତାହା ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇପାରି ନ ଥିବା ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ବିଧାନସଭା ସଦସ୍ୟ ମନୋହର ରନ୍ଧାରୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ବେହେରା କହିଛନ୍ତି, ଗତ ଆର୍ଥିକ ବର୍ଷ ୨୦୧୮-୧୯ରେ ଏମ୍‌ଏଲ୍‌ଏ ଲାଡ୍ ପାଇଁ ୧୪୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ମାତ୍ର ସେଥିରୁ ୫୬.୫୨କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ୭୩.୫୦କୋଟି ଟଙ୍କା ପଡିରହିଛି। ସେହିପରି ଏସ୍‌ଡିପି ପାଇଁ ୨୦୧୮-୧୯ ଆର୍ଥିକ ବର୍ଷରେ ୭୩.୫୦କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ସେଥିରୁ ଗତ ଆର୍ଥିକ ବର୍ଷରେ ମାତ୍ର ୨୯.୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇପାରିଛି। ଏସ୍‌ଡିପି ପାଇଁ ବ୍ୟୟବରାଦ ଅନୁଦାନରୁ ମଧ୍ୟ ୪୪କୋଟି ଟଙ୍କା ଖର୍ଚ୍ଚ ହୋଇପାରି ନ ଥିବା ଜଣାପଡିଛି।

# ଚେକ୍‌ଡ୍ୟାମ୍ ଅଚଳ, ୩୩୨୮ ହେକ୍ଟର ଜମିରେ ଜଳସେଚନ ପ୍ରଭାବିତ

## ୧୩୪୦ ଯନ୍ତ୍ରୀ ପଦବୀ ଖାଲି

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ରାଜ୍ୟରେ ସମୁଦାୟ ୧୩,୪୯୬ ଆଡ଼ିବନ୍ଧ ନିର୍ମାଣ କରାଯାଇଛି। ଏଥିପାଇଁ ୩,୨୦,୯୦୪.୮୭ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏହା ଦ୍ୱାରା ୧,୩୮, ୫୧୦ ହେକ୍ଟର ସେଚାଞ୍ଚଳ ସୃଷ୍ଟି ହୋଇଥିବା ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି। ସେହିପରି ନିର୍ମାଣ ହୋଇଥିବା ଚେକ୍‌ଡ୍ୟାମ୍ ପକ୍ଷରୁ ୨୬୬ଟି ଅଚଳ ହୋଇଛି, ଏହି ଡ୍ୟାମ୍‌ରେ ପାଣି ରହୁନାହିଁ। ଏହା ଦ୍ୱାରା ୩୩୨୮ ହେକ୍ଟର ଚାଷଜମିରେ ଜଳସେଚନ ବାଧାପ୍ରାପ୍ତ ହୋଇଛି। ଭାଜପା ବିଧାୟକ ମୋହନ ମାଝିଙ୍କ ଅଣତାରକା ପ୍ରଶ୍ନ ନଂ.୨୧୧ର ଉତ୍ତର ରଖି ମନ୍ତ୍ରୀ ଦାସ ଗୁରୁବାର ଏହା କହିଛନ୍ତି। ବାଧାପ୍ରାପ୍ତ ହୋଇଥିବା ଜମି ମଧ୍ୟରେ କଳାହାଣ୍ଡି ଜିଲାର ୧୯୩୧ ଆୟକଟ୍ ହେକ୍ଟର, ବଲାଙ୍ଗୀରର ୪୦୬ ଆୟକଟ୍ ହେକ୍ଟର ଜମି ରହିଛି। ଏତଦ୍ ବ୍ୟତୀତ କଟକରେ ୮୭, ଗଞ୍ଜାମରେ ୬୪୦, ମାଲକାନଗିରିରେ ୧୦, ନବରଙ୍ଗପୁରରେ ୮୦, ସୁବର୍ଣ୍ଣପୁରରେ ୧୧୮ ଏବଂ ସୁନ୍ଦରଗଡ଼ରେ ୫୬ ଆୟକଟ୍ ହେକ୍ଟର ଜମିରେ ଜଳସେଚନ ବାଧାପ୍ରାପ୍ତ ହୋଇଛି।

ଶାସକ ସଭ୍ୟ ପ୍ରଶାନ୍ତ ବେହେରାଙ୍କ ଦ୍ୱାରା ପଚରା ଯାଇଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରୁ ଜଣାପଡ଼ିଛି ଯେ, ରାଜ୍ୟରେ ବିଭିନ୍ନ ବର୍ଗର ୧୩୪୦ ଗୋଟି ଯନ୍ତ୍ରୀ ପଦବୀ ଖାଲିପଡିଛି। ତନ୍ମଧ୍ୟରୁ ମୁଖ୍ୟଯନ୍ତ୍ରୀ(ସିଭିଲ୍) ୮, ମୁଖ୍ୟଯନ୍ତ୍ରୀ(ବୈଷୟିକ) ୧, ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ସିଭିଲ୍) ୪୦୮, କନିଷ୍ଠଯନ୍ତ୍ରୀ(ସିଭିଲ୍) ୩୪୮ ଏବଂ କନିଷ୍ଠ ଯନ୍ତ୍ରୀ(ବୈଷୟିକ) ୧୧୩ଟି ପଦବୀ ଖାଲିରହିଛି। ଏହି ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ତନ୍ମଧ୍ୟରୁ ଓପିଏସ୍‌ସି ଦ୍ୱାରା ୩୮୬ଟି ସହକାରୀ ଯନ୍ତ୍ରୀ ପଦବୀ ଏବଂ ୩୬୩ କନିଷ୍ଠ ଯନ୍ତ୍ରୀ ପଦବୀ ପାଇଁ ଓଏସ୍‌ଏସ୍‌ସି ମାଧ୍ୟମରେ ପ୍ରକ୍ରିୟା ଆରମ୍ଭ ହୋଇଛି।

# ୨୦୧୪ରୁ ଓଡ଼ିଶାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ୁଛି

ଭୁବନେଶ୍ୱର,୧୪।୧୧(ବ୍ୟୁରୋ):

୨୦୧୪ରୁ ଓଡିଶାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟାରେ କୌଣସି ହ୍ରାସ ଘଟିନାହିଁ। ମାତ୍ର ୨୦୧୪ଠାରୁ ୨୦୧୮ ମଧ୍ୟରେ ଗୋଟିଏ ବର୍ଷ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଥିବା ଜଣାପଡିଛି। ସେହିପରି ୨୦୧୫ରେ ୧କୋଟି ୧୭ଲକ୍ଷ ୮୬ଲକ୍ଷ ୧୧୭ଜଣ, ୨୦୧୬ରେ ୧କୋଟି ୨୮ଲକ୍ଷ ୪୨ହଜାର ୮୯୯ଜଣ, ୨୦୧୭ରେ ୧କୋଟି ୪୦ଲକ୍ଷ ୧୧ହଜାର ୨୨୯ଜଣ, ୨୦୧୮ରେ ୧କୋଟି ୫୨ଲକ୍ଷ ୦୮ହଜାର ୫୪୦ଜଣ ଦେଶୀୟ ପର୍ଯ୍ୟଟକ ଓଡିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିଛନ୍ତି। ସେହିପରି ୨୦୧୪ରେ ୭୧,୪୨୬ ବିଦେଶୀ ପର୍ଯ୍ୟଟକ ଓଡିଶା ଆସିଥିଲା ବେଳେ ୨୦୧୫ରେ ଏହି ସଂଖ୍ୟା ହ୍ରାସ ପାଇ ୬୬,୯୬୧ ହୋଇଥିଲା। ୨୦୧୬ରେ ୭୬,୩୬୧, ୨୦୧୭ରେ ୧,୦୦,୦୧୪, ୨୦୧୮ରେ ୧,୧୦,୮୧୮ ବିଦେଶୀ ପର୍ଯ୍ୟଟକ ଓଡିଶା ଆସିଥିବା ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପାଣିଗ୍ରାହୀ କହିଛନ୍ତି, କୋରାପୁଟ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶ ପାଇଁ ସରକାର ୨୦୧୪-୧୫ରୁ ୨୦୧୯-୨୦ ଆର୍ଥିକ ବର୍ଷ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ହାତକୁ ନେଇଛନ୍ତି। ୨୦୧୪-୧୫ରୁ ୨୦୧୯-୨୦ ଆର୍ଥିକ ବର୍ଷ ମଧ୍ୟରେ କୋରାପୁଟ ଜିଲାରେ ମୋଟ ୧୩ଟି କାମ ପାଇଁ ୫କୋଟି ୦୯ଲକ୍ଷ ୪୪ହଜାର ୧୨ଟଙ୍କା ଅନୁଦାନ ମିଳିଥିବା ମନ୍ତ୍ରୀ ପାଣିଗ୍ରାହୀ ଦର୍ଶାଇଛନ୍ତି।

# ଏମ୍‌ଏଲ୍‌ଓଏସ୍‌ରେ ପଞ୍ଜୀକୃତ ହେବେ ଡାକ୍ତର

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ରାଜ୍ୟରେ କାର୍ଯ୍ୟରତ ସମସ୍ତ ଡାକ୍ତରଙ୍କୁ ମେଡିକୋ ଲିଗାଲ ଓପିନିଅନ ସିଷ୍ଟମ୍ (ଏମ୍‌ଏଲ୍‌ଓଏସ୍)ରେ ପଞ୍ଜୀକୃତ କରିବା ଲାଗି ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ 'ମୋ ସରକାର' ଯୋଜନା ଆରମ୍ଭ ହେବାପରେ ଡାକ୍ତରମାନଙ୍କଠାରୁ ଆବଶ୍ୟକ ସ୍ଥଳେ ଆଇନଗତ ପରାମର୍ଶ ନେବା ପାଇଁ ଏକ ସ୍ୱତନ୍ତ୍ର ୱେବସାଇଟ୍ ପ୍ରସ୍ତୁତ ହୋଇଛି। ୱେବସାଇଟ୍‌ରେ ଡାକ୍ତରମାନେ ନିଜକୁ ପଞ୍ଜୀକୃତ କରିବା ପରେ ଏହାର ଲାଭ ଉଠାଇ ପାରିବେ। ପୋଲିସ ବିଭାଗ ଅଧୀନ ରାଜ୍ୟ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ ଏହି ୱେବସାଇଟ୍‌ର ବ୍ୟବହାର ପାଇଁ ସ୍ୱତନ୍ତ୍ର ଆଇଡି ଓ ପାସ୍‌ୱାର୍ଡ ପ୍ରସ୍ତୁତ କରିଛି। ତେବେ ଏହି କାର୍ଯ୍ୟକ୍ରମରେ ଏଯାବତ୍ ଡାକ୍ତରମାନଙ୍କ ପଞ୍ଜୀକରଣ ଆଶାନୁରୂପ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ସମସ୍ତ ଜିଲାପାଳଙ୍କୁ ଲେଖିଥିବା ପତ୍ରରେ ନଭେମ୍ବର ୧୫ ସୁଦ୍ଧା ଯେପରି ସବୁ ଡାକ୍ତର ଏଥିରେ ଅନ୍ତର୍ଭୁକ୍ତ ହୋଇପାରିବେ ସେ ଦିଗରେ ଦୃଷ୍ଟି ଦେବାକୁ କହିଛନ୍ତି। ଏ ପ୍ରସଙ୍ଗରେ ଜିଲାପାଳମାନେ ମେଡିକାଲ କଲେଜ, ସିଡିଏମ୍‌ଓ ଏବଂ ଅନ୍ୟ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହ ପ୍ରତିମାସରେ ନିୟମିତ ବ୍ୟବଧାନରେ ସମୀକ୍ଷା ବୈଠକ କରିବା ସହ କେଉଁ ଜିଲାରେ କେତେ ଡାକ୍ତର ଏମ୍‌ଏଲ୍‌ଓଏସ୍‌ରେ ପଞ୍ଜୀକରଣ କରିଛନ୍ତି ତାହାର ସାପ୍ତାହିକ ରିପୋର୍ଟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ପଠାଇବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଧା ମେଡିକୋ ଲିଗାଲ ଓପିନିଅନ ସିଷ୍ଟମରେ ଡାକ୍ତରଙ୍କ ପଞ୍ଜୀକରଣ ସଂକ୍ରାନ୍ତୀୟ ଅଗ୍ରଗତି ବିଷୟରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇବେ।

(xxiv) The user agency shall prepare a plan to plant 20 tall trees per borehole area. The cost of preparation of plan and plantation shall be borne by the user agency. State Govt, shall ensure that the plants are planted on abandoned borehole area or degraded forest land, as per prescription of working plan.
(xxv) The State Govt, and the user agency shall comply with any other condition that the concerned Regional Office or the Ministry may stipulate in the interest of conservation, protection and development of forests & wildlife.
(xxvi) The State Govt, and user agency shall comply the provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project.
3. The user agency shall submit 6 monthly compliance report through the State Govt, ofconditions stipulated in the paragraph-2 above to the Regional Office.

Yours faithfully,
Sd/-
(A.K. Jena)
Technical Officer (Forestry)

Copy to: -
1. The Director, ROHQ, Ministry of Environment, Forest & Climate Change, Indira Paryavaran Bhawan, Agni Block, Aliganj, Jor Bagh Road, New Delhi - 110 003.
2. The Principal Chief Conservator of Forests, Forest Department, Govt, of Odisha, AranyaBhawan,Chandrasekharpur, Bhubaneswar-751023.
3. The Director of Mines, Steel & Mines Department, Govt, of Odisha, Bhubaneswar, Odisha.
4. The Divisional Forest Officer, Kalahandi (South) Forest Division, Dist: Kalahandi, Odisha.
5. The General Manager (Exploration), Odisha Mineral Exploration Corporation Ltd. (OMECL), 3rd Floor, Bayan Bhawan, Unit-3, Pandit Jawaharlal Nehru Marg, Bhubaneswar-751001, Odisha
6. Guard file.

Sd/-
Technical Officer (Forestry)

୨୪. ୟୁଜର ଏଜେନ୍ସି ପ୍ରତ୍ୟେକ ବୋର୍ ହୋଲ୍ ସ୍ଥାନରେ ୨୦ଟି ଡେଙ୍ଗା ଗଛ ଲଗାଇବା ପାଇଁ ଯୋଜନା କରିବେ। ଏହି ପ୍ଲାନ ପ୍ରସ୍ତୁତିର ମୂଲ୍ୟ ଓ ବୃକ୍ଷରୋପଣ କାର୍ଯ୍ୟ ୟୁଜର ଏଜେନ୍ସିଙ୍କ ଦ୍ୱାରା ବହନ କରାଯିବ। ନିର୍ଦ୍ଧାରିତ କାର୍ଯ୍ୟକାରୀ ଯୋଜନା ଅନୁସାରେ ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବେ ଯେ ପରିତ୍ୟକ୍ତ ବୋର୍‌ହୋଲ୍ ସ୍ଥାନରେ କିମ୍ବା ଅବକ୍ଷୟିତ ଜଙ୍ଗଲ ଜମିରେ ବୃକ୍ଷରୋପଣ କରାଯାଇଛି।
୨୫. ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସଂରକ୍ଷଣ, ସୁରକ୍ଷା ତଥା ବିକାଶ ସ୍ୱାର୍ଥ ଉଦ୍ଦେଶ୍ୟରେ ନିର୍ଦ୍ଧାରିତ ହୋଇଥିବା ସଂପୃକ୍ତ ଆଂଚଳିକ କାର୍ଯ୍ୟାଳୟ କିମ୍ବା ମନ୍ତ୍ରଣାଳୟଙ୍କ କୌଣସି ବ୍ୟବସ୍ଥାକୁ ରାଜ୍ୟ ସରକାର ଓ ୟୁଜର ଏଜେନ୍ସି ସଠିକ୍ ରୂପେ ଅନୁପାଳନ କରିବେ।
୨୬. ରାଜ୍ୟ ସରକାର ଏବଂ ୟୁଜର ଏଜେନ୍ସି ସମସ୍ତ ଅଧିନିୟମ, ନିୟମ, ନୀତି, ନିୟମାବଳୀ, ଏନ୍‌ଜିଟି ଆଦେଶ(ସମୂହ) ଏବଂ ମାନ୍ୟବର କୋର୍ଟଙ୍କ ଆଦେଶ (ସମୂହ) କୁ ଏହି ପ୍ରକଳ୍ପ ପାଇଁ ଯଦି କିଛି ଥାଏ ତାହାର ବ୍ୟବସ୍ଥାବଳୀଗୁଡ଼ିକୁ ସଠିକ୍ ରୂପେ ଅନୁପାଳନ କରିବେ ଓ ତାହା ଭବିଷ୍ୟତ ପାଇଁ ଉକ୍ତ ପ୍ରକଳ୍ପ ନିମନ୍ତେ କାର୍ଯ୍ୟକାରୀ ହେବ।
୩. ଉପରୋକ୍ତ ପାରାଗ୍ରାଫ୍ ୨ ରେ ଧାର୍ଯ୍ୟ ହୋଇଥିବା ସମସ୍ତ ବ୍ୟବସ୍ଥାବଳୀ ଗୁଡ଼ିକୁ ରାଜ୍ୟ ସରକାରଙ୍କ ଜରିଆରେ ୟୁଜର ଏଜେନ୍ସି ତାହାର ୬ ମାସିଆ ଅନୁପାଳନ ଭିତିକ ରିପୋର୍ଟକୁ ଆଂଚଳିକ କାର୍ଯ୍ୟାଳୟରେ ଦାଖଲ କରିବେ।

ଆପଣଙ୍କ ବିଶ୍ୱସ୍ତ
ସ୍ୱା
(ଏ.କେ. ଜେନା)
ବୈଷୟିକ ଅଧିକାରୀ (ଜଙ୍ଗଲ)

ନକଲ ପ୍ରଦାନ :
୧. ନିର୍ଦ୍ଦେଶକ, ଆରଓଏଚ୍‌କ୍ୟୁ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଇନ୍ଦିରା ପର୍ଯ୍ୟାବରଣ ଭବନ, ଅଗ୍ନି ବ୍ଲକ୍, ଆଲିଗଞ୍ଜ, ଜୋର୍‌ବାଗ୍ ରୋଡ୍, ନୂଆ ଦିଲ୍ଲୀ – ୧୧୦୦୦୩
୨. ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଜଙ୍ଗଲ ବିଭାଗ, ଓଡ଼ିଶା ସରକାର, ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର- ୭୫୧୦୨୩
୩. ନିର୍ଦ୍ଦେଶକ, ଖଣି, ଇସ୍ପାତ ଓ ଖଣି ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର, ଓଡ଼ିଶା
୪. ଡିଭିଜନାଲ୍ ଫରେଷ୍ଟ ଅଫିସର, କଳାହାଣ୍ଡି (ଦକ୍ଷିଣ) ଜଙ୍ଗଲ ଡିଭିଜନ୍, ଜିଲ୍ଲା କଳାହାଣ୍ଡି, ଓଡ଼ିଶା
୫. ମହାପ୍ରବନ୍ଧକ (ଅନ୍ୱେଷଣ), ଓଡ଼ିଶା ମିନେରାଲ୍ ଏକ୍ସପ୍ଲୋରେସନ କର୍ପୋରେସନ ଲିମିଟେଡ୍ (ଓଏମ୍‌ଇସିଏଲ), ୩ୟ ମହଲା, ବୟନ ଭବନ, ୟୁନିଟ୍ ୩, ପଣ୍ଡିତ ଜବାହାରଲାଲ୍ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧, ଓଡ଼ିଶା
୬. ଗାର୍ଡ଼ ଫାଇଲ୍

ସ୍ୱା
ବୈଷୟିକ ଅଧିକାରୀ (ଜଙ୍ଗଲ)

**ANNEXURE-II**
**Location of Proposed boreholes (PBH)**

| Sl. No. | Proposed Boreholes | Longitude | Latitude |
|---|---|---|---|
| 1 | PBH18KLM001 | 83°10'11.55" | 19°35'32.90" |
| 2 | PBH18KLM002 | 83°10'22.35" | 19°35'32.84" |
| 3 | PBH18KLM003 | 83°10'11.72" | 19°35'27.76" |
| 4 | PBH18KLM004 | 83°10'29.76" | 19°35'25.07" |
| 5 | PBH18KLM005 | 83°10'35.85" | 19°35'24.95" |
| 6 | PBH18KLM006 | 83°10'20.72" | 19°35'21.54" |
| 7 | PBH18KLM007 | 83°10'30.78" | 19°35'19.27" |
| 8 | PBH18KLM008 | 83°10'39.97" | 19°35'18.58" |
| 9 | PBH18KLM009 | 83°10'19.04" | 19°35'14.02" |
| 10 | PBH18KLM010 | 83°10'27.89" | 19°35'13.73" |
| 11 | PBH18KLM011 | 83°10'40.21" | 19°35'13.53" |
| 12 | PBH18KLM012 | 83°10'17.95" | 19°35'02.34" |
| 13 | PBH18KLM013 | 83°10'32.35" | 19°35'04.00" |
| 14 | PBH18KLM014 | 83°10'44.23" | 19°35'06.36" |
| 15 | PBH18KLM015 | 83°10'19.40" | 19°34'58.73" |
| 16 | PBH18KLM016 | 83°10'38.76" | 19°35'00.06" |
| 17 | PBH18KLM017 | 83°10'17.89" | 19°34'54.42" |
| 18 | PBH18KLM018 | 83°10'34.47" | 19°34'52.63" |
| 19 | PBH18KLM019 | 83°10'20.39" | 19°34'46.56" |
| 20 | PBH18KLM020 | 83°10'35.04" | 19°34'46.35" |
| 21 | PBH18KLM021 | 83°10'26.54" | 19°34'38.45" |
| 22 | PBH18KLM022 | 83°10'34.94" | 19°34'38.46" |
| 23 | PBH18KLM023 | 83°10'45.10" | 19°34'39.46" |
| 24 | PBH18KLM024 | 83°10'28.24" | 19°34'33.10" |
| 25 | PBH18KLM025 | 83°10'39.63" | 19°34'34.26" |
| 26 | PBH18KLM026 | 83°10'30.51" | 19°34'25.98" |
| 27 | PBH18KLM027 | 83°10'43.04" | 19°34'26.45" |
| 28 | PBH18KLM028 | 83°10'58.16" | 19°34'25.93" |
| 29 | PBH18KLM029 | 83°10'32.69" | 19°34'19.68" |
| 30 | PBH18KLM030 | 83°10'42.98" | 19°34'19.56" |
| 31 | PBH18KLM031 | 83°10'51.70" | 19°34'19.87" |
| 32 | PBH18KLM032 | 83°11'02.30" | 19°34'19.81" |
| 33 | PBH18KLM033 | 83°10'46.03" | 19°34'14.42" |
| 34 | PBH18KLM034 | 83°10'57.85" | 19°34'15.41" |
| 35 | PBH18KLM035 | 83°11'19.71" | 19°34'16.25" |
| 36 | PBH18KLM036 | 83°11'33.26" | 19°34'16.35" |
| 37 | PBH18KLM037 | 83°10'37.63" | 19°33'57.18" |
| 38 | PBH18KLM038 | 83°10'43.87" | 19°33'53.92" |
| 39 | PBH18KLM039 | 83°10'41.71" | 19°33'44.03" |
| 40 | PBH18KLM040 | 83°10'48.88" | 19°33'46.55" |
| 41 | PBH18KLM041 | 83°10'50.49" | 19°33'41.20" |
| 42 | PBH18KLM042 | 83°10'44.47" | 19°33'34.90" |
| 43 | PBH18KLM043 | 83°10'54.22" | 19°33'35.36" |
| 44 | PBH18KLM044 | 83°10'49.94" | 19°33'28.16" |
| 45 | PBH18KLM045 | 83°11'04.57" | 19°33'26.78" |
| 46 | PBH18KLM046 | 83°11'10.27" | 19°33'25.19" |
| 47 | PBH18KLM047 | 83°11'38.49" | 19°33'23.86" |
| 48 | PBH18KLM048 | 83°11'46.68" | 19°33'20.33" |
| 49 | PBH18KLM049 | 83°10'50.91" | 19°33'21.36" |
| 50 | PBH18KLM050 | 83°11'12.32" | 19°33'18.10" |
| 51 | PBH18KLM051 | 83°10'50.90" | 19°33'14.52" |
| 52 | PBH18KLM052 | 83°11'11.65" | 19°33'15.38" |
| 53 | PBH18KLM053 | 83°11'26.08" | 19°33'12.44" |
| 54 | PBH18KLM054 | 83°11'36.80" | 19°33'16.09" |
| 55 | PBH18KLM055 | 83°11'51.88" | 19°33'15.35" |
| 56 | PBH18KLM056 | 83°11'01.78" | 19°33'08.64" |
| 57 | PBH18KLM057 | 83°12'01.68" | 19°33'09.34" |
| 58 | PBH18KLM058 | 83°12'05.54" | 19°33'05.69" |

**PROPOSED LAND USE BREAK-UP**

| Sl. No. | Pattern of Utilization | Forest Area (in Ha.) | | | | Non-Forest (in Ha.) | Grand Total (in Ha.) |
|---|---|---|---|---|---|---|---|
| | | PRF | Revenue Forest | Forest as per DLC | Total (in Ha.) | | |
| 1 | Borehole pad | 1.2000 | Nil | Nil | 1.2000 | 0.9750 | 2.1750 |
| 2 | Access path | 1.7842 | Nil | Nil | 1.7842 | 1.5252 | 3.3094 |
| Total area (in Ha.) | | **2.9842** | **Nil** | **Nil** | **2.9842** | **2.5002** | **5.4844** |



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ। ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ





'ଫୁଡ୍ କୋର୍ଟ'ରେ ଛାତ୍ରୀଛାତ୍ରଙ୍କ ଭିଡ଼।



'ଚିନ୍ମୟ ବାଳ ମହୋତ୍ସବ'ରେ ଗୁରୁମା,ଗୁରୁଜୀଙ୍କ ସହ କୃତୀ ପ୍ରତିଯୋଗୀ।

# ଚିନ୍ମୟ ବିଦ୍ୟାଳୟରେ 'ଚିନ୍ମୟ ବାଳ ମହୋତ୍ସବ'

**ଦେବଗଡ଼,୧୪।୧୧(ଡ଼ି.ଏନ.ଏ.)**

ସ୍ଥାନୀୟ ସୁନାମୁଣ୍ଡାସ୍ଥିତ ଚିନ୍ମୟ ବିଦ୍ୟାଳୟ ପରିସରରେ 'ଚିନ୍ମୟ ବାଳ ମହୋତ୍ସବ' ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ବିଜ୍ଞାନ ମେଳା, ବିଭିନ୍ନ ମଞ୍ଜି ସଂଗ୍ରହ, ଔଷଧୀୟ ବୃକ୍ଷ ସଂଗ୍ରହ, ପନିପରିବା, ଫଳ, ବିଭିନ୍ନ ଦେଶର ମୁଦ୍ରା, ଫେନ୍ସି ଡ୍ରେସ୍ ପ୍ରତିଯୋଗିତା ଆଦିରେ ଭାଗନେଇଥିଲେ। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କର ନିଜେ ତିଆରି କରି ସ୍ୱଳ୍ପ ମୂଲ୍ୟରେ ସ୍ୱାଦିଷ୍ଟ ଖାଦ୍ୟ ଖାଇ ଶିଶୁଦିବସକୁ ଛାତ୍ରୀଛାତ୍ର ବେଶ ଉପଭୋଗ କରିଥିଲେ। 'ଫୁଡ୍ କୋର୍ଟ'' ବିଶେଷ ଆକର୍ଷଣ ଥିଲା। ସେହିପରି ଅତିଥିଭାବରେ ବରିଷ୍ଠ ଖବରଦାତା ପୃଥ୍ୱୀରାଜ ପଟ୍ଟନାୟକ, ଶଶାଙ୍କ ଶେଖର ଝାଙ୍କର ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଜଜ୍‌ଭାବରେ ଚିତ୍ତରଞ୍ଜନ ଦାସ, ପ୍ରାଣବନ୍ଧୁ ଘଡ଼େଇ, ପ୍ରଦୀପ ପାତ୍ର, ନଳିନୀକାନ୍ତ ଭୋଇ ସହଯୋଗ କରିଥିଲେ। ବିଜ୍ଞାନ ମେଳାରେ ପ୍ରଥମ ଲାଇ-ଫାଇ, ଦ୍ୱିତୀୟ ବାୟୋ ଫର୍ଟିଲାଇଜର, ତୃତୀୟ ଆଣ୍ଟି ପଲ୍ୟୁସନ ଗ୍ରୀନ୍ ସିଟି ସ୍ଥାନ ଅଧିକାର କରିଥିଲା। ଏହି ପ୍ରୋଜେକ୍ଟଗୁଡ଼ିକ ପାଇଁ ପରିତୋଷ ସାହୁ,ସୁମିତ୍ ପ୍ରସାଦ, ଅଦିତି ମହାପାତ୍ର,ଅଭିପ୍ସା ରାଣା, ଅଭିଜ୍ଞାନ ରଣା ପ୍ରମୁଖ କୃତିତ୍ୱ ଅର୍ଜନ କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମ୍ପାଦକ ରାମଚନ୍ଦ୍ର ମହାପାତ୍ର, ଅଧ୍ୟକ୍ଷ ବିନୟ କୁମାର ନାୟକ, ଉପାଧ୍ୟକ୍ଷ ଅନୀତା ବରାଳ, ସହଯୋଗୀ ଶିକ୍ଷକ ମଙ୍ଗଳ ମହାକୁର, ଡ଼ୋଳାନନ୍ଦ ନାଏକ,ରୋଜି ପ୍ରଧାନ, ଗୁରୁମା ସ୍ୱାତୀ ଚୈତନ୍ୟା, ଯୋଶବନ୍ତ ସାହୁ, ଡ଼ିଲେଶ୍ୱର ପାଳ, ସରୋଜ ବେହେରା, ମିଶ୍ର ବାଘ, ସସ୍ମିତା ନାଏକ, ରୀନା ସୁନା, ମିନତୀ ସାହୁ, ପ୍ରତିମା ଶତପଥି, ଦେବେନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଜୟ ଜଗତ ମୈତ୍ରୀ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା

ସୋହେଲା,୧୪।୧୧ (ଡି.ଏନ.ଏ) ଗାନ୍ଧିଜୀଙ୍କ ୧୫୦ତମ ଓ ସନ୍ଥ ବିନୋବାଙ୍କ ୧୨୫ତମ ଜୟନ୍ତୀ ଅବସରରେ ଓଡିଶାର ବିଭିନ୍ନ ଗାନ୍ଧୀବାଦୀ ସଙ୍ଗଠନର କର୍ମକର୍ତ୍ତାମାନେ ମୟୁରଭଞ୍ଜରୁ ଏକ ମୈତ୍ରୀ ଯାତ୍ରାରେ ମଧ୍ୟପ୍ରଦେଶ ପୌନାର ଆଶ୍ରମ ଅଭିମୁଖେ ବାହାରିଛନ୍ତି। ଉକ୍ତ ଯାତ୍ରୀ ଦଳ ଗୁରୁବାର ବରଗଡ ଜିଲା ସୋହେଲା ବ୍ଲକ ପାଣିମୋରା ଗ୍ରାମରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ବିଶିଷ୍ଟ ଗାନ୍ଧୀବାଦୀ ଚିନ୍ତକ ଆଦିତ୍ୟ ପଟ୍ଟନାୟକ ଦଳର ନେତୃତ୍ୱ ନେଇଛନ୍ତି।

# ନେହେରୁ ଯୁବକେନ୍ଦ୍ରର ପ୍ରତିଷ୍ଠା ଦିବସ

**ଦେବଗଡ, ୧୪।୧୧(ଡ଼ି.ଏନ.ଏ.)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବକେନ୍ଦ୍ର ଦେବଗଡ଼ର ପ୍ରତିଷ୍ଠା ଦିବସ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୀନ୍‌ସେଣ୍ଟ ପୁନମକାନ୍ତ ଏକ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବ ସମାଜ ସକାରାତ୍ମକ ଭାବନା ନେଇ ଗଠନମୂଳକ କାର୍ଯ୍ୟ କଲେ ସମାଜର ହିତ ସାଧିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା କ୍ରୀଡ଼ା ଅଧିକାରୀ ଶଙ୍କର ପ୍ରସାଦ ଅଧିକାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ଯୁବକମାନଙ୍କୁ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୪୫ଟି ଯୁବ ଅନୁଷ୍ଠାନର ପ୍ରତିନିଧି ଯୋଗ ଦେଇଥିଲେ। ସେହିପରି ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଯୁବ ଅନୁଷ୍ଠାନଗୁଡ଼ିକୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସ୍ୱେଚ୍ଛାସେବୀ ଚନ୍ଦ୍ରକାନ୍ତୀ ଭୋଇ ଧନ୍ୟବାଦ ଦେଇଥିବା ବେଳେ ସ୍ୱେଚ୍ଛାସେବୀ ଯଶୋବନ୍ତ ଭୋଇ, ଜରୁଣ ସାମଲ, ଦୀପକ ସାହୁ, ଓମ୍ ପ୍ରସାଦ ଭୁଡିଆ, କେଶବ ସାହୁ ପ୍ରମୁଖ ସହଯୋଗ କରିଥିଲେ।





ଯୁବ ଅନୁଷ୍ଠାନଗୁଡ଼ିକୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଉଛି।

No. RR-29:

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ

"ଅକ୍ଷର"

୨ୟ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ
ଡିସେମ୍ବର ୬ରୁ ୧୫, ୨୦୧୯
ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର

ଷ୍ଟଲ ସଂରକ୍ଷଣ ନିମନ୍ତେ ଆଗ୍ରହୀ ପୁସ୍ତକ ପ୍ରକାଶକ, ବିତରକ ଓ ବିକ୍ରେତା ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ:
ସଭାପତି, ରାଜଧାନୀ ପୁସ୍ତକ ମେଳା, ୭୮, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଦୂରଭାଷ: ୯୪୩୭୧୩୩୩୬୮ / ୭୦୦୮୪୫୪୨୫୧ / ୭୬୫୫୮୬୧୪୩୪
ଶେଷ ତାରିଖ: ୨୦।୧୧।୨୦୧୯

ସହ-ଆୟୋଜନ:
ରାଜଧାନୀ ପୁସ୍ତକ ମେଳା, ଏକାମ୍ର ପୁସ୍ତକ ମହୋତ୍ସବ, କଳିଙ୍ଗ ପୁସ୍ତକ ମେଳା ଏବଂ ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ

03016/11/0002/1920

## ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଶିଶୁ ଦିବସ ପାଳନ



ଦେବଗଡ,୧୪।୧୧(ଡି,ଏନ,ଏ) ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ସ୍ମୃତି ପାଇଁ ଜିଲା ଆଇନ୍ ସେବା ପ୍ରାଧିକରଣ, ଦେବଗଡ ଆନୁକୂଲ୍ୟରେ ସପୋର୍ଟ ଶିଶୁ ଗୃହରେ ଶିଶୁ ଦିବସ ପାଳନ କରାଯାଇଛି। ଏହି ପାଳନ ଦିବସରେ ଜିଲା ଆଇନ୍ ସେବା ପ୍ରାଧିକରଣ, ଦେବଗଡର ସମ୍ପାଦକ ପ୍ରିୟରଂଜନ ମିଶ୍ର ଓ ଶିଶୁ ଗୃହର ନିର୍ଦ୍ଦେଶକ ଚନ୍ଦ୍ରଶେଖର ସାହୁ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଶିଶୁମାନଙ୍କ ହିତ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ।

## ଆଦର୍ଶ ଥାନାରେ ପାଳିତ ହେଲା ଶିଶୁ ଦିବସ

**ଦେବଗଡ,୧୪।୧୧ (ଡ଼ି.ଏନ.ଏ.)**

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ପାଳନ ଅବସରରେ ଦେବଗଡ଼ ଆଦର୍ଶ ଥାନାରେ ପୋଲିସ୍ ପକ୍ଷରୁ ଶିଶୁ ଗୃହର ଶିଶୁମାନଙ୍କୁ ନେଇ ଏକ ନିଆରା ଭାବରେ ଶିଶୁ ଦିବସ ପାଳନ କରାଯାଇଛି। ଏବର୍ଷ ମଧ୍ୟ ଏସ୍.ପି. ରାହୁଳ ଜୈନଙ୍କ ନିର୍ଦ୍ଦେଶରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମୀଓ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଦେବଗଡ଼ ଆଦର୍ଶ ଥାନାରେ ମହାସମାରୋହରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିପାଇଁ ପୋଲିସ୍ ପକ୍ଷରୁ ଶିଶୁଙ୍କ ପାଇଁ ଥାନାକୁ ବିଭିନ୍ନ ଫୁଲ ଓ ବେଲୁନ୍‌ରେ ସଜ୍ଜିତ କରି ଫୁଲ ଚନ୍ଦନ ଦେଇ ଶିଶୁମାନଙ୍କୁ ପାଛୋଟି ନେଇଥିଲେ। ସେହିପରି ପିଲାଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପିଲାମାନେ ପୋଲିସ ଅଧିକାରୀମାନଙ୍କୁ ଥାନାର କାର୍ଯ୍ୟ ଶୈଳୀ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରି ଥିବାବେଳେ ଶିଶୁଙ୍କ ପାଇଁ ଥାନାରେ ବିହିତ ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମରେ ଶିଶୁ ଗୃହର ନିର୍ଦ୍ଦେଶକ ଚନ୍ଦ୍ରଶେଖର ସାହୁ, ଚାଇଲ୍ଡଲାଇନ୍‌ର ଉପେନ୍ଦ୍ର ଭଞ୍ଜ, କୋଜାହିଦ୍ ଆଲମ୍, ପ୍ରିୟଙ୍କା ଭଂଜ, ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ପାତ୍ର, ଜିଲା ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

DISTRICT PLANNING & MONITORING UNIT, PURI
**Office Order No.889 / Dtd: 11.11.2019**
**Tender Notice for Outsourcing of Manpower**
No.X-27 :- Bids in sealed cover are invited under two-bid system from reputed and experienced manpower service provider for providing Data Entry Operator / Field Enumerators for District Planning & Monitoring Unit (Statistical Wing), Puri. Intending agencies are required to download Tender Documents from Puri district website **(http://puri.nic.in)** from dt.16.11.2019. Last date of submission of bid is 30.11.2019 up to 3:00 PM **(Contact No.- 06752-223210)**
**Sd./-**
**Asst. Director (Statistics)**
**21011/11/0002/1920** **DOMU, Puri**

CENTRAL ELECTRICITY SUPPLY UTILITY OF ODISHA
O/o. SUPERINTENDING ENGINEER (ELECT.)
ELECTRICAL CIRCLE No. - 1, Unit - 8, BBSR - 12
**NOTICE INVITING TENDER**
No.: CAD-564: Sealed tenders in two part bidding systems are invited from intending Manufacturers/Authorised Distributors/ Reputed Suppliers, who comply with the terms and conditions for the supply of different NSC materials. Approximately costing around 65 Lakh. Last date of receipt of bids is 21.11.19 upto 3.00 P.M. For details please visit our website **www.cescoorissa.com / www.cesuodisha.com**. Any amendments, corrigendum, time extension etc. will be uploaded in the above website only. The undersigned reserves the right to accept or reject any or all tenders without assigning any reason thereof.
04010/11/0003/1920 **Superintending Engineer (Elect.)**

GOVERNMENT OF ODISHA
ELECTRICAL LICENSING BOARD
No. AA-16:
OFFICE OF THE ENGINEER-IN-CHIEF,ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA,
3RD FLOOR HEADS OF DEPARTMENT BUILDING, BHUBANESWAR-751 001.
Email-secyelbo@nic.in, Ph.0674-2394572
**NOTICE**
No. ELBO/SCC (MV & HT) EXAM /132/2019 / **1374** / Dated **11.11.2019**
The Supervisor Certificate of Competency (SCC) (MV & HT) Examination-2019 is scheduled to be conducted on **24.11.2019 (SUNDAY)** in two sittings as per the following:-

| | |
|---|---|
| 1) 1st Sitting - 10AM to 12Noon | Venue:- Directorate of Distance & Continuing Education (DDCE), Utkal University, Vanivihar, Bhubaneswar |
| 2) 2nd Sitting - 2PM to 4PM | |

Candidates are advised to reach the venue before 60 minutes of commencement of the Examination. The SMS has already been sent to eligible shortlisted candidates for downloading the Admit Card.
The applicants are also advised to visit the Website:- **eicelectricityodisha.nic.in** to view the list of eligible shortlisted candidates and download their Admit Card for appearing the Examination. No hard copy of Admit Card will be sent to the eligible shortlisted candidates.
04009/11/0002/1920 **Sd/- SUPERINTENDING ENGINEER-CUM-SECRETARY, ELBO.**

GOVERNMENT OF ODISHA
OFFICE OF THE EXECUTIVE ENGINEER
P.H. DIVISION, SAMBALPUR
No. C-312:
Phone No.: (0663)-2412135, Fax No. : (0663) 2412335
Email ID : eephdsbp@gmail.com, eephsbp@nic.in
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. EEPHSBP-13/2019-20 Dt. 08.11.2019**

| | | |
|---|---|---|
| 01. | Name of the Work | : 2 nos. Work. |
| 02. | Type of Bid. | : Single Bid System |
| 03. | Estimated Cost | : Rs. 18.87 lakhs to Rs. 28.01 lakhs |
| 04. | Period of Completion | : 3 (Three) Calendar Months. |
| 05. | Date & Time of availability of bid document in the portal | : From 11.00 AM of dt. 18.11.2019 to 5.00 PM of 01.12.2019. |
| 06. | Last date / time of receipt of bids in the portal | : 5.00 PM of 01.12.2019. |
| 07. | Date & Time of opening of Tender | : At 11.30 AM of 02.12.2019. |
| 08. | Name and Address of the Officer Inviting Bid | : Executive Engineer, P.H. Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

Further details can be seen from the web site http://tenders.ori.nic.in or www.tendersorissa.gov.in
Sd/- Executive Engineer
P.H. Division, Sambalpur
13026/11/0015/1920

C-310
GOVERNMENT OF ODISHA
OFFICE OF THE SUPERINTENDING ENGINEER,
PUBLIC HEALTH CIRCLE, SAMBALPUR, ODISHA.
E-mail id: - sephsbp@yahoo.in / sephsbp@gmail.com
**NATIONAL COMPETITIVE BIDDING THROUGH e-Procurement**
**Bid Identification No. SEPHSBP- 07 /2019-20 Dt. 08.11.2019**

| | | |
|---|---|---|
| 01. | Number of Work | : 1 no. |
| 02 | Type of Bid | : Two Bid system |
| 04 | Period of Completion | : 3 (Three) Calendar Month |
| 05 | Class of Contractor | : Contractors of 'B'/'A' Class |
| 06 | Date & Time of availability of bid document in the portal | : From 11.00 Hrs. of Dt. 19.11.2019 to 17.00 Hrs of 03.12.2019 |
| 07 | Last date / time of seeking clarification | : 17.00 Hrs of 25.11.2019 |
| 08 | Last date / time of receipt of bids in the portal | : 17.00 Hrs of 03.12.2019 |
| 09 | Date & Time of opening of Technical bids | : At 11.00 Hrs. of 06.12.2019 |
| 10 | Name and Address of the Officer Inviting Bid | : Superintending Engineer, P.H. Circle, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

Further details can be seen from the e-Procurement portal "http://www.tendersorissa.gov.in"
Sd/-
Superintending Engineer,
P.H. Circle, Sambalpur.
13018/11/0008/1920

Odisha State Medical Corporation Limited (OSMCL)
In front of Ram Mandir, Convent Square, Unit – III, Bhubaneswar -751 001
Tel. : (0674) 2380660/2380608
Website : www.osmcl.nic.in Email : logistics.osmcl.od@nic.in
*Assuring Quality, Saving Lives*
No. CAD-568:
**NOTICE INVITING E-TENDER FOR SUPPLY OF ANTI-CANCER DRUGS AND MEDICAL CONSUMABLES (GROUP-III) FOR THE YEAR 2019-20**
Bid Ref. No. : **OSMCL/2019-20/DRUGS-DHS-ACD-GR-III/05** Date: 13 /11/2019
**Online Bids** through **e-Tender portal** (https://tendersodisha.gov.in) are invited from eligible bidders for **Supply of Anti-Cancer Drugs and Medical Consumables (Group-III)** as per the particulars mentioned below::

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 15 /11 /2019, 3 PM | |
| 2. | Date & time of Pre-bid meeting | 22 /11 /2019, 11:00 AM Venue : Tender Evaluation Room, Odisha State Medical Corporation Ltd., In front of Ram Mandir, Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time | End Date & Time |
| | | 28 / 11 /2019, 3 PM | 12 / 12 /2019, 6.00 PM |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time | End Date & Time |
| | | 13 / 12 / 2019, 10 AM | 20 / 12 /2019, 11.00 AM |
| 5. | Date & time of online Technical bid opening | 20 / 12 / 2019, 11:00 AM | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.
Sd/-
Managing Director
OSMCL
10112/11/0015/1920

COLLECTORATE,KORAPUT
(SPORTS SECTION)
No.: 424/II 41 Sports - 2019 Dated: 11.11.2019
**Tender Call Notice for Construction of Wooden Badminton Court at Indoor Stadium, Koraput**
No.: TT-15: Sealed tenders are invited by Collectorate, Koraput (Sports Section) from reputed Firms/Agencies as per tender specifications for construction of "Wooden Badminton Court" at Indoor Stadium, Koraput. The detailed tender document may be downloaded from website **(www.koraput.nic.in)**.
Interested bidders may submit their sealed tender documents in the prescribed format mentioning "Wooden Badminton Court" on the cover of the envelope to the Collectorate, Koraput (Sports Section) by 25.11.2019 upto 5 P.M. Bidders are required to submit Technical Bid & the Financial Bid in the separate envelope through Register/Speed Post only.
The Technical & Financial Bid will be opened on 26.11.2019 at 4.00 P.M. in the presence of the district level committee members, bidders or their authorised representatives.
Tenders received after due date & time will not be accepted. Collectorate, Koraput (Sports Section) will not be responsible for postal delay or similar reasons.
Tenders sent through an electronic means shall not be accepted. Any Corrigendum/Addendum if any will be uploaded in the above mentioned website.
Collectorate, Koraput "Sports Section" reserves the right to accept or reject any or all tender without assigning any reason thereof. For any queries you may contact District Sports Officer, Koraput.
(Cell No.- 9437145404)
**Sd./- Addl. District Magistrate, Koraput**
24057/11/0002/1920

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER, MAYURBHANJ
No.A-382
IRRIGATION DIVISION, BARIPADA
e-mail: exen.mid@gmail.com, FAX/TEL: 06792-260442
"E" PROCUREMENT NOTICE NO. 02MBJ/2019-20.

| | |
|---|---|
| 1. Name of works | : i. Bank protection work on left bank of river Budhabalanga near village Angaragadia (Jambhirapal) under Kuliana Block<br>ii. Restoration to TRE from Baradihi to Parchipur on right bank of river Sono near village Baradihi as mentioned in the website. |
| 2. Total No. of works | : 02 (Two) Nos. of work. |
| 3. Estimated Cost | : Varies from 39.28 lakh to 44.54 lakh |
| 4. Class of Contractor | : 'C' & 'B' and 'B' & 'A' |
| 5. Period of completion | : As mentioned against work. |
| 6. Other details as follows | : |
| (i) Procurement Officer | : Executive Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : 15.11.2019 from 10.00 Hours to 29.11.2019 upto 17.00 Hours. |
| (iii) Date, time and place of opening of Bid. | : On 30.11.2019 at 11.00 Hours in the O/o the Executive Engineer, Mayurbhanj Irrigation Division, Baripada |
| (iv) Date of Transparent Lottery to be conducted (if required) | : On dt. 03.12.2019 at 11.00 AM. |
| 11. Further details can be seen from the 'e' Procurement Portal http://tendersorissa.gov.in | |

**Sd./- Executive Engineer, Mayurbhanj Irrigation Division, Baripada.**
32041/11/0004/1920



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଚାଷୀଙ୍କ ସହ ଆଲୋଚନା କଲେ ଏସ୍‌ପି

**ସମ୍ବଲପୁର,୧୪।୧୧(ବ୍ୟୁରୋ):** ଶୁକ୍ରବାରଠାରୁ ଜିଲାରେ ଧାନ ସଂଗ୍ରହ ଆରମ୍ଭ ହେବ । ଅନ୍ୟପକ୍ଷେ ଚାଷୀମାନେ ଅନଶନ କରି ଆନ୍ଦୋଳନ ଜାରି ରଖିଛନ୍ତି । ଧାନ ସଂଗ୍ରହରେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ନ ହେବ ସେ ନେଇ ଚାଷୀମାନଙ୍କ ସହ ସମ୍ବଲପୁର ଜିଲା ଦାୟିତ୍ୱରେ ଥିବା ବରଗଡ଼ ଏସପି ପଦ୍ମିନୀ ସାହୁ ଆଲୋଚନା କରିଥିଲେ। କୃଷକ ସଂଗଠନ ଆବାହକ ଆଶୋକ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ସରକାରଙ୍କ ଧାନ କିଣା ନୀତିରେ ତ୍ରୁଟି ରହିଥିବା ଉପସ୍ଥାପନା କରିଥିଲେ । ତେଣୁ ଚାଷୀମାନେ ପୂର୍ବ ବର୍ଷରେ ଯେଉଳି ଭାବେ ଧାନ ବିକ୍ରି କରୁଥିଲେ ସେଭଳି ବିକ୍ରି କରିବାକୁ କହିଥିଲେ। ଚାଷୀ ସଂଗଠନ କେବେ ଆଇ ଶୃଙ୍ଖଳା ପରସ୍ଥିତି ସୃଷ୍ଟି କରିନାହିଁ । ହେଲେ ହଜାର ହଜାର ବସ୍ତା ଧାନ ବିକ୍ରି ହୋଇ ନ ପାରିଲେ ଚାଷୀ ବାଧ ହୋଇ ଯେ କୈଣସି ପଦକ୍ଷେପ ଗ୍ରହଣ କରିପାରିବ ବୋଲି କହିଥିଲେ।

### ହିଣ୍ଡାଲକୋରେ ଶିଶୁ ଦିବସ

**ସମ୍ବଲପୁର,୧୪।୧୧(ବ୍ୟୁରୋ):** ହୀରାକୁଦ ହିଣ୍ଡାଲକୋ ପକ୍ଷରୁ ଶିଶୁ ଦିବସ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଥମ ପର୍ଯ୍ୟାୟରେ ଚିତ୍ରାଙ୍କନ ଓ ଦ୍ୱିତୀୟ ପର୍ଯ୍ୟାୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ଶହେ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସନ୍ତୋଷ କୁମାର ପଣ୍ଡା, ଶିବପ୍ରସାଦ ପାତ୍ର, ଡା. ପୁଷ୍ପାରାଣୀ ନାଥ, ବିଭୁଦ ଚନ୍ଦ୍ର ନାୟକ, ଚନ୍ଦ୍ରଶେଖର ନାଥ ବିଚାରକ ଥିଲେ। ଧନକଉଡା ବ୍ଲକ ଶିକ୍ଷା ଅଧିକାରୀ ମୁରୀଲଧର ବେହେରା ଅତିଥି ଭାବେ ଯୋଗଦେଇ ଶିଶୁ ଦିବସର ମହତ୍ତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ହିଣ୍ଡାଲକୋ ସ୍ମେଲଟର ବିଦ୍ୟୁତ୍ ବିଭାଗ ଜେନେରାଲ ମ୍ୟାନେଜର ସୋମନାଥ ସାହା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

### ନେହେରୁ ଯୁବକେନ୍ଦ୍ରର ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୧୪।୧୧ (ବ୍ୟୁରୋ)-** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ କୁକୁଡାପାଲି ପଞ୍ଚାୟତ ସିକ୍ରାପାଲି କ୍ଲବ ପକ୍ଷରୁ ନେହେରୁ ଯୁବକେନ୍ଦ୍ର ସଂଗଠନର ପ୍ରତିଷ୍ଠା ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଯୋଗେଶ୍ୱର ନାୟକଙ୍କ ଅଧକ୍ଷତାରେ ସଭା ହୋଇଥିଲା । ନେହେରୁ ଯୁବକେନ୍ଦ୍ର ସଭ୍ୟ ପ୍ରଦ୍ମୁମ୍ନ ବିଶି କାଯର୍‌ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ଯଜ୍ଞସେନୀ ପ୍ରଧାନ, ସୁବାଶିନୀ ପ୍ରଧାନ ସମ୍ମାନୀତ ଅତିଥି ଥିବା ବେଳେ ତ୍ରିବିକ୍ରମ ମହାଣା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବିବିଧ ପ୍ରତିଯୋଗୀତା ହୋଇଥିଲା । ଶେଷରେ ମୁନା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବଲପୁର ବରେଇପାଲୀ ମାର୍କେଟୟାଡରେ ମଞ୍ଚାସୀନ ଅଧିକାରୀମାନେ।



ସମ୍ବଲପୁର ବରେଇପାଲି ମାର୍କେଟୟାର୍ଡରେ ଚାଷୀ ଓ ବିଭାଗୀୟ ଅଧିକାରୀମାନେ।

# ଧାନ ସଂଗ୍ରହ ପ୍ରଶିକ୍ଷଣ ଶିବିର

**ସମ୍ବଲପୁର,୧୪।୧୧(ବ୍ୟୁରୋ)**

ଶୁକ୍ରବାର ସମ୍ବଲପୁର ଜିଲାରେ ଧାନ ସଂଗ୍ରହ କରାଯିବ। ହେଲେ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ହୋଇ ନାହିଁ। କେବଲ ସରକାରୀ ନିର୍ଦ୍ଦେଶକୁ ପାଳନ କରି ବୈଠକ, ତାଲିମ କାର୍ଯ୍ୟକ୍ରମ କରାଯାଉଛି । ଚାଷୀ ଓ ଧାନ ସଂଗ୍ରହରେ ସାମିଲ ଥିବା ଏଜେନ୍ସିଗୁଡିକର ଅଭିଜ୍ଞତା ରହିଛି। ଏନେଇ ତାଲିମର ସେହିପରି ଆବଶ୍ୟକତା ନାହିଁ। ବର୍ତ୍ତମାନ ଅନେକ ଚାଷୀ ଟୋକନ ପାଇ ନାହାନ୍ତି। ଏଭଳିସ୍ଥିତିରେ ଚାଷୀ କିଭଳି ଧାନ ବିକ୍ରି କରିବେ ସେନେଇ ଚିନ୍ତାରେ ରହିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ

**ଚାଷୀଙ୍କ ପ୍ରଶ୍ନ ବାଣରେ ଅଧିକାରୀ ଘାଇଲା**

କରାଯାଉ। ନ ହେଲେ ପୂର୍ବ ବର୍ଷ ଭଳି ଅବସ୍ଥା ହେବ। ଚାଷୀ ରାଜରାସ୍ତାରେ ଧାନବସ୍ତା ରଖି ଆନ୍ଦୋଳନ କରିବାକୁ ବାଧ୍ୟ ହେବେ। ଏନେଇ ସରକାର ଦାୟୀ ରହିବେ। ଭୁବନେଶ୍ୱରରେ ବସି ବଡବାବୁମାନେ ଯେଉଁ ନିଷ୍ପତ୍ତି ନେଇଛନ୍ତି ପରିଣାମ ଭୋଗିବାକୁ ପଡିବ ବୋଲି ବରେଇପାଲି ମାର୍କେଟୟାଡରେ ଧାନ ସଂଗ୍ରହ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଚାଷୀମାନେ ଅଧିକାରୀ ମାନଙ୍କୁ ରୋକଠୋକ ଶୁଣାଇଛନ୍ତି। ଉପଜିଲପାଲ ଅନିରୁଦ୍ଧ ପ୍ରଧାନଙ୍କ ଅଧକ୍ଷତାରେ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଡିଆର୍‌ସିଏସ ଲିଙ୍ଗରାଜ ନାଏକ, ଆର୍‌ଏମ୍‌ସି ସମ୍ପାଦକ ଅଶୋକ ସାହୁ, ଏସିଏସ୍‌ଓ କୃଷ୍ଣଚନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଅପରାହ୍ନ ସାଢେ ୧୧ଟା ସମୟରେ ଶିବିର ଆରମ୍ଭ ହୋଇଥିଲା। ହେଲେ ଚାଷୀମାନେ ବିଭିନ୍ନ ସମସ୍ୟା ଓ ଧାନ ସଂଗ୍ରହରେ ଥିବା ତ୍ରୁଟି ନେଇ ମତ ରଖିଥିଲେ। କୃଷକ ସଂଗଠନ ଆବାହକ ଆଶୋକ ପ୍ରଧାନ ଚାଷୀମାନଙ୍କ ପକ୍ଷରୁ ମତ ଉପସ୍ଥାପନ କରିଥିଲେ। ଚାଷୀଙ୍କ ପ୍ରଶ୍ନରେ ଅଧିକାରୀମାନେ ଘାଇଲା ହୋଇଯାଇଥିଲେ। ହେଲେ ଅଧିକାରୀମାନେ ସରକାରଙ୍କ ନୀତି ନିୟମକୁ ପାଳନ କରିବାକୁ ହେବ ବୋଲି କହିଥିଲେ। ଶେଷରେ ଚାଷୀମାନେ ଶିବିରରୁ ଉଠି ଆସିଥିଲେ। ଏନେଇ ଅଧିକାରୀମାନେ ଚାଷୀଙ୍କୁ ବୁଝାଇବା ସହ ଖାଇବାର ବ୍ୟବସ୍ଥା ହୋଇଥିବା କହିଥିଲେ। ହେଲେ ଚାଷୀମାନେ ଖାଇବାକୁ ମନା କରି ଦେଇଥିଲେ। କିଛି ସମୟ ଉପସ୍ଥିତ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ପରେ ଶିବିର ବନ୍ଦ ହୋଇଯାଇଥିଲା। ଶିବିରରେ ଯୋଗାଣ ବିଭାଗ ଅଧିକାରୀ, ସେବା ସମବାୟ ସମିତି ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଶିଶୁ ଦିବସ

**ସମ୍ବଲପୁର,୧୪।୧୧(ବ୍ୟୁରୋ)**

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଶିଶୁ ଦିବସ ଲପଙ୍ଗା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଜବାହାରାଲାଲ ନେହେରୁଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପଅର୍ପଣ କରିଥିଲେ। ପରେ ଉତ୍ସବ ହୋଇଥିଲା। ଶିକ୍ଷାବିତ ଅଶୋକ କୁମାର ସାହୁ, ସତ୍ୟନାରାୟଣ ଅଗ୍ରୱାଲ, ଆଲୁମିନା ସଭାପତି ମୁକୁନ୍ଦ ବେହେରା, ସତ୍ୟପ୍ରସାଦ ଦାଶ, ବିଜୟ କୁମାର, ପି. ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମନ୍ଦାକିନୀ

**ସ୍କୁଲ ଛାତ୍ର ଦେଖିଲେ ମ୍ୟାଜିକ ଶୋ**

ପଟେଲଙ୍କ ପରିଚାଳନାରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଆର୍.କେ. ହାଲଦାର ମ୍ୟାଜିକ ପ୍ରଦର୍ଶନ କରିଥିଲେ। ପଣ୍ଡୋଲୋଇ କଲୋନୀ ସ୍ଥିତ ଅଙ୍ଗନୱାଡି କେନ୍ଦ୍ରର ଶିଶୁଙ୍କ ମଧ୍ୟରୁ କୌତୁକ ବେଶ ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଶୋକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ୱେତା ଉପାଧ୍ୟାୟ ଓ ମନୋରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଗୁରୁବାର ଆଦିତ୍ୟ ଆଲୁମିନିୟମ ଆୟୋଜିତ ଶିଶୁ ଦିବସ ଉତ୍ସବରେ ଅତିଥି ଓ ଛାତ୍ରୀଛାତ୍ରମାନେ।

## ଗ୍ରାମସଭା: କଲ୍ୟାଣ ମଣ୍ଡପ ନିର୍ମାଣ ଉପରେ ଗୁରୁତ୍ୱ

**ଜମନକିରା,୧୪।୧୧(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମା ରାଜୀବ ଭାବନଠାରେ ଗୁରୁବାର ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଭାସ୍କର ଚନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ଖାଡ଼ିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାରେ ସାମାଜିକ କାର୍ଯ୍ୟ ଯଥା ବିବାହ, ବ୍ରତ କରିବା ନେଇ ଜମନକିରାରେ କୌଣସି ସୁବିଧା ନାହିଁ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଗୃହଟିଏ ନିର୍ମାଣ କରାଯାଉନାହିଁ। ଏନେଇ ତୁରନ୍ତ ପଞ୍ଚାୟତ ପକ୍ଷରୁ ଏକ କଲ୍ୟାଣ ମଣ୍ଡପ ତଥା ଟାଉନହଲ୍ ନିର୍ମାଣ କରିବା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏପରି କି ସଭାରେ ସ୍କୁଲ ମରାମତି ତଥା ଉନ୍ନତୀକରଣ, ପାନୀୟ ଜଳ ଯୋଗାଣ, ରାସ୍ତା ନିର୍ମାଣ, ଦୋକାନ ଗୃହ ନିର୍ମାଣ, ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ପାଟବନ୍ଧା ରାସ୍ତା ମଝିରେ ଥିବା ନାଳ ଉପରେ ନୂତନ ପୋଲ ନିର୍ମାଣ ନେଇ ପ୍ରସ୍ତାବ ଗୃହୀତ କରାଯାଇଥିଲା। ପଞ୍ଚାୟତ ବୈଷୟିକ ସହାୟକ ଜଗଦୀଶ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। ସଭାରେ ମହିଳା ଓ ପୁରୁଷ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



ଗ୍ରାମସଭାରେ ଉପସ୍ଥିତ ଜନସାଧାରଣ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମୃତ

**କୁଚିଣ୍ଡା,୧୪।୧୧(ଡି.ଏନ୍.ଏ.)**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଧୀନ ବୁଦେଲକାନୀ ନିକଟ କୁମ୍ଭାରୁଣୀପୋଷୀରେ ଗୁରୁବାର ଏକ ଅଘଟଣ ଘଟିଛି। ଘରେ କାମ କରୁଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଜିବ କୁମାର ପଟେଲ। ମିଳିଥିବା ସୂଚନା ମୁତାବକ, ରାଜବୀ ଗୁରୁବାର ସକାଳେ ନିଜ ଘର ତିଆରି ପାଇଁ ବିଦ୍ୟୁତ୍ ଚାଳିତ କଟର ମେଶିନ ସାହାର୍ଯ୍ୟରେ ଲୁହା ରଡ କାଟୁଥିଲେ। ସେତିକିବେଳେ ବିଦ୍ୟୁତ୍ ତାର ଛିଣ୍ଡି ରାଜିବଙ୍କ ଗୋଡରେ ଲାଗି ଯାଇଥିଲା। ଫଳରେ ସେ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୁଚିଣ୍ଡା ପୋଲିସ ମୃତଦେହ ଜବତ କର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ କୁଚିଣ୍ଡା ଥାନା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

■ ବିଶ୍ୱ ମଧୁମେହ ଦିବସ

## ସହର ପରିକ୍ରମା କଲା ସଚେତନତା ଶୋଭାଯାତ୍ରା





ଗୁରୁବାର ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ଆୟୋଜିତ ମଧୁମେହ ସଚେତନତା ଶୋଭାଯାତ୍ରା ।

**ସମ୍ବଲପୁର,୧୪।୧୧(ବ୍ୟୁରୋ)**

ବିଶ୍ୱ ମଧୁମେହ ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତ୍ରିଲୋଚନ ନେତ୍ରାଳୟ ଆୟୋଜିତ କାର୍ଯ୍ୟକ୍ରମରେ ୨୧ଟି ସାମାଜିକ ଅନୁଷ୍ଠାନର ୩୭୮ଜଣ ସଦସ୍ୟ ସାମିଲ ଥିଲେ। ତ୍ରିଲୋଚନ ନେତ୍ରାଳୟ ନିର୍ଦ୍ଦେଶକ ଡ. ଶିବପ୍ରସାଦ ସାହୁ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଫାଟକରୁ ବାହାରି ସହର ପରିକ୍ରମା କରି ଅଇଁଠାପାଲି ପିଏଚ୍‌ଡି ପଡ଼ିଆଠାରେ ଶେଷ ହୋଇଥିଲା। ଏଥିରେ ଗୋଶାଳା ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସୁସଜ୍ଜିତ ହୋଇ ବ୍ୟାଣ୍ଡ ବଜାଇ ସମସ୍ତଙ୍କ ଆକର୍ଷଣ କରିଥିଲେ। ସମ୍ବଲପୁର ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପଞ୍ଚାନନ ନାୟକ ଅତିଥି ଭାବେ ଯୋଗଦେଇ ମଧୁମେହ ଦିବସ ଉପଲକ୍ଷେ ବାର୍ତ୍ତା ଦେଇଥିଲେ । ଏହି ଅବସରରେ ସମସ୍ତ ସାମାଜିକ ଅନୁଷ୍ଠାନକୁ ସ୍ମୃତିସନ୍ତକ ପ୍ରଦାନ କରାଯାଇଥିଲା ।

## କିଡନି୍ ରୋଗୀଙ୍କୁ ମିଳିଲା ଚିକିତ୍ସା ସହାୟତା

**ଚିପିଲିମା,୧୪।୧୧(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ କଳାମାଟି ପଞ୍ଚାୟତ ଭୋଇଟିକ୍ରା ଗ୍ରାମର ଈଶ୍ୱର ବାରିକ (୫୫)। ସେ ଦୀର୍ଘ ଦିନ ହେଲା ସେ କିଡ୍‌ନି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ସେ ବୁର୍ଲା ଡାକ୍ତରଖାନାରେ ଦେଖାଇଥିଲେ। ହେଲେ ଚିକିତ୍ସା ପାଇ ଅଧିକ ଟଙ୍କାର ଆବଶ୍ୟକତା ଥିବା ଜଣାପଡିଥିଲା। ଏଭଳିସ୍ଥିତିରେ ଈଶ୍ୱରଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ନିଜ ଭାଗ୍ୟକୁ ଆଦରି ଘରେ ପଡି ରହିଥିଲେ। ଏନେଇ ସେ ବ୍ଲକ ଉପାଧକ୍ଷା ସୁଷମା ସାହୁଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇବା ସହ ସହାୟତା ପାଇଁ ଗୁହାରୀ କରିଥିଲେ। ଏହାଜାଣି ବ୍ଲକ ଉପାଧକ୍ଷା ଈଶ୍ୱରଙ୍କୁ ନେଇ ଜିଲା ପ୍ରଶାସନ ଆଗରେ ସହାୟତା ପାଇଁ ନିବେଦନ କରିଥିଲେ। ଏପରି କି ଉପାଧକ୍ଷା ସାହୁ ଆବଶ୍ୟକ କାଗଜାତ ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ପରେ ବ୍ଲକ ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ଈଶ୍ୱରଙ୍କୁ ଚିକିତ୍ସା ସହାୟତା ୩୦ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ଅନ୍ୟପକ୍ଷେ ବ୍ଲକ ଉପାଧକ୍ଷା ସାହୁ ୩୦ ହଜାର ଟଙ୍କାର ଏକ ଚେକ୍ ଈଶ୍ୱରଙ୍କୁ ପ୍ରଦାନ କରି ଉପଯୁକ୍ତ ଚିକିତ୍ସା ହେବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଉପାଧକ୍ଷାଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



ବ୍ଲକ ଉପାଧକ୍ଷା ସୁଷମା ସାହୁ ଏକ ଚେକ୍ ଈଶ୍ୱରଙ୍କୁ ପ୍ରଦାନ କରୁଛନ୍ତି।

## ବାଳିକା ବିଦ୍ୟାଳୟରେ କୌତୁକ ମେଳା

**ସମ୍ବଲପୁର,୧୪।୧୧(ବ୍ୟୁରୋ)**

ଶିଶୁ ଦିବସ ଉପଲକ୍ଷେ କୌତୁକ ମେଳା ଗୁରୁବାର କ୍ଷେତରାଜପୁର ବାଳିକା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷ ସନ୍ତୋଷ କୁମାର ହୋତାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସ୍କୁଲ ପ୍ରବନ୍ଧନ କମିଟି ଟ୍ରଷ୍ଟି ମାଙ୍ଗିଲାଲ ଅଗ୍ରୱାଲ, ଚାରୁଶୀଳା ପାଣି, ଇଂ. ଅଶୋକ ଜଲାନ, ଅତୁଲ ଦିକ୍ଷୀତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସିଚରିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ନିତୁ କୌର ସୂଚନା ପ୍ରଦାନ କରିଥିବା ବେଳେ ଉପାଧକ୍ଷ ବିପିନ କୁମାର ସିଂ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ୧୦ଟି ଖାଦ୍ୟ ଷ୍ଟଲ ପ୍ରଦର୍ଶିତ ମଧ ହୋଇଥିଲା।



ଗୁରୁବାର ସମ୍ବଲପୁର କ୍ଷେତରାଜପୁର ବାଳିକା ବିଦ୍ୟାଳୟରେ ଆୟୋଜିତ କୌତୁକ ମେଳାକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

## ଫଟୋରେ ଖବର







ଗୁରୁବାର ସମ୍ବଲପୁର ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ(ବାମ)। ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅତିଥିମାନେ ଡା. ଡି. ହୋତାଙ୍କୁ ଜନସେବୀ ଡାକ୍ତର ଭୁବନେଶ୍ୱର ପ୍ରସାଦ ମିଶ୍ର ସମ୍ମାନ ପ୍ରଦାନ କରୁଛନ୍ତି(ମଝି)। କୁଲୁଥକାନୀ ସ୍ଥିତ ଜାଗୃତୀ ବିଦ୍ୟାମନ୍ଦିରଠାରେ ଆୟୋଜିତ ଶିଶୁ ଦିବସରେ ଛାତ୍ରୀଛାତ୍ରମାନେ ଅତିଥିଙ୍କ ସହ ।



“ରାଣୀ ମୁଖାର୍ଜୀ ଜଣେ ଭଲ ଅଭିନେତ୍ରୀ ଭାବେ ଜଣାଶୁଣା। ଫିଲ୍ମ ‘ମର୍ଦାନୀ-୨’ରେ ସେ ନିଜ ଅଭିନୟର ଯାଦୁ ପୁଣି ଦେଖାଇଛନ୍ତି।

-କରନ୍ ଜୋହର,
ଫିଲ୍ମ ନିର୍ମାତା



# ଆପ୍ କହିବ ମଧୁମେହ ସ୍ଥିତି




**ଦିଲ୍ଲୀ:** ଦିନକୁ ଦିନ ଡାଇବେଟିସ୍ ବା ମଧୁମେହ ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ କେତେକ ଆପ୍ ବାହାର କରାଯାଇଛି। ଏହି ଆପ୍ ଯୋଗେ ରୋଗୀ ଶରୀରରେ ମଧୁମେହ ସ୍ଥିତି ସମ୍ପର୍କରେ ଜାଣିହେବ। ମଧୁମେହ ରୋଗୀମାନେ ପ୍ରତିଦିନ ବ୍ଲଡ୍ ସୁଗାର ଲେଭଲ୍ ଟେଷ୍ଟ କରିବା ସହ ଶରୀରକୁ ଯାଉଥିବା କାର୍ବୋହାଇଡ୍ରେଟ୍‌ର ପରିମାଣ ଓ ଓଜନ ଉପରେ ନଜର ରଖିବା ନିହାତି ଆବଶ୍ୟକ। ‘ମାଇଁ ସୁଗାର- ଡାଇବେଟିସ୍ ଆପ୍ ଆଣ୍ଡ ବ୍ଲଡ୍ ସୁଗାର ଟ୍ରାକର’ ଆପ୍‌ରେ ସୁଗାର ଟେଷ୍ଟ, ଇନ୍‌ସୁଲିନ୍ କାଲ୍‌କୁଲେଟର ଓ ଏଚ୍‌ବିଏସି ଆଦି ଫିଚର୍ସ ରହିଛି। ଯାହା ସାହାଯ୍ୟରେ ଡାଇବେଟିସ୍-୧ ଓ ଡାଇବେଟିସ୍-୨ରେ ପୀଡ଼ିତ ରୋଗୀମାନେ ସେମାନଙ୍କ ଖାଦ୍ୟ, ଡାଏଟ୍ ପ୍ଲାନ୍, ବ୍ଲଡ୍ ଗ୍ଲୁକୋଜ୍ ଓ ଇନ୍‌ସୁଲିନ୍ ଆଦିର ରେକର୍ଡ ରଖିପାରିବେ। ଏହି ତଥ୍ୟକୁ ଦିନ, ସପ୍ତାହ ବା ମାସ ହିସାବରେ ବିଶ୍ଳେଷଣ କରିହେବ। ଏହି ରିପୋର୍ଟକୁ ଡାକ୍ତରଙ୍କୁ ମଧ୍ୟ ପଠାଇପାରିବେ। ଏହି ଆପ୍ ଆଣ୍ଡ୍ରଏଡ୍ ଓ ଆଇଓଏସ୍ ଫୋନ୍‌ରେ ଉପଲବ୍ଧ। ସେହିପରି ‘ଗ୍ଲୁକୋଜ୍ ବଡି ଟ୍ରାକର’ ଆପ୍ ମାଧ୍ୟମରେ ମଧୁମେହ ରୋଗୀ ଦୈନିକ ଖାଦ୍ୟ, ବ୍ଲଡ୍ ଗ୍ଲୁକୋଜ୍ ଓ ମେଡିସିନ୍ ସମ୍ପର୍କରେ ସୂଚନା ପାଇପାରିବେ। ଏଥିସହ ଏଥିଯୋଗେ ବ୍ଲଡ୍ ସୁଗାର, ଇନ୍‌ସୁଲିନ୍, ଓଜନ ଓ ବ୍ଲଡ୍ ପ୍ରେସର ଆଦି ସମ୍ପର୍କରେ ଜାଣିପାରିବେ। ଏଥିରେ କ୍ୟାଲେଣ୍ଡର ମଧ୍ୟ ରହିଥିବାରୁ ବ୍ଲଡ୍ ସୁଗାର ଉପରେ ନଜର ରଖିବା ସହଜ ହୋଇଥାଏ। ଆଣ୍ଡ୍ରଏଡ୍ ଓ ଆଇଓଏସ୍ ଡିଭାଇସ୍‌ରେ ଏହି ଆପ୍ ଡାଉନ୍‌ଲୋଡ୍ କରିହେବ।

# ଓଜନ ବୃଦ୍ଧିର କାରଣ ପ୍ରଦୂଷଣ



**ନୂଆଦିଲ୍ଲୀ:** ଦିନକୁ ଦିନ ବାୟୁ ପ୍ରଦୂଷଣ ପରିବେଶକୁ କବଳିତ କରିବାରେ ଲାଗିଛି। ପ୍ରଦୂଷିତ ବାୟୁକୁ ନିଃଶ୍ୱାସପ୍ରଶ୍ୱାସରେ ନେବାଦ୍ୱାରା ଏଥିରେ ଥିବା ଛୋଟ ଧୂଳିକଣା ଆମ ଶରୀରକୁ ଗଭୀର ଭାବେ ପ୍ରଭାବିତ କରିଥାଏ। ଏଥିଯୋଗୁ ଫୁସ୍‌ଫୁସ୍, ହୃତ୍‌ପିଣ୍ଡ, କିଡ୍‌ନୀ ସହ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପ୍ରଭାବିତ ହୋଇଥାଏ। ଏଥିସହ ଶ୍ୱାସକ୍ରିୟାରେ ସମସ୍ୟା, ଗଳାରେ ଜ୍ୱଳନ ହେବା, ଆଜ୍‌ମା ଏପରିକି କ୍ୟାନ୍‌ସର ଭଳି ରୋଗର କାରଣ ମଧ୍ୟ ପାଲଟିଥାଏ। ତେବେ ଏକ ନୂଆ ରିସର୍ଚ୍ଚ ମୁତାବକ, ପ୍ରଦୂଷଣ ଓଜନ ବୃଦ୍ଧିର ମଧ୍ୟ କାରଣ ହୋଇଥାଏ ବୋଲି ଜଣାପଡିଛି। ଦୀର୍ଘ ସମୟ ଧରି ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ରହିବା ଦ୍ୱାରା ମୋଟାପଣ ବଢିଥାଏ ବୋଲି ଫେଡେରେଶନ ଅଫ୍ ଆମେରିକାନ ସୋସାଇଟିଜ୍ ଫର ଏକ୍ସପେରିମେଣ୍ଟାଲ ବାୟୋଲୋଜି ଜର୍ନାଲରେ ପ୍ରକାଶିତ ଏକ ଅଧ୍ୟୟନର ରିପୋର୍ଟରୁ ଜାଣିବାକୁ ମିଳିଛି। ଦୁଇଟି ଗ୍ରୁପରେ ମୂଷାମାନଙ୍କୁ ନେଇ ଗବେଷକମାନେ ଏହି ଗବେଷଣା କରିଥିଲେ। ଗୋଟିଏ ଗ୍ରୁପର ମୂଷାକୁ ସ୍ୱଚ୍ଛ ପରିବେଶରେ ଏବଂ ଆଉ ଏକ ଗ୍ରୁପକୁ ପ୍ରଦୂଷିତ ପରିବେଶରେ ରଖାଯାଇଥିଲା। ଦୁଇଟି ଗ୍ରୁପର ମୂଷାଗୁଡିକୁ ନିୟମିତଭାବେ ସମାନମାତ୍ରାରେ ଖାଦ୍ୟ ଦିଆଯାଉଥିଲା। ୮ ସପ୍ତାହ ପରେ ପ୍ରଦୂଷିତ ବାୟୁରେ ରହିଥିବା ମୂଷାଗୁଡିକର ଓଜନ ଅନ୍ୟ ଗ୍ରୁପ ତୁଳନାରେ ଅଧିକ ବଢିଯାଇଥିବା ଗବେଷକମାନେ ଜାଣିବାକୁ ପାଇଥିଲେ। ଏଥିସହ ବାୟୁ ପ୍ରଦୂଷଣ ଯୋଗୁ ସେହି ଗ୍ରୁପର ମୂଷାଗୁଡିକର ଫୁସ୍‌ଫୁସ୍ ଫୁଲିଯିବା ସହ ଏଲ୍‌ଡିଏଲ୍ କୋଲେଷ୍ଟ୍ରଲ ସ୍ତର ପ୍ରାୟ ୫୦ ପ୍ରତିଶତ ବଢିଯାଇଥିଲା। ଏପରିକି ପ୍ରଦୂଷିତ ବାୟୁରେ ରଖାଯାଇଥିବା ମୂଷାଗୁଡିକର ଶରୀରରେ ଇନ୍‌ସୁଲିନର ମାତ୍ରା ମଧ୍ୟ ଭୟଙ୍କର ଭାବେ ପ୍ରଭାବିତ ହୋଇଥିବା ଗବେଷଣାରୁ ଜଣାପଡିଛି। ମୂଷା ପରି ମଣିଷ ଶରୀର ମଧ୍ୟ ପ୍ରଦୂଷଣ ଯୋଗୁ ସମାନ ଭାବେ ପ୍ରଭାବିତ ହୋଇଥାଏ ବୋଲି ସର୍ବେକ୍ଷଣରେ ସମ୍ପୃକ୍ତ ଗବେଷକମାନେ ଜାଣିବାକୁ ପାଇଛନ୍ତି।

# ବିଶ୍ୱର ସବୁଠୁ ଦାମୀ କେକ୍

**ଦୁବାଇ:** ବିଭିନ୍ନ ପ୍ରକାରର କେକ୍ ଦେଖିଥିବେ। କିନ୍ତୁ ନବବଧୂ ବେଶରେ ସଜାଯାଇଥିବା କେକ୍ କେବେ ଦେଖିଛନ୍ତି କି? ଯଦି ନା ତେବେ ଏମିତି ଏକ କେକ୍ ଦେଖିବାକୁ ମିଳିଛି ଦୁବାଇରେ। ଡେବି ୱିଙ୍ଗହାମ୍ ନାମକ ଜଣେ ମହିଳା ଏହି କେକ୍‌ର ଡିଜାଇନ୍ କରିଛନ୍ତି। ଯାହା ଏକ ସୁନ୍ଦରୀ ଯୁବତୀ ସଦୃଶ ଦେଖାଯାଉଛି। ଏହା କୌଣସି ମାମୁଲି କେକ୍ ନୁହେଁ, ଯିଏ ନାହିଁ ସେ କିଣିଦେବ। କାରଣ ଏହାର ଦାମ୍ ଶୁଣିଲେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯିବେ ଆପଣ। ଏହି କେକ୍‌ର ଦାମ୍ ୧ ନିୟୁତ ଡଲାର ରହିଛି। ଏହାକୁ ବିଶ୍ୱର ସବୁଠୁ ଦାମୀ କେକ୍ ବୋଲି କୁହାଯାଉଛି। ଯାହା ତିଆରି କରିବା ପାଇଁ ୧୦ ଦିନରୁ ଅଧିକ ସମୟ ଲାଗିଥିଲା। ଏହି କେକ୍‌ରେ ୧୦୦୦ ଅସଲି ମୋତି, ୫୦୦୦ଫୁଲ, ୧୦୦୦ ଅଣ୍ଡା ଏବଂ ୨୫ କିଲୋଗ୍ରାମ ଚକୋଲେଟ୍ ବ୍ୟବହାର କରାଯାଇଛି। ଏହି କେକ୍‌ର ଓଜନ ୧ କ୍ୱିଣ୍ଟାଲ। ଏଥିସହିତ ଡେବିଙ୍କ ନାମ ମଧ୍ୟ ଦାମୀ କେକ୍ ତିଆରି କରିବା ପାଇଁ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। କେକ୍‌ଟିକୁ ଦୁବାଇର ୱାର୍ଲଡ ଟ୍ରେଡ୍ ସେଣ୍ଟରର ଏକ ବ୍ରାଇଡାଲ ଶୋ'କେସ୍‌ରେ ରଖାଯାଇଛି। ଯାହାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଛି। ଏହା ପୂର୍ବରୁ ଡେବି ସୋଫା, ଚେୟାର, କୁଣ୍ଡ, ଚପଲ ଆଦି ଆକୃତିର କେକ୍ ତିଆରି କରିସାରିଛନ୍ତି।





**ମୁମ୍ବାଇ:** ଖୁବ୍ କମ୍ ଦିନରେ ହିଁ ବଲିଉଡ୍ ହିରୋ ସୁଶାନ୍ତ ସିଂ ରାଜପୂତ ନିଜ ଅଭିନୟ ମାଧ୍ୟମରେ ଲୋକପ୍ରିୟତା ହାସଲ କରିପାରିଛନ୍ତି। ନିକଟରେ ତାଙ୍କ ଅଭିନୀତ ଫିଲ୍ମ ‘ଛିଛୋରେ’ ମଧ୍ୟ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏହାପରେ ‘୫୦ ଡ୍ରିମ୍‌ସ’ ଶେୟାର କରି ସୋସିଆଲ ମିଡିଆରେ ଚର୍ଚ୍ଚାରେ ଥିଲେ ସୁଶାନ୍ତ। ଏହି ତାଲିକାରେ ଏରୋପ୍ଲେନ୍ ଚଳାଇବାଠାରୁ ଆରମ୍ଭ କରି ପ୍ୟାରିସ୍‌ର ଡିଜ୍‌ନିଲ୍ୟାଣ୍ଡ ବୁଲିବା ପର୍ଯ୍ୟନ୍ତ ଇଚ୍ଛା ପ୍ରକାଶ କରିଥିଲେ ସୁଶାନ୍ତ, ଯେଉଁ ସ୍ୱପ୍ନକୁ ସେ ପୂରା ମଧ୍ୟ କରିଛନ୍ତି। କିନ୍ତୁ ଏବେ ସୁଶାନ୍ତଙ୍କ ଫ୍ୟାନ୍‌ମାନଙ୍କ ପାଇଁ ରହିଛି ଏକ ଦୁଃଖ ଖବର। ସେ ଡେଙ୍ଗୁ ଜ୍ୱରରେ ପୀଡିତ ଥିବା ଜଣାପଡ଼ିଛି। ରକ୍ତ ପରୀକ୍ଷା ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡ଼ିଥିଲା। ଏଣୁ ସୁଶାନ୍ତ ସମ୍ପୂର୍ଣ୍ଣ ସୁସ୍ଥ ନ ହେବା ପର୍ଯ୍ୟନ୍ତ କୌଣସି କାମ କରିବେ ନାହିଁ। ଚଳିତ ସପ୍ତାହରେ ଏକ ଇଭେଣ୍ଟ ପାଇଁ ସେ ଆବୁଧାବୀ ଯାଇଥାନ୍ତେ। କିନ୍ତୁ ଡାକ୍ତର ତାଙ୍କୁ କୌଣସି ଟ୍ରାଭେଲ୍ ନ କରିବାକୁ ପରାମର୍ଶ ଦେଇଛନ୍ତି। ଶୁଟିଂ, ଇଭେଣ୍ଟ ପାଇଁ ସାଧାରଣତଃ ସେଲିବ୍ରିଟିମାନେ ବିଭିନ୍ନ ସ୍ଥାନକୁ ଗସ୍ତ କରିଥାନ୍ତି। ତେବେ ଏହି କାରଣରୁ ଡେଙ୍ଗୁ ଭଳି ମାରାତ୍ମକ ରୋଗ ସଂକ୍ରମିତ ହୋଇ ଆକ୍ରାନ୍ତ କରିଥାଏ। ପୂର୍ବରୁ ଅଭିନେତ୍ରୀ ଶ୍ରଦ୍ଧା କପୁର, ଅଭିନେତା ଧର୍ମେନ୍ଦ୍ର, ଟିଭି ଆକ୍ଟର ମୋହସିନ୍ ଖାନ୍, କମେଡିଆନ୍ ଭାରତୀ ସିଂଙ୍କ ଭଳି ଅନେକ ସେଲିବ୍ରିଟି ଡେଙ୍ଗୁ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। ଏହାଛଡ଼ା ସୁଶାନ୍ତ ଆଜିକାଲି ରିୟା ଚକ୍ରବର୍ତ୍ତୀଙ୍କ ସହ ରିଲେସନଶିପ୍‌ରେ ଥିବା ନେଇ ମଧ୍ୟ ଚର୍ଚ୍ଚାରେ ଅଛନ୍ତି। ଉଭୟଙ୍କ ଅନେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ଏହା ପୂର୍ବରୁ କ୍ରିତି ସାନନ୍‌ଙ୍କ ସହ ରିଲେସନଶିପ୍‌କୁ ନେଇ ସେ ଦୀର୍ଘଦିନ ଧରି ଚର୍ଚ୍ଚାରେ ଥିଲେ। ଏପରି କି ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେଙ୍କ ସହ ଦୀର୍ଘଦିନର ସମ୍ପର୍କ ଏବଂ ବିବାହ ନିଷ୍ପତ୍ତିକୁ ବି ସୁଶାନ୍ତ କ୍ରିତିଙ୍କ ପାଇଁ ବଦଳାଇଥିବା ନେଇ ଅନେକ ଚର୍ଚ୍ଚା ହୋଇଥିଲା।

# ବାଣୀଙ୍କ ବିକିନି ଟପ୍‌କୁ ନେଇ ବିବାଦ



**ମୁମ୍ବାଇ:** ଭାରତରେ ଆସ୍ଥା ଓ ଧର୍ମର ମହତ୍ତ୍ୱ ଅଧିକ। ଏଣୁ ଏ କ୍ଷେତ୍ରରେ ପ୍ରାୟତଃ ସବୁବେଳେ କିଛି ନା କିଛି ବିବାଦ ଓ ଘଟଣା ଦେଖିବାକୁ ମିଳିଥାଏ। ବି-ଟାଉନ୍ ଅଭିନେତ୍ରୀ ବାଣୀ କପୁର ଏ ପରିପ୍ରେକ୍ଷୀରେ ଏବେ ବିବାଦରେ ଫସିଛନ୍ତି। ବାଣୀଙ୍କ ଏକ ଫଟୋକୁ ନେଇ ଏବେ ସୋସିଆଲ ମିଡିଆରେ ଝଡ଼ ସୃଷ୍ଟି ହୋଇଛି। ନିକଟରେ ନିଜ ଇନ୍‌ଷ୍ଟାଗ୍ରାମରେ ବାଣୀ ଏକ କ୍ରପ୍ ଟପ୍ ପିନ୍ଧା ଫଟୋ ଶେୟାର କରିଥିଲେ। ବାଣୀଙ୍କ ଏହି ଲାଟେଷ୍ଟ ଲୁକ୍‌କୁ ଫ୍ୟାନ୍ ପସନ୍ଦ ମଧ୍ୟ କରିଥିଲେ। ହେଲେ ତାଙ୍କ ଟପ୍‌ରେ କିଛି ଏଭଳି ଲେଖା ହୋଇଥିଲା, ଯାହାକୁ ନେଇ ଏତେ ବିବାଦ ଉପୁଜିଛି। ପ୍ରକୃତରେ ବାଣୀଙ୍କ ଏହି ହଟ୍ ବିକିନି ଟପ୍‌ରେ ‘ହରେ ରାମ ହରେ କୃଷ୍ଣ’ ଲେଖାଥିବା ଦେଖିବାକୁ ମିଳିଛି। ଏହାକୁ ଦେଖିବା ପରେ ଧର୍ମ ବିଶ୍ୱାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଲୋକଙ୍କ ଅଭିଯୋଗ ହେଲା, ଯେଉଁଭଳି ଟପ୍ ବାଣୀ ପିନ୍ଧିଛନ୍ତି, ସେଥିରେ ହିନ୍ଦୁଧର୍ମର ଅନ୍ୟତମ ପରିଚୟ ‘ହରେ ରାମ ହରେ କୃଷ୍ଣ’ ଲେଖାଥିବା ଧାର୍ମିକ ଭାବନାକୁ ଆଘାତ ଦେଇଛି। ଏହାକୁ ନେଇ ବାଣୀଙ୍କୁ କଡ଼ା ସମାଲୋଚନା କରାଯାଉଛି। ଏହାଛଡ଼ା ବାଣୀଙ୍କ ଫିଲ୍ମକୁ ବୟକଟ୍ କରିବାକୁ ସୋସିଆଲ ମିଡିଆରେ ହ୍ୟାଶ୍ ଟ୍ୟାଗ୍ ସହ ବାଣୀ କପୁର ଟ୍ରେଣ୍ଡ୍ ହେଉଛି। ସେହିପରି ତାଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଦାବି ଉଠିଛି। ଅନ୍ୟପକ୍ଷରେ ଏଭଳି ବିବାଦ ଉପୁଜିବା ପରେ ବାଣୀ ଏହି ଫଟୋଟିକୁ ସୋସିଆଲ ମିଡିଆରୁ ଡିଲିଟ୍ କରିଦେଇଥିଲେ ମଧ୍ୟ ଫଟୋଟି ଏବେ ବି ହ୍ୟାଶ୍ ଟ୍ୟାଗ୍ ସହ ଭାଇରାଲ ହେଉଛି। ଫିଲ୍ମ ‘ୱାର୍’ରେ ବାଣୀ କପୁର ଦମ୍‌ଦାର ଅଭିନୟ କରି ଚର୍ଚ୍ଚା ସାଉଁଟି ଥିଲେ ଆଉ ଏବେ ଧାର୍ମିକ ଭାବନାକୁ ଆଘାତ ଦେଇ ମଧ୍ୟ ଚର୍ଚ୍ଚା ସାଉଁଟୁଛନ୍ତି। ତେବେ ଏ ବିବାଦ ନେଇ ବାଣୀ କୌଣସି ପ୍ରତିକ୍ରିୟା ରଖିନାହାନ୍ତି।

# ଓଜନ କମାଇବ ବ୍ରେକ୍‌ଫାଷ୍ଟ



**ନୂଆଦିଲ୍ଲୀ:** ସାଧାରଣତଃ ସକାଳ ଜଳଖିଆ ନ ଖାଇଲେ ଶରୀରରେ ନାନା ସମସ୍ୟା ଉପୁଜିଥାଏ ବୋଲି ଡାକ୍ତରମାନେ କହିଥାଆନ୍ତି। ହେଲେ ସାମାନ୍ୟ ବିଳମ୍ବରେ ଯଦି ସକାଳର ଜଳଖିଆ ଗ୍ରହଣ କରାଯାଏ ତେବେ ଏହା ମେଦବହୁଳ ଲୋକଙ୍କ ପାଇଁ ବେଶ୍ ଉପକାରୀ ବୋଲି ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି। ୟୁନିଭର୍ସିଟି ଅଫ୍ ସୁରେ ଦ୍ୱାରା କରାଯାଇଥିବା ଏହି ଗବେଷଣା ଅନୁଯାୟୀ, ୯୦ ମିନିଟ୍ ବିଳମ୍ବରେ ଯେଉଁମାନେ ବ୍ରେକ୍ ଫାଷ୍ଟ କରନ୍ତି, ସେମାନଙ୍କର ଓଜନ ହ୍ରାସ ପାଇଥାଏ। କାରଣ ଏହାଦ୍ୱାରା ଶରୀରର ଚର୍ବି କମିଯାଇଥାଏ। କେବଳ ସେତିକି ନୁହେଁ, ସେହି ଅନୁଯାୟୀ ନିୟମିତ ଭାବେ ରାତ୍ରଭୋଜନକୁ ବି ସାମାନ୍ୟ ବିଳମ୍ବରେ ଖାଇଲେ ଏହା ଶରୀରରେ ମେଦ ହ୍ରାସ କରିବାରେ ସହାୟକ ହୋଇଥାଏ ବୋଲି ଉକ୍ତ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ଯେଉଁମାନେ ନିୟମିତ ଭାବେ ଏପରି ଅଭ୍ୟାସ କରନ୍ତି, ସେମାନଙ୍କର ମେଦ ହ୍ରାସ ହୋଇଥାଏ।

# ମିଳିଲା ଡାଇନୋସର ଜୀବାଶ୍ମ

**ବ୍ରାସିଲିଆ:** ବ୍ରାଜିଲ୍‌ର ଦକ୍ଷିଣ ଅଞ୍ଚଳରୁ ଏକ ନରଭକ୍ଷୀ ଡାଇନୋସର ଜୀବାଶ୍ମ ମିଳିଛି। ଏହି ପ୍ରଜାତିର ଡାଇନୋସର ୨୩ କୋଟି ବର୍ଷ ତଳେ ପୃଥିବୀରେ ବାସ କରୁଥିଲେ ବୋଲି ଗବେଷକମାନେ କହିଛନ୍ତି। ଏନେଇ ବିଜ୍ଞାନ ପତ୍ରିକା। ର୍ପିରେଜେରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହି ଜୀବାଶ୍ମ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ଏତେବର୍ଷ ବିତିଯାଇଥିଲେ ମଧ୍ୟ ଏହା କିପରି ସମ୍ଭବ ହୋଇଛି ତାହା ଗବେଷଙ୍କଙ୍କୁ ବିସ୍ମିତ କରିଛି। ଏହି ପ୍ରଜାତିର ଡାଇନୋସରର ଦାନ୍ତ ଏବଂ ମାଢ଼ି ବେଶ୍ ସୁଦୃଢ଼ ଥିବା ଗବେଷକ କହିଛନ୍ତି।



# ଗୋଲାପୀ ବଲରେ ଉତ୍କଣ୍ଠା






**କୋଲକାତାର ଐତିହାସିକ ଇଡେନ ଗାର୍ଡେନରେ ବାଂଲାଦେଶ ବିପକ୍ଷରେ ଭାରତ ପ୍ରଥମ ଥର ପାଇଁ ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଖେଳିବ। ଆସନ୍ତା ୨୨ ତାରିଖରୁ ଖେଳାଯିବାକୁ ଥିବା ଏହି ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ପିଙ୍କ୍ ବା ଗୋଲାପୀ ବଲ୍‌ରେ ଖେଳାଯିବ। ବିଭିନ୍ନ ଦୃଷ୍ଟିକୋଣରୁ ଏହି ମ୍ୟାଚ୍ ଫୋକସ୍‌ରେ ରହିବା ସହ ପରୀକ୍ଷାର ସମ୍ମୁଖୀନ ହେବ।**



**ନିର୍ମଳ କୁମାର ମିଶ୍ର**

ବର୍ତ୍ତମାନ ଆମର ପଡୋଶୀ ବାଂଲାଦେଶ ଦଳ ଭାରତ ଭ୍ରମଣରେ ଆସିଛି। ଦୁଇ ଦେଶ ମଧ୍ୟରେ ଚାଲିଥିବା ସିରିଜରେ ୩ଟି ଟି୨୦ ମ୍ୟାଚ ଖେଳାଯାଇଛି। ଟି୨୦ ସିରିଜ ଭାରତ ସପକ୍ଷରେ ୨-୧ ଯାଇଛି। ବାଂଲାଦେଶ ଭାରତ ସହିତ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଟେଷ୍ଟ ମ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ସେହିପରି ଦ୍ୱିତୀୟ ଟେଷ୍ଟମ୍ୟାଚ ଆସନ୍ତା ୨୨ତାରିଖରେ କୋଲକାତାର ଐତିହାସିକ ଇଡେନ ଗାର୍ଡେନଠାରେ ଖେଳାଯିବ। ଟେଷ୍ଟ କ୍ରିକେଟରେ ବାଂଲାଦେଶ ଯଦିଓ ଏକ ଦୁର୍ବଳ ଦଳ ତଥାପି ନିଜର ଲଢୁଆ ପ୍ରଦର୍ଶନ ମାଧ୍ୟମରେ ବିପର୍ଯ୍ୟୟ ସୃଷ୍ଟି କରିବାକୁ ବେଶ୍ ସକ୍ଷମ। ଭାରତ ବିପକ୍ଷରେ ବାଂଲାଦେଶ ଟେଷ୍ଟ କ୍ୟାରିୟର ୨୦୦୦ ନଭେମ୍ବର ୧୦ତାରିଖରେ ଆରମ୍ଭ କରିଥିଲା। ଏପର୍ଯ୍ୟନ୍ତ ୧୧୫ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ବାଂଲାଦେଶ ୧୩ଟି ଟେଷ୍ଟ ମ୍ୟାଚରେ ବିଜୟୀ ହୋଇଥିବା ବେଳେ ୮୬ଟି ମ୍ୟାଚରେ ପରାସ୍ତ ହୋଇଛି ଏବଂ ୧୬ଟି ମ୍ୟାଚ ବିନା ହାରଜିତରେ ସମାପ୍ତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବାଂଲାଦେଶ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଏବଂ ଇଂଲଣ୍ଡକୁ ଥରେ ଲେଖାଏଁ ପରାସ୍ତ କରିଥିବାବେଳେ ୱେଷ୍ଟଇଣ୍ଡିଜକୁ ୪ଥର ଏବଂ ଜିମ୍ବାୱେକୁ ୬ଥର ପରାସ୍ତ କରିଛି। ଭାରତ ବିପକ୍ଷରେ ବାଂଲାଦେଶ ୯ଟି ଟେଷ୍ଟ ମ୍ୟାଚ ଖେଳିଛି ଓ ୭ଟିରେ ପରାସ୍ତ ହୋଇଥିବା ବେଳେ ୨ଟି ମ୍ୟାଚ ଅମୀମାଂଶିତ ରହିଛି। କ୍ରିକେଟ୍‌ର ସମସ୍ତ ଫର୍ମାଟରେ ନିଜର ଶକ୍ତି ବୃଦ୍ଧି କରିଥିବା ବାଂଲାଦେଶ ନିଜର ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ଯେକୌଣସି ଦଳକୁ ପରାସ୍ତ କରିବାର ଦକ୍ଷତା ରଖିଛି।

ପ୍ରଥମ ଟେଷ୍ଟ ମ୍ୟାଚ ଇନ୍ଦୋରଠାରେ ଖେଳାଯାଉଥିବା ବେଳେ ୨ୟ ଟେଷ୍ଟ ମ୍ୟାଚଟି ଐତିହାସିକ ସାବ୍ୟସ୍ତ ହେବ। କାରଣ ୨ୟ ଟେଷ୍ଟ ଦିବାରାତ୍ର ଭିତ୍ତିକ ହେବ। ଏହା ପିଙ୍କ୍ ବଲ ବା ଗୋଲାପୀ ବଲରେ ଖେଳାଯିବ। ଯଦିଓ ଗୋଲାପୀ ବଲରେ କ୍ରିକେଟ ମ୍ୟାଚ ଖେଳାଯିବାର ପରମ୍ପରା ଭାରତରେ ପ୍ରଥମ ନୁହେଁ, ତଥାପି କୋଲକାତାର କ୍ରୀକେଟପ୍ରେମୀ ଦର୍ଶକ ଏହି ଭିନ୍ନ ରୋମାଞ୍ଚକ ମ୍ୟାଚର ସ୍ୱାଦ ଉପଲବ୍ଧୀ କରିବେ। ୫ଦିନ ବ୍ୟାପି ଗୋଲାପୀ ବଲରେ ଖେଳାଯିବାକୁ ଥିବା ଏହି ଦିବାରାତ୍ର ମ୍ୟାଚ ପାଇଁ ସମସ୍ତ କ୍ରିକେଟ ପ୍ରେମୀ ଅତି ଉତ୍ସାହ ଏବଂ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଛନ୍ତି। ଏଥିପାଇଁ ବହୁ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ତା'ର ଆଭିମୁଖ୍ୟ ସ୍ପଷ୍ଟ କରିଥିବା ବେଳେ ଏପରି ଏକ ଐତିହାସିକ ପଦକ୍ଷେପ ସମ୍ଭବ ହୋଇପାରିଛି ବର୍ତ୍ତମାନ ନୂତନ ଭାବେ ଭାରତୀୟ କ୍ରିକେଟ ବୋର୍ଡ (ବିସିସିଆଇ)ର ଅଧ୍ୟକ୍ଷ ସୌରଭ ଗାଙ୍ଗୁଲୀଙ୍କ ପ୍ରଚେଷ୍ଟା ଯୋଗୁ। ଯଦିଓ ପୂର୍ବ କାର୍ଯ୍ୟସୂଚୀରେ ଏପରି କୌଣସି ସୂଚନା ଦୁଇ କ୍ରିକେଟ ବୋର୍ଡର ଅନୁମୋଦନ ପାଇ ନ ଥିଲା ତଥାପି ଦାଦାଙ୍କ ଉଦ୍ୟମ ଯୋଗୁ ଏହି ଐତିହାସିକ ପଦକ୍ଷେପ ସମ୍ଭବ ହୋଇପାରିଛି। ସର୍ବଦା କିଛି ନୂତନ ଚିନ୍ତାଧାରାରେ ବିଶ୍ୱାସ କରୁଥିବା ଦାଦା କାର୍ଯ୍ୟଭାର ଗ୍ରହଣ କରିବା ସଙ୍ଗେ ସଙ୍ଗେ ତାଙ୍କର ଉଦ୍ୟମ ଅବ୍ୟାହତ ରଖିଥିଲେ ଏବଂ ବାଂଲାଦେଶ କ୍ରିକେଟ ବୋର୍ଡ ଏବଂ ଆଇସିସିକୁ ମନେଇବାରେ ସକ୍ଷମ ହୋଇଥିଲେ। ଇନ୍ଦୋର ଟେଷ୍ଟ ମ୍ୟାଚର ଆରମ୍ଭ ପୂର୍ବରୁ ଉଭୟ ରେଡ ବଲ୍ ଏବଂ ପିଙ୍କ୍ ବଲରେ ନେଟ୍ ପ୍ରାକ୍ଟିସ ଆରମ୍ଭ କରିଛି ଟିମ୍ ଇଣ୍ଡିଆ। ଟିମ୍ ଇଣ୍ଡିଆର ଅଧିନାୟକ ବିରାଟ କୋହଲି ଏପରି ଏକ ନୂତନ ଅଭିଯାନକୁ ସ୍ୱାଗତ କରିବା ସହିତ ଦାଦାଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ବହୁ ପୁରାତନ କ୍ରିକେଟର ଏବଂ ଭାଷ୍ୟକାରମାନେ ମଧ୍ୟ ପ୍ରିନ୍ସ ଅଫ୍ କୋଲକାତାଙ୍କୁ ବେଶ୍ ପ୍ରଶଂସା କରିଛନ୍ତି।

ଏଥି ମଧ୍ୟରେ ବିଶ୍ୱର ଶ୍ରେଷ୍ଠ କ୍ରିକେଟ ଉପକରଣ ପ୍ରସ୍ତୁତ କରୁଥିବା କମ୍ପାନୀ କୁକାବୁରା ପକ୍ଷରୁ ବିସିସିଆଇ ଦ୍ୱାରା ୭୨ଟି ପିଙ୍କ୍ ବଲ୍ ଯୋଗାଇ ଦିଆଯାଇଛି। ଖେଳାଳିମାନେ ଏହି ବଲ୍‌ରେ ନେଟ୍ସ ପ୍ରାକ୍ଟିସ କରିଥିବାବେଳେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରିକେଟ ଉପକରଣ ପ୍ରସ୍ତୁତ କରୁଥିବା ଏସ.ଜି ପକ୍ଷରୁ ଏହି ଟେଷ୍ଟ ମ୍ୟାଚ ପାଇଁ ବଲ ଯୋଗାଇ ଦିଆଯାଇଛି। ଗୋଲାପୀ ବଲ୍, ରେଡ୍ ବଲଠାରୁ ଅଧିକ ସୁଇଙ୍ଗ କରୁଥିବାରୁ ଅତି ସତର୍କତାର ସହିତ ଟିମ୍ ଇଣ୍ଡିଆ ଅଭ୍ୟାସ କରିଛି। ପିଙ୍କ୍ ବଲରେ ରେଡ ବଲ ଅପେକ୍ଷା ଅଧିକ ଏକ କୋଟିଂ ରହୁଥିବା ବେଳେ ବଲ୍ ଅଧିକ ସମୟ ପର୍ଯ୍ୟନ୍ତ ନୂଆ ରୂପେ ରହିଥାଏ ଏବଂ ବଲର ହାର୍ଡନେସ୍ ଅଧିକ ରହିଥାଏ ଏବଂ ରାତ୍ରିର ଡ୍ୟୁ ଫ୍ୟାକ୍ଟର ବଲର କ୍ଷତି ପହଞ୍ଚାଇନଥାଏ। ଆଜି ପର୍ଯ୍ୟନ୍ତ ସମସ୍ତ ପିଙ୍କ୍ ବଲର ମ୍ୟାଚ କୁକାବୁରା ବଲରେ ଖେଳାଯାଇଥିବା ବେଳେ ପ୍ରଥମ ଥର ପାଇଁ ଏସ.ଜି କମ୍ପାନୀ ପ୍ରସ୍ତୁତ ବଲରେ ଖେଳାଯିବ।

ପିଙ୍କ୍ ବଲରେ ଖେଳାଯିବାକୁ ଥିବା ଏହି ଐତିହାସିକ ଟେଷ୍ଟ ମ୍ୟାଚ ଭାରତ ପାଇଁ ୫୪୦ ତମ ଟେଷ୍ଟ ମ୍ୟାଚ ହେବ। ଟିମ୍ ଇଣ୍ଡିଆ ବିଶ୍ୱର ଏକମାତ୍ର ଟେଷ୍ଟ ପ୍ଲେଇଂ ଦେଶ ଯାହାକି ଆଇସିସି ଦ୍ୱାରା ଅନୁମୋଦିତ ପ୍ରଥମ ଦିବାରାତ୍ର ଟେଷ୍ଟ ମ୍ୟାଚ ଖେଳିବ। ଇଣ୍ଟରନ୍ୟାଶନାଲ୍ ମ୍ୟାଚ ଖେଳିବାରେ ବାଂଲାଦେଶ ମଧ୍ୟ ପିଙ୍କ୍ ବଲରେ ତା'ର ପ୍ରଥମ ଅଭିଯାନ ଆରମ୍ଭ କରିବ। ପୂର୍ବରୁ ଦିବାରାତ୍ର କ୍ରିକେଟକୁ ବିରୋଧ କରୁଥିବା ବିସିସିଆଇ ନିଜ ତରଫରୁ ଆଇସିସିକୁ ପ୍ରସ୍ତାବ ରଖିଥିବାରୁ ଆଗକୁ ଅନେକ ଟେଷ୍ଟ ମ୍ୟାଚ ପରୀକ୍ଷାମୂଳକ ଭାବେ ଅନ୍ୟ ଟେଷ୍ଟ ଖେଳୁଥିବା ଦେଶମାନଙ୍କ ପକ୍ଷରୁ ଆରମ୍ଭ ହେବ ବୋଲି ଆଶା କରାଯାଇପାରେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତ ପକ୍ଷରୁ କେତେ ଜଣ ହାତଗଣତି ଖେଳାଳି ଏହି ପିଙ୍କ୍ ବଲରେ ପୂର୍ବରୁ ଖେଳିଥିବାର ଅଭ୍ୟାସ ରଖିଛନ୍ତି। ସେମାନଙ୍କ ମଧ୍ୟରେ ରୋହିତ ଶର୍ମା ଏବଂ ମହମ୍ମଦ ସାମି ରହିଛନ୍ତି। ୧୯୯୪ ମସିହାରେ ଭାରତରେ ଖେଳାଯାଇଥିବା ସମସ୍ତ ଟେଷ୍ଟ ମ୍ୟାଚ ଏସ.ଜି. କ୍ରିକେଟ ବଲରେ ଖେଳାଯାଇଥିବା ବେଳେ ପ୍ରଥମ ଥର ପାଇଁ ଏସ.ଜି କମ୍ପାନୀ ତରଫରୁ ପିଙ୍କ୍ ବଲ ତିଆରି କରାଯାଇଛି ଏବଂ ବଲର ଟେଷ୍ଟ କରାଯାଉଛି। ଯାହା ଫଳରେ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆର କୁକାବୁରା କମ୍ପାନୀ ସହିତ ଏସ.ଜି କମ୍ପାନୀର ବଲ୍ ମଧ୍ୟରେ ଏଥର ଅନ୍ତର୍ଜାତୀୟ ସ୍ତରରେ ତୀବ୍ର ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି। ବର୍ତ୍ତମାନ ସମସ୍ତ ଫର୍ମାଟରେ ଖେଳାଯାଇଥିବା ରେଡ୍ ହ୍ୱାଇଟ୍ ଏବଂ ପିଙ୍କ୍ ବଲ ବିଶ୍ୱର ୩ଟି ଶ୍ରେଷ୍ଠ ବ୍ରାଣ୍ଡର କମ୍ପାନୀ ପ୍ରସ୍ତୁତ କରୁଛନ୍ତି। ସେମାନେ ହେଲେ, ଡ୍ୟୁକ୍, କୋକାବୁରା ଏବଂ ଏସ୍.ଜି। ପିଙ୍କ୍ ବଲ୍ ପ୍ରସ୍ତୁତ କରିବାରେ କୋକାବୁରା କମ୍ପାନୀ ଅଧିକ ଅଭିଜ୍ଞତା ରଖିଥିବା ବେଳେ ଏସ୍.ଜି. କମ୍ପାନୀ ପକ୍ଷରୁ ପ୍ରସ୍ତୁତ ଏହି ବଲ୍ ଉପରେ ସମଗ୍ର ବିଶ୍ୱର ନଜର ରହିଛି। ପୂର୍ବରୁ ଦୁଲିପ୍ ଟ୍ରଫିରେ ବ୍ୟବହାର କରାଯାଇଥିବା କୋକାବୁରା ପିଙ୍କ୍ ବଲର ପ୍ରୟୋଗ ଉପରେ ଘରୋଇ କ୍ରିକେଟର ସମସ୍ତ ଖେଳାଳି ଅଭିଯୋଗ କରିବା ପରେ ୩ବର୍ଷ ଖେଳାଯିବା ପରେ ଚଳିତ ବର୍ଷଠାରୁ ଏହାର ବ୍ୟବହାର ଉପରେ ବିସିସିଆଇ ଅଙ୍କୁଶ ଲଗାଇଛି। କୁଲଦୀପ ଯାଦବ, ଦୀନେଶ କାର୍ତ୍ତିକଙ୍କ ପରି ଖେଳାଳି ଏହାର ବ୍ୟବହାର ବନ୍ଦ କରିବାକୁ ବିସିସିଆଇକୁ ପରାମର୍ଶ ଦେଇଥିଲେ। କୋଲକାତାର ଇଡେନ ଗାର୍ଡେନଠାରେ ପିଙ୍କ୍ ବଲରେ ଖେଳାଯିବାକୁ ଥିବା ଏହି ଟେଷ୍ଟ ମ୍ୟାଚ ଉପରେ ସମସ୍ତଙ୍କ ନଜର ରହିଛି।

# ହ୍ୟାଟ୍ରିକ ମ୍ୟାନ୍

**ଦୀପକ ଚହର ପ୍ରଥମ ଭାରତୀୟ ପୁରୁଷ କ୍ରିକେଟର ହିସାବରେ ଟି୨୦ ଫର୍ମାଟରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ତାଙ୍କ ପୂର୍ବରୁ ମହିଳା କ୍ରିକେଟର ଏକତା ବିସ୍ତ୍ ଅବଶ୍ୟ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ଏଥିସହିତ ଭାରତୀୟ ବୋଲରମାନେ ସବୁ ୩ଟି ଯାକ ଫର୍ମାଟରେ ହ୍ୟାଟ୍ରିକ ନେବାରେ ସଫଳ ହୋଇଛନ୍ତି।**

ଦୀପକ ଚହର ଭାରତର ନୂଆ ହ୍ୟାଟ୍ରିକ୍ ମ୍ୟାନ ରୂପେ ଉଭା ହୋଇଛନ୍ତି। ଉତ୍ତର ପ୍ରଦେଶର ଆଗ୍ରାରେ ଜନ୍ମିତ ମିଡିୟମ ପେସର ଚହର ଲୋୟାର ଅର୍ଡରରେ ଭଲ ବ୍ୟାଟିଂ ମଧ୍ୟ କରିପାରନ୍ତି। ଗତ ରବିବାର ନାଗପୁରରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ସେ ହ୍ୟାଟ୍ରିକ ଅର୍ଜନ କରି ଇତିହାସ ସୃଷ୍ଟି କରିଥିଲେ। ସେ ଏଥି ସହିତ ପ୍ରଥମ ଭାରତୀୟ ପୁରୁଷ କ୍ରିକେଟର ଭାବେ ଟି୨୦ ଫର୍ମାଟରେ ହ୍ୟାଟ୍ରିକ ଅର୍ଜନ କରିବାର ଗୌରବ ଅର୍ଜନ କରିଛନ୍ତି। କେବଳ ସେତିକ ନୁହେଁ ମାତ୍ର ୭ ରନ ଦେଇ ସେ ୬ ଉଇକେଟ ହାସଲ କରି ଟି୨୦ରେ ସଫଳତମ ବୋଲର ସାବ୍ୟସ୍ତ ହୋଇଛନ୍ତି। ଏହି କ୍ରମରେ ସେ ଶ୍ରୀଲଙ୍କାର ଅଜନ୍ତା ମେଣ୍ଡିସ୍‌ଙ୍କୁ ପଛରେ ପକାଇଛନ୍ତି। ଚହରଙ୍କ ଏହି ସଫଳତା ଭାରତ ପାଇଁ ବିଶେଷ ମହତ୍ତ୍ୱ ରଖୁଛି। ଏଥି ସହିତ ଭାରତୀୟମାନେ ୩ଟି ଫର୍ମାଟ୍‌ରେ ହ୍ୟାଟ୍ରିକ ନେବାରେ ସଫଳ ହୋଇଛନ୍ତି। ପୂର୍ବରୁ ଟେଷ୍ଟରେ ସ୍ପିନର ହରଭଜନ ସିଂ, ଇର୍ଫାନ ପଠାନ ଓ ଯଶପ୍ରିତ୍ ବୁମ୍‌ରା ହ୍ୟାଟ୍ରିକ ନେଇଥିଲେ। ସେହିପରି ଦିନିକିଆରେ ଚେତନ ଶର୍ମା, କପିଳ ଦେବ, କୁଲଦୀପ ଯାଦବ ଓ ମହମ୍ମଦ ସାମି ହ୍ୟାଟ୍ରିକ ଉଇକେଟ ହାସଲ କରିଥିଲେ। ଏବେ ଟି୨୦ରେ ଦୀପକ ଏହି ସଫଳତା ଦୋହରାଇଛନ୍ତି। ତେବେ ଦୀପକଙ୍କ ପୂର୍ବରୁ ମହିଳା କ୍ରିକେଟର ଏକତା ବିସ୍ତ୍ ପ୍ରଥମ ଭାରତୀୟ ଭାବେ ଟି୨୦ ଫର୍ମାଟରେ ହ୍ୟାଟ୍ରିକ ଅର୍ଜନ କରିଥିଲେ।

ଗତ ମଙ୍ଗଳବାର ଦୀପକ ସୟଦ ମୁସ୍ତାକ ଅଲି ଟ୍ରଫିର ଏକ ମ୍ୟାଚ୍‌ରେ ରାଜସ୍ଥାନ ତରଫରୁ ପ୍ରତିନିଧିତ୍ୱ କରି ବିଦର୍ଭ ବିପକ୍ଷରେ ପାଖାପାଖି ଆଉ ଏକ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ମାତ୍ର ୩ ଦିନରେ ସେ ଦୁଇଟି ହ୍ୟାଟ୍ରିକ ଅର୍ଜନ କରିଛନ୍ତି କହିଲେ ଭୁଲ ହେବ ନାହିଁ। ସେ ୩ଟି ଲିଗାଲ ବଲ୍‌ରେ ୩ ଉଇକେଟ ହାସଲ କରିଥିଲେ। ତେବେ ଏହି ୩ଟି ବଲ୍ ମଧ୍ୟରେ ଗୋଟିଏ ୱାଇଡ୍ ବଲ୍ ମଧ୍ୟ ପକାଇଥିଲେ। ଅବଶ୍ୟ ଦୀପକଙ୍କ ଏହି ଦମ୍‌ଦାର ପ୍ରଦର୍ଶନ ରାଜସ୍ଥାନକୁ ପରାଜୟରୁ ରକ୍ଷା କରିପାରି ନ ଥିଲା। ଟି୨୦ରେ ଦୀପକଙ୍କ ଆବିର୍ଭାବ ଭାରତ ପାଇଁ ବରଦାନ ସାବ୍ୟସ୍ତ ହେବାକୁ ଯାଉଛି। ଆଉ ପାଖାପାଖି ବର୍ଷେ ପରେ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବ। ଫଳରେ ଭାରତୀୟ ଦଳ ପାଇଁ ଦୀପକ ଟ୍ରମ୍ପ କାର୍ଡ ସାବ୍ୟସ୍ତ ହେବେ। ଘରୋଇ କ୍ରିକେଟରେ ବେଶ୍ ସଫଳ ହୋଇଥିବା ଦୀପକଙ୍କର ଅନ୍ତର୍ଜାତୀୟ ଅଭିଜ୍ଞତା ସେତେ ନାହିଁ। ଏପର୍ଯ୍ୟନ୍ତ ସେ ଗୋଟିଏ ଦିନିକିଆ, ୭ଟି ଟି୨୦ ଓ ୩୪ଟି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚ୍ ଖେଳିଛନ୍ତି। ୨୭ ବର୍ଷୀୟ ଦୀପକଙ୍କୁ ଏବେ ଫିଟ୍‌ନେସ ଓ ଫର୍ମ ବଜାୟ ରଖିବା ଉପରେ ଧ୍ୟାନ ଦେବାକୁ ହେବ।




# ତାଲିକା



ହାଇପର ଆଣ୍ଡ୍ରୋଜେନିଜମ ରୁଲ
ବିରୋଧରେ ଦିନେ ଲଢ଼ି
ୱିନ୍ କରିଥିବା ଆମ ଦୂତୀ ଚାନ୍ଦ
ଆଉ ପାଦେ ଗଲା ବଢ଼ି
ସମୟ ସହିତ ଲଢ଼ି
ଟାଇମ୍ ଶହେ ପ୍ରଭାବଶାଳୀ ତାଲିକାରେ
ସ୍ଥାନ ପାଇ ଛାଡେ ରଡ଼ି।୧।

ବିଶ୍ୱ ବ୍ୟାଡମିଣ୍ଟନ ର୍ୟାଙ୍କିଙ୍ଗ୍ ତାଲିକା
ଟପ୍ ଟେନ୍‌ରେ ସାଇ
ପୂର୍ବ ର୍ୟାଙ୍କିଙ୍ଗ୍‌ରୁ ଆଉ ଏକ ଷ୍ଟେପ୍
ଉଠି ଉପରକୁ ସେହି
ଦମ୍ ଦେଖାଇଛି ଭାଇ
ଜାପାନର କେଣ୍ଟୋ ମାହାତୋ ଶୀର୍ଷରେ
ଶହେ ଦଶ ପଏଣ୍ଟ ପାଇ ।୨।

ଟି୨୦ରେ ଶ୍ରେଷ୍ଠ ବୋଲିଂ ତାଲିକାରେ
ଟପ୍‌ରେ ଟିମ୍ ଚୋକା
ସାତ ରନ୍‌ରେ ଛ' ଉଇକେଟ ନେଇ
ବାଂଲାକୁ କଲା ବୋକା
କୁ ଅଭ୍ୟାସ ଦିଏ ଧୋକା
ସୁ ଅଭ୍ୟାସ, ନିଷ୍ଠା ବଳେ ବଢ଼େ ଲୋକ
ସାକ୍ଷୀ ଏ ତାଲିକା ଲେଖା ।୩।

-ସୁବାସ ଚନ୍ଦ୍ର ପ୍ରଧାନ

# ଅବସର ନିଷ୍ପତ୍ତି

**ଦୀର୍ଘ ୧୯ ବର୍ଷର କ୍ୟାରିୟରରେ ଡେଭିଡ ଭିଲା ସ୍ପେନ୍ ପାଇଁ ସବୁପ୍ରକାର ସଫଳତା ଅର୍ଜନ କରିଛନ୍ତି। ବିଶ୍ୱକପ୍, ୟୁରୋପିଆନ ଚାମ୍ପିୟନଶିପ୍ ଓ ଚାମ୍ପିୟନ୍ସ ଲିଗ୍ ଟାଇଟଲ ହାସଲ କରିବା ସହ ସେ ବାର୍ସିଲୋନା, ଆଟଲେଟିକୋ ମାଡ୍ରିଡ୍ ଓ ଭାଲେନିସିଆ ପ୍ରଭୃତି ହାଇପ୍ରୋଫାଇଲ କ୍ଲବ ପାଇଁ ଖେଳି ସଫଳତାର ଶୀର୍ଷରେ ପହଞ୍ଚି ପାରିଥିଲେ।**




ତାରକା ଷ୍ଟ୍ରାଇକର ତଥା ସ୍ପେନର ଟପ୍ ଗୋଲ ସ୍କୋରର ଡେଭିଡ ଭିଲା ଅବସର ନେଇ ଘୋଷଣା କରିଛନ୍ତି। ୧୯ ବର୍ଷର ଘଟଣା ବହୁଳ କ୍ୟାରିୟରରେ ଭିଲା ସବୁ ପ୍ରକାର ସଫଳତା ପାଇଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫୁଟବଲର ରୂପେ ପରିଗଣିତ ହେଉଥିବା ଏହି ଭିଲା ୯୮ଟି ମ୍ୟାଚ୍ ଖେଳିଛନ୍ତି। ଆଉ ଦୁଇଟି ମ୍ୟାଚ୍ ଖେଳିଥିଲେ ସେ ମ୍ୟାଚ୍ ଖେଳିବାରେ ଶତକ ହାସଲ କରିଥାନ୍ତେ। ସ୍ପେନ ପାଇଁ ସେ ସର୍ବାଧିକ ୫୯ଟି ଗୋଲ ସ୍କୋର କରିଛନ୍ତି। ସ୍ପେନକୁ ବାଦ୍ ଦେଲେ ସେ ବିଭିନ୍ନ ବିଶ୍ୱସ୍ତରୀୟ କ୍ଲବ ପାଇଁ ଖେଳି ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ଆସନ୍ତା ମାସରେ ସେ ଅବସର ନେବା କଥା ଘୋଷଣା କରିଛନ୍ତି। ୨୦୧୯ ଜେ- ଲିଗ୍ ସେସନ ପରେ ହିଁ ସେ ଫୁଟବଲ୍‌କୁ ଅଲବିଦା କରିବେ। ନିଜର ପାଖାପାଖି ଦୁଇ ଦଶନ୍ଧିର କ୍ୟାରିୟରରେ ୩୭ ବର୍ଷୀୟ ଭିଲା ଫିଫା ବିଶ୍ୱକପ୍, ୟୁରୋପିଆନ ଚାମ୍ପିୟନଶିପ୍ ଓ ଚାମ୍ପିୟନ୍ସ ଲିଗ୍ ଟାଇଟଲ ହାସଲ କରି ଅସାଧାରଣ ସଫଳତା ପାଇଛନ୍ତି। କ୍ଲବ୍ ଫୁଟବଲ୍‌ରେ ସେ ବାର୍ସିଲୋନା, ଆଟଲେଟିକୋ ମାଡ୍ରିଡ, ଭାଲେନ୍ସିଆ ତରଫରୁ ଖେଳିଛନ୍ତି। ବେଶ ଭାବପ୍ରବଣ ହୋଇ ସେ ଅବସର କଥା ଘୋଷଣା କରିଛନ୍ତି। ଏନେଇ ଦୀର୍ଘ ଦିନରୁ ଚିନ୍ତା କରିଆସୁଥିଲି। ପରିବାର, ବନ୍ଧୁ ଓ ଶୁଭଚିନ୍ତକମାନଙ୍କ ସହ ଆଲୋଚନା କରି ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି ବୋଲି ସେ କହିଛନ୍ତି। ଅବସର ନେବାକୁ ମୋତେ କେହି ବାଧ୍ୟ କରିନାହାନ୍ତି ଓ ଏହା ମୋର ନିଜ ନିଷ୍ପତ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି। ଭିଲା ୩ଥର ବିଶ୍ୱକପ୍ ଖେଳିବାର ସୁଯୋଗ ପାଇଛନ୍ତି। ୨୦୧୦ ବିଶ୍ୱକପ୍‌ରେ ସେ ଟାଇଟଲ ଜିତିଥିଲେ। ସେହିପରି ୨୦୦୮ରେ ସେ ୟୁରୋପିଆନ ଚାମ୍ପିୟନଶିପ୍ ହାସଲ କରିଥିଲେ। ଯଦିଓ ସେ ୨୦୧୨ ୟୁରୋପିଆନ୍ ଚାମ୍ପିୟନଶିପ୍ ବିଜୟରେ ଇଞ୍ଜୁରି କାରଣରୁ ସାମିଲ ହୋଇ ପାରି ନ ଥିଲେ।

କ୍ଲବ ଫୁଟବଲ୍‌ରେ ସେ ୨୦୧୦-୧୧ରେ ଚାମ୍ପିୟନ୍ସ ଲିଗ୍, ୨୦୧୧ରେ ୟୁଇଏଫ୍‌ଏ ସୁପର କ୍ଲବ, ୨୦୧୧ରେ କ୍ଲବ ୱାର୍ଲ୍ଡ କପ୍, ୨୦୧୦- ୧୧ ଓ ୨୦୧୨-୧୩ରେ ବାର୍ସିଲୋନ ତରଫରୁ ଦୁଇଥର ଲା ଲିଗା ଟାଇଟଲ ଜିତିଥିଲେ। ୨୦୧୩-୧୪ରେ ସେ ଆଟଲେଟିକୋ ମାଡ୍ରିଡ ତରଫରୁ ତୃତୀୟ ଲା ଲିଗା ଟାଇଟଲ ଜିତିଥିଲେ। ଡିସେମ୍ବର ୭ରେ ତାଙ୍କର ଅବସରକାଳୀନ ଉତ୍ସବ ବା ରିଟାୟାର୍ଡମେଣ୍ଟ ସେରିମନୀ ଆୟୋଜନ ହେବ। ତାଙ୍କ ଏହି ଘୋଷଣା ବିଶ୍ୱବ୍ୟାପୀ ତାଙ୍କ ପ୍ରଶଂସକଙ୍କୁ ଅବଶ୍ୟ ନିରାଶ କରିଛି। ଦୀର୍ଘ ବର୍ଷ ଧରି ଫିଟନେସ୍ ଓ ଫର୍ମ ବଜାୟ ରଖି ସେ ବିଶ୍ୱ ଫୁଟବଲ୍‌ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କର ଏହି ଉଜ୍ଜ୍ୱଳମୟ କ୍ୟାରିୟର ଆଗାମୀ ପିଢ଼ିର ଫୁଟବଲରଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।



"ପ୍ରମୋଟରଙ୍କ ମଧ୍ୟରେ ମତ ମତାନ୍ତର ସତ୍ତ୍ୱେ ମଧ୍ୟ ଏହାର ପ୍ରଭାବ ଇଣ୍ଡିଗୋ ଉପରେ ପଡିନାହିଁ। – ରଣଜୟ ଦତ୍ତ, ସିଇଓ, ଇଣ୍ଡିଗୋ



"ସମବାୟ ସଂସ୍ଥାଗୁଡିକୁ ପେସାଦାରି ଏବଂ ଠିକ୍ ଢଙ୍ଗରେ ଚଳାଇବାକୁ ଏଥିଲାଗି ଏକ ମନ୍ତ୍ରଣାଳୟ ଆଣିବାକୁ ବିଚାର କରାଯାଉଛି। – ସନ୍ତୋଷ ଗଙ୍ଗୱାର, କେନ୍ଦ୍ର ଶ୍ରମ ରାଷ୍ଟ୍ରମନ୍ତ୍ରୀ

## ସଂକ୍ଷେପରେ

### ସାଢେ ୩ ବର୍ଷର ନିମ୍ନ ସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ,୧୪-୧୧: ଘରୋଇ ବଜାରର ପାଇକାରୀ ମୁଦ୍ରାସ୍ଫୀତି ଚଳିତ ବର୍ଷ ଅକ୍ଟୋବରରେ ସାଢେ ୩ ବର୍ଷର ସର୍ବନିମ୍ନ ସ୍ତର ୦.୧୬% କୁ ଖସିଛି। ଖାଦ୍ୟ ସାମଗ୍ରୀ ଦରଦାମ ଏହି ସମୟରେ ଉଚ୍ଚରେ ରହିଥିଲେ ମଧ ମାନୁଫାକ୍ଚରିଂ ଗୁଡ୍ସ ମୂଲ୍ୟ ହ୍ରାସ ହେବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ବୁଧବାର ପ୍ରକାଶିତ ସରକାରୀ ତଥ୍ୟରୁ ସାମ୍ନାକୁ ଆସିଛି। ଏହା ପୂର୍ବରୁ ୨୦୧୬ ଜୁନରେ ପାଇକାରୀ ମୂଲ୍ୟ ଭିତ୍ତିକ ମୁଦ୍ରାସ୍ଫୀତି(ଡବ୍ଲ୍ୟୁପିଆଇ) ୦.୧% ରହିଥିଲା। ଚଳିତ ବର୍ଷ ସେପ୍ଟେମ୍ବରରେ ଡବ୍ଲ୍ୟୁପିଆଇ ଭିତ୍ତିକ ମୁଦ୍ରାସ୍ଫୀତି ୦.୩୩% ସ୍ତରରେ ରହିଥିଲା। ୨୦୧୮ ଅକ୍ଟୋବରରେ ଏହା ୫.୫୪% ସ୍ତରରେ ଥିଲା। ଅକ୍ଟୋବରରେ ଖାଦ୍ୟ ସାମଗ୍ରୀ ବର୍ଗରେ ମୂଲ୍ୟବୃଦ୍ଧି ୯.୮୦% ରହିଛି। ସେହିଭଳି ଅଣଖାଦ୍ୟ ସାମଗ୍ରୀ ବର୍ଗରେ ଏହା ୨.୩୫% ସ୍ତରରେ ରହିଥିବା ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ସଦ୍ୟତମ ଡାଟାରୁ ସାମ୍ନାକୁ ଆସିଛି। ଏହି ସମୟରେ ଆଳୁର ପାଇକାରୀ ମୂଲ୍ୟ ନକାରାତ୍ମକ ସ୍ଥିତିରେ ରହି ୧୯.୬୦% ସ୍ତର ଛୁଇଁଛି। ଯାହା ସେପ୍ଟେମ୍ବରରେ -୨୨.୫୦% ଥିଲା।

### ଜିଏସ୍ଟି ବାର୍ଷିକ ରିଟର୍ନ ଦାଖଲ ଅବଧି ବଢିଲା

ନୂଆଦିଲ୍ଲୀ,୧୪-୧୧: କେନ୍ଦ୍ର ସରକାର ଗୁରୁବାର ସାମଗ୍ରୀ ଓ ସେବା ଟିକସ(ଜିଏସ୍ଟି)ର ବାର୍ଷିକ ରିଟର୍ନ ଓ ରିକନସିଲେଶନ ଷ୍ଟେଟମେଣ୍ଟ ଫାଇଲ କରିବାର ଅବଧିକୁ ବଢାଇଛନ୍ତି। ୨୦୧୭-୧୮ ବର୍ଷ ଲାଗି ରିଟର୍ନ ଅବଧି ଡିସେମ୍ବର ୩୧କୁ ବଢିଥିବା ବେଳେ ୨୦୧୮-୧୯ ବର୍ଷ ଲାଗି ଏହାକୁ ମାର୍ଚ୍ଚ ୩୧ ଯାଏ ବୃଦ୍ଧି କରାଯାଇଛି। ସେହିଭଳି ୨ ଜିଏସ୍ଟି ରିଟର୍ନ ଫର୍ମକୁ ସରଳୀକୃତ କରାଯାଇଥିବା କେନ୍ଦ୍ରୀୟ ପରୋକ୍ଷ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ପକ୍ଷରୁ କୁହାଯାଇଛି। ପୂର୍ବରୁ ବାର୍ଷିକ ରିଟର୍ନ ବା ଜିଏସ୍ଟିଆର୍-୯ ଏବଂ ଜିଏସ୍ଟି ଆର୍ ୯- ସି ଦାଖଲ କରିବାର ଶେଷ ତାରିଖ ନଭେମ୍ବର ୩୦ ଡିସେମ୍ବର ମାସ ୩୧ ରହିଥିଲା। ନୂଆ ତାରିଖ ନେଇ ସିବିଆଇସି ବିଜ୍ଞପ୍ତି ମଧ ଜାରି କରିଛି।

# ଅଭିବୃଦ୍ଧି ପୂର୍ବାନୁମାନ ୫.୬%କୁ ଖସାଇଲା ମୁଡିସ୍



- ମାନ୍ଦାବସ୍ଥା ଅନୁମାନଠାରୁ ଜଟିଳ
- ସରକାରଙ୍କ ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ
- ୨୦୨୦ରେ ୬.୬% ରହିବ ଜିଡିପି

ନୂଆଦିଲ୍ଲୀ,୧୪-୧୧

୨୦୧୯ ଲାଗି ଭାରତର ଅଭିବୃଦ୍ଧି ଆକଳନକୁ ମୁଡିସ୍ ଇନଭେଷ୍ଟର୍ସ ସର୍ଭିସ ଗୁରୁବାର ୫.୬%କୁ ଖସାଇ ଦେଇଛି। ଦେଶର ଅର୍ଥ ବ୍ୟବସ୍ଥାରେ ଆସିଥିବା ଚାହିଦା ହ୍ରାସକୁ ଦୂର କରିବା ଦିଗରେ ଭାରତ ସରକାର ଗ୍ରହଣ କରିଥିବା ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ ବୋଲି ମୁଡିସ୍ କହିଛି। ଭାରତର ଜିଡ଼ିପି ଅଭିବୃଦ୍ଧି ୨୦୧୮ରେ ୭.୪% ରହିବ ବୋଲି ଏହା କହିଥିଲା। ମାତ୍ର ୨୦୧୯ରେ ଏହା ୬.୨% ସ୍ତର ଛୁଇଁବା ନେଇ ମୁଡିସ୍ ପ୍ରଥମେ ପୂର୍ବାନୁମାନ କରିଥିବା ବେଳେ ଏହାକୁ ଦୁଇ ଥର କମାଇ ସାରିଛି। ପ୍ରଥମେ ଅଭିବୃଦ୍ଧି ପୂର୍ବାନୁମାନକୁ ୫.୮% ଏବଂ ପରେ ୫.୬%କୁ ହ୍ରାସ କରାଯାଇଛି। ଭାରତର ମାନ୍ଦାବସ୍ଥା ଅନୁମାନଠାରୁ ଅଧିକ ରହିଥିବା ଏହା ପ୍ରକାଶ କରିଛି। ଗତ ସପ୍ତାହରେ ଭାରତର କ୍ରେଡିଟ୍ ଆଉଟ୍ଲୁକକୁ ମୁଡିସ୍ ସ୍ଥିରରୁ ନେଗେଟିଭ କରିଛି। ବିଶେଷ ଭାବେ ନିବେଶରେ ହ୍ରାସ ଯୋଗୁ ଏହା ଚାହିଦାକୁ ମଧ ପ୍ରଭାବିତ କରିଥିବା ଏହାର ରିପୋର୍ଟରେ ଉଲ୍ଲେଖ ରହିଛି। ଗ୍ରାମାଞ୍ଚଳରେ ନିଯୁକ୍ତି ହ୍ରାସ ଏବଂ ଆର୍ଥିକ ସମସ୍ୟା ଯୋଗୁ ଚାହିଦା ତ୍ୱରାନ୍ୱିତ ହୋଇ ନ ଥିବା କୁହାଯାଇଛି।

ମୁଡିସ୍ ପକ୍ଷରୁ ପ୍ରକାଶିତ ଗ୍ଲୋବାଲ ମାକ୍ରୋ ଆଉଟ୍ଲୁକ ୨୦୨୦-୨୧ରେ ମୁଡିସ୍ ଏଭଳି ବିଭିନ୍ନ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଛି। ୨୦୨୦ ଏବଂ ୨୦୨୧ରେ ଭାରତର ଜିଡିପି ଅଭିବୃଦ୍ଧି ଯଥାକ୍ରମେ ୬.୬% ଏବଂ ୬.୭% ରହିବ ବୋଲି ଆକଳନ କରାଯାଇଛି। ପୂର୍ବରୁ ହୋଇଥିବା ଅଭିବୃଦ୍ଧି ପୂର୍ବାନୁମାନଠାରୁ ଏହା ବହୁ ନିମ୍ନରେ ରହିଛି। ୨୦୧୮ ମଧ୍ୟ ଭାଗରୁ ଭାରତର ଅର୍ଥନୈତିକ କାର୍ଯ୍ୟକଳାପ ହ୍ରାସ ଘଟି ଚାଲିଛି। ଦେଶର ଜିଡ଼ିପି ଅଭିବୃଦ୍ଧି ପ୍ରାୟ ୮%ରୁ ୫%କୁ ଖସିଛି। ଦେଶରେ ନିଯୁକ୍ତି ମଧ କମ୍ ହେଉଛି। ପୂର୍ବରୁ ନିଯୁକ୍ତି କମ୍ ରହିଥିଲେ ମଧ ଚାହିଦା ଉନ୍ନତ ରହିଥିଲା। ମାତ୍ର ବର୍ତ୍ତମାନର ମାନ୍ଦାବସ୍ଥା ଚାହିଦା କମିଯିବାରୁ ଉପୁଜିଥିବା ଏହା ପ୍ରକାଶ କରିଛି।

ମାନ୍ଦାବସ୍ଥା ବିରୋଧରେ ଲଢେଇ ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। କର୍ପୋରେଟ ଟିକସକୁ ୩୦%ରୁ ହ୍ରାସ କରି ୨୨% କରାଯାଇଛି। ନୂଆ ମାନୁଫାକଚରିଂ କମ୍ପାନୀଗୁଡିକ ଲାଗି ଟିକସ ହାର ୧୫%କୁ କମିଛି। ନୂଆ ବିଦେଶୀ ନିବେଶ ଆକୃଷ୍ଟ କରିବା ଲାଗି ଏଭଳି ବିଭିନ୍ନ ପଦକ୍ଷେପ ନିଆଯାଉଛି। ଅନ୍ୟ ଏସୀୟ ଦେଶଗୁଡିକୁ ବିଚାର କରି ଟିକସ ହାର ହ୍ରାସ କରିବାକୁ ଯୋଜନା ରଖାଯାଇଛି। ବ୍ୟାଙ୍କ ପୁନଃ ପୁଞ୍ଜୀକରଣ, ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ ଦ୍ୱାରା ୪ ବଡ ବ୍ୟାଙ୍କ ଗଠନ, ଅଟୋ ସେକ୍ଟରକୁ ସହାୟତା, ଭିତ୍ତିଭୂମି ନିବେଶ ଲାଗି ଯୋଜନା ଏବଂ ଷ୍ଟାର୍ଟଅପ୍ଗୁଡିକ ଲାଗି ଟିକସ ରିହାତିକୁ ସରକାର ଗୁରୁତ୍ୱ ଦେଇଛନ୍ତି। ଅର୍ଥନୀତିକୁ ଗତିଶୀଳ କରାଇବା ଲାଗି ଚାହିଦା ଏକ ପ୍ରମୁଖ କାରଣ ହୋଇଥିବା ବେଳେ ଏହାକୁ ଫେରାଇ ଆଣିବା ଲାଗି ସରକାରୀ ପଦକ୍ଷେପଗୁଡିକ ସକ୍ଷମ ହୋଇ ନାହିଁ। ରିଜର୍ଭ ବ୍ୟାଙ୍କ ସୁଧହାର ଧାରା ଜାରି ରଖିବ ବୋଲି ଏହା କହିଛି।

## ହୋଣ୍ଡାର ବିଏସ୍-୬ ଟୁହ୍ୱିଲର ଏସ୍ପି ୧୨୫



ନୂଆଦିଲ୍ଲୀ,୧୪-୧୧

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ବିଏସ୍ -୬ ମୋଟର ସାଇକେଲ ଏସ୍ପି ୧୨୫ ବଜାରକୁ ଆସିଛି। ଏହାକୁ କମ୍ପାନୀ ଆକର୍ଷଣୀୟ କରି ପ୍ରସ୍ତୁତ କରିଛି। ଏହା ଡ୍ରମ ଏବଂ ଡିସ୍କ ଆଦି ୨ଟି ବର୍ଗରେ ଉପଲବ୍ଧ। ମଡେଲଟିରେ ଗ୍ରାହକଙ୍କୁ ୬ ବର୍ଷର ୱାରେଣ୍ଟି ପ୍ରଦାନ କରାଯାଉଛି। ବିଏସ୍ -୬ ଆକ୍ଟିଭା ୧୨୫ ମଡେଲଟିକୁ ଗ୍ରାହକ ବେଶ୍ ଭଲ ପାଇବା ଦେଇଛନ୍ତି। ଏହି ଧାରାକୁ ଆଗକୁ ବଢାଇ ନୂଆ ଏସ୍ପି ୧୨୫ ବାଇକ୍ ବଜାରକୁ ଛାଡିଥିବା କମ୍ପାନୀର ସିଇଓ ମିନୋରା କାଟୋ କହିଛନ୍ତି। ଗ୍ରାହକଙ୍କୁ ଏକ ଉନ୍ନତ ଯାନ ଯୋଗାଣ ଦିଗରେ ହୋଣ୍ଡା ଉଦ୍ୟମ ଜାରି ରଖିଥିବା ସେ କହିଛନ୍ତି। ମଡେଲଟିରେ ପ୍ରଯୁକ୍ତିକୁ ବୃଦ୍ଧି କରାଯାଇଛି। ଏହାର ଚାଳନା ଦକ୍ଷତା ବେଶ ଉନ୍ନତ ହୋଇଥିବା ସେଲ୍ସ ମାର୍କେଟିଂ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ କହିଛନ୍ତି। ଏଥିରେ ଇନ୍ଧନ ଦକ୍ଷତା ୧୬% ଅଧିକ ରହିଛି। ଇଞ୍ଜିନ ଷ୍ଟାର୍ଟ, ଷ୍ଟପ ସ୍ୱିଚ, ଏଲ୍ଇଡି ଡିସି ହେଡଲ୍ୟାମ୍ପ, ଇଣ୍ଟିଗ୍ରେଟେଡ ହେଡ ଲ୍ୟାମ୍ପ, ବିଏମ୍ ଏଣ୍ଡ ପାସିଂ ସ୍ୱିଚ, ୫ ସ୍ପିଡ ଟ୍ରାନ୍ସମିଶନ, ସମ୍ପୂର୍ଣ୍ଣ ଡିଜିଟାଲ ମିଟର ଏଥିରେ ଗ୍ରାହକ ଲାଭ କରିପାରିବେ।

## 'ଆୟ ଆରମ୍ଭ ହେବା ଦିନଠାରୁ ବୀମା ସୁବିଧା ନେବା ଜରୁରୀ'

ନୂଆଦିଲ୍ଲୀ,୧୪-୧୧

ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତିରେ ପରିବାରର ଅବସ୍ଥା କ'ଣ ହେବ ତାହା ଏକ ଚିନ୍ତାର ବିଷୟ। କେବଳ ଜରୁରିକାଳୀନ ପରିସ୍ଥିତି ଲାଗି ସଞ୍ଚୟ କଲେ ଚଳିବ ନାହିଁ। ଆୟ ଆରମ୍ଭ ହେବା ଦିନଠାରୁ ବୀମା ସୁବିଧା ନେବା ଜରୁରୀ ବୋଲି ଏସ୍ବିଆଇ ଲାଇଫ ଇନସ୍ୟୁରାନ୍ସର ବିଜନେସ ଷ୍ଟ୍ରାଟେଜି ସଭାପତି ଅଭିଜିତ ଗୁଲନିକର କହିଛନ୍ତି। ଉଦାହରଣ ଦେଇ ସେ କହିଛନ୍ତି ଯେ, ଜଣେ ବ୍ୟକ୍ତି ମାସକୁ ୫ ହଜାର ଟଙ୍କା ସଞ୍ଚୟ କଲେ ୫୦ ଲକ୍ଷ ଟଙ୍କା ରଖିବା ଲାଗି ତାଙ୍କୁ ୨୫ ବର୍ଷ(୮%ସୁଧହାରରେ) ଲାଗିବ। ମାତ୍ର ବର୍ଷକୁ ୫ ହଜାର ଟଙ୍କାର ପ୍ରିମିୟମ ଦେଇ ଆସନ୍ତା ୩୫ ବର୍ଷ ପର୍ଯ୍ୟନ୍ତ ୫୦ ଲକ୍ଷ ଟଙ୍କାର ମିଆଦୀ ବୀମା ସୁରକ୍ଷା ଗ୍ରାହକ ପାଇପାରିବେ। ଲିଙ୍ଗ, ଧୂମପାନ ଅଭ୍ୟାସ, ସ୍ୱାସ୍ଥ୍ୟ ସ୍ଥିତି ଅନୁସାରେ ପ୍ରିମିୟମ ପରିମାଣ ବଦଳିଥାଏ।

## ୩ ମାସରେ ଏଜିଆର୍ ଆଦାୟ ଲାଗି ସରକାରଙ୍କ ଲକ୍ଷ୍ୟ

ନୂଆଦିଲ୍ଲୀ,୧୪-୧୧

ଦେଶର ଟେଲିକମ୍ କମ୍ପାନୀଙ୍କଠାରୁ ୩ ମାସ ମଧ୍ୟରେ ଆଡଜଷ୍ଟେଡ ଗ୍ରସ୍ ରେଭେନ୍ୟୁ (ଏଜିଆର୍) ଦେୟ ବାବଦ ଅର୍ଥ ଆଦାୟ ନେଇ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଦେୟକୁ କମ୍ପାନୀଗୁଡିକ ୩ ମାସରେ ପ୍ରଦାନ କରନ୍ତୁ ବୋଲି ସରକାର ଚାହୁଁଛନ୍ତି। ଟେଲିକମ୍ କମ୍ପାନୀଗୁଡିକ ଉପରେ ପ୍ରାୟ ୯୨ ହଜାର କୋଟି ଟଙ୍କାର ଦେୟ ରହିଥିବା ବେଳେ ଏହାକୁ ପୈଠ କରିବା ଲାଗି ସୁପ୍ରିମକୋର୍ଟ କମ୍ପାନୀଗୁଡିକୁ ଅକ୍ଟୋବର ୨୪ରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଧାରରେ ଟେଲିକମ ବିଭାଗ ଦେୟ ଆଦାୟ ଲାଗି ପ୍ରକ୍ରିୟା ଆରମ୍ଭ କରିଛି। ଲାଇସେନ୍ସ ଚୁକ୍ତି ମୁତାବକ ବିଭିନ୍ନ ଆନୁଷଙ୍ଗିକ ଆକଳନ ଦ୍ୱାରା କମ୍ପାନୀଗୁଡିକ ଦେୟ ପ୍ରଦାନ କରନ୍ତୁ ବୋଲି ବିଭାଗ ଚିଠିରେ ଉଲ୍ଲେଖ କରିଛି। ଏହି ମାମଲା ଉପରେ ଏକ ରିଭ୍ୟୁ ପିଟିଶନ ସୁପ୍ରିମକୋର୍ଟରେ ଦାଏର କରିବା ଲାଗି କମ୍ପାନୀ ଯୋଜନା କରୁଥିବା ଶୁଣାଯାଉଛି।

## ଡ୍ୟୁକ୍ ପକ୍ଷରୁ ନୂଆ ଜ୍ୟାକେଟ ସମ୍ଭାର

ଭୁବନେଶ୍ୱର,୧୪-୧୧

ଡ୍ୟୁକ୍ ଫ୍ୟାଶନ୍ସ ଲିମିଟେଡ ପକ୍ଷରୁ ନୂଆ ଜ୍ୟାକେଟ ଏବଂ ସ୍ୱେଟର ସମ୍ଭାର ବଜାର ପ୍ରବେଶ କରାଯାଇଛି। ଏଥିରେ ଗ୍ରାହକମାନେ ଷ୍ଟାଇଲ, ଡିଜାଇନ, କଲର, ଫ୍ୟାବ୍ରିକ ଏବଂ ଟ୍ରେଣ୍ଡ ଭଳି ବୈଶିଷ୍ଟ୍ୟ ଲାଭ କରିପାରିବେ। ୟୁରୋପର ବିଭିନ୍ନ ସହରରୁ ଅନୁପ୍ରାଣୀତ ହୋଇ ଡିଜାଇନଗୁଡିକୁ ପ୍ରସ୍ତୁତ କରାଯାଇଛି। କମ୍ପାନୀର ବିଭିନ୍ନ ପ୍ରଡକ୍ଟ ମଧ୍ୟରେ ରହିଛି ଉଲେନ ଟପ୍ସ, ବମ୍ବର୍ସ, ଲଙ୍ଗ କୋଟ, ସ୍କି ଜ୍ୟାକେଟ, ଟ୍ୱିଡ କୋଟ, ରେଗୁଲାର ଜ୍ୟାକେଟ, ସ୍ପୋର୍ଟ ଜ୍ୟାକେଟ, ଚେଷ୍ଟର୍ସ,ହୁଡ ଜ୍ୟାକେଟ, ୱାସ୍ଡ ଜ୍ୟାକେଟ ସହ ବିଭିନ୍ନ ଡିଜାଇନର ସ୍ୱିଟର ମଧ ରହିଛି। ଫ୍ୟାଶନ ପ୍ରେମୀଙ୍କୁ ଧ୍ୟାନରେ ରଖି ବିଭିନ୍ନ ପ୍ରଡକ୍ଟ ବଜାରକୁ ଆସିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ପୁରୁଷ, ମହିଳା ଏବଂ ଶିଶୁ ବର୍ଗରେ ଏହି ପ୍ରଡକ୍ଟଗୁଡିକ ଉପଲବ୍ଧ। ୯୯୯ ଟଙ୍କାରୁ ୪,୯୯୯ ଟଙ୍କା ମଧ୍ୟରେ ଏହି ପ୍ରଡକ୍ଟଗୁଡିକ ମିଳିବ। ଷ୍ଟାଇଲ ଏବଂ ଗୁଣବତ୍ତା ଆଧାରରେ ବିଭିନ୍ନ ପ୍ରଡକ୍ଟ ବଜାରକୁ ଆସିଥିବା ଡ୍ୟୁକ୍ ଫ୍ୟାଶନ୍ସ ଲିମିଟେଡର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ କହିଛନ୍ତି।




GOVT. OF ODISHA

OFFICE OF THE PANCHAYAT SAMITI, KENDRAPARA

e-Procurement Notice

Bid Identification No. 2/19-20 (online)

1. The Block Development Officer, Kendrapara on behalf of Governor of Odisha invites sealed tender for the works as detailed in the table below from the class of eligible contractor as mentioned in (Col.4) registered eligible contractors of this state P.W.D. (R&B) / Water Resources / Rural Works / M.I. / C.P.W.D. to be eventually drawn up in PWD F-2 form, for execution of Building (Civil Work).

| Sl. No. | Name of the Work | Approx. value of work (Rs.) | Class of Con-tractor | EMD (Bid Security) (Rs.) | Cost of Tender Paper (Non-refundable) | Period of Com-pletion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Const. of 100 seated Hostel Building for SC/ST Students at Nagapura Sevashrama in Kendrapara Block of Kendrapara district. | 50,15,407/- | "B" & "A" | 50,150/- | 10,000/- | 11 (Eleven) Months |

2. Availability of Tender online for bidding from : 18.11.2019 to 03.12.2019
3. Last date and time submitting tender clarification : 03.12.2019, 5PM
4. Date and time of opening of Bid : 04.12.2019, 11AM

Further details can be seen from the Website of District (http:/www.kendrapara.nic.in).

*Sd./- Block Development Officer, Kendrapara*



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

ODISHA POWER TRANSMISSION CORPORATION LIMITED

OPTCL Lifeline of Odisha

(A Government of Odisha Undertaking)

Regd. Office : Janpath, Bhubaneswar - 751022 CIN: U40102OR2004SGC007553

e-TENDER NOTICE NO.: CPC-13/2019-20

For & on behalf of ODISHA POWER TRANSMISSION CORPORATION LIMITED, Senior General Manager (C.P.C) invites Tenders from reputed manufacturers in two part bidding system for Supply of Isolators. The interested bidders would be required to enroll themselves on the tender portal **www.tenderwizard.com/OPTCL**. Complete set of bidding documents are available at **www.tenderwizard.com/OPTCL** from **15.11.2019 at 11:00 AM** to **16.12.2019 upto 12:30 PM**. Interested manufacturers may visit OPTCL's official website **http://www.optcl.co.in** and **www.tenderwizard.com/OPTCL** for detail specification.

| Lot. | Sl No. | Item Description | 2018-19 | 2019-20 | Total | Total Est. Cost (in Rs.) in lakhs | EMD in Rupees | Cost of Tender Spec. document (in Rs.) | Last date of receipt & Opening of tender |
|---|---|---|---|---|---|---|---|---|---|
| I | i | 400 KV HCB - with Double E/S 2000A | 3 | 3 | 6 | 73.00 | 73,000/- | 12,000/- + (GST) @ 12% 1,440/- = 13,440/- | 16.12.2019 up to 01:00 PM & 16.12.2019 at 03:00 PM |
| II | i | 132 KV SI W/O E/S, 2000A | 0 | 6 | 6 | 20.21 | 65,580/- | | |
| | ii | 132 KV Double Isolator with E/S, 2000A | 0 | 7 | 7 | 45.37 | | | |
| III | i | 33 KV SI W/O E/S, 2000A | 5 | 6 | 11 | 14.86 | 45,500/- | | |
| | ii | 33 KV Double Isolator W/O E/S, 2000A | 0 | 5 | 5 | 11.29 | | | |
| | iii | 33 KV Beam Mounted Isolator, 2000A | 6 | 6 | 12 | 19.35 | | | |
| IV | i | Motor operating mechanism box for 132 KV Isolator with aluminium enclosure, 10 No. + 10 NC auxiliary contact with three phase AC motor with retrofitting as per OPTCL specification. | 100 | 100 | 200 | 123.37 | 3,08,420/- | | |
| | ii | Motor operating mechanism box for 33 KV Isolator with aluminium enclosure, 10 No. + 10 NC auxiliary contact with three phase AC motor with retrofitting as per OPTCL specification. | 150 | 150 | 300 | 185.05 | | | |

The bidders can view the tender documents from website free of cost.

**N.B:** All subsequent addendum / corrigendum to the tender shall be hosted in the OPTCL's official website **http://www.optcl.co.in** and **www.tenderwizard.com/OPTCL** only.

**CR Advt. No. 17/2019-20**

Sd/- **Senior General Manager (C.P.C.)**

Please connect us: optcl.odisha optcl_odisha energyodisha



SOUTH CO UTILITY

OFFICE OF THE SUPERINTENDING ENGINEER, ELECTRICAL CIRCLE, BHANJANAGAR, TEL - (06821) 240335 (O) FAX – 242400

EMail ID:- circlehead.bhanjanagar@southcoodisha.com

Letter No: 1615(14) Date: 14.11.2019

**E-Tender Notice No.01/2019-20/SOUTHCO UTILITY/BHANJANAGAR CIRCLE**

For and on behalf of Southco Utility, sealed Tenders in duplicate on two part bidding systems are invited from bidders having valid HT Electrical License complying with the terms and conditions laid in the tender documents of the following works.

**For supply & erection of HT Line, Distribution S/S & LT line in Phulbani Electrical Division under 100% Deposit Scheme.**

**Work:- Shifting of 11KV line and 25KVA DPM S/S from the premises of proposed 132/33KV G.S.S at G. Udaygiri.**

The interested bidders would be required to enrol themselves on the tender portal www.tenderwizard.com/SOUTHCO. Complete set of bidding documents will be available in www.tenderwizard.com/SOUTHCO portal from **DT.15.11.2019 from 11.00 AM** onwards (as per e-tender schedule). Interested bidders may visit Southco's official website www.southcoodisha.com or www.tenderwizard.com/SOUTHCO for detail specification.

Any addendum/corrigendum to this e-tender notice shall be uploaded in the website only.

**Issue of online tender document (bid sheet): from 15.11.2019 (11.00 AM) up to 29.11.2019 (01.00 PM)**
**Last date for submission of online tender: Up to dt. 29.11.2019 (05.00 PM).**
**Submission of Tender (Hard copy) : Up to dt. 30.11.2019 (01.00 PM.)**
**Opening of Techno-commercial Bid(Part-1): On dt. 30.11.2019 on or after 03.00 PM.**

Southco Utility reserves the right to alter the tendered quantity and reject/accept any or all tenders or split the tender among tenders without assigning any reason thereof.

Sd./- Superintending Engineer (Elect)
Electrical Circle, Bhanjanagar



Government of Odisha "e" Procurement Notice

OFFICE OF THE EXECUTIVE ENGINEER, KORAPUT (R&B) DIVISION, KORAPUT

Bid Identification No. E.E. (R&B) KPT- 10/2019-20

| | | | |
|---|---|---|---|
| 1. | Name of the Work | : | Road and Building Works |
| 2. | Total No. of Works | : | 4 Nos. |
| 3. | Estimated Cost | : | Rs. 51.35 lakhs to 87.63 lakhs |
| 4. | Period of completion | : | 03 (Three) to 08 (Eight) months |
| 5. | Date & Time of availability of bid document in the portal | : | From 20.11.2019 at 11.00 hours to 03.12.2019 upto 17.00 hours |
| 6. | Last date / Time for receipt of bids in the portal | : | 03.12.2019 upto 17.00 hours |
| 7. | Date of opening of tender | : | 04.12.2019 at 12.00 hours |
| 8. | Name and address of the Officer Inviting Bid | : | Executive Engineer, Koraput (R&B) Division |

Further details can be seen from the e-procurement portal https://tendersorissa.gov.in

Sd./ Executive Engineer
Koraput (R&B) Division

34096/11/0004/1920 No. B-308



OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE

TENDER CALL NOTICE

Sealed tenders are invited from the registered firms/agencies/organization for supply of Inverter & low Voltage Stabilizer at Balasore (Vide Tender No.16606 dtd.14.11.2019 as per given specifications and details of terms and conditions as available in Balasore District NIC website i.e. www.baleswar.nic.in. Interested firms/agencies/organization are requested to submit their tender (under two bid system) along with necessary documents (Technical & Financial Bid separately and outer envelope must contain the said two bids documents) to the office of the CDMO Balasore on or before dt.27.11.2019 till 4.00 P.M. through Speed Post / Regd. Post only and same will be opened on dt.28.11.2019 at 11.30 A.M. in the office chamber of CDMPHO. The authority reserves all the rights to cancel or reject the any or all tender without assigning any reason thereof.

Sd./- Dr. B.P. Chhotray
Chief District Medical & Public Health Officer, Balasore

See Career Appointment on every Wednesday & Saturday



ocac EXCELLENCE IN IT SOLUTIONS

ODISHA COMPUTER APPLICATION CENTRE
(Technical Directorate of Electronics & I.T. Department, Govt. of Odisha)
OCAC Building, Acharya Vihar Square, P.O.-RRL, BBSR-13
E-mail : training.ocac@odisha.gov.in, Website : www.ocac.in

ADMISSION NOTICE

Bhubaneswar | Rourkela and Berhampur

| COURSES | DURATION | CONTACT NO. |
|---|---|---|
| NIELIT O-Level (Recognised by Govt. of Odisha as ITI Course) | 1 Year | 0674-2567280/ 2567295/ 2567064 |
| Foreign Language (French) DELF-A1 (120 Hrs.) II DELF-A2 (Conducted only at Bhubaneswar) | 120 Hrs. | |
| Digital Marketing | 80 Hrs. | Bhubaneswar |
| Internet of Things (IoT) (Basic) | 60 Hrs. | |
| Internet of Things (IoT) (Advance) | 60 Hrs. | |
| Python (PCPA) (Basic) | 70 Hrs. | 98619 14350 98619 14360 98619 14370 |
| Python (PCPA) (Core & Advance) | 80 Hrs. | |
| Artificial Intelligence | 80 Hrs. | |
| Machine Learning Language | 80 Hrs. | |
| Amazon Web Services (AWS) | 80 Hrs. | |
| DevOps (Development & Operation) | 80 Hrs. | |
| Spring + Hibernate Framework | 80 Hrs. | |
| Data Science R | 80 Hrs. | |
| Computer Appreciation Programme (CAP) | 50 Hrs. | 76829 71100 94370 78505 |
| Tally. ERP 9 | 90 Hrs. | |
| Dot Net | 90 Hrs. | |
| Core Java | 60 Hrs. | |
| Advance Java | 60 Hrs. | |
| C Programming Language | 60 Hrs. | |
| C++ Programming Language | 60 Hrs. | |
| AutoCAD (2D & 3D) | 60 Hrs. | 96688 99991 99375 85259 99375 81528 |
| STAAD. Pro (V8i) | 90 Hrs. | |
| CATIA (V5) | 90 Hrs. | |
| 3ds MAX | 90 Hrs. | |
| Arc GIS | 60 Hrs. | |
| Revit Architecture | 75 Hrs. | |
| Hackers Boot Camp | 240 Hrs. | 79786 64028 |

ROURKELA : OCAC Facility Centre, STPI Complex, Sector-V, Rourkela-2, Contact : 8763880997 / 9040920515 / 9338222436

BERHAMPUR : OCAC Facility Centre, Gandhi Nagar, Main Road, Berhampur Contact : 0680-2250000 / 7008528804 / 9438429914



❝ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଫିଟ୍ ଥିଲେ ମଧ ମୁଁ ଏବଂ ମୋ ଭାଇ ୨୦୨୦ରେ ଅବସର ନେବୁ।

–ବବ୍ ବ୍ରାଏନ୍, ଡବଲ୍ସ ଟେନିସ ଖେଳାଳି



❝ ବର୍ତ୍ତମାନ ଟେଷ୍ଟ କ୍ରିକେଟରେ ମାତ୍ର ଅଳ୍ପ କେତେଜଣ ବିଶ୍ୱ ଶ୍ରେଣୀୟ ବୋଲର ରହିଛନ୍ତି।

–ସଚିନ ତେନ୍ଦୁଲକର, କିମ୍ବଦନ୍ତୀ କ୍ରିକେଟର

## ସଂକ୍ଷେପରେ

### ମନ ଜିଣିଲେ କୋହଲି

ଇନ୍ଦୋର,୧୪।୧୧- ଭାରତୀୟ ଅଧିନାୟକ ବିରାଟ କୋହଲି ଗୁରୁବାର ନିଜ ବ୍ୟାଟିଂ ପାଇଁ ନୁହେଁ ବରଂ ଭିନ୍ନ କାରଣ ଲାଗି ପ୍ରଶଂସକଙ୍କ ମନ ଜିଣିଛନ୍ତି। ହୋଲକାର ଷ୍ଟାଡିୟମରେ ବାଂଲାଦେଶ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ଉପସ୍ଥିତ ଦର୍ଶକଙ୍କୁ ସାଥୀ ଖେଳାଳି ମହମ୍ମଦ ଶାମିଙ୍କୁ ଉତ୍ସାହିତ କରିବାକୁ ନିବେଦନ କରିଥିଲେ କୋହଲି। ଏହାର ପରବର୍ତ୍ତୀ ବଲରେ ଶାମି ପ୍ରତିପକ୍ଷ ଦଳର ମେହିଦି ହାସନଙ୍କୁ ପ୍ରଥମ ବଲରେ ଆଉଟ୍ କରିଥିଲେ। ଏହି ଘଟଣା ବାଂଲାଦେଶ ଇନିଂସର ୫୪ତମ ଓଭରରେ ଘଟିଥିଲା। ୨୦୧୯ ବିଶ୍ୱକପ୍‌ରେ ହ୍ୟାଟ୍ରିକ ନେଇଥିବା ଶାମି ପ୍ରଥମ ବଲରେ ମୁସଫିକର ରହିମ (୪୩)ଙ୍କୁ କ୍ଲିନ ବୋଲ୍ଡ କରିଥିଲେ। ଏହାସତ୍ତ୍ୱେ ଶାମିଙ୍କୁ ଉତ୍ସାହିତ କରିବା ପରିବର୍ତ୍ତେ ଉପସ୍ଥିତ ଦର୍ଶକ ଡାକ ଛାଡୁଥିଲେ କୋହଲି ...କୋହଲି। ଏଥିଯୋଗୁ କୋହଲି ବାଧ ହୋଇ ଶାମିଙ୍କୁ ଉତ୍ସାହିତ କରିବା ପାଇଁ ଦର୍ଶକଙ୍କୁ ନିବେଦନ କରିଥିଲେ। ଏହାର ପରବର୍ତ୍ତୀ ବଲରେ ହସନ(୦)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରି ପ୍ୟାଭେଲିଅନ ରାସ୍ତା ଦେଖାଥିଲେ। ମାତ୍ର ହ୍ୟାଟ୍ରିକ ବଲରେ ସଫଳତା ପାଇ ନ ଥିଲେ ସାମି। ଉକ୍ତ ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। କ୍ରିକେଟ ପ୍ରଶଂସକମାନେ କୋହଲିଙ୍କୁ ପ୍ରଶଂସା କରିଛନ୍ତି।

### ଦିଲ୍ଲୀ କ୍ୟାପିଟାଲ୍ସରେ ଖେଳିବେ ରାହାନେ

ନୂଆଦିଲ୍ଲୀ,୧୪।୧୧- ଭାରତୀୟ ଟେଷ୍ଟ ଦଳର ଉପ ଅଧିନାୟକ ଅଜିଙ୍କ୍ୟ ରାହାନେ ଆଇପିଏଲର ଆଗାମୀ ସଂସ୍କରଣରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳିବେ। ଅଦଳବଦଳ ପ୍ରକ୍ରିୟାର ଅନ୍ତିମ ଦିନ ରାହାନେଙ୍କ ସମ୍ପର୍କରେ ଦିଲ୍ଲୀ ଫ୍ରାଞ୍ଚାଇଜ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ଦିଲ୍ଲୀ ଦଳରେ ସାମିଲ ହେବାରେ ସେ ଦ୍ୱିତୀୟ ହାଇ ପ୍ରୋଫାଇଲ ଭାରତୀୟ କ୍ରିକେଟର। ତାଙ୍କ ପୂର୍ବରୁ ଦଳ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଦଳରେ ସାମିଲ କରିଛି। କ୍ୟାପିଟାଲ୍ସ ଦଳରେ ପୂର୍ବରୁ ଟପ୍ ଅର୍ଡରରେ କେବଳ ଭାରତୀୟ ବ୍ୟାଟ୍ସମ୍ୟାନ ଥିଲେ। ଶିଖର ଧାୱନ, ପୃଥ୍ୱୀ ଶ, ଶ୍ରେୟାସ ଆୟାର ଓ ରିଷଭ ପନ୍ତ ଟପ୍ ୪ ସ୍ଥାନରେ ବ୍ୟାଟିଂ ଆସୁଥିଲେ। ଏବେ ରାହାନେ ସାମିଲ ହେବାରୁ ବ୍ୟାଟିଂ ଅର୍ଡରରେ ନିଶ୍ଚିତ ପରିବର୍ତ୍ତନ ଆଶା କରାଯାଉଛି। ରାଜସ୍ଥାନ ଫ୍ରାଞ୍ଚାଇଜ ପାଇଁ ରାହାନେ ୨୦୧୧ରୁ ୨୦୧୫ ଓ ୨୦୧୮-୧୯ ସଂସ୍କରଣରେ ପ୍ରାୟ ୧୦୦ ମ୍ୟାଚ୍ ଖେଳିଛନ୍ତି। ଗତବର୍ଷ ରାହାନେଙ୍କୁ ସିଜନ ମଧ୍ୟାନ୍ତରରେ ଅଧିନାୟକ ପଦରୁ ବିଦା କରାଯାଇ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥଙ୍କୁ ଦାୟିତ୍ୱ ଦିଆଯାଇଥିଲା। ନେତୃତ୍ୱ ଚାପରୁ ମୁକ୍ତି ପାଇବା ପରେ ରାହାନେଙ୍କ ପ୍ରଦର୍ଶନରେ ଉନ୍ନତି ଆସିଥିଲା। ଏକ ଶତକ ସହ ୧୪ ମ୍ୟାଚ୍‌ରେ ସେ ୩୯୩ ରନ୍ କରିଥିଲେ। ମୋଟରେ ସେ ୧୪୦ ଆଇପିଏଲ ମ୍ୟାଚ୍ ଖେଳି ୩୮୨୦ ରନ୍ କରିଛନ୍ତି। ରୟାଲ୍ସ ବ୍ୟତୀତ ମୁମ୍ବାଇ ଇଣ୍ଡିଆନ୍ସ ଓ ରାଇଜିଂ ପୁଣେ ସୁପରଜିଆଣ୍ଟ ପାଇଁ ଖେଳିଥିଲେ। ଅନ୍ୟପକ୍ଷରେ ରାଜସ୍ଥାନ ରୟାଲ୍ସ ସ୍ପିନର ମୟଙ୍କ ମାର୍କଣ୍ଡେ ଓ ରାହୁଲ ତେୱାତିଆଙ୍କୁ ଦଳରେ ସାମିଲ କରିଛି। ଉଭୟଙ୍କୁ ପ୍ରଥମେ ମୁମ୍ବାଇ ଇଣ୍ଡିଆନ୍ସ ଦିଲ୍ଲୀକୁ ଦେଇଥିଲା। ମୁମ୍ବାଇ ପାଇଁ ଗତ ଦୁଇ ସିଜନରେ ଖେଳିଥିବା ମାର୍କଣ୍ଡେ ୧୭ ମ୍ୟାଚ୍‌ରେ ୧୬ ଉଇକେଟ ନେଇଥିବାବେଳେ ୨୦୧୪ରେ ଆଇପିଏଲ ପଦାର୍ପଣ କରିଥିବା ତେୱତିଆ ଏପର୍ଯ୍ୟନ୍ତ ୨୦ ମ୍ୟାଚ୍ ଖେଳି ୧୪ ଉଇକେଟ ହାତେଇଛନ୍ତି।

# ବାଂଲାଦେଶ ଇନିଂସ ୧୫୦ରେ ସୀମିତ

ଇନ୍ଦୋର, ୧୪।୧୧(ପି.ଟି.)

ଭାରତୀୟ ବୋଲରମାନେ ଚମତ୍କାର ପ୍ରଦର୍ଶନ କରି ଏଠାରେ ଆରମ୍ଭ ହୋଇଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ବାଂଲାଦେଶ ପ୍ରଥମ ଇନିଂସକୁ ୧୫୦ ରନରେ ସୀମିତ ରଖିଛନ୍ତି। ଜବାବରେ ପ୍ରଥମ ଦିବସ ଖେଳ ଶେଷ ବେଳକୁ ଭାରତ ୧ ଉଇକେଟ ହରାଇ ୮୬ ରନ ସଂଗ୍ରହ କରିଛି। ମୟଙ୍କ ଅଗ୍ରୱାଲ ଓ ଚେତେଶ୍ୱର ପୂଜାରାଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ଯୋଗୁ ମ୍ୟାଚ ଭାରତ ନିୟନ୍ତ୍ରଣରେ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ମୟଙ୍କ ୮୧ ବଲ୍‌ରୁ ୩୭(୬ ଚୌକା) ଓ ପୂଜାରା ୬୧ ବଲ୍‌ରୁ ୪୩(୭ ଚୌକା) ରନରେ ଅପରାଜିତ ରହିଛନ୍ତି। ମୟଙ୍କ ଅପେକ୍ଷାକୃତ ଧିମା ଖେଳିଥିବାବେଳେ ପୂଜାରା ପ୍ରତିପକ୍ଷ ସ୍ପିନରଙ୍କ ବିପକ୍ଷରେ ଆକ୍ରମଣାତ୍ମକ ଶଟ୍

**ପ୍ରଥମ କ୍ରିକେଟ ଟେଷ୍ଟ**
- ଭାରତୀୟ ବୋଲରଙ୍କ ଚମତ୍କାର ପ୍ରଦର୍ଶନ
- ମୟଙ୍କ, ପୂଜାରାଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ
- ଭାରତ ୮୬/୧

ଖେଳିବା ଦର୍ଶନୀୟ ଥିଲା। ମୟଙ୍କ ଓ ପୂଜାରା ଅସମାପ୍ତ ୨ୟ ଉଇକେଟରେ ୭୨ ରନ ଭାଗୀଦାରି ଗଢ଼ିଛନ୍ତି। ରୋହିତ ଶର୍ମା ୬ ରନ କରି ଆବୁ ଜାୟେଦଙ୍କ ବଲ୍‌ରେ ଆଉଟ ହୋଇଛନ୍ତି। ୯ ଉଇକେଟ ସୁରକ୍ଷିତ ଥାଇ ଭାରତ ବାଂଲାଦେଶ ପ୍ରଥମ ଇନିଂସଠାରୁ ଆଉ ୬୪ ରନ ପଛରେ ରହିଛି।

ହୋଲକାର ଷ୍ଟାଡିୟମରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ବାଂଲାଦେଶ। ମାତ୍ର ଆତ୍ମବିଶ୍ୱାସରେ ନ ଥିବା ଖେଳାଳିଙ୍କ ଉପରେ ଭାରି ପଡ଼ିଥିଲେ ଭାରତୀୟ ଦ୍ରୁତ ବୋଲର। ଘରୋଇ ଦଳ ପାଇଁ ପ୍ରଥମ ସଫଳତା ଆଣିଥିଲେ ଉମେଶ ଯାଦବ। ସ୍କୋର ୧୨ ହୋଇଥିବାବେଳେ ସେ ଇମ୍ରୁଲ କାଏସଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ସମାନ ସ୍କୋରରେ ଅନ୍ୟତମ ଓପନର ଶଦମାନ ଇସଲାମଙ୍କୁ ଆଉଟ କରିଥିଲେ ଇଶାନ୍ତ ଶର୍ମା। ୧୨ ରନରେ ୨ଟି ଉଇକେଟ ହରାଇ ବାଂଲାଦେଶ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ମିଡଲ ଅର୍ଡରରେ ଅଧିନାୟକ ମୋମିନୁଲ ହକ୍ ଓ ମୁଶଫିକର ରହିମ କିଛି ସମୟ ପାଇଁ ଭାରତୀୟ ବୋଲରଙ୍କୁ ମୁକାବିଲା କରିଥିଲେ ହେଁ ତାହା ଦଳକୁ ବିପଦରୁ ଉଦ୍ଧାର କରିବାକୁ ପର୍ଯ୍ୟାପ୍ତ ହୋଇ ନ ଥିଲା। ରହିମ ୪୩, ମୋମିନୁଲ ୩୭ ଓ ଲୋୟର ଅର୍ଡରରେ ଉଇକେଟ କିପର ଲିଟନ ଦାସ ୨୧ ରନ କରିଥିବାବେଳେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ଭାରତ ପକ୍ଷରୁ ସର୍ବାଧିକ ୩ଟି ଉଇକେଟ ହାସଲ



ଉଇକେଟ ହାସଲ ପରେ ମହମ୍ମଦ ଶାମିଙ୍କ ପ୍ରତିକ୍ରିୟା।

କରିଥିଲେ ମହମ୍ମଦ ଶାମି। ସେ ୨୭ ରନ ବିନିମୟରେ ୩ଟି ଉଇକେଟ ନେଇ ମିଡଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଈଶାନ୍ତ ଓ ଉମେଶଙ୍କ ପରି ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ୨ଟି ଉଇକେଟ ମିଳିଥିଲା। ବାଂଲାଦେଶ ଇନିଂସ ୫୮.୩ ଓଭର ତିଷ୍ଠିଥିଲା।

ନମ୍ବରୱାନ ଭାରତ ଓ ୯ ନମ୍ବର ବାଂଲାଦେଶ ମଧ୍ୟରେ ପ୍ରଦର୍ଶନରେ ପ୍ରଭେଦ ପ୍ରଥମ ଦିବସରେ ବାରି ହୋଇ ପଡ଼ିଥିଲା। ଭାରତର ୩ ଜଣଯାକ ଦ୍ରୁତ ବୋଲର ୧୪୦ ଘଣ୍ଟାପ୍ରତି କିଲୋମିଟର ବେଗରେ ବୋଲିଂ କରିବାରେ ସକ୍ଷମ ହୋଇଥିଲେ। ବୋଲରଙ୍କ ପ୍ରଦର୍ଶନରେ ସ୍ଥିରତା ବାଂଲାଦେଶ ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଇଥିଲା। ଉମେଶ, ଈଶାନ୍ତ ଓ ଶାମି ନିଜ ନିଜ ଯୋଜନା ଅନୁସାରେ ବାଂଲାଦେଶୀ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିବାରେ ସକ୍ଷମ ହୋଇଥିଲେ। ରିଭର୍ସ ସୁଇଂରୁ ବେଶୀ ଫାଇଦା ଉଠାଇଥିଲେ ଶାମି। ବାଂଲାଦେଶର ସର୍ବାଧିକ ସ୍କୋରର ମିଶଫିକର ୨ ଥର ଜୀବନଦାନ ପାଇଥିଲେ ହେଁ ୪୩ ରନ କରି ଶାମିଙ୍କ ଶିକାର ହୋଇଥିଲେ।

**ସ୍କୋର ବୋର୍ଡ**

**ବାଂଲାଦେଶ ପ୍ରଥମ ଇନିଂସ**
ଶଦମାନ-କ-ଋଦ୍ଧିମାନ-ବୋ-ଇଶାନ୍ତ-୬
ଇମ୍ରୁଲ-କ-ରାହାନେ-ବୋ-ଉମେଶ-୬
ମୋମିନୁଲ-ବୋ-ଅଶ୍ୱିନ-୩୭
ମିଥୁନ-ଏଲବିଡବ୍ଲ୍ୟୁ-ଶାମି-୧୩
ରହିମ-ବୋ-ଶାମି-୪୩
ମହମୁଦୁଲ୍ଲା-ବୋ-ଅଶ୍ୱିନ-୧୦
ଲିଟନ-କ-କୋହଲି-ବୋ-ଈଶାନ୍ତ-୨୧
ମେହିଦି-ଏଲ୍‌ବିଡବ୍ଲ୍ୟୁ-ଶାମି-୦
ତାଇଜୁଲ-ରନଆଉଟ-୧
ଜାୟେଦ-ନଟଆଉଟ-୭
ଇବାଦତ-ବୋ-ଉମେଶ-୨
ଅତିରିକ୍ତ-୪
ମୋଟ(୫୮.୩ ଓଭର, ଅଲଆଉଟ) ୧୫୦।
ଉଇକେଟ ପତନ: ୧/୧୨, ୨/୧୨, ୩/୩୧, ୪/୯୯, ୫/୧୧୫, ୬/୧୪୦, ୭/୧୪୦, ୮/୧୪୦, ୯/୧୪୮।

**ବୋଲିଂ(ଭାରତ)**
ଈଶାନ୍ତ ୧୨-୬-୨୦-୨
ଉମେଶ ୧୪.୩-୪୭-୨
ଶାମି ୧୩-୫-୨୭-୩
ଅଶ୍ୱିନ ୧୬-୧-୪୩-୨
ଜାଡେଜା ୩-୦-୧୦-୦

**ଭାରତ ପ୍ରଥମ ଇନିଂସ**
ମୟଙ୍କ-ନଟଆଉଟ-୩୭
ରୋହିତ-କ-ଲିଟନ-ବୋ-ଜାୟେଦ-୬
ପୂଜାରା-ନଟଆଉଟ-୪୩
ଅତିରିକ୍ତ-୦
ମୋଟ(୧ ଉଇକେଟ, ୨୬ ଓଭର) ୮୬
ଉଇକେଟ ପତନ: ୧/୧୪।

**ବୋଲିଂ(ବାଂଲାଦେଶ)**
ଇବାଦତ ୧୧-୨-୩୨-୦
ଜାୟେଦ ୮-୦-୨୧-୦
ତାଇଜୁଲ ୭-୦-୩୩-୦।

# ମୁରଲୀଧରନଙ୍କ ସମକକ୍ଷ ହେଲେ ଅଶ୍ୱିନ



ଇନ୍ଦୋର, ୧୪।୧୧

ଭାରତର ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଘରୋଇ ମାଟିରେ ଦ୍ରୁତତମ ୨୫୦ ଟେଷ୍ଟ ଉଇକେଟ୍ ହାସଲ କରିବାରେ ଶ୍ରୀଲଙ୍କାର କିମ୍ବଦନ୍ତୀ ବୋଲର ମୁଥିଆ ମୁରଲୀଧରନଙ୍କ ସହ ସମକକ୍ଷ ହୋଇଛନ୍ତି। ଘରୋଇ ମାଟିରେ ୨୫୦ ଉଇକେଟ୍ ଅକ୍ତିଆର କରିବା ପାଇଁ ମୁରଲୀଧରନ ୪୨ ଟେଷ୍ଟର ସହାୟତା ନେଇଥିଲେ। ଅଶ୍ୱିନ ମଧ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ଏହି ମାଇଲଖୁଣ୍ଟ ସ୍ପର୍ଶ କରି ମୁରଲୀଧରନଙ୍କ ଯୁଗ୍ମଭାବେ ଏହି ତାଲିକାରେ ଶୀର୍ଷରେ ରହିଛନ୍ତି। ସ୍ଥାନୀୟ ହୋଲ୍‌କାର କ୍ରିକେଟ୍ ଷ୍ଟାଡିୟମରେ ଗୁରୁବାରଠାରୁ ଘରୋଇ ଭାରତ ଓ ବାଂଲାଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଅବସରରେ ଅଶ୍ୱିନ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ବାଂଲାଦେଶ ଇନିଂସର ୩୭ତମ ଓଭରର ପ୍ରଥମ ବଲରେ ଅଧିନାୟକ ମୋମିନୁଲ ହକ୍‌ଙ୍କୁ କ୍ଲିନ ବୋଲ୍ଡ କରି ଅଶ୍ୱିନ ଭାରତରେ ୨୫୦ତମ ଟେଷ୍ଟ ଉଇକେଟ୍ ଅକ୍ତିଆର କରିଥିଲେ। ଘରୋଇ ମାଟିରେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିବାରେ ଅଶ୍ୱିନ ୩ୟ ଭାରତୀୟ ବୋଲର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ଅନୀଲ କୁମ୍ବଲେ ଓ ହରଭଜନ ସିଂ ୨୫୦ ଉଇକେଟ୍ କ୍ଲବରେ ସାମିଲ ହୋଇଛନ୍ତି।

**ଘରୋଇ ମାଟିରେ ଦ୍ରୁତତମ ୨୫୦ ଟେଷ୍ଟ ଉଇକେଟ୍**

| ମ୍ୟାଚ୍ | ବୋଲର | ଦେଶ |
|---|---|---|
| ୪୨ | ମୁଥିଆ ମୁରଲୀଧରନ | ଶ୍ରୀଲଙ୍କା |
| ୪୨ | ରବିଚନ୍ଦ୍ରନ ଅଶ୍ୱିନ | ଭାରତ |
| ୪୩ | ଅନୀଲ କୁମ୍ବଲେ | ଭାରତ |
| ୪୪ | ରଙ୍ଗନା ହେରାଥ୍ | ଶ୍ରୀଲଙ୍କା |
| ୪୯ | ଡେଲ୍ ଷ୍ଟେଇନ | ଦକ୍ଷିଣ ଆଫ୍ରିକା |
| ୫୧ | ହରଭଜନ ସିଂ | ଭାରତ |

**ଭାରତ ମାଟିରେ ଅଶ୍ୱିନଙ୍କ ଟେଷ୍ଟ ଉଇକେଟ୍**
ପ୍ରଥମ ଉଇକେଟ୍- ଡ୍ୱେନ ବ୍ରାଭୋ
୫୦ତମ ଉଇକେଟ୍- ଆଲିଷ୍ଟର କୁକ୍
୧୦୦ତମ ଉଇକେଟ୍- ଇମ୍ରାନ ତାହିର
୧୫୦ତମ ଉଇକେଟ୍- ମିଚେଲ ସାନ୍ଟନର
୨୦୦ତମ ଉଇକେଟ୍- ମାଥ୍ୟୁ ୱାଡେ
୨୫୦ତମ ଉଇକେଟ୍- ମୋମିନୁଲ ହକ୍

# ଦ୍ରାଭିଡଙ୍କ ବିରୋଧରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ମାମଲା ଖାରଜ

ନୂଆଦିଲ୍ଲୀ, ୧୪।୧୧(ପି.ଟି.)

ରାହୁଲ ଦ୍ରାଭିଡଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ତାଙ୍କ ବିରୋଧରେ ଅଣାଯାଇଥିବା ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଏଥିକ୍ସ ଅଫିସର ଡି.କେ. ଜୈନ ଖାରଜ କରିଦେଇଛନ୍ତି। ଭାରତୀୟ କ୍ରିକେଟ କିମ୍ବଦନ୍ତୀ ବର୍ତ୍ତମାନ ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ନିର୍ଦ୍ଦେଶକ ଅଛନ୍ତି। ଏଥିସହିତ ଇଣ୍ଡିଆ ସିମେଣ୍ଟ୍ସ ଗ୍ରୁପ୍‌ର ଜଣେ ଉପସଭାପତି ଅଛନ୍ତି। ଏହି କମ୍ପାନୀ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପର କିଙ୍ଗ୍ସର ମାଲିକ ରହିଛି। ଏନ୍‌ସିଏରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଦ୍ରାଭିଡ ଭାରତ ଏ' ଏବଂ ୧୯ ବର୍ଷରୁ କମ୍ ଦଳର ମୁଖ୍ୟ କୋଚ୍ ଥିଲେ। ଏନ୍‌ସିଏ ଦାୟିତ୍ୱ ସହ ତାଙ୍କୁ ଏହି ଦୁଇଟି ଦଳର ଅଗ୍ରଗତି ଉପରେ ନଜର ରଖିବା ଲାଗି କୁହାଯାଇଛି। ଦ୍ରାଭିଡଙ୍କ ବିରୋଧରେ ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନ (ଏମ୍‌ପିସିଏ)ର ଜଣେ ଆଜୀବନ ସଦସ୍ୟ ସଞ୍ଜୀବ ଗୁପ୍ତା ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗ ଆଣିଥିଲେ।



ତାଙ୍କର ଯୁକ୍ତି ଥିଲା ଇଣ୍ଡିଆ ସିମେଣ୍ଟ୍ସର ଜଣେ କର୍ମଚାରୀ ଭାବେ ଏନ୍‌ସିଏର ଦାୟିତ୍ୱ ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ପରିସ୍ଥିତି ସୃଷ୍ଟି କରୁଛି। ଦ୍ରାଭିଡ ପୂର୍ବରୁ ତାଙ୍କ ଯୁକ୍ତି ଉପସ୍ଥାପନ କରି କହିଥିଲେ ସେ ଇଣ୍ଡିଆ ସିମେଣ୍ଟ୍ସରୁ ଛୁଟି ନେଇଛନ୍ତି। ତେଣୁ ବର୍ତ୍ତମାନ ତାଙ୍କର ଚେନ୍ନାଇ ସୁପର କିଙ୍ଗ୍ସ ସହିତ କୌଣସି ସମ୍ପର୍କ ନାହିଁ। ବିସିସିଆଇ ସମ୍ବିଧାନର ଧାରା ୩୮(୪) ଅନୁସାରେ ଜଣେ ବ୍ୟକ୍ତି ଏକକାଳୀନ ଦୁଇଟି ପଦବୀରେ ରହି ପାରିବେ ନାହିଁ। ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୬ରେ ମୁମ୍ବାଇଠାରେ ୪୬ ବର୍ଷୀୟ ପୂର୍ବତନ ଭାରତୀୟ ଅଧିନାୟକଙ୍କର ବ୍ୟକ୍ତିଗତ ଶୁଣାଣି ହୋଇଥିଲା। ଜୈନ ଦ୍ୱିତୀୟ ରାଉଣ୍ଡ ଶୁଣାଣି ମଙ୍ଗଳବାର କରିଥିଲେ। ସେଦିନ ଦ୍ରାଭିଡଙ୍କ ବଦଳରେ ତାଙ୍କ ଓକିଲ ପ୍ରତିନିଧିତ୍ୱ କରିଥିଲେ। ଗୁରୁବାର ଜୈନ ତାଙ୍କ ରାୟ ଶୁଣାଇଥିଲେ। ଦ୍ରାଭିଡ ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ନିୟମ ପରିସରକୁ ଆସୁନ ଥିବା ମୋର ହୃଦ୍‌ବୋଧ ହୋଇଛି। ତେଣୁ ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ମୁଁ ଖାରଜ କରୁଛି ବୋଲି ସେ କହିଥିଲ।

# ଭାରତର ୮ଜଣିଆ ଦଳ ଘୋଷିତ

ନୂଆଦିଲ୍ଲୀ, ୧୪।୧୧ (ପି.ଟି.)

**ଡେଭିସ୍ କପ୍ ଟେନିସ୍**

ପାକିସ୍ତାନ ବିପକ୍ଷ ଡେଭିସ କପ୍ ଟେନିସ୍ ମ୍ୟାଚ ପାଇଁ ଭାରତ ଗୁରୁବାର ୮ଜଣିଆ ଦଳ ଘୋଷଣା କରିଛି। ଇସ୍‌ଲାମାବାଦରେ ଖେଳିବାକୁ ରାଜି ନ ଥିବା ଅଧିକାଂଶ ପ୍ରମୁଖ ଖେଳାଳି ଏଥିରେ ସ୍ଥାନ ପାଇଛନ୍ତି। ମ୍ୟାଚ ନିରପେକ୍ଷ ଭେନ୍ୟୁରେ ଖେଳାଯିବା ଲାଗି ସ୍ଥିର ହେବା ପରେ ଏହି ଖେଳାଳିମାନେ ଉପଲବ୍ଧ ହେବେ ବୋଲି ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା)କୁ ସେମାନେ ଅବଗତ କରାଇଥିଲେ। ଭେଟେରାନ ଖେଳାଳି ଲିଆଣ୍ଡର ପେସ୍ ଏକ ବର୍ଷରୁ ଅଧିକ ସମୟ ବ୍ୟବଧାନରେ ପୁଣି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସୁମିତ ନାଗାଲ, ରାମକୁମାର ରମାନାଥନ, ଶିଶିକୁମାର ମୁକୁନ୍ଦ ଏବଂ ରୋହନ ବୋପାନ୍ନାଙ୍କୁ ଦଳରେ ସାମିଲ କରାଯାଇଛି। ଦୁଇ ପଡୋଶୀ ଦେଶ ମଧ୍ୟରେ ଏହି ମୁକାବିଲା ନଭେମ୍ବର ୨୯ ଓ ୩୦ରେ ଖେଳାଯିବ। ବିଶେଷ କାରଣରୁ ବଡ଼ ଦଳ ଘୋଷଣା କରାଯାଇଥିବା କୋଚ୍ ତଥା ସିଲେକ୍ସନ ପ୍ୟାନେଲର ଅନ୍ୟତମ ସଦସ୍ୟ ଜିସାନ ଅଲି ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଯେଉଁ ଖେଳାଳିମାନେ ପାକିସ୍ତାନ ଯିବାକୁ ପ୍ରସ୍ତୁତ ଥିଲେ ସେମାନଙ୍କୁ ଆମେ ନିରାଶ କରିବାକୁ ଚାହିଁଲୁ ନାହିଁ। ତେଣୁ ଆମକୁ ଦଳରେ ସନ୍ତୁଳନ ରକ୍ଷା କରିବାକୁ ପଡ଼ିଥିଲା। ଆଇଟା ସାଧାରଣତଃ ଜଣେ ଅବା ଦୁଇ ଜଣ ରିଜର୍ଭ ଖେଳାଳିଙ୍କ ସହିତ ୫ ଜଣିଆ ଦଳ ଘୋଷଣା କରିଥାଏ। ମ୍ୟାଚକୁ ଇସ୍‌ଲାମାବାଦରୁ ନିରପେକ୍ଷ ଭେନ୍ୟୁକୁ ସ୍ଥାନାନ୍ତର କରାଯିବା ନିଷ୍ପତ୍ତିର ପୁନର୍ବିଚାର କରିବା ଲାଗି ପାକିସ୍ତାନ ଟେନିସ ମହାସଂଘ (ପିଟିଏଫ୍) ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ନିକଟରେ ନିବେଦନ କରିଛି। ଖବର ଅନୁସାରେ ଆଇଟିଏଫ୍ ଏହର ନିଷ୍ପତ୍ତିରେ ଅଟଳ ରହିବ। ଏନେଇ ବିଧିବଦ୍ଧ ଘୋଷଣା ନଭେମ୍ବର ୧୮ରେ କରିବ। ଟପ୍ ଖେଳାଳି ପ୍ରଜନେଶ ଗୁଣେଶ୍ୱରନଙ୍କ ଅନୁପସ୍ଥିତିରେ ଭାରତର ସିଙ୍ଗଲ୍ସ ଚ୍ୟାଲେଞ୍ଜ ସମ୍ଭାଳିବେ ଫର୍ମରେ ଥିବା ନାଗାଲ(୧୨୭ ର୍ୟାଙ୍କିଂପ୍ରାପ୍ତ) ଏବଂ ରମାନାଥନ (୧୯୦)। ମୁକୁନ୍ଦ (୨୫୦) ଏବଂ ମାଇନେନି (୨୬୭) ବ୍ୟାକ୍‌ଅପ୍ ସିଙ୍ଗଲ୍ସ ଖେଳାଳି ରହିବେ। ବୋଧହୁଏ ପ୍ରଥମ ଥର ଦଳରେ ୩ଜଣ ଡବଲ୍ସ ସ୍ପେଶାଲିଷ୍ଟ ସ୍ଥାନ ପାଇଛନ୍ତି। ଜିସାନ କହିଛନ୍ତି, ଆମେ ଉଭୟ ସିଙ୍ଗଲ୍ସ ଏବଂ ଡବଲ୍ସ ପାଇଁ ଉପଯୁକ୍ତ ବ୍ୟାକ୍‌ଅପ୍ ଖେଳାଳି ନେବାକୁ ଚାହିଁଲୁ। ଜୀବନ ଏବେ ଭଲ ଖେଳୁଛନ୍ତି। ସେ ଉଭୟ ଲିଆଣ୍ଡର ଏବଂ ରୋହନଙ୍କ ସହିତ ଖେଳିପାରିବେ। ମ୍ୟାଚ ନିରପେକ୍ଷ ଭେନ୍ୟୁକୁ ସ୍ଥାନାନ୍ତର ନିଷ୍ପତ୍ତି ପୂର୍ବରୁ ଏହା ଇସଲାମାବାଦରେ ସେପ୍ଟେମ୍ବର ୧୪ ଓ ୧୫ରେ ଖେଳାଯିବାର ଥିଲା।

**ମୁଖ୍ୟ ଦଳ:** ସୁମିତ୍ ନାଗାଲ, ରାମକୁମାର ରମାନାଥନ, ସାକେତ ମାଇନେନି, ରୋହନ ବୋପାନ୍ନା, ଲିଆଣ୍ଡର ପେସ୍। ରିଜର୍ଭ ଖେଳାଳି: ଜୀବନ ନେଦୁନଚେଝିଆନ, ଶଶିକୁମାର ମୁକୁନ୍ଦ ଏବଂ ସିଦ୍ଧାର୍ଥ ରାୱତ। ଅଧିନାୟକ: ରୋହିତ ରାଜପାଲ, କୋଚ୍: ଜିସାନ ଅଲି।

# ସିକୁ କପ୍ କ୍ରିକେଟ: ମୟୂରଭଞ୍ଜ ବିଜୟୀ

ଧର୍ମଶାଳା,୧୪।୧୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଚାଲିଥିବା ୧୦ମ ବାର୍ଷିକ ସିକୁ କପ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ଗୁରୁବାର ଦୃଷ୍ଟିହୀନ ଖେଳାଳିଙ୍କୁ ନେଇ ଏକ ଦିନିକିଆ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ମୟୂରଭଞ୍ଜ ୮ ଉଇକେଟ୍‌ରେ ଯାଜପୁରକୁ ପରାସ୍ତ କରିଛି। ଯାଜପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୨ ଉଇକେଟ୍ ହରାଇ ୧୫୫ ରନ୍ କରିଥିଲା। ଦଳ ପକ୍ଷରୁ ଲିଙ୍ଗରାଜ ରାଉତରାୟ ୬୮ ଓ ସୁଖରାମ ମାଝି ୫୭ ରନ୍ କରିଥିଲେ। ବିପକ୍ଷ ଦଳର ସିଂଘାରି ମାଝି ଗୋଟିଏ ଉଇକେଟ ପାଇଥିଲେ। ଜବାବରେ ମୟୂରଭଞ୍ଜ ୧୨ ଓଭରରେ ୨ ଉଇକେଟ୍ ହରାଇ ୧୫୬ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଲାଲୁପ୍ରସାଦ ସୁରେନ ୬୫ ଓ ସିଂଘାରୀ ୫୪ ରନ୍ କରିଥିଲେ। ବିପକ୍ଷ ଦଳର ଅର୍ଜୁନ ଭଦ୍ରା ଓ ବିଶ୍ୱନାଥ ଖାରା ଗୋଟିଏ ଲେଖାଏ ଉଇକେଟ୍ ପାଇଥିଲେ। ପୁରସ୍କାର



ସିଂଘାରି ମାଝିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି। ଜାଫର ଇକ୍‌ବାଲ ଓ ସୁଖରାମ ମାଝି ସମ୍ବର୍ଦ୍ଧିତ ହେଉଛନ୍ତି।

ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ସମ୍ମାନିତ ଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ବିଜୟୀ ଦଳର ସିଂଘାରି ମାଝିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟ ଖେଳାଳି ଜାଫର ଇକ୍‌ବାଲ ଓ ସୁଖରାମ ମାଝିଙ୍କୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ବିଜୟ କୁମାର ରାୟଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ଦାସ ଓ ସୁନୀଲ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ଶୁଭଜିତ୍ ଦାସ ଓ ଚିତ୍ତରଞ୍ଜନ ମହାନ୍ତି ଏଥିରେ ସହଯୋଗ କରିଥିଲେ। ଶୁକ୍ରବାର ଓଡ଼ିଶା ପୋଷ୍ଟାଲ ସର୍ଭିସ୍ ସହ ୟୁନିୟନ ସ୍ପୋର୍ଟିଂ ଝାଡ଼ଖଣ୍ଡ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ହିମାଂଶୁ ଶେଖର ସାହୁ ସୂଚନା ଦେଇଛନ୍ତି।

# ବ୍ରୋଞ୍ଜ ସହ ନିଶାଦଙ୍କୁ ଅଲିମ୍ପିକ ଯୋଗ୍ୟତା

**ଦୁବାଇ, ୧୪।୧୧ (ପି.ଟି.)**




ଭାରତୀୟ ପାରା ଆଥ୍ଲେଟ ନିଶାଦ କୁମାର ଏଠାରେ ଚାଲିଥିବା ବିଶ୍ୱ ପାରା ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ର ହାଇଜମ୍ପରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୁରୁଷ ହାଇଜମ୍ପ ଟି୪୭ ବର୍ଗରେ ନିଶାଦ ୧.୯୭ ମିଟର ସହ ୩ୟ ସ୍ଥାନରେ ରହିଥିଲେ। ରିଓ ପାରା ଅଲିମ୍ପିକ ଚାମ୍ପିୟନ ତଥା ବିଶ୍ୱ ରେକର୍ଡଧାରୀ ଆମେରିକାର ରୋଡ୍ରିକ ଟାଉନସେଣ୍ଡ (୨.୦୩ ମିଟର) ଓ ଚାଇନାର ହୋଙ୍ଗଜି ଚେନ୍ (୨.୦) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ନିଶାଦଙ୍କ ଏହା ମଧ୍ୟ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ନିଶାଦ ଏଥିସହ ଆସନ୍ତାବର୍ଷ ହେବାକୁ ଥିବା ଟୋକିଓ ପାରା ଅଲିମ୍ପିକ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଭାରତର ୯ମ ପାରା ଆଥ୍ଲେଟ୍ ଭାବେ ସେ ଟୋକିଓ ଟିକେଟ୍ ଅର୍ଜନ କରିଛନ୍ତି। ସେହିଭଳି ଚଳିତ ବିଶ୍ୱ ପାରା ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତର ଏହା ମୋଟ୍ ଉପରେ ୬ଷ୍ଠ ପଦକ। ୨୦୧୭ରେ ଲଣ୍ଡନ ଅନୁଷ୍ଠିତ ପୂର୍ବ ସଂସ୍କରଣରେ ଭାରତ ମୋଟ୍ ୫ ପଦକ ଜିତିଥିଲା।

# କ୍ୱାର୍ଟରରେ ଶ୍ରୀକାନ୍ତ



କିଡାମ୍ବୀ ଶ୍ରୀକାନ୍ତ

**ହଂକଂ, ୧୪।୧୧ (ପି.ଟି.)**

ଭାରତୀୟ ସଟ୍‌ଲର କିଡାମ୍ବୀ ଶ୍ରୀକାନ୍ତ ଏଠାରେ ଚାଲିଥିବା ୪ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଅନ୍ୟତମ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ୍.ଏସ୍. ପ୍ରଣୟ ପରାଜୟ ସହ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି ଶ୍ରୀକାନ୍ତ ପ୍ରି-କ୍ୱାର୍ଟର ଫାଇନାଲରେ ୨୧-୧୧, ୧୫-୨୧, ୨୧-୧୯ ଗେମ୍‌ରେ ସାଥୀ ଖେଳାଳି ସୌରଭ ବର୍ମାଙ୍କୁ ପରାସ୍ତ କରିଛନ୍ତି। ଶେଷଥର ପାଇଁ ଶ୍ରୀକାନ୍ତ ଏପ୍ରିଲରେ ଅନୁଷ୍ଠିତ ସିଙ୍ଗାପୁର ଓପନ୍‌ର ଅନ୍ତିମ-୮ ରାଉଣ୍ଡରେ ପ୍ରବେଶ କରିଥିଲେ। ବିଶ୍ୱ ମାନ୍ୟତାର ତ୍ରୟୋଦଶ ସ୍ଥାନରେ ରହିଥିବା ଗୁଣ୍ଟୁର ଜନ୍ମିତ ଏହି ଖେଳାଳି ପରବର୍ତ୍ତୀ ମ୍ୟାଚ୍‌ରେ ଅଲିମ୍ପିକ ଚାମ୍ପିୟନ ଚେନ୍ ଲଙ୍ଗ୍‌ଙ୍କୁ ଭେଟିବେ। ତେବେ ପୁରୁଷ ସିଙ୍ଗଲ୍ସର ୨ୟ ରାଉଣ୍ଡର ଅନ୍ୟ ଏକ ମୁକାବିଲାରେ ପ୍ରଣୟ ୧୨-୨୧, ୧୯-୨୧ ସିଧାସଳଖ ଗେମ୍‌ରେ ୬ଷ୍ଠ ସିଡ୍ ଇଣ୍ଡୋନେସିଆର ଜୋନାଥନ କ୍ରିଷ୍ଟିଙ୍କଠାରୁ ହାରିଯାଇଛନ୍ତି।

**ସୟଦ ମୁସ୍ତାକ ଅଲ୍ଲୀ ଟି୨୦**

# ଗୋବିନ୍ଦ, ବିପ୍ଳବଙ୍କ ଅର୍ଦ୍ଧଶତକ: ଓଡ଼ିଶା ବିଜୟୀ

**କଟକ ଅଫିସ,୧୪।୧୧**


ବିପ୍ଳବ ସାମନ୍ତରାୟ



ଗୋବିନ୍ଦ ପୋଦ୍ଦାର

ସୁରଟର ଲାଲ୍‌ଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମ୍‌ରେ ଚାଲିଥିବା ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୪୯ ରନ୍‌ରେ ସୌରାଷ୍ଟ୍ରକୁ ପରାସ୍ତ କରିଛି। ସ୍ପିନରଙ୍କୁ ସୁହାଇଥିବା ପିଚ୍‌ରେ ଓଡ଼ିଶା ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ଦଳକୁ ଜିତାଇବାରେ ସହାୟକ ହୋଇଛି। ବିପ୍ଳବ ସାମନ୍ତରାୟ ମଧ୍ୟ ଏହି ମ୍ୟାଚ୍‌ରେ ଦ୍ରୁତ ଇନିଂସ୍ ଖେଳିଥିଲେ। ପ୍ରତିଯୋଗିତାରେ ଏହା ଥିଲା ଓଡ଼ିଶାର ଦ୍ୱିତୀୟ ବିଜୟ। ଓଡ଼ିଶା ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳିଥିବାବେଳେ ୨ଟିରେ ବିଜୟ, ଗୋଟିଏ ମ୍ୟାଚ୍ ହାରିଛି ଏବଂ ୨ଟି ମ୍ୟାଚ୍‌ର ଫଳାଫଳ ମିଳିନାହିଁ। ଫଳରେ ୧୨ ପଏଣ୍ଟ ହାସଲ କରି ଏଲିଟ୍ ଗ୍ରୁପ୍-ଇ ପଏଣ୍ଟ ଟେବୁଲରେ ଦଳ ୩ୟ ସ୍ଥାନରେ ରହିଛି। ଆସନ୍ତା ୧୫ରେ ଗୁଜରାଟ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୯ରନ୍‌ରେ ପ୍ରଥମ ଉଇକେଟ ହରାଇଥିଲା। ଓପ୍‌ନର ସନ୍ଦୀପ ପଟ୍ଟନାୟକ ୩ ରନ୍‌ରେ ରନ୍‌ଆଉଟ ହୋଇ ପାଭିଲିୟନ ଫେରିଥିଲେ। ଦ୍ୱିତୀୟ ଉଇକେଟରେ ଅଧିନାୟକ ଗୋବିନ୍ଦ ଓ ଶୁଭ୍ରାଂଶୁ ସେନାପତି ୪୬ ରନ୍ ସଂଗ୍ରହ କରିଥିଲେ। ୩ ଚୌକା ବଲରେ ୧୯ ରନ୍ କରିଥିବା ଶୁଭ୍ରାଂଶୁ ଜୟ ଚୌହ୍ୱାନଙ୍କ ବଲରେ କ୍ଲିନ୍ ବୋଲ୍ଡ ହେବା ପରେ ଗୋବିନ୍ଦ-ବିପ୍ଳବଙ୍କ ଧୂଆଁଧାର ବ୍ୟାଟିଂ ଦେଖିବାକୁ ମିଳିଥିଲା। ୪୨ ବଲ୍‌ରୁ ୫ ଚୌକା ଓ ୨ଟି ଛକା ବଲରେ ଗୋବିନ୍ଦ ୫୭ ରନ୍‌ରେ ଆଉଟ୍ ହୋଇଥିଲେ। ଟି୨୦ କ୍ୟାରିୟରରେ ଗୋବିନ୍ଦଙ୍କର ଏହା ୬ଷ୍ଠ ଅର୍ଦ୍ଧଶତକ। ଓଡ଼ିଶାର ଏହି ଇନିଂସ୍‌ରେ ସବୁଠାରୁ ଆକର୍ଷଣୀୟ ବ୍ୟାଟିଂ କରିଥିଲେ ବିପ୍ଳବ। ମାତ୍ର ୩୫ ବଲରୁ ୫ଟି ଚୌକା ଓ ୨ ଛକା ସହାୟତାରେ ୬୦ ରନ୍‌ର ଅପରାଜିତ ଇନିଂସ୍ ସେ ଖେଳିଥିଲେ। ଟି୨୦ କ୍ୟାରିୟରରେ ବିପ୍ଳବଙ୍କର ଏହା ୪ର୍ଥ ଅର୍ଦ୍ଧଶତକ। ଅରବିନ୍ଦ ସିଂ ୧୪ ଓ ଅଙ୍କିତ ଯାଦବ ୭ ରନ୍‌ରେ ଆଉଟ ହୋଇଥିଲେ। ୫ ଉଇକେଟ ହରାଇ ଓଡ଼ିଶା ୧୬୩ ରନ୍ କରିଥିଲା। ସୌରାଷ୍ଟ୍ର ଅଧିନାୟକ ଜୟଦେବ ଉନାଡକଟ୍, କୁଶାଙ୍କ ପଟେଲ ଓ ଜୟ ଚୌହ୍ୱାନ ଗୋଟିଏ ଲେଖାଏ ଉଇକେଟ ଦଖଲ କରିଥିଲେ।

୧୬୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିବା ସୌରାଷ୍ଟ୍ର ୪ ଓଭରରେ ୨୫ ରନ ଯୋଡ଼ିବା ପରେ ପ୍ରଥମ ଉଇକେଟ ହରାଇଥିଲା। ରାଜଦୀପ ଦରବାରଙ୍କୁ ୩ ରନ୍‌ରେ ଦେବବ୍ରତ ପ୍ରଧାନ କ୍ଲିନ୍‌ବୋଲ୍ଡ କରିଦେଇଥିଲେ। ୬ଷ୍ଠ ଓଭରରେ ଅଙ୍କିତ ଯାଦବ ୨ଟି ଉଇକେଟ ଦଖଲ କରିଥିଲେ। ଗୋଟିଏ ଓଭରରେ ସେ ଓପ୍‌ନର ତଥା ଉଇକେଟ କିପର ହାର୍ଭିକ ଦେଶାଇ ଓ ଧର୍ମେନ୍ଦ୍ର ସିଂ ଜାଡ଼େଜାଙ୍କୁ ଗୋବିନ୍ଦଙ୍କ ହାତରେ କ୍ୟାଚ୍‌ଆଉଟ କରାଇଥିଲେ। ହାର୍ଭିକ ଏହି ମ୍ୟାଚ୍‌ରେ ସୌରାଷ୍ଟ୍ର ପକ୍ଷରୁ ସର୍ବାଧିକ ୨୬ ରନ୍ କରିଥିଲେ। ୩୨ ରନ୍‌ରେ ୩ଟି ଉଇକେଟ ହରାଇଥିବା ସୌରାଷ୍ଟ୍ର ୧୧୪ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ସମର୍ଥ ଭ୍ୟାସ ୧୮, ଅଧିନାୟକ ଉନାଡକଟ୍ ଓ ସେଲ୍‌ଡନ ଜ୍ୟାକ୍‌ସନ ୧୭ ରନ୍ ଲେଖାଏ କରିଥିଲେ। ଓଡ଼ିଶା ପକ୍ଷରୁ ପପୁ ରାୟ, ଦେବବ୍ରତ ପ୍ରଧାନ, ଅଙ୍କିତ ଯାଦବ ୨ଟି ଲେଖାଏ ଉଇକେଟ ଦଖଲ କରିଥିବା ବେଳେ ଗୋବିନ୍ଦ ପୋଦ୍ଦାର ୭ରନ୍ ଦେଇ ୩ଟି ଉଇକେଟ ହାସଲ କରିଥିଲେ।

### ପ୍ରୟାସଙ୍କ ସ୍ଥାନରେ ରାଜେଶ

ବୟସ ଜାଲିଆତି ଅଭିଯୋଗରେ ଦଳରୁ ବାଦ୍ ପଡ଼ିଥିବା ରାଜେଶ ମହାନ୍ତି ପୁନର୍ବାର ରାଜ୍ୟ ସିନିୟର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଟୁର୍ନାମେଣ୍ଟ ନିମନ୍ତେ ଘୋଷିତ ୧୫ଜଣିଆ ଦଳରେ ରାଜେଶଙ୍କ ନାମ ଥିଲା। ହେଲେ ବିସିସିଆଇ ନିଲମ୍ବନ ଆଦେଶ ଦେବା ପରେ ରାଜେଶଙ୍କ ସ୍ଥାନରେ ପ୍ରୟାସ ସିଂଙ୍କୁ ଦଳରେ ନିଆଯାଇଥିଲା। ନିଲମ୍ବନ ଆଦେଶ ଉଠିଯିବା ଫଳରେ ରାଜେଶ ପୁନର୍ବାର ଦଳକୁ ଫେରିଛନ୍ତି।

### ୧୦୦୦ ରନ୍ କ୍ଲବରେ ବିପ୍ଳବ

ଟି୨୦ ଫର୍ମାଟ୍‌ରେ ୧୦୦୦ ରନ୍ ପୂରଣ କରିଛନ୍ତି ବିପ୍ଳବ ସାମନ୍ତରାୟ। ସୌରାଷ୍ଟ୍ର ବିପକ୍ଷରେ ୬୦ ରନ୍‌ର ଇନିଂସ ସହାୟତାରେ ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ୬୪ ମ୍ୟାଚ୍‌ରୁ ବିପ୍ଳବ ମୋଟ୍ ୧୦୫୯ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଶତକ ଓ ୪ଟି ଅର୍ଦ୍ଧଶତକ ରହିଛି।

### ଗୋବିନ୍ଦଙ୍କ ଶ୍ରେଷ୍ଠ ବୋଲିଂ ଫିଗର

ରାଜ୍ୟ ସିନିୟର ଦଳରେ ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କ ସ୍ପିନ୍ ବୋଲିଂ ଅନେକ ସମୟରେ ଫଳପ୍ରଦ ହୋଇଛି। ୩୨ଟି ଟି୨୦ ମ୍ୟାଚ୍ ଖେଳିସାରିଥିବା ଗୋବିନ୍ଦ ମୋଟ୍ ୧୪ଟି ଉଇକେଟ ଦଖଲ କରିଛନ୍ତି। ସୌରାଷ୍ଟ୍ର ବିପକ୍ଷରେ ଗୋବିନ୍ଦଙ୍କ ଯୋଗୁ ଦଳ ଅଧିକ ରନ୍ ବ୍ୟବଧାନରେ ଜିତିଛି। ୧.୩ ଓଭର ବୋଲିଂ କରି ମାତ୍ର ୭ ରନ୍ ବିନିମୟରେ ସେ ୩ଟି ଉଇକେଟ ଦଖଲ କରିଥିଲେ। ଟି୨୦ କ୍ୟାରିୟରରେ ଗୋବିନ୍ଦଙ୍କର ଏହା ଶ୍ରେଷ୍ଠ ବୋଲିଂ ଫିଗର।

# ମାନସିକ ଅବସାଦ ଲାଗି ଓହରିଲେ ଆଉ ଜଣେ ଅଷ୍ଟ୍ରେଲୀୟ କ୍ରିକେଟର

**ସିଡ୍‌ନୀ, ୧୪।୧୧ (ଏଏଫ୍‌ପି)**

ନିକଟରେ ଅଷ୍ଟ୍ରେଲିଆର ଷ୍ଟାର୍ ଅଲ୍‌ରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ଓ ନିକ୍ ମାଡିନଶନ 'ମାନସିକ ଅବସାଦ'ର ଶିକାର ହୋଇ ସାମୟିକ କ୍ରିକେଟ୍‌ରୁ ଦୂରେଇ ଯିବାକୁ ନିଷ୍ପତ୍ତି ନେଇ ବେଶ୍ ଚର୍ଚ୍ଚାରେ ରହିଥିଲେ। ଏବେ ଆଉଜଣେ ଯୁବ ଅଷ୍ଟ୍ରେଲୀୟ କ୍ରିକେଟର୍ ସେହି ସମାନ ସମସ୍ୟାର ଶିକାର ହୋଇଛନ୍ତି। ସେ ହେଉଛନ୍ତି ୨୧ ବର୍ଷୀୟ ବ୍ୟାଟ୍ସମ୍ୟାନ ୱିଲ୍ ପୁକୋଭସ୍କି। ଫଳରେ ଗତ ୨ ସପ୍ତାହ ମଧ୍ୟରେ ୩ ଜଣ ଅଷ୍ଟ୍ରେଲିଆ କ୍ରିକେଟର୍ 'ମାନସିକ ଅବସାଦ'ର ଶିକାର ହୋଇଛନ୍ତି। ପାକିସ୍ତାନ ବିପକ୍ଷ ଆଗାମୀ ଟେଷ୍ଟ ସିରିଜ ଲାଗି ଗୁରୁବାର ହୋଇଥିବା ଖେଳାଳି ଚୟନ ପ୍ରକ୍ରିୟାରୁ ୱିଲ୍ ଓହରି ଯାଇଛନ୍ତି। ଅଷ୍ଟ୍ରେଲିଆ-ଏ ଓ ପାକିସ୍ତାନ ମଧ୍ୟରେ ନିକଟରେ ଶେଷ ହୋଇଥିବା ଅଭ୍ୟାସମୂଳକ ମ୍ୟାଚ୍ ପରେ ୱିଲ୍ ଏହି ନିଷ୍ପତ୍ତି ନେଇ ଟିମ୍ ମ୍ୟାନେଜମେଣ୍ଟକୁ ଜଣାଇ ଦେଇଥିଲେ। ଫଳରେ ଗୁରୁବାର ହୋଇଥିବା ଖେଳାଳି ଚୟନ ଲାଗି ତାଙ୍କ ନାମ ବିଚାରକୁ ନିଆଯାଇ ନ ଥିଲା। ଦୁଇଦେଶ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ୨୧ରୁ ବ୍ରିସବେନଠାରେ ଆରମ୍ଭ ହେବ।

**ଜନ୍ମଦିନ ଶୁଭେଚ୍ଛା**





ସୁଶ୍ରୀ ସୌଭାଗ୍ୟଲକ୍ଷ୍ମୀ ପଣ୍ଡା (ଖୁସି)
ଖୁଣ୍ଟୁଣୀ, କଟକ
ଆଜି ତୋର ଚତୁର୍ଥ ଜନ୍ମବାର୍ଷିକୀରେ ଶୁଭେଚ୍ଛା ଓ ଶୁଭକାମନା ! ଜଗତରନାଥ ଶ୍ରୀଜଗନ୍ନାଥ ତୋ ଚଲାପଥକୁ କୁସୁମିତ କରି ଆଶୀର୍ବାଦ ପ୍ରଦାନ କରନ୍ତୁ।
ଶୁଭେଚ୍ଛା ସହ:
ତୋର: ବଡ଼ଜେଜେ, ଜେଜେ, ମା' ବଡ଼ବାବା, ବଡ଼ବୋଉ, ବାପା, ମାମା, ସାନବାପା, ସାନଭାଇ ରିଷି ଓ ବନ୍ଧୁ।
ଧ-୧୫୨୩୦

# ଦଶନ୍ଧି ପରେ ପାକିସ୍ତାନକୁ ଫେରିଲା ଟେଷ୍ଟ କ୍ରିକେଟ୍

**ଲାହୋର, ୧୪।୧୧ (ପି.ଟି.)**

ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ପାକିସ୍ତାନକୁ ଟେଷ୍ଟ କ୍ରିକେଟ୍ ଫେରିଛି। ଶ୍ରୀଲଙ୍କା କ୍ରିକେଟ୍ ଦଳ ଡିସେମ୍ବରରେ ପାକିସ୍ତାନ ଗସ୍ତରେ ଆସି ୨ଟି ଟେଷ୍ଟ ମ୍ୟାଚ୍ ଖେଳିବାକୁ ଗୁରୁବାର ସମ୍ମତି ପ୍ରକାଶ କରିଛି। ଏହି ସିରିଜ ଚଳିତ ବିଶ୍ୱ ଚାମ୍ପିୟନଶିପ୍ ଅଂଶବିଶେଷ ସ୍ୱରୂପ ହେବ। ଡିସେମ୍ବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସିରିଜର ପ୍ରଥମ ମ୍ୟାଚ୍ ରାଓ୍ୱଲପିଣ୍ଡିଠାରେ ଖେଳାଯିବ। ଏହାପରେ କରାଚୀରେ ଦ୍ୱିତୀୟ ଟେଷ୍ଟ ଡିସେମ୍ବର ୧୯ରୁ ଆରମ୍ଭ ହେବ। ପୂର୍ବରୁ ଗତ ସେପ୍ଟେମ୍ବର-ଅକ୍ଟୋବରରେ ଶ୍ରୀଲଙ୍କା କ୍ରିକେଟ୍ ଦଳ ପାକିସ୍ତାନ ଗସ୍ତରେ ଆସି ଦିନିକିଆ ଓ ଟି୨୦ ସିରିଜ ଖେଳିସାରିଛି। ସୁରକ୍ଷାଜନିତ କାରଣ ଦର୍ଶାଇ ଶ୍ରୀଲଙ୍କାର ଲସିଥ୍ ମାଲିଙ୍ଗା ଓ ଦିମୁଥ କରୁଣାରତ୍ନେଙ୍କ ଭଳି କିଛି ପ୍ରମୁଖ ଖେଳାଳି ଏହି ସିରିଜରୁ ଓହରି ଯାଇଥିଲେ। 'ପାକିସ୍ତାନ କ୍ରିକେଟ୍ ବୋର୍ଡ ପାଇଁ ଏହା ଏକ ଖୁସି ଖବର। ବିଶ୍ୱର ଅନ୍ୟଦେଶ ପାଇଁ ଏହା ସୁରକ୍ଷିତ ବୋଲି ପ୍ରତିଷ୍ଠିତ କରିପାରିଛି। କ୍ରିକେଟର ଭବିଷ୍ୟତକୁ ନଜରରେ ରଖି ଦଳ ପଠାଇବାକୁ ରାଜି ହୋଇଥିବାରୁ ଶ୍ରୀଲଙ୍କା କ୍ରିକେଟ୍‌କୁ ଧନ୍ୟବାଦ୍' ବୋଲି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)ର ଡିରେକ୍ଟର (ଅନ୍ତର୍ଜାତୀୟ କ୍ରିକେଟ୍) ଜାହିର ଖାଁ କହିଛନ୍ତି।

# ଛେତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବାଇଚୁଙ୍ଗ୍ ଭୂଟିଆ**

ଅନ୍ତର୍ଜାତୀୟ ଫୁଟବଲ୍‌ରେ ଏବେ ବ୍ରେକ୍ ମିଳିଛି। ଦଳଗୁଡିକ ଏହାର ପୂରା ଫାଇଦା ଉଠାଇବା ପାଇଁ ପ୍ରୟାସ କରିବେ। ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଗତଥରର ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ଶ୍ରେଷ୍ଠ ୪ରେ ସ୍ଥାନ ପାଇନାହିଁ ଓ ଏହା ମୋତେ ଚକିତ କରିଛି। ଏବେ ଲିଗ୍ ଆରମ୍ଭ ହୋଇଛି ଓ ଏକଥା ବୁଝିପାରୁଛି। ଭଲ ଆରମ୍ଭ କରିପାରି ନ ଥିଲେ ମଧ ଖୁବ୍‌ଶୀଘ୍ର ଏକ ଦଳ ବିଜୟଧାରାକୁ ଫେରିବା ଅସମ୍ଭବ ନୁହଁ। ଖାସ୍ କରି ୧୦ଟି ଦଳକୁ ନେଇ ଚାଲିଥିବା ଏହି ଲିଗ୍‌ରେ ଏହା ସମ୍ଭବ ହୋଇପାରିବ।

ଲିଗ୍‌ରେ ବେଙ୍ଗାଲୁରୁ ଅନ୍ୟତମ ଶ୍ରେଷ୍ଠ ଦଳ ଭାବେ ବିବେଚିତ ହେଉଥିଲେ ମଧ ପ୍ରଥମ ୩ଟି ମ୍ୟାଚ୍‌ରେ ଦଳର ପ୍ରଦର୍ଶନ ଆଦୌ ଉତ୍ସାହଜନକ ରହିନାହିଁ। ଗୋଲ ସ୍କୋର କରିବାକୁ ଏହି ଦଳ ବେଶ୍ ସଂଘର୍ଷ କରୁଛି। ଦଳର ଖେଳାଳିଙ୍କ ମଧ୍ୟରେ ତାଳମେଳ ରହୁନାହିଁ। ସୁନୀଲ ଛେତ୍ରୀଙ୍କ ଭଳି ଖେଳାଳିଙ୍କୁ ଯେତେବେଳେ ଠିକ୍ ଭାବେ ହ୍ୟାଣ୍ଡେଲ ନ କରାଯାଏ ତାହେଲେ ଏଭଳି ଫଳ ମିଳିବା ସ୍ୱାଭାବିକ୍।




୪ ବର୍ଷ ତଳେ ସେତେବେଳର ଭାରତୀୟ କୋଚ୍ ଷ୍ଟିଫେନ୍ କନ୍‌ଷ୍ଟାନଟିନଙ୍କୁ ମଧ ଠିକ୍ ଏହି ପ୍ରକାର ପରାମର୍ଶ ଦେଇଥିଲି। ଦଳରେ ଛେତ୍ରୀଙ୍କୁ ଷ୍ଟ୍ରାଇକର ହିସାବରେ ଖେଳାଇବାକୁ ତାଙ୍କୁ କହିଥିଲି ଓ ଏହାପରେ ପରିସ୍ଥିତି ଧୀରେଧୀରେ ବଦଳିଥିଲା। ଏବେ ବେଙ୍ଗାଲୁରୁ ଛେତ୍ରୀଙ୍କୁ ଷ୍ଟ୍ରାଇକର ହିସାବରେ ଖେଳାଇବ ବୋଲି ଆଶା କରୁଛି ଓ ଏହା ହେଲେ ପରିସ୍ଥିତିରେ ଉନ୍ନତି ହେବ। ଛେତ୍ରୀ ଜଣେ ଏଭଳି ଖେଳାଳି ଯେ, ତାଙ୍କୁ ୯ କିମ୍ବା ୧୯ ନମ୍ବରରେ ଖେଳାଇବା ଉଚିତ। ସେ ଦଳର ପ୍ରଦର୍ଶନରେ ଉନ୍ନତି ଆଣିବାର କ୍ଷମତା ରଖିଥାନ୍ତି। ସେ ଗୋଲ ସମ୍ଭାବନା ସୃଷ୍ଟି କରିବା ସହ ସ୍କୋର ମଧ କରିଥାନ୍ତି। ତାଙ୍କ ଭଳି ଜଣେ ଖେଳାଳିଙ୍କର ସଦ୍ ଉପଯୋଗ କରାଯିବା ଉଚିତ, ନହେଲେ ପସ୍ତାଇବାକୁ ପଡିବ। ଦଳରେ ତାଙ୍କର ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ।

ପଏଣ୍ଟ ତାଲିକାର ଶୀର୍ଷରେ ଥିବା ଏଟିକେ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଛି। ପ୍ରଥମ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସଠାରୁ ପରାସ୍ତ ହୋଇଥିଲେ ମଧ ଏଟିକେ ପ୍ରତ୍ୟାବର୍ତ୍ତନ କରିଛି। ତେବେ ଏଟିକେ ଏକ ଭଲ ଆକ୍ରମଣାତ୍ମକ ଦଳ ବୋଲି କହି ହେବନାହିଁ। କିନ୍ତୁ କୋଚ୍ ଆଣ୍ଟୋନିଓ ହବାସ ମଧ ଜଣେ ଚତୁର ବ୍ୟକ୍ତି। ଏହା ସତ୍ତ୍ୱେ ଏଟିକେ ଦୀର୍ଘ ସମୟ ଧରି ଶୀର୍ଷ ସ୍ଥାନରେ ରହିବା ପାଇଁ ନିଶ୍ଚିତ ଭାବେ ସଂଘର୍ଷ କରିବ।

ନର୍ଥ ଇଷ୍ଟ ଏଫ୍‌ସି ମଧ ପ୍ରଭାବୀ ପ୍ରଦର୍ଶନ କରିଛି। ସକାରାତ୍ମକ ଖେଳିବା ସହ ଏହି ଦଳ ସଫଳତା ପାଇଁ ବେଶ୍ ବ୍ୟଗ୍ର ଅଛି। ଦଳ ମୁମେଣ୍ଟମ ବଜାୟ ରଖିବା ଆବଶ୍ୟକ। ଦଳ ଉପରେ ଆସାମୋଆ ଜ୍ଞାନଙ୍କ ପ୍ରଭାବ ରହିଛି। ଯଦି ଜ୍ଞାନ ଫିଟ୍ ରୁହନ୍ତି ଏହି ଦଳ ଆଗକୁ ଆହୁରି ଭଲ ପ୍ରଦର୍ଶନ କରିବ। ଏଫ୍‌ସି ଗୋଆ ମଧ ପଛରେ ପଡିନାହିଁ। ଦୁଇ ସ୍ଥାନୀୟ ଖେଳାଳି ବ୍ରାଣ୍ଡନ ଫର୍ନାଣ୍ଡିଜ୍ ଓ ଲେନି ରୋଡ୍ରିଗୁଏଜ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ବ୍ରାଣ୍ଡନ କେବଳ ଏହି ସେସନ ନୁହଁ ଗତ ସଂସ୍କରଣ ଓ ତା ପୂର୍ବରୁ ଭଲ ପ୍ରଦର୍ଶନ କରିଛନ୍ତି। ଏହି ଦୁଇ ଖେଳାଳି ଗୋଆ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ତେବେ ଦଳର ଡିଫେନ୍ସରେ ଦୁର୍ବଳତା ରହିଛି ଓ ଏଥିରେ ସୁଧାର ଆଣିବା ଦରକାର ହୋଇ ପଡିଛି।

ଜାମସେଦପୁର ଏଫ୍‌ସି ମଧ ଲିଗ୍‌ରେ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଛି। ପ୍ରତିପକ୍ଷ ଦଳର ବିପର୍ଯ୍ୟୟ ଘଟାଇ ଆଗକୁ ବଢ଼ିବାର କଳା ଜାମସେଦପୁରକୁ ବେଶ୍ ଭଲଭାବେ ଜଣା। ସଫଳତାର ସହ ଦଳ ଏହା ମଧ କରିବାକୁ ସମର୍ଥ ହୋଇଛି। ଏଥି ସହିତ କେରଳ ବ୍ଲାଷ୍ଟର୍ସକୁ ଦ୍ରୁତ ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେବି। କେରଳ ଦଳ ଏକ ଭଲ ଦଳ। ଏହି ଦଳ ଭଲ ଫଳାଫଳ ମଧ ହାସଲ କରିବା ଆବଶ୍ୟକ। ଏହି ଦଳର ଜବରଦସ୍ତ ଫ୍ୟାନ୍ ଫଲୋଇଙ୍ଗ୍ ରହିଛି। ତେଣୁ କେରଳ ଭଲ ପ୍ରଦର୍ଶନ କରିବା ଆବଶ୍ୟକ। (ଗେମ୍‌ପ୍ଲାନ୍)




# ସେମିଫାଇନାଲରେ ସିଟ୍‌ସିପାସ

**ଲଣ୍ଡନ, ୧୪।୧୧ (ଏଏଫ୍‌ପି)**

ଗ୍ରାଣ୍ଡସ୍ଲାମ ପରେ ବର୍ଷର ଦ୍ୱିତୀୟ ଶ୍ରେଷ୍ଠ ଟେନିସ ପ୍ରତିଯୋଗିତା ଏଟିପି ଫାଇନାଲ୍ସରେ ଗ୍ରୀକର ଷ୍ଟିଫାନୋସ ସିଟ୍‌ସିପାସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାର ଗ୍ରୁପ୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ୨୧ ବର୍ଷୀୟ ସିଟ୍‌ସିପାସ ୬-୩, ୬-୨ ସିଧାସଳଖ ସେଟ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଆଲେକ୍ସଜାଣ୍ଡର ଜେଭରେଭଙ୍କୁ ପରାସ୍ତ କରିଛନ୍ତି। ଜେଭରେଭଙ୍କ ବିପକ୍ଷରେ ସିଟ୍‌ସିପାସଙ୍କ ଏହା ୫ମ ମୁକାବିଲାରୁ ୪ର୍ଥ ବିଜୟ ରହିଥିଲା। ସେମିଫାଇନାଲରେ ପ୍ରବେଶ କରିଥିଲେ ମଧ ସିଟ୍‌ସିପାସ ଗ୍ରୁପ୍ ପର୍ଯ୍ୟାୟର ଅନ୍ୟ ଏକ ମ୍ୟାଚ୍‌ରେ ଶୁକ୍ରବାର ସ୍ପାନିଶ ତାରକା ରାଫେଲ ନାଡାଲଙ୍କୁ ଭେଟିବେ। ନାଡାଲ କେବେହେଲେ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିନାହାନ୍ତି।

CLASSIFIED DISPLAY










ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଚନ୍ଦ୍ରକାନ୍ତ ମୁଖୀ
ଅଲିଶା ବଜାର, ଚାନ୍ଦନୀଚୌକ, କଟକ
ଆବିର୍ଭାବ: ୧୦।୧୦।୧୯୪୪
ତିରୋଧାନ: ୦୫।୧୧।୨୦୧୯
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ। ନ ଚୈନଂ କ୍ଳେଦୟନ୍ତ୍ୟାପ ନ ଶୋଷୟତି ମାରୁତଃ।।
ଆଜିର ପବିତ୍ର ଶ୍ରାଦ୍ଧ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ଶ୍ରୀ ଜଗନ୍ନାଥ ଓ ସାଇବାବାଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ସମସ୍ତ ପରିବାର ଓ ବନ୍ଧୁବର୍ଗ
ଧ-୧୫୨୩୩

ବୋଉ: ୨ୟ ପୁଣ୍ୟତିଥି



ସ୍ୱର୍ଗତା କୃଷ୍ଣପ୍ରିୟା ମହାପାତ୍ର
ପୁଣ୍ୟବଳେ ପାଇଛି ତତେ,
ସବୁ ଜନମରେ ଥିବି ତୋ କୋଳରେ
ବସୁଧାରେ ତୁ ତ ଅମୃତ ଟେଳାଏ
ମାଟିର ବୈକୁଣ୍ଠପୁର ବୋଲାଏ।
ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଓ ପିତୃଲୋକରେ ଥାଇ ପ୍ରିୟଜନମାନଙ୍କୁ ଆଶୀର୍ବାଦ କରୁଥା। ଏହାହିଁ ପ୍ରଭୁ ନୃସିଂହଙ୍କଠାରେ ମୋର ପ୍ରାର୍ଥନା।
ଶୋକସନ୍ତପ୍ତ:
ସୁପୁତ୍ର "ଟୁଲୁ"
ଧ-୧୫୨୨୭

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



ବିଜୟ କୁମାର ମହାନ୍ତି
ଏମ୍‌ସ୍ ନଗର, ପାତ୍ରପଡା,ଭୁବନେଶ୍ୱର
ଆବିର୍ଭାବ - ତା. ୨୦.୦୩.୧୯୪୮
ତିରୋଧାନ - ତା. ୨୬.୧୧.୨୦୧୮
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:-
ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୫୨୩୩

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ବନମାଳା ଦାଶ
ଆବିର୍ଭାବ: ୦୧।୦୮।୧୯୪୪
ତିରୋଧାନ: ୦୪।୧୧।୨୦୧୯
ଚାହୁଁ ଚାହୁଁ ୧୨ଦିନ ହୋଇଗଲା। ତୋର ଅନୁପସ୍ଥିତି ଆମ ପାଇଁ ଅସହ୍ୟ। ଆତ୍ମୀୟସ୍ୱଜନ ତଥା ଶୁଭେଚ୍ଛୁମାନଙ୍କ ଏକକାଳୀନ ସମାଗମ ତୁମ ଆତ୍ମାର ଅମରତ୍ୱର ପରିପ୍ରକାଶ କରେ। ତୁମ ଆତ୍ମାର ସଦ୍‌ଗତି କାମନା କରୁଛୁ।
ଅଶ୍ରୁଳ ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ:
ପୁତ୍ର: ସତ୍ୟବ୍ରତ, ସୁବ୍ରତ, ଦେବବ୍ରତ, ପ୍ରିୟବ୍ରତ,
ପୁତ୍ରବଧୂ: ଟିଲି, ମିନା, ଇତି, ମାମି
ନାତି, ନାତୁଣୀ: ଲିଟୁ, ଲିସା, ଲିପୁ, ଲିନୁ, ଲିଡୁ
ଧ-୩୭୩୮୦

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଦିଲ୍ଲୁ


ଦିଲାଚାନ୍ଦ


ରାକେଶ


ଗୁରୁଦୟାଲ


ସତ୍ୟ


ରେହାନ


ସତ୍ୟନାରାୟଣ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଗ୍ରାମବାସୀଙ୍କ ଦ୍ୱାରା ଉପଜିଲାପାଳ ୭ ଘଣ୍ଟା ଅଟକ

- ପୋଲିସ ହସ୍ତକ୍ଷେପ ପରେ ମୁକୁଳିଲେ
- ଦୁର୍ନୀତିର ତଦନ୍ତ ପାଇଁ ଆସିଥିଲେ

**ଲୋଇସିଂହା, ୧୪।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ମୁରସୁଣ୍ଡି ପଞ୍ଚାୟତର ସଦର ଗାଁ ମୁରସୁଣ୍ଡିରେ ବିଭିନ୍ନ ଉନ୍ନୟନ କାମରେ ଅନିୟମିତତା ହୋଇଥିବା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ଅଭିଯୋଗର ତଦନ୍ତ ପାଇଁ ଉପଜିଲାପାଳ ସଞ୍ଜୟ ମିଶ୍ର ଗାଁକୁ ଆସିଥିଲେ । ହେଲେ ତଦନ୍ତ ପ୍ରକ୍ରିୟାରେ ଅସନ୍ତୋଷ ବ୍ୟକ୍ତ କରି ଗ୍ରାମବାସୀ ଉପଜିଲାପାଳଙ୍କୁ ୭ଘଣ୍ଟା ଧରି ଅଟକ ରଖିଥିଲେ । ଜିଲାପାଳ ଘଟଣାସ୍ଥଳକୁ ନ ଆସିବା ପର୍ଯ୍ୟନ୍ତ ଉପଜିଲାପାଳଙ୍କୁ ଛଡା ଯିବନି ବୋଲି ଗ୍ରାମବାସୀ ଅଡି ବସିଥିଲେ। ଖବର ପାଇ ଅପରାହ୍ନ ୩ଟାରେ ଲୋଇସିଂହା ଆଇଆଇସି ଲଳିତା ଲାକ୍ରା, ତହସିଲଦାର ବିନୋଦ ବିହାରୀ ନାଏକ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଅଭିଯୋଗ ସମ୍ପର୍କରେ ଘରକୁ ଘର ଯାଇ ତଦନ୍ତ କରିଥିଲେ ଉପଜିଲାପାଳ। ବେଆଇନ ଭାବେ ଆବାସ ଯୋଜନା ହାତେଇଥିବା ହିତାଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଅପରାହ୍ନ ସାଢେ ୫ଟାରେ ଉପଜିଲାପାଳଙ୍କୁ ଗ୍ରାମବାସୀ ଛାଡି ଥିଲେ।


ଉପଜିଲାପାଳ ସଞ୍ଜୟ ମିଶ୍ରଙ୍କୁ ମୁରସୁଣ୍ଡି ଗ୍ରାମବାସୀ ଅଟକ ରଖିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମୁରସୁଣ୍ଡି ପଞ୍ଚାୟତ ସଦର ଗାଁରେ ପଞ୍ଚାୟତ ପକ୍ଷରୁ ଏସ୍ଇସିସି ତାଲିକା କ୍ରମିକ ନମ୍ବର ଅନୁଯାୟୀ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦିଆଯାଉନାହିଁ । ଅନିୟମିତତା କରି ମନ ମୁତାବକ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି। ଏପରିକି ନିଅଁ ନ ଖୋଳି ଓ ପ୍ଲିନ୍ଥ ପର୍ଯ୍ୟନ୍ତ ଘର କରିଥିବା ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ବିଲ୍ ଦିଆଯାଉଛି । ଘର ନିର୍ମାଣ କରିଥିବା ହିତାଧିକାରୀଙ୍କୁ ଟଙ୍କା ନ ମିଳିବା, ଅନ୍ୟର ଘରକୁ ଦେଖାଇ ବିଲ୍ କରି ଟଙ୍କା ଆତ୍ମସାତ କରାଯାଉଥିବା ଅଭିଯୋଗ ନେଇ ଗତ ଅକ୍ଟୋବର ୧୧ରେ ୱାର୍ଡସଭ୍ୟା ଜମ୍ୱୋବତୀ ପଧାନ ଜିଲାପାଳଙ୍କ ନିକଟରେ ଲିଖିତ ଭାବେ ଫେରାଦ ହୋଇଥିଲେ । ଜିଲାପାଳ ଅଭିଯୋଗ ପାଇ ଉପଜିଲାପାଳଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ କୌଣସି କାରଣରୁ ଅଭିଯୋଗର ସପ୍ତାହକ ପରେ ମଧ୍ୟ ଉପଜିଲାପାଳ ଘଟଣାର ତଦନ୍ତ କରି ନ ଥିଲେ।

ଏହିକ୍ରମରେ ଅକ୍ଟୋବର ୧୮ରେ ଗାଁରେ ପିଇଓ ନିରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ପଲ୍ଲିସଭା ବସିଥିଲା। ପଲ୍ଲିସଭାରେ ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା ଅଭିଯୋଗ କରି ହୋହଲ୍ଲା କରିଥିଲେ। ଏହାର କୈଫିୟତ ଦେବାକୁ ପିଇଓଙ୍କୁ ଗ୍ରାମବାସୀ କହିଥିଲେ । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇ ଶେଷରେ ପଲ୍ଲିସଭା ବନ୍ଦ ହୋଇଯାଇଥିଲା । ଏହାପରେ ପିଇଓ ମିଶ୍ର ଲୋଇସିଂହା ଥାନାକୁ ଯାଇ ପଲ୍ଲିସଭା ବେଳେ ପଞ୍ଚାୟତ ରେଜିଷ୍ଟର ଛଡାଇ ନେଇଥିବା ନେଇ ଜଣେ ଯୁବକଙ୍କ ବିରୋଧରେ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ । ଏହାକୁ ନେଇ ୧୯ ତାରିଖ ଦିନ ଲୋଇସିଂହା ଥାନା ଘେରିଥିଲେ ଗ୍ରାମବାସୀ। ସେତେବେଳେ ପିଇଓ ଦୁର୍ନୀତିକୁ ସ୍ୱୀକାର କରିବା ସହ ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଗୁରୁବାର ଏସବୁ ଅଭିଯୋଗର ତଦନ୍ତ ପାଇଁ ଉପଜିଲାପାଳ ମିଶ୍ର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ସରପଞ୍ଚ କିମ୍ବା ପିଇଓ ଅନୁପସ୍ଥିତ ଥିଲେ। ଅଭିଯୋଗ ଆଣିଥିବା ୱାର୍ଡସଭ୍ୟା ଜମ୍ୱୋବତୀ ପଧାନଙ୍କ ସହ ସେ ଆଲୋଚନା କରି ଫେରି ଯାଉଥିଲେ। ଏହି ସମୟରେ ଗାଁର ବହୁ ଲୋକେ ଉପଜିଲାପାଳଙ୍କ ଗାଡିକୁ ବାଟରେ ଅଟକାଇ ଥିଲେ। ଉପଜିଲାପାଳ ମିଶ୍ରଙ୍କୁ ଗାଁ ନୃସିଂହ ମନ୍ଦିର ପାଖକୁ ଆଣି ଦୀର୍ଘ ସମୟ ଧରି ଅଟକ ରଖିଥିଲେ । ସେଠାରେ ଗ୍ରାମବାସୀ ଆବାସ ଯୋଜନାରେ ଦୁର୍ନୀତି, ଟଙ୍କା ନେଇ ଜିଓଟେକ କରିବା, ଅଢେଇ ବର୍ଷ ହେଲା ହରିଚନ୍ଦ୍ର ଯୋଜନାରେ ମୃତକ ପରିବାରକୁ ସହାୟତା ନ ମିଳିବା, ଗାଁରେ ପଞ୍ଚାୟତ ପକ୍ଷରୁ ଷ୍ଟ୍ରିଟଲାଇଟ ଲଗା ନ ଯିବା, ମୁରସୁଣ୍ଡିରୁ ଖଲିଆପାଲି ରାସ୍ତା ଉନ୍ନତୀକରଣ ନାଁରେ ଟଙ୍କା ଆତ୍ମସାତର ଉପଯୁକ୍ତ ତଦନ୍ତ ଦାବି କରିଥିଲେ। ଏ ସମ୍ପର୍କରେ ଉପଜିଲାପାଳ ମିଶ୍ରଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ ପାଇଁ ପଞ୍ଚାୟତ ଅଫିସ ଓ ଅଭିଯୋଗକାରୀଙ୍କ ଘରକୁ ଯାଇଥିଲି । ପରେ ବାପାଙ୍କ ଦେହାନ୍ତର ଏକମାସ ପୂରିଥିବାରୁ ଘରୋଇ କାର୍ଯ୍ୟରେ ଯୋଗଦେବା ପାଇଁ ସେଠାରୁ ବାହାରି ଆସୁଥିବା ବେଳେ ଗ୍ରାମବାସୀ ମୋତେ ଅଟକ ରଖିଥିଲେ ବୋଲି କହିଛନ୍ତି।

## କୁତ୍ରାମାଲରେ ବ୍ୟାପିଲା ଝାଡ଼ାବାନ୍ତି

**ପାଇକମାଲ,୧୪।୧୧(ଡି.ଏନ.ଏ)**

ପାଇକମାଲ ବ୍ଲକ ଟେମିରି ପଞ୍ଚାୟତ ଅଧୀନ ସୋଢା ଗ୍ରାମରେ ଝାଡାବାନ୍ତି ନିୟନ୍ତ୍ରଣ ହୋଇ ନ ଥିବାବେଳେ ଛେତଗାଁ ପଞ୍ଚାୟତ କୁତ୍ରାମାଲ ଗ୍ରାମରେ ଝାଡାବାନ୍ତି ଆରମ୍ଭ ହୋଇଛି। ବୁଧବାର ରାତିରେ ତିନିଜଣ ଆକ୍ରାନ୍ତଙ୍କୁ ପଦ୍ମପୁର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ବୁକ୍ରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ନାରାୟଣ ପଶାୟତ, ପିଏଚ୍ଇଓ ତୁଶ କୁମାର ଚନ୍ଦ୍ରକାର, ଏମଏଚଟି ଡା. କୌଶିକ ନାୟକ, ଲଳିତ ନନ୍ଦ, ଏଏନଏମ ଭୂମିସୁତା ସାହୁ, ଏଲଏଚବି ଜାହ୍ନବୀ କିଶାନ, ସ୍ୱାସ୍ଥ୍ୟ କର୍ମୀ ସୁବାଶ ଦେହୁରୀ ଉକ୍ତ ଗ୍ରାମରେ କ୍ୟାମ୍ପ ପକାଇ ଆକ୍ରାନ୍ତମାନଙ୍କ ଚିକିତ୍ସା କରୁଛନ୍ତି। ଏଥିସହ ଗାଁରେ ଲୋକମାନଙ୍କୁ ସଭା କରି ସଚେତନ କରୁଛନ୍ତି । ପାଇକମାଳ ସିଡିପିଓ ସନ୍ତୋଷିନୀ ଗିରି, ମାଣିକ ସାହୁ, ବରଗଡ ଡିପିଏଚଓ ଡା. ବୃନ୍ଦବତୀ ସାହୁ, ପ୍ରଭାବିତ ଗ୍ରାମକୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି । ଦୂଷିତ ପାଣି ପିଇବା କାରଣରୁ ଝାଡାବାନ୍ତି ହେଉଥିବା ସନ୍ଦେହ କରି ନଳକୂପ ଓ ପୋଖରୀ ପାଣି ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି । ଗ୍ରାମକୁ ସଫାସୁତୁରା ରଖାଯାଇ ବ୍ଲିଚିଙ୍ଗ ପାଉଡର ପକାଯାଇଛି ବୋଲି ଜଣାପଡିଛି ।

### ସିଡିପିଓଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ୮୪.୩୫ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ

**ବରଗଡ଼ ଅଫିସ,୧୪।୧୧**

ବରଗଡ଼ ଜିଲା ବରପାଲି ବ୍ଲକରେ କାର୍ଯ୍ୟରତ ସମନ୍ୱିତ ଶିଶୁ ବିକାଶ ଅଧିକାରୀ(ସିଡ଼ିପିଓ) ସଂଯୁକ୍ତା ଲେଙ୍କାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ଚଢାଉ କରିଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଭିଜିଲାନ୍ସର ୫ଟି ଟିମ୍ ପୃଥକ ଭାବେ ସିଡ଼ିପିଓ ପଣ୍ଡାଙ୍କ ପ୍ରଧାନପାଲି ବାସଭବନ ସମେତ ବରପାଲି ଓ ବରଗଡ଼ ସହରର ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଚଢ଼ାଉ ବେଳେ ଖବର ଲେଖାହେବା ପର୍ଯ୍ୟନ୍ତ ସିଡ଼ିପିଓ ଲେଙ୍କାଙ୍କ ସମୁଦାୟ ସମ୍ପତ୍ତି ୮୪ଲକ୍ଷ ୩୫ହଜାର ୮୨୧ଟଙ୍କା ୫୦ ପଇସା ଆକଳନ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ସେଥିରେ ୬୭ଲକ୍ଷ ୭୯ହଜାର ୨୫୯ ଟଙ୍କାର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ମଧ୍ୟରେ ସୁନା, ରୁପା ଗହଣା, ବାଇକ୍, ସ୍କୁଟି ବାବଦକୁ ୧୦ଲକ୍ଷ ୧୮ହଜାର ୭୨୩ଟଙ୍କା ୫୦ ପଇସା, ବ୍ୟାଙ୍କ ଓ ବୀମା ବାବଦକୁ ୬ଲକ୍ଷ ୫ହଜାର ୫୮୯ ଟଙ୍କା ଏବଂ ନଗଦ ୩୨ହଜାର ୨୫୦ଟଙ୍କା ରହିଛି। ତେବେ ଆକଳନ ଜାରି ରହିଥିବାରୁ ଏହା ଆହୁରି ଅଧିକ ହେବା ସମ୍ଭାବନା ରହିଛି । ପ୍ରକାଶ ଯେ, ବରପାଲି ସିଡ଼ିପିଓ ଲେଙ୍କାଙ୍କ ବିରୋଧରେ ଭିଜିଲାନ୍ସରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଅଭିଯୋଗ ହୋଇଥିଲା । ସେହି ଅଭିଯୋଗକୁ ଆଧାର କରି ସମ୍ବଲପୁର ଡିଭିଜନ ଭିଜିଲାନ୍ସ ଏସ୍‌ପି ରବୀନ୍ଦ୍ର କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ୫ଟି ଟିମ୍ ପୃଥକ ତାଙ୍କ ବରପାଲି ଅଫିସ ଚ୍ୟାମ୍ବର, ପ୍ରଧାନପାଲିସ୍ଥିତ ବାସଭବନ, ଭଉଣୀ ରାଜେଶ୍ୱରୀ ଲେଙ୍କାଙ୍କ ଘର ଏବଂ ବରଗଡ଼ ସହରର ପୈତୃକ ଘର ଆଦି ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲେ । ବରଗଡ଼ ଭିଜିଲାନ୍ସ ଡିଏସ୍‌ପି ବୀରେନ୍ଦ୍ର କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା ।


ବରପାଲି ସିଡିପିଓଙ୍କ ବାସଭବନରେ ଭିଜିଲାନ୍ସ ଚଢ଼ାଉ ଚାଲିଛି ।

# ଗାତରେ ପଡ଼ି ଗର୍ଭବତୀ ହାତୀ ମୃତ

**ସମ୍ବଲପୁର/ବାମରା,୧୪।୧୧ (ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ଡିଭିଜନ ଗଡ଼ପୋଷ ରେଞ୍ଜ ସାନଫିରିଙ୍ଗିମାଲ ଗୁପ୍ତିଝରଣ ଜଙ୍ଗଲ ନିକଟରୁ ବନ ବିଭାଗ ଗୁରୁବାର ଏକ ଗର୍ଭବତୀ ହାତୀର ମୃତଦେହ ଉଦ୍ଧାର କରିଛି। ହାତୀଟି ଆଉ ମାତ୍ର ୨ ମାସ ପରେ ପ୍ରସବ କରିଥାନ୍ତା ବୋଲି ବନ ବିଭାଗ କର୍ମଚାରୀମାନେ କହିଛନ୍ତି ।

ସ୍ଥାନୀୟ ଲୋକେ ଜଙ୍ଗଲ ନିକଟରେ ଏକ ହାତୀ ମରିପଡିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବାମରା ଡିଏଫ୍ଓ ନୃସିଂହ ଚରଣ ମିଶ୍ର, ରେଞ୍ଜର ରାଜଶ୍ରୀ ତୀର୍କି, ଏସିଏଫ ଧ୍ରୁବଚରଣ ଜିତଙ୍କ ସହ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ମୌସୁମୀ ମହାପାତ୍ର, କେଶେଇବାହାଲ ପ୍ରାଣୀ ଚିକିତ୍ସକ ଡା.ସୁଧାଂଶୁ ନାଏକ ହାତୀର ମୃତଦେହ ବ୍ୟବଚ୍ଛେଦ କରିଥିଲେ। ହାତୀ ପେଟରୁ ଏକ ମୃତ ଛୁଆ ବାହାରିଥିଲା । ମୃତ ହାତୀର ବୟସ ୧୮ରୁ ୨୦ବର୍ଷ ହୋଇଥିବା ଅନୁମାନ କରାଯାଉଛି। ୨ ମାସ ପରେ ହାତୀଟି ଛୁଆ ଜନ୍ମ କରିଥାନ୍ତା ବୋଲି ପ୍ରାଣୀ ଚିକିତ୍ସକ ଡା. ମହାପାତ୍ର କହିଛନ୍ତି। ଅନ୍ୟପକ୍ଷେ ହାତୀଟି ଅସୁସ୍ଥତା ସହ ଦୁର୍ବଳ କାରଣରୁ ମରିଥିବା ବନ ବିଭାଗ କହିଛି। ବ୍ୟବଚ୍ଛେଦ ପରେ ବନ ବିଭାଗ ମୃତଦେହକୁ ପୋତି ଦେଇଛି । ହାତୀଟି ଧାନ ଖାଇବା ପାଇଁ ବିଲକୁ ଆସି ଫେରିବା ବେଳେ ଏକ ଗାତରେ ପଡିଯାଇଥିବା ଅନୁମାନ କରାଯାଉଛି। ମୃତ ହାତୀକୁ ଦେଖିବା ପାଇଁ ଲୋକଙ୍କ ଭିଡ ଜମିଥିଲା। ଉପରୋକ୍ତ ଅଞ୍ଚଳରେ ୧୨ଟି ହାତୀ ବୁଲାବୁଲି କରୁଛନ୍ତି। ସେମାନେ ଚାଷୀଙ୍କ ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଛି।


ହାତୀର ମୃତଦେହ ଉଦ୍ଧାର ।

# ଭୁବନେଶ୍ୱରରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ

**ଭୁବନେଶ୍ୱର, ୧୪।୧୧(କ୍ରୀଡ଼ା ପ୍ରତିନିଧି)**

ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ପ୍ରଥମ ସଂସ୍କରଣ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୨୦୨୦ ଫେବୃୟାରୀ ୨୨ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ, ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍(ଏଆଇୟୁ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ପ୍ରତିଭା ଅନ୍ୱେଷଣ କରି ସେମାନଙ୍କୁ ଉପଯୁକ୍ତ ତାଲିମ ଦିଆଯାଇ ଅଲିମ୍ପିକ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଏସିଆନ ଗେମ୍ସ ପରି ବଡ଼ ଇଭେଣ୍ଟରେ ପଦକ ଜିତିବା ପାଇଁ ଗଢ଼ିତୋଳିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଶାରେ ପ୍ରଥମଥର ପାଇଁ ୧୫ଟି ଇଭେଣ୍ଟକୁ ନେଇ ଏପରି ଏକ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ସ୍ଥାନ ପାଇଥିବା ଇଭେଣ୍ଟଗୁଡ଼ିକ ହେଲା ଆର୍ଚେରୀ, ଆଥ୍ଲେଟିକ୍ସ, ବକ୍ସିଂ, ଫେନ୍ସିଂ, ଜୁଡୋ, ସନ୍ତରଣ, ଭାରୋତ୍ତୋଳନ, ରେସ୍‌ଲିଂ, ବ୍ୟାଡ୍‌ମିଣ୍ଟନ, ବାସ୍କେଟ୍‌ବଲ, ଫୁଟ୍‌ବଲ, ହକି, ଟେବୁଲ ଟେନିସ୍, ଟେନିସ୍ ଓ ଭଲିବଲ୍। ଭାରତର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ୬୦୦୦ ଆଥଲେଟ୍ ଓ ଅଫିସିଆଲ ଏହି ପ୍ରତିଯୋଗିତାରେ ଭାଗନେବେ। ବ୍ୟକ୍ତିଗତ ଇଭେଣ୍ଟରେ ଶ୍ରେଷ୍ଠ ୮ ଜଣ ଲେଖାଏ ଖେଳାଳି ଏବଂ ଦଳଗତ ବିଭାଗରେ ଶ୍ରେଷ୍ଠ ୮ଟି ଦଳ ପ୍ରତି କାଟେଗୋରିରେ ଅଂଶଗ୍ରହଣ କରିପାରିବେ। ବିଭିନ୍ନ ଜାତୀୟ କ୍ରୀଡ଼ା ସଂଘର ଅଫିସିଆଲମାନେ ମ୍ୟାଚ୍‌ଗୁଡ଼ିକୁ ପରିଚାଳନା କରିବେ। ଭେନ୍ୟୁ ବାଛିବା ପୂର୍ବରୁ ଏକ ୭ ଜଣିଆ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ କିଟ୍ ଓ କିସ୍ କ୍ୟାମ୍ପସ୍ ପରିଦର୍ଶନ କରି ଉପଲବ୍ଧ ଭିତ୍ତିଭୂମି ଓ ସୁବିଧା ସୁଯୋଗରେ ସନ୍ତୋଷ ପ୍ରକାଶ କରିଥିଲେ। ଏପରି ଏକ ସମ୍ମାନଜନକ କ୍ରୀଡ଼ା ପାଇଁ ଭେନ୍ୟୁଭାବେ ବାଛିଥିବାରୁ କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ଓ କେନ୍ଦ୍ର ସରକାରଙ୍କ କ୍ରୀଡ଼ା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

**୧୫ ଇଭେଣ୍ଟ**

ଆର୍ଚେରୀ, ଆଥଲେଟିକ୍ସ, ବକ୍ସିଂ, ଫେନ୍ସିଂ, ଜୁଡୋ, ସନ୍ତରଣ, ଭାରୋତ୍ତୋଳନ, ରେସ୍‌ଲିଂ, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, ଫୁଟବଲ, ହକି, ଟେବୁଲ ଟେନିସ, ଟେନିସ, ଭଲିବଲ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ। ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।

- ଗୌତମ ବୁଦ୍ଧ

## ସଂକ୍ଷେପରେ

### ବଢ଼ିଗାଁରେ ରାମାୟଣ ପାରାୟଣ

ଜହ୍ନାପଙ୍କ,୧୪।୧୧(ଡି.ଏନ.ଏ.) ବୌଦ୍ଧ ବ୍ଲକ ଅନ୍ତର୍ଗତ ବଢ଼ିଗାଁ ଗ୍ରାମରେ ଶ୍ରୀ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ନବାଦିନାତ୍ମକ ରାମାୟଣ ପାରାୟଣ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ପ୍ରମୋଦ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଶ୍ରୀଧର ପୂଝାରୀ ପୂଜକ ଏବଂ ତପନ କୁମାର ଦାସ ବ୍ୟାସ କାର୍ଯ୍ୟ ସମ୍ପାଦନ କରିଥିଲେ । ରମେଶ ବାରିକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଯୋଗେନ୍ଦ୍ର ସାହୁ, ସୁଦର୍ଶନ ମୁଦୁଲି, କେଦାର ବିଶି ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ ।



### ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଯାପିତ

କନ୍ଧମାଳ, ୧୪।୧୧ (ଡି.ଏନ.ଏ) ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ମଲ୍ଲିକପଦରରେ ସପ୍ତାହ ବ୍ୟାପୀ ଚାଲିଥିବା ଆଞ୍ଚଳିକ ଧନୁଯାତ୍ରା ବୁଧବାର ବିଳମ୍ବିତ ରାତିରେ କଂସ ବଧ ସହ ଉଦ୍‌ଯାପିତ ହୋଇଛି । କଂସ ବଧ ପରେ ମଥୁରାରେ ଶାନ୍ତି ବିରାଜମାନ କରିଛି । ଉଦଯାପନୀ ସନ୍ଧ୍ୟାରେ କଂସ ଦରବାରରେ ପୂର୍ବତନ କଣ୍ଟାମାଳ ବ୍ଲକ ଅଧକ୍ଷ ଶଙ୍କର୍ଷଣ ପ୍ରଧାନ ମୁଖ୍ୟଅତିଥି ଓ ବରିଷ୍ଠ ସାମ୍ବାଦିକ ଦିବ୍ୟଶଙ୍କର ରାଉତ, ଷ୍ଟେଟ୍ ବ୍ୟାଙ୍କ ପଲସାଗୋରା ଶାଖାର କ୍ଷେତ୍ର ପରିଦର୍ଶକ ଅଶ୍ୱିନୀ କୁମାର ସାହୁ, ପୂର୍ବତନ ସମିତିସଭ୍ୟ ଲବ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭାକାର୍ଯ୍ୟକୁ ଦିଲୀପ ମହାନ୍ତି ପରିଚାଳନା କରିଥିବା ବେଳେ ଅଚ୍ୟୁତ ଖମାରୀ ସହଯୋଗ କରିଥିଲେ । ଧନୁଯାତ୍ରା କମିଟିର ରାଜୀବ ସାହୁ, ତରଣୀ ସାହୁ, ସୁଦାମ ବାରିକ, ଧର୍ମେନ୍ଦ୍ର ସାହୁ, ପ୍ରକାଶ ସାହୁ ପ୍ରମୁଖ ଧନୁଯାତ୍ରାର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମଲ୍ଲିକପଦର ଗ୍ରାମବାସୀ ସହଯୋଗ କରିଥିଲେ ।

### ଜୟ ଜଗତ ମୈତ୍ରୀ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା

ସୋହେଲା,୧୪।୧୧ (ଡି.ଏନ.ଏ) ଗାନ୍ଧିଜୀଙ୍କ ୧୫୦ତମ ଓ ସନ୍ଥ ବିନୋବାଙ୍କ ୧୨୫ତମ ଜୟନ୍ତୀ ଅବସରରେ ଓଡିଶାର ବିଭିନ୍ନ ଗାନ୍ଧୀବାଦୀ ସଙ୍ଗଠନର କର୍ମକର୍ତ୍ତାମାନେ ମୟୁରଭଞ୍ଜରୁ ଏକ ମୈତ୍ରୀ ଯାତ୍ରାରେ ମଧ୍ୟପ୍ରଦେଶ ପୌନାର ଆଶ୍ରମ ଅଭିମୁଖେ ବାହାରିଛନ୍ତି । ଉକ୍ତ ଯାତ୍ରୀ ଦଳ ଗୁରୁବାର ବରଗଡ ଜିଲା ସୋହେଲା ବ୍ଲକ ପାଣିମୋରା ଗ୍ରାମରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା । ବିଶିଷ୍ଟ ଗାନ୍ଧୀବାଦୀ ଚିନ୍ତକ ଆଦିତ୍ୟ ପଟ୍ଟନାୟକ, ରବିନ୍ଦ୍ର ଜେନା, ରମାକାନ୍ତ ମଣ୍ଡଳ, ଅଧ୍ୟାପକ ସୁଧୀର ଜେନା ପ୍ରମୁଖ ଉକ୍ତ ଯାତ୍ରୀ ଦଳର ନେତୃତ୍ୱ ନେଇଛନ୍ତି । ଏହି ଯାତ୍ରୀ ଦଳକୁ ପଶ୍ଚିମ ଓଡିଶା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି କମିଟି ଓ ବରଗଡ ଜିଲା ସର୍ବୋଦୟ ମଣ୍ଡଳ ତରଫରୁ ପାଣିମୋରାରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ଏକ ସଭା ଆୟୋଜନ କରାଯାଇଥିଲା । ଏଥିରେ ଜିଲା ସର୍ବୋଦୟ ମଣ୍ଡଳ ସଭାପତି ଡାକ୍ତର ଶିଶିର କୁମାର ସାହୁ ସଭାପତିତ୍ୱ କରିଥିଲେ । ମୁକ୍ତେଶ୍ୱର ପଧାନ, ଦେଶବନ୍ଧୁ ପଧାନ, ଟେକଚାନ୍ଦ ଦୁଆନ, ଉପେନ୍ଦ୍ର ମହାପାତ୍ର ପ୍ରମୁଖ ଯାତ୍ରୀ ଦଳକୁ ସ୍ୱାଗତ କରିଥିଲେ । ସତ୍ୟାନନ୍ଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଗରିବ୍‌ଦୁଖିଙ୍କୁ ଘାଁଟି ମାରୁଛେ ଆଧାର କାର୍ଡ

# ରାଶନ ସାମାନରୁ ବଁଚିତ୍ ପରିବାର

ଗୁଡଭେଲିପଦର, ୧୪।୧୧(ଡି.ଏନ୍.ଏ.)

ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖିକର ଲାଗି ଯୋଜନା ଉପରେ ଯୋଜନା ତିଆର କରୁଛନ୍। ହେଲେ ଅନେକ୍ ଜାଗାରେ ହକ୍‌ଦାର ହିତାଧିକାରୀ ଯୋଜନାର ସୁଫଲ ପାଏବାରୁ ବଁଚିତ୍ ହେଇ ବଡ଼ା ଗୁଲ୍‌ଗୁଲାରେ ଜୀବନ୍ ବିତଉଛନ୍। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଗୁଡ଼ଭେଲିପଦର ପଁଚେତ୍‌ରେ।

ସୂଚନା ଅନ୍‌ସାରେ ଗୁଡ଼ଭେଲିପଦର ପଁଚେତ୍ ଉଛବାହାଲିଗାଁର ରମେଶ ଭୋଇ(୫୫)। ସେ ଝନେ ଭିନ୍ନକ୍ଷମ ଆଏ। ପରିବାର କହେଲେ ମାଏକିନା ସରାବନୀ, ପୁଓ ରଜତ ଆର ପପୁଙ୍କୁ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ୍। ସରକାରଙ୍କର ତରଫୁ ଇ ପରିବାରକେ ରାଶନ କର୍ଡ ନଂ. ୦୬୦୩୦୮୧୧୦୮୩ ମିଲିଛେ ସତ୍। ହେଲେ ଇ ରାଶନ କାର୍ଡରେ ପରିବାରଟା ଖାଉଟି ସାମାନ ପାଇ ନାଇଁପାରବାର। ପଁଚେତ୍‌କେ ଯାଇ ଯେତେ ଗୁହାରପାତ କଲେ ବି ତାହାକୁ ଚାଉଲ ନାଇଁ ମିଲବାର। ହିତାଧିକାରୀ ସରାବନୀ ଆର ରମେଶ ଇ ବାବ୍‌ଦେ ବିଭାଗୀୟ ଅଧିକାରୀଙ୍କୁ ଗୁହାରି କଲେ ତମର ରାଶନ କାର୍ଡରେ ଆଧାର କାର୍ଡ ସଂଯୋଗ ନାଇଁ ହେଇ। ସେଥିରଲାଗି ତମକୁ ଚାଉଲ ନାଇଁ ମିଲବାର ବଲି କହୁଛନ୍। ଏନ୍ତାଥି ଦମ୍ପତି ପଁଚେତ୍‌ନୁ ବ୍ଲକ ତକ୍ ନରଦି ନରଦି ନିହାଲ ହେଇଗଲେନ। ହେଲେ କେହି ତାକର ଗୁହାରି ନାଇଁ ଶୁନୁଥିବାର ସରାବନୀ ଅଭିଯୋଗ କରିଛନ୍। କଣ୍ଟାମାଳ ବ୍ଲକରେ ଏନ୍ତା ଆହୁରି ଅନେକ୍ ଗରିବ୍ ଦୁଖି ପରିବାର ଅଛନ୍ ଯେନ୍‌ମାନେ ଆଧାର ସଂଯୋଗ ଅଭାବୁ ପଁଚେତ୍‌ରୁ ଖାଉଟି ସାମାନ ପାଏବାରୁ ବଁଚିତ୍ ହେଇ ରହିଛନ୍। ଇ ବାବ୍‌ଦେ ଗୁଡ଼ଭେଲିପଦର ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଶେଷଦେବ ଜାନୀଙ୍କୁ ପଚରାଲାରୁ ହିତାଧିକାରୀଙ୍କର ରାଶନ କାର୍ଡରେ ଆଧାର ସଂଯୋଗ ନାଇଁ ହେଇ। ସେଥିରଲାଗି ପରିବାରଟା ରାଶନ ସାମାନ ପାଏବାରୁ ବଁଚିତ୍ ହେଇଛନ୍। ମୁଇଁ ଇ ବାବ୍‌ଦେ ଯୋଗାଣ ଅଧିକାରୀଙ୍କର ସଂଗେ କଥା ହେଇ ସମସିଆର ସମାଧାନ କରବାର ଚେଷ୍ଟା କରୁଛେଁ ବଲି ସେ କହିଥିଲେ। ସେନ୍ତା ଇ ବାବ୍‌ଦେ ବ୍ଲକ ଯୋଗାଣ ଅଧିକାରୀଙ୍କୁ ପଚରାଲାରୁ ଘଟନା ବାବ୍‌ଦେ ଜାନିଛେଁ। ସମସିଆର ସମାଧାନ ଲାଗି ଜିଲା ଯୋଗାଣ ଅଧିକାରୀଙ୍କର ସଂଗେ ବି କଥା ହେଇଛେଁ। ବହୁତ ଜଲଦି ସମସିଆର ସମାଧାନ କରାଯିବା ବଲି ସେ କହିଥିଲେ।

# ମିଳିନି ବରିଷ୍ଠ ନାଗରିକ ପ୍ରମାଣପତ୍ର, ଅନଶନ ଚେତାବନୀ

ମନମୁଣ୍ଡା, ୧୪।୧୧ (ଡି.ଏନ.ଏ)

ମନମୁଣ୍ଡା ଥାନା ଅଞ୍ଚଳର ପ୍ରାୟ ୨୫୦ଜଣ ବରିଷ୍ଠ ନାଗରିକ ପ୍ରମାଣପତ୍ର ପାଇଁ ସ୍ଥାନୀୟ ଥାନାରେ ଆବେଦନପତ୍ର ଦାଖଲ କରିଥିଲେ । ଆବେଦନର ବର୍ଷେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ପ୍ରମାଣପତ୍ର ମିଳିନାହିଁ । ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବରିଷ୍ଠ ନାଗରିକ ଲକ୍ଷ୍ମୀନ୍ଦ୍ର ବଗର୍ତ୍ତି, ତୀର୍ଥବାସୀ ମିଶ୍ର, ସନ୍ତୋଷ ଚାନ୍ଦ, ମାଧବ ପ୍ରସାଦ କ୍ଷେତି, କୃଷ୍ଣମୋହନ ସାହୁ, ରମାକାନ୍ତ ଗରିଆ ପ୍ରମୁଖ ଏ ନେଇ ବୁଧବାର ସ୍ଥାନୀୟ ଥାନାରେ ପ୍ରତିବାଦ ଜଣାଇବା ସହ ତୁରନ୍ତ ପ୍ରମାଣପତ୍ର ପ୍ରଦାନ କରିବାକୁ ଦାବି କରିଥିଲେ । ତୁରନ୍ତ ଏହା ପ୍ରଦାନ କରା ନ ଗଲେ ସେମାନେ ଆରକ୍ଷୀ ଅଧୀକ୍ଷକଙ୍କ ଅଫିସ ସାମନାରେ ଅନଶନ କରିବେ ବୋଲି ପ୍ରକାଶ କରିଛନ୍ତି । ପ୍ରକାଶଥାଉକି, ଏହି ଥାନା ଅଞ୍ଚଳର ୩୨ଜଣଙ୍କୁ ପୂର୍ବରୁ ବରିଷ୍ଠ ନାଗରିକ ପ୍ରମାଣପତ୍ର ମିଳିଛି । ବର୍ତ୍ତମାନ ତାହା ମିଳି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ତେବେ ଏହି ପ୍ରମାଣପତ୍ର କିପରି ଶୀଘ୍ର ମିଳିବ ତାହା ଉପରେ ଗୁରୁତ୍ୱ ଦେବେ ବୋଲି ମନମୁଣ୍ଡା ଆଇଆଇସି ଗୋପୀନାଥ ପ୍ରଧାନ ଜଣାଇଛନ୍ତି ।



ନାଗରିକମାନେ ଥାନା ଆଗରେ ପ୍ରତିବାଦ ଜଣାଉଛନ୍ତି ।

# କିଡ୍‌ନୀ ରୋଗରେ ଆକ୍ରାନ୍ତ, ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ତଲଗାଁ,୧୪।୧୧(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ପଞ୍ଚାୟତ ସାଲକଟା ଗ୍ରାମର ପୂର୍ଣ୍ଣ ମଲିକ। ବୟସ ୪୮ ବର୍ଷ ହେବ । ହେଲେ ବର୍ଷେ ହେବ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି । ସେ ବୀରମହାରାଜପୁର, କଟକ, ଭୁବନେଶ୍ୱର ଆଦି ଡାକ୍ତରଖାନାକୁ ଦୌଡି ଦୌଡି ନୟାନ୍ତ ହୋଇପଡିଲେଣି। ନିଜର ଜମି ବିକ୍ରି କରି ଖର୍ଚ୍ଚ କରିବା ପରେ ରୋଗ ଭଲ ନ ହେବାରୁ ସେ ଏବେ ଚିନ୍ତାରେ ପଡିଯାଇଛନ୍ତି। କିପରି ନିଜର ଚିକିତ୍ସା କରିବେ । ଏପେଟ ଦେହ ଖରାପ ସେପଟେ ରହୁଥିବା ଚାଳଛପର ଘର ଭାଙ୍ଗିବାକୁ ବସିଲାଣି । ଶେଷରେ ସ୍ୱାମୀ ସ୍ତ୍ରୀ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ଜିଲାପାଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ହଜାର ଟଙ୍କା ସହାୟତା କରିଥିଲେ । କିଡ୍‌ନୀ ରୋଗ ଚିକିତ୍ସା ପାଇଁ ଏତିକି ଟଙ୍କା ସମୁଦ୍ରକୁ ଶଙ୍ଖେ ପାଣି ଭଳି । ସରକାରଙ୍କ ତରଫରୁ ଅଧିକ ସାହାଯ୍ୟ ଯୋଗାଇ ଦେଲେ ନିଜର ଚିକିତ୍ସା କରାଇପାରିବେ ବୋଲି ପୂର୍ଣ୍ଣ କହିଛନ୍ତି ।



କିଡ୍‌ନୀ ରୋଗୀ ପୂର୍ଣ୍ଣ ମଲିକ ।


No. RR-29:

ଓଡ଼ିଶା ସରକାର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ

"ଅକ୍ଷର"

୨ୟ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ

ଡିସେମ୍ବର ୬ରୁ ୧୫, ୨୦୧୯

ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର

ଷ୍ଟଲ ସଂରକ୍ଷଣ ନିମନ୍ତେ ଆଗ୍ରହୀ ପୁସ୍ତକ ପ୍ରକାଶକ, ବିତରକ ଓ ବିକ୍ରେତା ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ:

ସଭାପତି, ରାଜଧାନୀ ପୁସ୍ତକ ମେଳା, ୭୮, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭

ଦୂରଭାଷ: ୯୪୩୭୧୩୩୩୬୮ / ୭୦୦୮୪୫୪୨୫୧ / ୭୬୫୫୮୬୧୪୩୪

ଶେଷ ତାରିଖ: ୨୦।୧୧।୨୦୧୯

ସହ-ଆୟୋଜନ:

ରାଜଧାନୀ ପୁସ୍ତକ ମେଳା, ଏକାମ୍ର ପୁସ୍ତକ ମହୋତ୍ସବ, କଳିଙ୍ଗ ପୁସ୍ତକ ମେଳା ଏବଂ ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ

03016/11/0002/1920



DISTRICT PLANNING & MONITORING UNIT, PURI

**Office Order No.889 / Dtd: 11.11.2019**

**Tender Notice for Outsourcing of Manpower**

No.X-27 :- Bids in sealed cover are invited under two-bid system from reputed and experienced manpower service provider for providing Data Entry Operator / Field Enumerators for District Planning & Monitoring Unit (Statistical Wing), Puri. Intending agencies are required to download Tender Documents from Puri district website **(http://puri.nic.in)** from dt.16.11.2019. Last date of submission of bid is 30.11.2019 up to 3:00 PM **(Contact No.- 06752-223210)**

**Sd./-**
**Asst. Director (Statistics)**
**DOMU, Puri**

**21011/11/0002/1920**



CENTRAL ELECTRICITY SUPPLY UTILITY OF ODISHA

O/o. SUPERINTENDING ENGINEER (ELECT.)

ELECTRICAL CIRCLE No. - 1, Unit - 8, BBSR - 12

**NOTICE INVITING TENDER**

No.: CAD-564: Sealed tenders in two part bidding systems are invited from intending Manufacturers/Authorised Distributors/ Reputed Suppliers, who comply with the terms and conditions for the supply of different NSC materials. Approximately costing around 65 Lakh. Last date of receipt of bids is 21.11.19 upto 3.00 P.M. For details please visit our website **www.cescoorissa.com / www.cesuodisha.com**. Any amendments, corrigendum, time extension etc. will be uploaded in the above website only. The undersigned reserves the right to accept or reject any or all tenders without assigning any reason thereof.

04010/11/0003/1920 **Superintending Engineer (Elect.)**



No. C-312:

GOVERNMENT OF ODISHA
OFFICE OF THE EXECUTIVE ENGINEER
**P.H. DIVISION, SAMBALPUR**

Phone No.:(0663)-2412135, Fax No. : (0663) 2412335
Email ID : eephdsbp@gmail.com, eephsbp@nic.in

**NOTICE INVITING TENDERS**

**NATIONAL COMPETITIVE BIDDING THROUGH e-Procurement**

**Bid Identification No. EEPHSBP-13/2019-20 Dt. 08.11.2019**

| | | |
|---|---|---|
| 01. | Name of the Work | : 2 nos. Work. |
| 02. | Type of Bid. | : Single Bid System |
| 03. | Estimated Cost | : Rs. 18.87 lakhs to Rs. 28.01 lakhs |
| 04. | Period of Completion | : 3 (Three) Calendar Months. |
| 05. | Date & Time of availability of bid document in the portal | : From 11.00 AM of dt. 18.11.2019 to 5.00 PM of 01.12.2019. |
| 06. | Last date / time of receipt of bids in the portal | : 5.00 PM of 01.12.2019. |
| 07. | Date & Time of opening of Tender | : At 11.30 AM of 02.12.2019. |
| 08. | Name and Address of the Officer Inviting Bid | : Executive Engineer, P.H. Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

Further details can be seen from the web site http://tenders.ori.nic.in or www.tendersorissa.gov.in

Sd/- Executive Engineer
P.H. Division, Sambalpur

13026/11/0015/1920



C-310

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**PUBLIC HEALTH CIRCLE, SAMBALPUR, ODISHA.**

E-mail id: - sephsbp@yahoo.in / sephsbp@gmail.com

**NATIONAL COMPETITIVE BIDDING THROUGH e-Procurement**

**Bid Identification No. SEPHSBP- 07 /2019-20 Dt. 08.11.2019**

| | | |
|---|---|---|
| 01. | Number of Work | : 1 no. |
| 02 | Type of Bid | : Two Bid system |
| 04 | Period of Completion | : 3 (Three) Calendar Month |
| 05 | Class of Contractor | : Contractors of 'B'/'A' Class |
| 06 | Date & Time of availability of bid document in the portal | : From 11.00 Hrs. of Dt. 19.11.2019 to 17.00 Hrs of 03.12.2019 |
| 07 | Last date / time of seeking clarification | : 17.00 Hrs of 25.11.2019 |
| 08 | Last date / time of receipt of bids in the portal | : 17.00 Hrs of 03.12.2019 |
| 09 | Date & Time of opening of Technical bids | : At 11.00 Hrs. of 06.12.2019 |
| 10 | Name and Address of the Officer Inviting Bid | : Superintending Engineer, P.H. Circle, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

Further details can be seen from the e-Procurement portal "http://www.tendersorissa.gov.in"

Sd/-
Superintending Engineer,
P.H. Circle, Sambalpur.

13018/11/0008/1920



No. AA-16:

GOVERNMENT OF ODISHA
**ELECTRICAL LICENSING BOARD**

OFFICE OF THE ENGINEER-IN-CHIEF,ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA,
3RD FLOOR HEADS OF DEPARTMENT BUILDING, BHUBANESWAR-751 001.
Email-secyelbo@nic.in, Ph.0674-2394572

**NOTICE**

No. ELBO/SCC (MV & HT) EXAM /132/2019 / **1374** / Dated **11.11.2019**

The Supervisor Certificate of Competency (SCC) (MV & HT) Examination-2019 is scheduled to be conducted on **24.11.2019 (SUNDAY)** in two sittings as per the following:-

| | |
|---|---|
| 1) 1st Sitting - 10AM to 12Noon | Venue:- Directorate of Distance & Continuing Education (DDCE), Utkal University, Vanivihar, Bhubaneswar |
| 2) 2nd Sitting - 2PM to 4PM | |

Candidates are advised to reach the venue before 60 minutes of commencement of the Examination. The SMS has already been sent to eligible shortlisted candidates for downloading the Admit Card.

The applicants are also advised to visit the Website:- **eicelectricityodisha.nic.in** to view the list of eligible shortlisted candidates and download their Admit Card for appearing the Examination. No hard copy of Admit Card will be sent to the eligible shortlisted candidates.

04009/11/0002/1920 **Sd/- SUPERINTENDING ENGINEER-CUM-SECRETARY, ELBO.**



**COLLECTORATE, KORAPUT**
**(SPORTS SECTION)**

**No.: 424/II 41 Sports - 2019** **Dated: 11.11.2019**

**Tender Call Notice for Construction of Wooden Badminton Court at Indoor Stadium, Koraput**

No.: TT-15: Sealed tenders are invited by Collectorate, Koraput (Sports Section) from reputed Firms/Agencies as per tender specifications for construction of "Wooden Badminton Court" at Indoor Stadium, Koraput. The detailed tender document may be downloaded from website **(www.koraput.nic.in)**.

Interested bidders may submit their sealed tender documents in the prescribed format mentioning "Wooden Badminton Court" on the cover of the envelope to the Collectorate, Koraput (Sports Section) by 25.11.2019 upto 5 P.M. Bidders are required to submit Technical Bid & the Financial Bid in the separate envelope through Register/Speed Post only.

The Technical & Financial Bid will be opened on 26.11.2019 at 4.00 P.M. in the presence of the district level committee members, bidders or their authorised representatives.

Tenders received after due date & time will not be accepted. Collectorate, Koraput (Sports Section) will not be responsible for postal delay or similar reasons.

Tenders sent through an electronic means shall not be accepted. Any Corrigendum/Addendum if any will be uploaded in the above mentioned website.

Collectorate, Koraput "Sports Section" reserves the right to accept or reject any or all tender without assigning any reason thereof. For any queries you may contact District Sports Officer, Koraput.
(Cell No.- 9437145404)

**Sd./- Addl. District Magistrate, Koraput**

**24057/11/0002/1920**



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER, MAYURBHANJ
IRRIGATION DIVISION, BARIPADA

No.A-382

e-mail: exen.mid@gmail.com, FAX/TEL: 06792-260442

"E" PROCUREMENT NOTICE NO. 02MBJ/2019-20.

| | |
|---|---|
| 1. Name of works | : i. Bank protection work on left bank of river Budhabalanga near village Angaragadia (Jambhirapal) under Kuliana Block<br>ii. Restoration to TRE from Baradihi to Parchipur on right bank of river Sono near village Baradihi as mentioned in the website. |
| 2. Total No. of works | : 02 (Two) Nos. of work. |
| 3. Estimated Cost | : Varies from 39.28 lakh to 44.54 lakh |
| 4. Class of Contractor | : 'C' & 'B' and 'B' & 'A' |
| 5. Period of completion | : As mentioned against work. |
| 6. Other details as follows | : |
| (i) Procurement Officer | : Executive Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : 15.11.2019 from 10.00 Hours to 29.11.2019 upto 17.00 Hours. |
| (iii) Date, time and place of opening of Bid. | : On 30.11.2019 at 11.00 Hours in the O/o the Executive Engineer, Mayurbhanj Irrigation Division, Baripada |
| (iv) Date of Transparent Lottery to be conducted (if required) | : On dt. 03.12.2019 at 11.00 AM. |
| 11. Further details can be seen from the 'e' Procurement Portal **http://tendersorissa.gov.in** | |

**Sd./- Executive Engineer,**
**Mayurbhanj Irrigation Division,**
**Baripada.**

**32041/11/0004/1920**



No. CAD-568:

**Odisha State Medical Corporation Limited (OSMCL)**

In front of Ram Mandir, Convent Square, Unit – III, Bhubaneswar -751 001
Tel. : (0674) 2380660/2380608
Website : www.osmcl.nic.in Email : logistics.osmcl@nic.in

*Assuring Quality, Saving Lives*

**NOTICE INVITING E-TENDER FOR SUPPLY OF ANTI-CANCER DRUGS AND MEDICAL CONSUMABLES (GROUP-III) FOR THE YEAR 2019-20**

Bid Ref. No. : **OSMCL/2019-20/DRUGS-DHS-ACD-GR-III/05** Date: 13 /11/2019

**Online Bids** through **e-Tender portal** (https://tendersodisha.gov.in) are invited from eligible bidders for **Supply of Anti-Cancer Drugs and Medical Consumables (Group-III)** as per the particulars mentioned below::

| Sl. No. | Particulars | Date and time | |
|---|---|---|---|
| 1. | *Date & time of release of bid* | ***15 /11 /2019, 3 PM*** | |
| 2. | *Date & time of Pre-bid meeting* | ***22 /11 /2019, 11:00 AM***<br>*Venue : Tender Evaluation Room, Odisha State Medical Corporation Ltd., In front of Ram Mandir, Convent Square, Unit – III, Bhubaneswar* | |
| 3. | *Date & time of Online bid submission* | *Start Date & Time* | *End Date & Time* |
| | | ***28 / 11 /2019, 3 PM*** | ***12 / 12 /2019, 6.00 PM*** |
| 4. | *Date & time for submission of Tender Documents, Tender Document Fee and EMD amount as per section-IV of tender document* | *Start Date & Time* | *End Date & Time* |
| | | ***13 / 12 / 2019, 10 AM*** | ***20 / 12 /2019, 11.00 AM*** |
| 5. | *Date & time of online Technical bid opening* | ***20 / 12 / 2019, 11:00 AM*** | |
| 6. | *Date of opening of Price Bid* | *To be informed to the qualified bidders* | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.

**Sd/-**
**Managing Director**
**OSMCL**

10112/11/0015/1920




ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।
- ଗୀତା



## ସଂକ୍ଷେପରେ

### କାର୍-ଟ୍ୟାଙ୍କର ମୁହାଁମୁହିଁ ଧକ୍କା

ଅତାବିରା, ୧୪।୧୧ (ଡି.ଏନ.ଏ)
ବରଗଡ଼ ଜିଲା ଗୋଡଭଗା-ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥର ଉଦେପୁର ଛକରେ ବୁଧବାର ବିଳମ୍ବିତ ରାତିରେ ଏକ କାର୍ ଓ ଟ୍ୟାଙ୍କର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ କାର୍‌ଟି (ନଂ.ଓଡି୧୭କେ/୬୫୫୨) ଚୂରମାର ହୋଇଯାଇଛି। କାର୍ ତୁରୁମ ପଟରୁ ଗୋଡଭଗା ଆଡକୁ ଦ୍ରୁତଗତିରେ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ୟାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଉଭୟ ଗାଡିର ଡ୍ରାଇଭର ଫେରାର ଅଛନ୍ତି । ପୋଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରି ତଦନ୍ତ କରୁଥିବା ରୁଖୁଡା ଫାଣ୍ଡି ଅଧିକାରୀ ଗଣେଷ କଲେତ କହିଛନ୍ତି ।

### ପଦ୍ମପୁର ଏନ୍‌ଏସିର ନୂତନ ନିର୍ବାହୀ ଅଧିକାରୀ

ପଦ୍ମପୁର, ୧୪।୧୧ (ଡି.ଏନ.ଏ)
ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଭାବରେ ଜୟନ୍ତ କୁମାର ସାହୁ ଯୋଗଦାନ କରିଛନ୍ତି। ଯୋଗଦାନ ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସ୍ୱାଗତ କରିଥିଲେ। ପୂର୍ବରୁ ସେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ ।

# ଆଜିଠୁ ଧାନକିଣା, ସରିନି ପ୍ରସ୍ତୁତି

ପଦ୍ମପୁର, ୧୪।୧୧ (ଡି.ଏନ.ଏ)

ବରଗଡ ଜିଲାର ପଦ୍ମପୁର ଉପଖଣ୍ଡରେ ଧାନ ଅମଳ କାର୍ଯ୍ୟ ଜୋର ଧରିଛି। ବର୍ତ୍ତମାନ ସୁଦ୍ଧା ଉପଖଣ୍ଡର ୬ଟି ବ୍ଲକରେ ପ୍ରାୟ ୫୦ ଭାଗ ଧାନ ଅମଳ ସରିଲାଣି। ଶୁକ୍ରବାରଠାରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ । ଧାନ ସଂଗ୍ରହ ପାଇଁ ୧୫ ତାରିଖରୁ ମଣ୍ଡି ଖୋଲିବ ବୋଲି ପ୍ରଶାସନ ଘୋଷଣା କରିଥିବା ବେଳେ ଧାନ କିଣାବିକା ପାଇଁ ଆବଶ୍ୟକ କାଗଜାତ କିମ୍ବା ସରକାରଙ୍କ ପକ୍ଷରୁ ନୂତନ ଭାବେ ପ୍ରଚଳିତ ଟୋକନ ଚାଷୀଙ୍କ ପାଖକୁ ଏଯାଏ ପହଞ୍ଚିନାହିଁ । ଏପରିକି ଗୋଟିଏ ଚାଷୀ ଏକର ପିଛା କେତେ ବସ୍ତା ଧାନ ବିକ୍ରି କରିପାରିବେ ତାହା ମଧ୍ୟ ପ୍ରଶାସନ ଏପର୍ଯ୍ୟନ୍ତ ଘୋଷଣା କରିନାହିଁ। ଚାଷୀମାନଙ୍କୁ ମଣ୍ଡି ଖୋଲିବାର ୧୫ ଦିନ ପୂର୍ବରୁ ଟୋକନ ଦିଆଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ଯୋଗାଣ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା । ମାତ୍ର ଏପର୍ଯ୍ୟନ୍ତ ଜଣେ ବି ଚାଷୀଙ୍କୁ ଟୋକନ ଦିଆଯାଇନାହିଁ। ହଜାର ହଜାର ଚାଷୀ ଟୋକନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଧାନ ସଂଗ୍ରହ ଆରମ୍ଭରୁ ବିଭ୍ରାଟ


ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ଧାନ ଅମଳ ଚାଲିଛି ।

- ଚାଷୀଙ୍କୁ ମିଳିନାହିଁ ଟୋକନ
- ପଞ୍ଜୀକରଣରୁ ବାଦ୍ ପଡିଛନ୍ତି ହଜାର ହଜାର ଚାଷୀ
- ରାଜରାସ୍ତାକୁ ଓହ୍ଲାଇବା ପାଇଁ କୃଷକ ସଙ୍ଗଠନର ଚେତାବନୀ

ଦେଖାଦେଇଛି । ଏ ସମ୍ପର୍କରେ ଉପଖଣ୍ଡ ଯୋଗାଣ ଅଧିକାରୀ ଶମ୍ଭୁପ୍ରସାଦ ହରିପାଳ କହିଛନ୍ତି, ସରକାରଙ୍କ ଧାର୍ଯ୍ୟ ୧୫ତାରିଖରେ ଆନୁଷ୍ଠାନିକ ଭାବେ ମଣ୍ଡି ଖୋଲାଯିବ ଏବଂ ଟୋକନ ଆସିଲା ପରେ ବିଧି ବ୍ୟବସ୍ଥା ଅନୁଯାୟୀ ଧାନ ସଂଗ୍ରହ ହେବ । ଉପଖଣ୍ଡରେ ଏଥର ୬୦ଟି ସ୍ଥାନରେ ଧାନ ସଂଗ୍ରହ କରାଯିବ । ତନ୍ମଧ୍ୟରେ ୧୮ଟି ମାର୍କେଟ ୟାର୍ଡ ଓ ୪୨ଟି ପରଚେଜ୍ ସେଣ୍ଟର ବା ଅସ୍ଥାୟୀ ମଣ୍ଡି ରହିଛି ବୋଲି ହରିପାଳ କହିଛନ୍ତି । ମାତ୍ର ରାଜବୋଡାସମ୍ବର କୃଷକ ସଙ୍ଗଠନର ଆବାହକ ଅଶୋକ ସାହୁ କୁହନ୍ତି, ବର୍ତ୍ତମାନ ସୁଦ୍ଧା ବରଗଡ ଜିଲାର ୩୭ ହଜାର ଚାଷୀ ପଞ୍ଜୀକରଣରୁ ବାଦ ପଡିଛନ୍ତି । ତାହା ଚିନ୍ତା ନ କରି ସରକାର ଚାଷୀଙ୍କ ଧାନ କିପରି ଅଭାବୀ ବିକ୍ରି ହେବ ସେଥିପାଇଁ ଟୋକନ ବ୍ୟବସ୍ଥା କରିଛନ୍ତି । କୃଷକ ସଙ୍ଗଠନ ଟୋକନ ବ୍ୟବସ୍ଥାକୁ ବିରୋଧ କରିବା ସହ ପୂର୍ବଭଳି ଚାଷୀମାନେ ଧାନ ନେଇ ମଣ୍ଡିରେ ପହଞ୍ଚିବେ । ଧାନ କିଣା ନ ହେଲେ ଚାଷୀମାନେ ରାସ୍ତା ଉପରେ ଧାନ ଗଦା କରିବେ ବୋଲି ସାହୁ କହିଛନ୍ତି ।

## ବସେକେଲା ରାମଲୀଳା ମହୋତ୍ସବ ସମ୍ପନ୍ନ

ଭେଡ଼େନ, ୧୪।୧୧(ଡି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଐତିହାସିକ ପର୍ଯ୍ୟଟନ କେନ୍ଦ୍ର ବସେକେଲା ଗଡ଼ ଯାତ୍ରା ପଡ଼ିଆରେ ଚାଲିଥିବା ମୁକ୍ତମଞ୍ଚ ରାବଣ ରାଜ ତଥା ରାମଲୀଳା କାର୍ଯ୍ୟକ୍ରମ ରାବଣ ବଧ ସହ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି । ଅନ୍ତିମ ସନ୍ଧ୍ୟାରେ ରାବଣ ଦରବାରରେ ବରଗଡ଼ ଚିନିକଳ ସଭାପତି ଲକ୍ଷ୍ମୀନାରାୟଣ ରଥ, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି ପ୍ରମୁଖ ରାଜଅତିଥି ଭାବେ ଯୋଗ ଦେଇଥିଲେ । ହରିଶଙ୍କର ବେହେରା ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ଯାତ୍ରା କମିଟି ସଭାପତି ସୁବଳ ପ୍ରଧାନ, ସମ୍ପାଦକ କ୍ଷମାନିଧି ନାଏକ, ସଦସ୍ୟ ଜଗଦୀଶ ପଟେଲ, ପ୍ରେମରାଜ ରାୟ, ଆନନ୍ଦ କରନ, ଭଗବାନ ସେଠ, ପ୍ରେମ ରାୟ, ବଜରଙ୍ଗ କରନଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଭେଡ଼େନ ବ୍ଲକର ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତିମ ସନ୍ଧ୍ୟାରେ ରାବଣର ନଗର ଭ୍ରମଣ, ରାମ ରାବଣ ଯୁଦ୍ଧ, ଇନ୍ଦ୍ରଜିତ, କୁମ୍ଭକର୍ଣ୍ଣ ବଧ ଏବଂ ରାବଣ ବଧ ଆଦି ନାଟ୍ୟାଭିନୟ ଅଭିନୀତ ହୋଇଥିଲା। ଅଭିନେତା ଝସକେତନ ପ୍ରଧାନ ରାବଣ ଭୂମିକାରେ ଅଭିନୟ କରିଥିବା ବେଳେ ରାବଣ ଦରବାରରେ କୁମ୍ଭାରୀର ଶଙ୍ଖନୃତ୍ୟ, ଘୁଡ଼କୁ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ ଆଦି ପରିବେଷିତ ହୋଇଥିଲା। ଯାତ୍ରାର ଅନ୍ତିମ ଦୃଶ୍ୟରେ ଅତିଥି ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି ରାବଣ ପୁତ୍ତଳିକାରେ ଅଗ୍ନି ସଂଯୋଗ କରିଥିଲେ ।


ବସେକେଲା ରାମଲୀଳା ଯାତ୍ରାର ରାବଣ ଦରବାରରେ ଅତିଥିଗଣ ।

## ସମ୍ବଲପୁରୀ ଭାଷାନେ ଧନୁଯାତ୍‌ରା କରବାର ଦାବିରେ ଅନଶନ

ବରଗଡ଼ ଅଫିସ୍, ୧୪ ।୧୧

ଭିନେ ଭିନେ ଦାବି ନେଇ କୋଶଲ ସେନା ତରଫୁ ଗୁରୁବାର ବରଗଡ଼ ଗାନ୍ଧୀଛକନେ ଆମରନ୍ ଅନଶନ ମୂଳ ହେଇଛେ। ଇ ଅନଶନ୍‌ରେ କୋଶଲ ସେନା ତରଫୁ ଆକାଶ ପଣ୍ଡା ଆର ତାକର ବହୁତ୍‌ଟେ ସହଯୋଗୀ ଭାଗ ନେଇଛନ।ଧନୁଯାତ୍‌ରାକେ ସମ୍ବଲପୁରୀ ଭାଷାଥି କରବାର ସଂଗେ ରାଏଜ୍ ସରକାର ଇ ଯାତ୍‌ରାକେ ୧ କୋଟି ଟଁକା ସାହାଯ୍ ଦେବାକେ ଦାବି କରି ଇ ଅନଶନ ଚାଲିଛେ। ଯେତେବେଲ୍‌ତକ ଆମର ଦାବି ପରଶାସନ ନାଇଁ ମାନିଛେ ସେତେବେଲ୍‌ତକ ଆମେ ଅନଶନ ବଁଦ୍ ନାଇଁ କରୁଁ ବଲି କୋଶଲ ସେନାର ଯୁବକମାନେ ସୂଚନା ଦେଇଛନ୍।



କୋଶଲ ସେନାର ଯୁବକମାନେ ଗାନ୍ଧୀଛକନେ ଆମରନ୍ ଅନଶନରେ ବସିଛନ୍ ।

### ଅଜନା ରୋଗ୍‌ରେ ଶଡୁଛନ୍ ଶ୍ରୋତୀ

## ମା'ବାପ୍‌କେ ଘାରୁଛି ଝିଁ'ର ଚିକିଛା ଚିନ୍‌ତା

ଜାମଟିକ୍ରା,୧୪।୧୧(ଡି.ଏନ୍.ଏ.)

ରାଏଜ୍ ସରକାର ଗରିବ୍ ଦୁଖିକୁ ସୁଆସ୍‌ତିଅ ସେବା ଯୁଗେଇ ଦେବାର ଲାଗି ଅନେକ୍ ଯୋଜନା କାଯ୍‌କାରୀ କରୁଛନ୍। ସେନ୍‌ତା ସରକାରକଁର ୫ଟି ଯୋଜନାରେ ବି ସୁଆସ୍‌ତିଅ ସେବାକେ ଗୁରୁତ୍ ଦିଆଯାଉଛେ। ହେଲେ ବି ଅନେକ ଗରିବ୍ ଦୁଖି ଯୋଜନାର ସୁଫଲ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଁଚେତ୍‌ରେ। ବୁଗବୁଗା ପଁଚେତ୍ ଖଲିଆପାଲି ଗାଁର ଗରିବ୍ ଦମ୍ପତି ଫକୀର ଭୋଇ ଆର ସାବିତ୍ରୀକଁର ଝିଁ ହେଉଛନ୍ ଶ୍ରୋତୀ ଭୋଇ(୫)। ସେ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ ଅଛନ୍। ଜନ୍ମୁ ସେ କଥା କହି, ଶୁନି ନାଇଁ ପାରବାର। ତାକର ଡେବ୍‌ରି ଗୋଡ଼ ବି ଅଚଲ ହେଇଯାଇଛେ। ଯେନ୍‌ଥିରଲାଗି ସେ ଚାଲବୁଲ କରି ନାଇଁପାରବାର, ଘେଁସ୍‌ରି ଘେଁସ୍‌ରି ଯାଆସ କରୁଛନ୍। ଇଆଡ଼େ ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଦମ୍ପତି କୁଲିମଜୁରି କରି ଝିଁ'ର ଚିକିଛା କରଉଛନ୍। ଯାହା ବଲ୍‌କୁଛେ ସେଥିରେ ପେଟ୍ ପାଲୁଛନ୍। ଏନ୍‌ତାଥି ଗରିବ୍ ଦମ୍ପତି ବହୁତ୍ ଥର ଝିଁକେ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକେ ଆନି ଚିକିଛା କରେଇ ନିରାଶ ହେଲେ। ପଛେ ଲାଗ୍ ବରମସ କରି ଦମ୍ପତି ଝିଁକେ ଚିକିଛା ଲାଗି ବୁର୍ଲା ବଡ଼ ଡାକ୍‌ତରଖାନା ନେଲେ। ହେଲେ ସେଠାନେ ବି ଡାକ୍‌ତର ରୋଗ୍ ଚିନ୍‌ହିଁ ନାଇଁପାରଲେ। ସେଠାନୁ କଟକ ନେଇ ଚିକିଛା କଲେ। ହେଲେ ଶ୍ରୋତୀର ସୁଆସ୍‌ତିଅରେ କେହେନ୍‌ସି ପରକାର ପରିବିରତନ୍ ନାଇଁ ହେଲା। ମା'ବାପ୍ ଝିଁ'ର ଚକିଛାରେ ସରବ୍‌ସୁଆଁତ ହେଇଛନ୍। ଏନ୍‌ତାଥି ଉପେ ଶୂଇନ୍ ଦମ୍ପତି ଝିଁ'ର ଉଚ ଚିକିଛା ସାହାଯ୍ ଲାଗି ଗଣମାଧ୍ୟମ ଜରିଆରେ ଜିଲା ପରଶାସନ ଆର ସୁଆସ୍‌ତିଅ ବିଭାଗକେ ଗୁହାରି କରିଛନ୍।


ଅଜନା ରୋଗ୍‌ରେ ପୀଡ଼ିତ ଶ୍ରୋତୀ।

## ମୁରାସୁର ରାଜ ପାଇଁ କଳାକାର ବରଣ

ପଦ୍ମପୁର, ୧୪।୧୧ (ଡି.ଏନ.ଏ)
ପଦ୍ମପୁର ନିକଟସ୍ଥ ବନୁପାଲି ଗ୍ରାମରେ ମାଁ ମହାଲକ୍ଷ୍ମୀଙ୍କ ପୂଜନୋତ୍ସବ ଅବସରରେ ମୁରାସୁରାଜ କାର୍ଯ୍ୟକ୍ରମ ଅଭିନୀତ ହେବ। ଏହି ଭୂମିକାରେ ଅଭିନୟ ପାଇଁ ପ୍ରହଲ୍ଲାଦ ସାହୁଙ୍କୁ ବନୁପାଲି ଗ୍ରାମବାସୀ ବରଣ କରିଛନ୍ତି। ସେହିପରି ମନ୍ତ୍ରୀ ଭୂମିକା ପାଇଁ ଯୁଗଳ କିଶୋର ସାହୁଙ୍କୁ ବରଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୂଜା କମିଟି ସଭାପତି ରାମକୃଷ୍ଣ ମେହେର, ସମ୍ପାଦକ ସୁଦାମ ମେହେର, ସହ ସମ୍ପାଦକ ସଂକୀର୍ତ୍ତନ ମେହେର ଓ ନିରୋଜ ମେହେର, ଅଶୋକ ରଥ, ମହେନ୍ଦ୍ର ମେହେର, ହରେକୃଷ୍ଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ଟିକା ନେଲେ ୧୬୫ ଶିଶୁ

ବିଜେପୁର,୧୪।୧୧(ଡି.ଏନ.ଏ)
ବିଜେପୁର ବାଳକ ପ୍ରାଥମିକ ବିଦ୍ୟାଳୟର ଅଙ୍ଗନୱାଡି କେନ୍ଦ୍ରରେ ବିଶ୍ୱ ଶିଶୁ ବିକାଶ ଦିବସ ଗୁରୁବାର ପାଳିତ ହୋଇଯାଇଛି । ଏହି କ୍ରମରେ ୧ରୁ ୬ ବର୍ଷ ବୟସର ୧୬୫ ଜଣ ଶିଶୁଙ୍କୁ ଜାପାନିଜ ଏନସେଫାଲାଇଟିସ ଟିକା ଦିଆଯାଇଥିଲା । ବିଜେପୁର ଓ ପଡା ଏନଏନଏମ ସେଣ୍ଟର ପକ୍ଷରୁ ୩ ହଜାର ଶିଶୁଙ୍କୁ ଏହି ଟିକା ଦେବାର ଲକ୍ଷ୍ୟ ରହିଛି । ଏନଏଏମ ପିରବତୀ ସେଠଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀ ସହଯୋଗ କରିଥିଲେ ।

# ମନେପଡ଼ିଲେ ଚାଚା ନେହେରୁ

ପଦ୍ମପୁର, ୧୪।୧୧ (ଡି.ଏନ.ଏ)

ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଛି । ଏହି ଅବସରରେ ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ସୁଜାତା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ବିଦ୍ୟାମନ୍ଦିର ପରିସରରେ ୬ଷ୍ଠରୁ ଦଶମ ଶ୍ରେଣୀର ପିଲାମାନଙ୍କୁ ନେଇ ବାଳ ଶିବିର ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ରଜତ କୁମାର ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିଶୁମାନଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ବିଷୟରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶେଷରେ ଚୈତନ୍ୟ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

**ଗାଇସିଲେଟ,(ଡି.ଏନ.ଏ):** ଗାଇସିଲେଟ ସରସ୍ୱତୀ ଶିଶୁ ମନ୍ଦିରରେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜୟନ୍ତୀ ତଥା ଶିଶୁଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସୁରେଶ୍ୱର ଭୋଇ ଯୋଗଦାନ କରି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରିଥିଲେ। ଦୀପକ ରଞ୍ଜନ ପଣ୍ଡା ଶିଶୁଦିବସ ବିଷୟରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ରେଶମା ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରେମରାଜ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିଶୁ ଓ କନ୍ୟା ଶିବିର ଅନୁଷ୍ଠିତ ହୋଇଥିଲା। ଶିଶୁ ଶିବିରରେ ରଞ୍ଜିତା ପ୍ରଧାନ ଏବଂ କନ୍ୟା ଶିବିରରେ ଗାଇସିଲେଟ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରତିଭା ପଣ୍ଡା ଯୋଗଦାନ କରି ନାରୀଶିକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଅଶ୍ୱିନୀ କୁମାର ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ସେହିପରି ପହେଚାନ ସ୍କୁଲରେ ମଧ୍ୟ ଶିଶୁ ଦିବସ ପାଳନ କରାଯାଇଥିଲା।

**ଜାମଟିକ୍ରା, (ଡି.ଏନ.ଏ)** ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଜନ୍ମ ଦିନରେ ଅତାବିରା ବ୍ଲକ ଅନ୍ତର୍ଗତ ପତ୍ରାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଦେଶାତ୍ମକ ସଙ୍ଗୀତ ଓ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ନନ୍ଦିଘୋଷ ଭୁଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

**ପାଇକମାଳ,(ଡି.ଏନ.ଏ)** ପାଇକମାଳ ବ୍ଲକ ମାଣ୍ଡୋସିଲର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧ୍ୟକ୍ଷ ଗଙ୍ଗାଧର ରଣାଙ୍କ ସଭାପତିତ୍ୱରେ ଶିଶୁ ଦିବସ ପାଳିତ ହୋଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ କେନ୍ଦ୍ର ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପାଇକମାଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ମଧ୍ୟ ଶିଶୁ ଦିବସ ପାଳିତ ହୋଇଯାଇଛି। ଡୁମେରବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ହୃଷିକେଶ ବାଗଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇଛି। ଏଥିରେ ସିଆରସିସି ରାଧେଶ୍ୟମ ପଟେଲ ମୁଖ୍ୟଅତିଥି ଓ ସିଆରସିସି ପ୍ରମୋଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।


ଶିଶୁ ଦିବସ ଅବସରରେ ଶିଶୁମାନେବିଭିନ୍ନ ବେଶରେ ସଜ୍ଜିତ ହୋଇଛନ୍ତି ।

## ଜିଲାସ୍ତରୀୟ ବିଜ୍ଞାନକମେଳା, ୨୪ ପ୍ରକଳ୍ପ

ବିଜେପୁର,୧୪।୧୧(ଡି.ଏନ.ଏ)

ବିଜେପୁର ମହାବିଦ୍ୟାଳୟରେ ଜିଲାସ୍ତରୀୟ ବିଜ୍ଞାନ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ୨୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଯୁକ୍ତ ଦୁଇ ବିଭାଗରେ ବରଗଡ ରୋଟାରୀ ପବ୍ଲିକ ସ୍କୁଲର ସ୍ୱସ୍ତିକ ସୌରଭ ଷଡଙ୍ଗୀ ଓ ଅର୍ଚ୍ଚିତା ମିଶ୍ର ପ୍ରଥମ, ପଞ୍ଚାୟତ ମହାବିଦ୍ୟାଳୟର ରାହୁଲ କୁମାର ଯୋଶୀ ଓ କେଦାର କୁମାର ଦୋରା ଦ୍ୱିତୀୟ, ପଞ୍ଚାୟତ ମହାବିଦ୍ୟାଳୟର ସାନିଦ୍ୟ ସ୍ୱାଇଁ ଓ ମାନସ ଦାଶ ତୃତୀୟ ହୋଇଥିଲେ। ସେହିପରି ଯୁକ୍ତ ତିନି ବିଭାଗରେ ବରଗଡ ପଞ୍ଚାୟତ କଲେଜର ନିଥିଲେଶ ପଧାନ ଓ ବିବେକାନନ୍ଦ ଭୋଇ ପ୍ରଥମ, ବିକାଶ କଲେଜର ଜାଗୃତି ଜିବ୍‌ସା ଜେନା ଓ ନିବେଦିତା ପାଣ୍ଡେ ଦ୍ୱିତୀୟ, ବିକାଶ କଲେଜର ସୁପ୍ରୀତି ସୁନ୍ଦରୀ ନାଏକ ଓ ସଙ୍ଗୀତା କବି ଏବଂ ବିଜେପୁର ମହାବିଦ୍ୟାଳୟର ଆନନ୍ଦ ମେହେର ଓ କରୁଣାକର ବିଶ୍ୱାଳ ଯୁଗ୍ମ ଭାବେ ତୃତୀୟ ଘୋଷିତ ହୋଇଥିଲେ । ଉଦଯାପନୀ ସମାରୋହରେ ଯୁକ୍ତ ତିନି ବିଭାଗର ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୁଆନ ବିଶିଷ୍ଟ ଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ରବିନ୍ଦ୍ର ପଧାନ ମୁଖ୍ୟ ଅତିଥି, ଡ. ନିରନ ପଣ୍ଡା, ଡ. ସୂର୍ଯ୍ୟପ୍ରକାଶ ବାଙ୍କ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଅଧ୍ୟାପିକା ପ୍ରତୀଭା ରଥ ଓ ଅଧ୍ୟାପକ ବିନୟ ଅଗ୍ରୱାଲ ବିଜ୍ଞାନ ମେଳା ସଂଯୋଜନା କରିଥିଲେ । ଅଧ୍ୟାପକ ସରୋଜ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।


ବିକାଶ କଲେଜର ଛାତ୍ରୀଦ୍ୱୟ ପ୍ରକଳ୍ପ ପ୍ରଦର୍ଶନ କରଛନ୍ତି ।

■ ବରଗଡ଼ ଧନୁଯାତ୍ରା ମହୋତ୍ସବ

# ତୁଟିଲା ବିବାଦ, ପୁଣି କଂସ ହେବେ ଭୁବନେଶ୍ୱର

ବରଗଡ଼ ଅଫିସ,୧୪।୧୧

- ଏଥର ହେବନି କଳାକାର ଚୟନ ପ୍ରକ୍ରିୟା
- ଡିସେମ୍ବର ୧ରେ ହେବ ଶୁଭସ୍ତମ୍ଭ ସ୍ଥାପନ
- ବିବାଦର ଅନ୍ତ ପରେ ଖୁସିର ମାହୋଲ

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଚୟନ ନେଇ ଗତ କିଛିଦିନ ଧରି ଛକାପଞ୍ଝା ଜାରି ରହିଥିଲା । ଗୁରୁବାର ସନ୍ଧ୍ୟାରେ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଧନୁଯାତ୍ରା ମହୋତ୍ସବ ସମିତିର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏଥର ଭୁବନେଶ୍ୱର ପ୍ରଧାନ ପୁଣି କଂସ ଭୂମିକାରେ ଅଭିନୟ କରିବେ ବୋଲି ସମିତି ସଭାପତି ତଥା ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଘୋଷଣା କରିଛନ୍ତି। ଏହା ସହିତ ଏଥର କଳାକାର ଚୟନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି। ଏହି ଘୋଷଣା ପରେ ଧନୁଯାତ୍ରା କଳାକାର ଚୟନ ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପୁଣିଥରେ କଂସ ଭୂମିକାରେ ଅଭିନୟ କରିବାର ସୁଯୋଗ ପାଇଥିବା ଭୁବନେଶ୍ୱର କହିଛନ୍ତି, ଆଗାମୀ ଧନୁଯାତ୍ରା ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ପାଲଟିଛି । ଏଥର ସେ ତାଙ୍କ ଅଭିନୟରେ ଗତବର୍ଷ ତୁଳନାରେ ଆହୁରି ଅଧିକ ଚମତ୍କାରିତା ଦେଖାଇବେ ବୋଲି ଆଶା ରଖିଛନ୍ତି । ଏହାସହିତ ଧନୁଯାତ୍ରା ମହୋତ୍ସବ ସମିତି ପୁଣିଥରେ ତାଙ୍କୁ ସୁଯୋଗ ଦେଇଥିବାରୁ ସମିତିର ସମସ୍ତ କର୍ମକର୍ତ୍ତାଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି ।

ଉଲ୍ଲେଖନୀୟ, ଆସନ୍ତା ଡିସେମ୍ବର ୩୧ରୁ ୨୦୨୦ ମସିହା ଜାନୁୟାରୀ ୧୦ତାରିଖ ପର୍ଯ୍ୟନ୍ତ ୧୧ଦିନ ବ୍ୟାପୀ ବରଗଡ଼ ଧନୁଯାତ୍ରା ମହୋତ୍ସବ ଚାଲିବ । ଏଥିପାଇଁ ଡିସେମ୍ବର ୧ ତାରିଖରେ ଶୁଭସ୍ତମ୍ଭ ସ୍ଥାପନ ହେବ । ଏଥର ଧନୁଯାତ୍ରା ଆରମ୍ଭ ନ ହେଉଣୁ କଳାକାର ଚୟନକୁ ନେଇ ବିବାଦ ଉପୁଜିଥିଲା। କଳାକାର ଚୟନକୁ ନେଇ ବିଭିନ୍ନ ମହଲରେ ବିରୋଧର ସ୍ୱର ଉଠିଥିଲା। ଏଥିପାଇଁ ବିଭିନ୍ନ ସଙ୍ଗଠନ ଜିଲାପାଳଙ୍କୁ ଫେରାଦ ହୋଇ କଳକାର ଚୟନର ପୁନର୍ବିଚାର କରିବାକୁ ଫେରାଦ ହୋଇଥିଲେ । ଏହାପରେ ଗୁରୁବାର ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ଜିଲାପାଳ ପ୍ରଧାନ ଧନୁଯାତ୍ରା କାର୍ଯ୍ୟନିର୍ବାହୀ ପରିଷଦର ଜରୁରୀ ବୈଠକ ଡକାଇଥିଲେ । କଳାକାର ଚୟନ ପ୍ରକ୍ରିୟାନୁ ନେଇ ବିରୋଧର ସ୍ୱର ବଢ଼ି ଚାଲିଥିବା ଦୃଷ୍ଟିରୁ ଏଥର ସେହି ପ୍ରକ୍ରିୟାକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ହୋଇଥିଲା । ସେହିପରି ଭୁବନେଶ୍ୱରଙ୍କୁ ପୁଣିଥରେ କଂସ ଚରିତ୍ରରେ ଅଭିନୟ କରିବାର ସୁଯୋଗ ଦେବା ପାଇଁ ମତପ୍ରକାଶ ପାଇଥିଲା । ଖବରଟି ପ୍ରଘଟ ହେବା ପରେ ବରଗଡ଼ ସହର ସମେତ ଭୁବନେଶ୍ୱରଙ୍କ ନିଜ ଗାଁ ସରଲାରେ ଉତ୍ସାହ ଖେଳି ଯାଇଥିଲା । ଭୁବନେଶ୍ୱରଙ୍କୁ ସରଲା ଗ୍ରାମରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ତାଙ୍କ ଘରକୁ ପାଛୋଟି ନିଆଯାଇଥିଲା । ବୈଠକରେ ଜିଲାପାଳ ପ୍ରଧାନ, ଏସ୍‌ପି ପଦ୍ମିନୀ ସାହୁ, ଆବାହକ ସୁରେଶ୍ୱର ଶତପଥୀ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ସମେତ ବିଭିନ୍ନ କମିଟିର ସହ ଆବାହକ, ସଭ୍ୟମାନେ ଉପସ୍ଥିତ ଥିଲେ ।


ଭୁବନେଶ୍ୱର ପ୍ରଧାନ

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୧୫ ନଭେମ୍ବର, ୨୦୧୯



"ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ସର୍ଗୀଫୁଲ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

**ସଇଁତଲା, ୧୪।୧୧ (ଡି.ଏନ.ଏ.):** ସଇଁତଲା ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (ଏସଏସଡ଼ି) ପରିସରରେ ଗୁରୁବାର ଜିଲାସ୍ତରୀୟ ସର୍ଗୀଫୁଲ କାର୍ଯ୍ୟକ୍ରମକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତା ସଭାପତିତ୍ୱ କରିଥିଲେ। ଆସନ୍ତା ୧୬ତାରିଖ ପୂର୍ବାହ୍ନ ସାଢ଼େ ୧୦ରେ ଜିଲାପାଳ ଅରିନ୍ଦମ ଡ଼ାକୁଆ, ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାଏକ, ବିଡିଓ ପ୍ରଦୀପ ପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୭ତାରିଖ ଦିନ ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ, ଉପଖଣ୍ଡସ୍ତରୀୟ ପୋଲିସ ଅଧିକାରୀ ସୁରେନ୍ଦ୍ରନାଥ ଶତପଥୀ, ସଇଁତଲା ତହସିଲଦାର ସୁମନ କିଶୋର ଡୁଙ୍ଗ ଡୁଙ୍ଗ, ଜିଲା ମଙ୍ଗଳ ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ତାତିଲେ ଆଦିବାସୀ
# ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦେଲେ ଧାରଣା

**ଟିଟିଲାଗଡ଼, ୧୪।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଗୁରୁବାର ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯାଇଛି। ଶହଶହ ସଂଖ୍ୟାରେ ସଂଘ କର୍ମକର୍ତ୍ତା, ମହିଳା ପୁରୁଷ ସ୍ଥାନୀୟ ଘଣ୍ଟାସୁନୀ ମନ୍ଦିରରୁ ବାହାରି ସହର ପରିକ୍ରମା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏ ନେଇ ବହୁ ସମୟ ଧରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଜାତୀୟ ରାଜପଥ ୨୬ରେ ଟ୍ରାଫିକ ଜାମ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ନ୍ୟାୟୋଚିତ ଦାବି ପୂରଣ ନହେବା ପର୍ଯ୍ୟନ୍ତ ନିରନ୍ତର ଭାବରେ ଧାରଣା ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଏହି ଅବସରରେ ଚେତାବନୀ ଦିଆଯାଇଛି।

ଧାରଣା ସମାବେଶରେ ସଂଘ ନେତାମାନେ ଅଭିଯୋଗ କରିଛନ୍ତି ଯେ, ଟିଟିଲାଗଡ ବ୍ଲକ ମହୁଲପଡା ପଞ୍ଚାୟତର କୁଟୁରାକେନ୍ଦ ଗ୍ରାମକୁ ସ୍ୱାଧୀନତାର ୭୩ ବର୍ଷ ପରେ ମଧ୍ୟ ସବୁଦିନିଆ ରାସ୍ତା ନାହିଁ। ୧୯୮୪ରେ ଗୋଳାବାରୁଦ କାରଖାନା ନିର୍ମାଣ ପାଇଁ ଡୁମେରବାହାଲ ଅଞ୍ଚଳରୁ ଆଦିବାସୀ ପରିବାର ବିସ୍ଥାପିତ ହୋଇ ଏଠାରେ ଥଇଥାନ ହୋଇଛନ୍ତି। ହେଲେ ପ୍ରଶାସନ ସେମାନଙ୍କ ପାଇଁ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ଅଙ୍ଗନବାଡି କେନ୍ଦ୍ର, କମ୍ୟୁନିଟି ହଲ, ଖେଳ ପଡିଆ ଆଦି ଆନୁସାଙ୍ଗିକ ସୁଯୋଗ ସୁବିଧା ସୃଷ୍ଟି କରିବାରେ ହେଳା କରିଛି। ଦୀର୍ଘ ୩୦ବର୍ଷ ହେଲା ଟିଟିଲାଗଡ ଉପଖଣ୍ଡ ଅନ୍ତର୍ଗତ ତୁରେକେଲା ବ୍ଲକ ସାଲେପଡାର ହରଗୌରୀ ମନ୍ଦିରରେ ଆଦିବାସୀ ବର୍ଗର ସାଧୁ ତଥା ଜିଲା ଆଦିବାସୀ ସଂଘର କାର୍ଯ୍ୟକାରୀ ସଭାପତି ଚୌବନ ମାଝୀ ପୂଜା କରି ଆସୁଥିଲେ। ତାଙ୍କ ସମାଜସେବା କାର୍ଯ୍ୟ ତଥା ଆଦିବାସୀଙ୍କ ଜମିକୁ କିଛି ପ୍ରତିପତିଶାଳୀ ଅଣଆଦିବାସୀ ହାତେଇବାକୁ ସେ ବିରୋଧ କରିଆସୁଥିଲେ। ଏ ନେଇ ସମ୍ପୃକ୍ତ ମୁଷ୍ଟିମେୟ ବ୍ୟକ୍ତି ବିଶେଷ ଏବଂ ଦାଦନ ଦଲାଲଙ୍କ ପ୍ରରୋଚନାରେ ମିଥ୍ୟା କେସରେ ତାଙ୍କୁ ଫସାଯାଉଛି। ତାଙ୍କୁ ତୁରନ୍ତ ଖଲାସ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ଦାବି କରିଛି। ଏହା ସହ ନକଲି ଆଦିବାସୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ, ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ ସରକାରୀ ପଦବୀରେ ସ୍ଥାନୀୟ ନିଯୁକ୍ତି ସୁନିଶ୍ଚିତ କରିବା, ପ୍ରତି ବ୍ଲକରେ କଳିଙ୍ଗ ଆବାସିକ ବିଦ୍ୟାଳୟ, ବିଜୁ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା, ଦାଦନ ଶ୍ରମିକଙ୍କ ଥଇଥାନ, ଏମଜିଏନଆରଇଜିଏସ୍‌ରେ ଶ୍ରମିକଙ୍କୁ ୩୦୦ ଦିନର କାମ ପ୍ରଦାନ, ଟିଟିଲାଗଡ ଉପଖଣ୍ଡକୁ ଜିଲା ମାନ୍ୟତା ପ୍ରଦାନ ଆଦି ଦାବି କରାଯାଇଛି। ଆନ୍ଦୋଳନରେ ସଂଘର ଜିଲା ସଭାପତି ବ୍ରଜକିଶୋର ସିଂଭୋଇ, ସନ୍ତୋଷ ପୁଟା, ଶରତଚନ୍ଦ୍ର ସିଂଭୋଇ, ବନଲତା ମାଝୀ, ଥବିର ପୁଝାରୀ, ଧନେଶ୍ୱର ମାଝୀ, ରାଜିବ କୁଅଁର, ଘାସିରାମ ମାଝୀ, ନିତ୍ୟାନନ୍ଦ ମାଝୀ, ଇନ୍ଦ୍ରମଣୀ ମାଝୀ, ପତରଙ୍ଗି ମାଝୀ, ପ୍ରଦୀପ ମାଝୀ, ଖେଳନ୍ତି ସମରଥ, ଭୁମିସୁତା ସମରଥ, ଯଦୁମଣୀ ବରିହା ପ୍ରମୁଖ ଶତାଧିକ ଆଦିବାସୀ ନେତା ଉପସ୍ଥିତ ଥିଲେ।



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀମାନେ ଧାରଣା ଦେଇଛନ୍ତି।

### ଶିଶୁ ଦିବସରେ ଶିଶୁ ପତ୍ରିକା ଉନ୍ମୋଚିତ

**ଖପ୍ରାଖୋଲ, ୧୪।୧୧(ଡି.ଏନ.ଏ)**

ଖପ୍ରାଖୋଲ ବ୍ଲକ ତେଲେନପାଲି ନବରତ୍ନ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ସୁଶାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆରବିଏସଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରଜତ କୁମାର ମିଶ୍ର ଯୋଗଦେଇ ପଣ୍ଡିତ ନେହେରୁଙ୍କ ଜୀବନୀର ଅବତାରଣା କରିଥିଲେ। ସମ୍ମାନିତ ଅତିଥି କୃଷ୍ଣଚନ୍ଦ୍ର ପାତ୍ର, ଚୂଡାମଣି ପଟେଲ, କୁମୁଦ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ସପ୍ତବର୍ଣ୍ଣ କବିତା ଶିଶୁ ପତ୍ରିକା ଉନ୍ମୋଚନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶଶିକାନ୍ତ ବାଗ, ପରମାନନ୍ଦ ମେହେର, ଜଗବନ୍ଧୁ ମାଝୀ, ଦେବାର୍ଜ୍ଜନ ମାଝୀ, ଯାଦବ ଶଗଡିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିଶୁ ମନ୍ଦିରରେ ଅଭିଭାବକ ସମ୍ମିଳନୀ

**ମୁରିବାହାଲ, ୧୪।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚନାବାହାଲ ଗ୍ରାମ ପଞ୍ଚାୟତର ସଦର ମହକୁମାଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିରର ନବନିର୍ମିତ ଗୃହ ଉଦ୍‌ଘାଟନ ଓ ଅଭିଭାବକ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ନବୀନ ମେହେରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ତଥା ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଶିଶୁ ମନ୍ଦିର ପାଇଁ ଜମି ଦେଇଥିବା ଭୂମିଦାତା ଋଷି ମେହେର, କଣ୍ଟାବାଞ୍ଜି ଶିଶୁ ମନ୍ଦିର ପ୍ରଧାନଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର, ସାମାଜିକ କର୍ମୀ ସୁରେଶ ଚନ୍ଦ୍ର ନେଉରା, ରମାକାନ୍ତ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତାଭାବେ ଜିଲା ନିରୀକ୍ଷକ ସୁଶାନ୍ତ ପାଣିଗ୍ରାହୀ ମଞ୍ଚାସୀନ ହୋଇ ଗୁଣାତ୍ମକ ଶିକ୍ଷା ସହ ସଂସ୍କୃତି ଓ ପରମ୍ପରା ପ୍ରତି ଧ୍ୟାନଦେବା ଅଭିଭାବକମାନଙ୍କର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନଆଚାର୍ଯ୍ୟ ରାମଚନ୍ଦ୍ର ମହାନନ୍ଦଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମକୁ ସୁଚିତ ପୁଟା, ମନୋଜ ମେହେର, ଗୁରୁମା ଶୁଶିଳା ମେହେର, ସରୋଜିନୀ ଅମାତ, ରେଣୁକା ମହାନନ୍ଦ, ମନିକା ମହାକୁର ଓ ସୁନିତା ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ। ପରିଚାଳନା କମିଟି ସମ୍ପାଦକ ସନ୍ୟାସୀ ତ୍ରିପାଠୀ, ମଣି ମେହେର, ଚୁଡାମଣୀ କ୍ଷେତି, ସୁରେଶ କ୍ଷେତି, ଲବ କ୍ଷେତି ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହାପରେ ବେଲପଡା, ଲାଠୋର, ଭାଲୁମୁଣ୍ଡା, ମୁରିବାହାଲ, ବଙ୍ଗୋମୁଣ୍ଡା, ଇଚ୍ଛାପଡା, ଘାଘୁର୍ଲି, ଲର୍କିର ଶିଶୁମନ୍ଦିରର ପ୍ରଧାନଆଚାର୍ଯ୍ୟମାନଙ୍କୁ ନେଇ ଏକ ସଙ୍କୁଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଧାନଆଚାର୍ଯ୍ୟ ଜଗଦୀଶ ପୁଟେଲ, ଶିବ ବାରିକ, ଦେବେନ୍ଦ୍ର ନାଗ, ସ୍ୱେତସିନୀ ହୋତା, ସୁମନା ନନ୍ଦ ଖମାରୀ, ସିଦ୍ଧାର୍ଥ ପାଣିଗ୍ରାହୀ, ରାଜେନ୍ଦ୍ର ବଏ ପ୍ରମୁଖ ଯୋଗଦେଇଥିଲେ ।

# କ୍ଲଷ୍ଟରସ୍ତରୀୟ ବିଜ୍ଞାନ ମେଳାରେ ୧୫୦ ପ୍ରକଳ୍ପ

**ବଲାଙ୍ଗୀର ଅଫିସ, ୧୪।୧୧**

ବଲାଙ୍ଗୀର ପବ୍ଲିକ ସ୍କୁଲରେ ଗୁରୁବାର କ୍ଲଷ୍ଟରସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ଏହାକୁ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବୀରେନ୍ଦ୍ର କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ । ଏଥିରେ ୧୫୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବଲାଙ୍ଗୀର ପବ୍ଲିକ୍ ସ୍କୁଲ, ଲୋଇସିଂହା ବ୍ଲକ୍‌ର ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟ, ଖପ୍ରାଖୋଲ ଆଦର୍ଶ ବିଦ୍ୟାଳୟ, ମୁରିବାହାଲ ଆଦର୍ଶ ବିଦ୍ୟାଳୟ, ପାଟଣାଗଡ ବ୍ଲକ ଭଇଁଷା ଆଦର୍ଶ ବିଦ୍ୟାଳୟ, ବଙ୍ଗୋମୁଣ୍ଡା ବ୍ଲକ୍ ଭାଲୁମୁଣ୍ଡା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି ବିଜ୍ଞାନ ମେଳାରେ ଭାଗ ନେଇଥିଲେ। ଛାତ୍ରଛାତ୍ରୀମାନେ ସେମାନଙ୍କ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରି ଏହା ଉପରେ ସୂଚନା ଦେଇଥିଲେ । ଏଥିରେ ପବ୍ଲିକ୍ ସ୍କୁଲ ଅଧକ୍ଷା ସରିତା ପଟ୍ଟନାୟକ, ଉପାଧକ୍ଷ ଆକାଶ କୁମାର ମିଶ୍ର, ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଗୋପାଳକୃଷ୍ଣ ସିଂଦେଓ, କୋଷାଧ୍ୟକ୍ଷ ଆଲୋକ ରଞ୍ଜନ ବେଦବାକ୍, ସଭ୍ୟ ଶିରିଷ ହୋତା, ବାଦଲ ମହାକୁର ଉପସ୍ଥିତ ଥିଲେ । ଅପରାହ୍ଣରେ ବିଜ୍ଞାନ ମେଳା ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ଉତ୍ସବ ପାଳନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ନୀଳମଣି ପଟେଲ ଯୋଗଦାନ କରି କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସର୍ବକନିଷ୍ଠ ବର୍ଗରେ ଦେବଦର୍ଶନୀ ସାହାଣୀ, ଶ୍ୱେତା ପଟେଲ, ଅରଫାତ୍, କନିଷ୍ଠ ବର୍ଗରେ ଅଂଶୁମାନ୍ ମିଶ୍ର ଓ ବରିଷ୍ଠ ବର୍ଗରେ ଜିତୁ ମେହେରଙ୍କୁ ପ୍ରଥମ ଭାବେ ପୁରସ୍କୃତ କରାଯାଇଥିଲା । ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଅନ୍ୟ ଶିଶୁ ବୈଜ୍ଞାନିକମାନଙ୍କୁ ମଧ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ ଆକାଶ କୁମାର ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।



ଅନୁଷ୍ଠିତ ବିଜ୍ଞାନ ମେଳାରେ କୃତି ଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପେ ବଣିଜ ପୁତେ ଚାଷ;
ଗୋତି କରେ ସର୍ବନାଶ ।**

ବେପାର ବଣିଜରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଲୋଡ଼ା, ବ୍ୟବସାୟର ଦାୟିତ୍ୱ ନିଜେ ନ ନେଲେ କ୍ଷତିର ସମ୍ଭାବନା ରହିଥାଏ। ଚାଷରୁ ଭଲ ଅମଳ ପାଇବାକୁ ହେଲେ ମାଟି ସହ ମାଟି ହେବାକୁ ପଡ଼ିଥାଏ। ପରଲୋକ ନେଇ ଚାଷ କଲେ ଚାଷରେ ବିଶେଷ ଲାଭ ମିଳି ନ ଥାଏ। ସେହିପରି ପର ଘରେ ଯାଇ ଗୋତି ଖଟିବା ସବୁଠାରୁ ବଡ଼ ହୀନିମାନିଆ ଜୀବନ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆମ୍ବ କୋଇଲି,
ମୋ ଧନକୁ ଖଟୁଛନ୍ତି ଯୋଡ଼ା ପୋଇଲୀ ।**

କିଛି ବ୍ୟକ୍ତି ନିଜର ଥିଲାପଣିଆ ଦେଖେଇ ହୁଅନ୍ତି। ଯୋଡ଼ା ଯୋଡ଼ା ପୋଇଲୀ ବା ଚାକର ବାକର ଅଛନ୍ତି ଖଟୁଛନ୍ତି ମୋର ଆଉ ଚିନ୍ତା କ'ଣ, ଖାଲି ଗୋଡ଼ ଉପରେ ଗୋଡ଼ ପକେଇ ବସିରହିବା ନେଇ ଗର୍ବ କରି କଥା କହିଥାନ୍ତି। ଅନ୍ୟ ଆଗରେ ନିଜର ଚଳଣି, ଆଟବାଟ ଜାହିର କରିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ଶିଶୁ ମନ୍ଦିରରେ ଶିଶୁ ଦିବସ ପାଳିତ

**ଦେଓଗାଁ, ୧୪।୧୧(ଡି.ଏନ.ଏ.)**

ଦେଓଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ଆଚାର୍ଯ୍ୟା କୁନ୍ତି ମହାଲିଙ୍ଗଙ୍କ ସଂଯୋଜନାରେ ଶିଶୁ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ହାତିସରାର ଅବସରପ୍ରାପ୍ତ ଶିକ୍ଷକ ନେପାଳ ଗଡତ୍ୟା ଯୋଗଦେଇ ଶିଶୁମାନଙ୍କୁ ସୁନାଗରିକ ହୋଇ ଦେଶ ଗଠନରେ ସହାୟକ ହେବା ପାଇଁ ମାର୍ଗଦର୍ଶନ କରିଥିଲେ । ବକ୍ତାଭାବେ ଆଚାର୍ଯ୍ୟ ପ୍ରଭୂଦତ୍ତ ବିଶି ଯୋଗଦେଇ ଶିଶୁ ଦିବସର ମହତ୍ୱ ବିଷୟରେ ଅବଗତ କରିଥିଲେ । ସହ ପ୍ରଧାନ ଆଚାର୍ଯ୍ୟ କୁନୁ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଆଚାର୍ଯ୍ୟା ସୁକାନ୍ତି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଶିଶୁଙ୍କୁ ଗଢ଼ି ଭବିଷ୍ୟତ ସୁରକ୍ଷିତ କରିପାରିବା'

**ବଲାଙ୍ଗୀର ଅଫିସ, ୧୪।୧୧**

ବଲାଙ୍ଗୀର ଟାଉନ୍ ବାଳିକା ହାଇସ୍କୁଲ ସମ୍ମିଳନୀ କକ୍ଷରେ ରୋଟାରୀ କ୍ଲବ୍ ଅଫ୍ ଇଲିଟ୍ ପକ୍ଷରୁ ଶିଶୁଦିବସ ପାଳନ କରାଯାଇଥିଲା। କ୍ଲବ ସଭାପତି ପ୍ରଶାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ. ଶିବପ୍ରସାଦ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଶିଶୁର ଅନ୍ତର୍ନିହିତ ଗୁଣର ପରିପ୍ରକାଶ ଘଟିଲେ ଆମ ସମାଜ ହସି ଉଠିବ ବୋଲି କହିଥିଲେ। ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜୟନ୍ତୀକୁ ଶିଶୁ ଦିବସ ପାଳନ କରିବାର ତାତ୍ପର୍ଯ୍ୟ ସମ୍ପର୍କରେ କହି ଆମର ଶିଶୁମାନଙ୍କ ଗଢ଼ି ଆମର ଭବିଷ୍ୟତ ସୁରକ୍ଷିତ ରଖିପାରିବା ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଜିଲା ବିଜ୍ଞାନ ନିରୀକ୍ଷକ ନୀଳମଣି ପଟେଲ ଶିଶୁ ଭିତରେ ଅସୀମ ଶକ୍ତି ରହିଛି କେବଳ ଏହାକୁ ପ୍ରକଟିତ କରିବାର ମାଧ୍ୟମ ଲୋଡା ବୋଲି ସେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ନବୀନ ନାୟକ ଶିକ୍ଷା ଓ ଶିଶୁଙ୍କ ଭବିଷ୍ୟତ ଉପରେ କହିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ସରକାରୀ ବାଳିକା ହାଇସ୍କୁଲ ଛାତ୍ରୀ ଅର୍ପିତା ରାଉତ୍, ଲିଟିଲ ଫ୍ଲାୱାର ସ୍କୁଲ ଛାତ୍ରୀ ଅନ୍ୱେଷା ତ୍ରିପାଠୀ ଓ ଦୀପିକା ଡି ପୃଷ୍ଟ, ବଲାଙ୍ଗୀର ପବ୍ଲିକ୍ ସ୍କୁଲର ଶତରୂପା ମିଶ୍ର, ମଣ୍ଟେସୋରୀ ସ୍କୁଲର ପ୍ରତିଶ୍ରୁତି ନାୟକଙ୍କୁ ପୁରସ୍କୃତ କରାଯାଇଥିଲା । ଉଡାନ୍ କାର୍ଯ୍ୟକ୍ରମର ଛାତ୍ରୀ ସୌମ୍ୟଶ୍ରୀ ସାଏ ବକ୍ତବ୍ୟ ରଖିଥିଲେ । ବିଜ୍ଞେଶୀ ବାରିକ ଗୀତ ପରିବେଷଣ କରିଥିଲେ । ରୋଟାରୀ ଇଲିଟ୍ ସମ୍ପାଦକ ତ୍ରିପୁରାରୀ ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ । ସ୍ଥାନୀୟ କଦମପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ କବି ଆନନ୍ଦଚନ୍ଦ୍ର ସାହୁ ଯୋଗଦେଇଥିଲେ । ବିଦ୍ୟାଳୟ ପରିଚାଳନା ସମ୍ପାଦକ ସୁରେନ୍ଦ୍ର କୁମାର ତ୍ରିପାଠୀ, ସଭ୍ୟ ବୀରେନ୍ଦ୍ର କୁମାର ଧରୁଆ ମଞ୍ଚାସୀନ ଥିଲେ । ସ୍ଥାନୀୟ ବିଦ୍ୟାଭାରତୀ ଆବାସିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଦେବସ୍ମିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ସନାତନ ଠାକୁର, ମୁଖ୍ୟବକ୍ତା ପୁଇଁତଲା ବ୍ଲକ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ, ସମ୍ମାନିତ ଅତିଥି ପ୍ରକୃତିବନ୍ଧୁ ଶିକ୍ଷକ ଦିଗାମ୍ବର ନାଏକ ଓ ଶିକ୍ଷକ ସୁରେନ୍ଦ୍ର ନାଏକ ଯୋଗଦେଇଥିଲେ । ଏହି ଅବସରେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୁତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ରଞ୍ଜିତ ମିଶ୍ର ସଂଯୋଜନା କରିଥିଲେ । ବିଦ୍ୟାଳୟ ନିର୍ଦ୍ଦେଶକ ରାମଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




ରୋଟାରୀ ଇଲିଟ୍ ପକ୍ଷରୁ ଆୟୋଜିତ ଶିଶୁ ଦିବସରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ASTROLOGY

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କସିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

BUSINESS

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ରାଜା ଏଟି ହାଇସ୍କୁଲରେ ଶିଶୁ ଦିବସ ପାଳିତ

ଖଡିଆଳ,୧୪।୧୧(ଡି.ଏନ.ଏ.) ଖଡିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପାମାଲ୍ୟା ଅର୍ପଣ କରି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ ଅଧକ୍ଷତା କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶିକ୍ଷକ ଗୌରିଶଙ୍କର ଦୁବେ, ଅଶୋକ କୁମାର ବେହେରା, ନିଳିମାରାଣୀ ସାଗର, ସୁରବିନୟକାନ୍ତ ତାଣ୍ଡି, ଅକ୍ଷୟ ରଥ ନେହେରୁଙ୍କ ଜୀବନି ଓ ଦର୍ଶନ ଉପରେ ବକ୍ତବ୍ୟ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧରେ ଦେଶାତ୍ମବୋଧକ ସଙ୍ଗୀତ ଗାନ ଏବଂ ବକ୍ତୃତା ପ୍ରତିଯୋଗୀତା ହୋଇଥିଲା । ବିଚାରକ ଭାବେ ଶିକ୍ଷକ ବଳଭଦ୍ର ସୁନାନୀ, ପ୍ରଶାନ୍ତ କୁମାର ପଣ୍ଡା, ଶ୍ୟାମନାରାୟଣ ଭୁଣ୍ଡି, ଶିବପ୍ରସାଦ ସାହୁ ପ୍ରମୁଖ ରହିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଗୌରାଙ୍ଗ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱ ମଧୁମେହ ଦିବସ

# ଜୀବନଶୈଳୀ ଉପରେ ଧ୍ୟାନ ଦେବା ଜରୁରୀ

ନୂଆପଡା ଅଫିସ,୧୪।୧୧

ଦିନକୁ ଦିନ ଆମେ ନୂଆଁ ନୂଆଁ ରୋଗ ଦେଖିବାକୁ ପାଉଛୁ। ସେସବୁରୁ ମୁକ୍ତି ପାଇବାକୁ ଆମକୁ ସଚେତନତା ପଦକ୍ଷେପ ନେବାକୁ ପଡୁଛ। ଏଥିପାଇଁ ବେସରକାରୀ ଏବଂ ସରକାରୀସ୍ତରରେ ଉଦ୍ୟମ ମଧ୍ୟ ଚାଲିଛି। ବିଶେଷ କରି ମଧୁମେହ ରୋଗରୁ ବର୍ତ୍ତିବାକୁ ଆମକୁ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବାକୁ ପଡିବ ବୋଲି ମତ ପ୍ରକାଶପାଇଛି। ଗୁରୁବାର ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆୟୋଜିତ ବିଶ୍ୱ ମଧୁମେହ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ଅଧ୍ୟକ୍ଷତା କରିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ, ଡା.ବି.ବି. ଜଗତ, ଡା. ରାଧାରମଣ ବିର୍ଦ୍ଧିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ମଧୁମେହ ରୋଗରୁ କିପରି ଦୂରେଇ ରହିବା ଏବଂ ମଧୁମେହ ରୋଗୀ କିପରି ଯତ୍ନବାନ ରହିବେ ତାହା ଉପରେ ଆଲୋଚନା କରାଯାଇଥିଲା। ଚିକିତ୍ସା ଅପେକ୍ଷା ଜୀବନଶୈଳୀ ଉପରେ ବିଶେଷ ଧ୍ୟାନ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ମଧୁମେହ ରୋଗୀ ଚିହ୍ନଟ ଶିବିରର ଆୟୋଜନ ହୋଇଥିଲା । ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ। ସମସ୍ତଙ୍କୁ ମୁକ୍ତରେ ପରୀକ୍ଷା କରାଯାଇଥିଲା। ତନ୍ମଧ୍ୟରୁ ୨୫ଜଣଙ୍କ ନିକଟରେ ମଧୁମେହ ରୋଗ ଚିହ୍ନଟ ହୋଇଥିବାବେଳେ ୪୬ଜଣଙ୍କ ଦେହରେ ଏହି ରୋଗ ଥିବା ସନ୍ଦେହ କରାଯାଇଛି। ସେମାନଙ୍କୁ ପରିବର୍ତ୍ତି ସମୟରେ ଚିହ୍ନଟ କରିବାକୁ ପରାମର୍ଶ ଦିଆଯାଇଥିଲା।



ବିଶ୍ୱ ମଧୁମେହ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

### ମଧୁମେହରୁ ବର୍ତ୍ତିବାକୁ ପରାମର୍ଶ

ଏହି ରୋଗ ସହ ଉଚ୍ଚରକ୍ତଚାପ ରୋଗର ମଧ୍ୟ ଚିହ୍ନଟ କରାଯାଇଥିଲା। ତନ୍ମଧ୍ୟରୁ ୩୨ ଜଣଙ୍କ ଦେହରେ ଉଚ୍ଚରକ୍ତଚାପ ଥିବାବେଳେ ୫୬ଜଣଙ୍କୁ ନୂତନ ଭାବେ ଚିହ୍ନଟ କରାଯାଇଥିଲା। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବାବେଳେ ଏଥିରେ ଶରତ କୁମାର ବେଜୋ, ବିମଳ ଭାଟି, ଗୀତାଞ୍ଜଳୀ ମେହେର, ଲେୟାରାଣୀ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀ, ଏଏନଏମ, ସଦର ମହକୁମାର ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଏହି ଅବସରରେ ସହରରେ ଶତାଧିକ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପେ ବଣିକ ପୁତ୍ରେ ଚାଷ;
ଗୋଟି କରେ ସର୍ବନାଶ ।**

ବେପାର ବଣିଜରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଲୋଡ଼ା, ବ୍ୟବସାୟର ଦାୟିତ୍ୱ ନିଜେ ନ ନେଲେ କ୍ଷତିର ସମ୍ଭାବନା ରହିଥାଏ। ଚାଷରୁ ଭଲ ଅମଳ ପାଇବାକୁ ହେଲେ ମାଟି ସହ ମାଟି ହେବାକୁ ପଡ଼ିଥାଏ। ପରଲୋକ ନେଇ ଚାଷ କଲେ ଚାଷରେ ବିଶେଷ ଲାଭ ମିଳି ନ ଥାଏ। ସେହିପରି ପର ଘରେ ଯାଇ ଗୋଟି ଖଟିବା ସବୁଠାରୁ ବଡ଼ ହୀନିମାନିଆ ଜୀବନ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆମ୍ବ କୋଇଲି,
ମୋ ଧନକୁ ଖଟୁଛନ୍ତି ଯୋଡ଼ା ପୋଇଲୀ ।**

କିଛି ବ୍ୟକ୍ତି ନିଜର ଥିଲାପଣିଆ ଦେଖେଇ ହୁଅନ୍ତି। ଯୋଡ଼ା ଯୋଡ଼ା ପୋଇଲୀ ବା ଚାକର ବାକର ଅଛନ୍ତି ଖଟୁଛନ୍ତି ମୋର ଆଉ ଚିନ୍ତା କ'ଣ, ଖାଲି ଗୋଡ଼ ଉପରେ ଗୋଡ଼ ପକେଇ ବସିରହିବା ନେଇ ଗର୍ବ କରି କଥା କହିଥାନ୍ତି। ଅନ୍ୟ ଆଗରେ ନିଜର ଚଳଣି, ଥାଟବାଟ ଜାହିର କରିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

କୋମନା,୧୪।୧୧(ଡି.ଏନ.ଏ.)

ନୂଆପଡା ଜିଲା କୋମନାସ୍ଥିତ କ୍ରିଷ୍ଟା ପବ୍ଲିକ ସ୍କୁଲରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଚେୟାରମ୍ୟାନ ସଦନ କୁମାର ତିୱାରୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଆରସିସି ତଥା ଏବିଓ ପ୍ରଫୁଲ୍ଲ କୁମାର ନାଏକ, ମୁଖ୍ୟବକ୍ତା ଭାବେ ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକ ଡ.ତରୁଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏମ.ଡି ସୂର୍ଯ୍ୟନାରାୟଣ ତିୱାରୀ, ପୂର୍ବତନ କୋମନା ସରପଞ୍ଚ ଦୁର୍ଯ୍ୟୋଧନ ପ୍ରଧାନ, ଅଧ୍ୟକ୍ଷା ଏଲ. ବିଜୟା ମାଧବୀ ପ୍ରମୁଖ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଶିଶୁମାନଙ୍କ ବିଜ୍ଞାନ କ୍ଷେତ୍ରରେ କିପରି ଉନ୍ନତି ହୋଇ ପାରିବ ସେଥିପାଇଁ ବିଭିନ୍ନ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନକୌଶଳ ଉପରେ ଅତିଥିମାନେ ଦିଗଦର୍ଶନ ଦେଇଥିଲେ। ଏଥିରେ କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟର ୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିତାମିତ୍ର ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଅଶୋକ ମିଶ୍ର, ଗାଲ୍ସ ହାଇସ୍କୁଲ କୋମନା ବିଜ୍ଞାନ ଶିକ୍ଷକ ରତନ ତିୱାରୀ ଓ ସଲଙ୍ଗୀପଡା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ନିର୍ମଳ ଚନ୍ଦ୍ର ନାଗ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରକଳ୍ପଗୁଡିକ ମୂଲ୍ୟାୟନ କରିଥିଲେ। ଶିକ୍ଷକ ମନୋଜ ଅଦା, ମଧୁମିତା ପାଣୀଗ୍ରାହୀ, ଲୋକନାଥ ଦାସ, ଆଶୁତୋସ ହୋତା, ଶିବାନନ୍ଦ ବନ୍‌ଛୋର, ସହିଦା ଖାତୁନ, ବିଭାସିନୀ ମହାପାତ୍ର, ମହିମା ଅଗ୍ରୱାଲ ପ୍ରମୁଖ ପରିଚାଳନା କରିଥିଲେ। ମେଳାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଏନ୍‌ଏସି ମାନ୍ୟତା ଦାବିରେ ସିନାପାଲି ବନ୍ଦ ଆଜି

ସିନାପାଲି,୧୪।୧୧(ଡି.ଏନ.ଏ.): ନୂଆପଡା ଜିଲା ସିନାପାଲି ସହରକୁ ଏନଏସି ମାନ୍ୟତା ଦାବି ପାଇଁ ଶୁକ୍ରବାର ସମ୍ପୂର୍ଣ୍ଣ ବନ୍ଦ ଡାକରା ଦିଆଯାଇଛି। ଶୁକ୍ରବାର ଆନ୍ଦୋଳନକୁ ଜୋରଦାର ଏବଂ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ନାଗରିକ କମିଟି ଆହ୍ୱାନରେ ଗୁରୁବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କମିଟି ସଭାପତି ଡମ୍ବରୁଧର ମେହେର ସଭାପତିତ୍ୱ କରିଥିବା ବେଳେ ନାରାୟଣ ପାତ୍ର, ପୁରୁଷୋତ୍ତମ ମେହେର, ପ୍ରିୟରଞ୍ଜନ ମେହେର, ଲିଙ୍ଗରାଜ ଘିଭେଲା, ଟେଣୋ ମେହେର, ଗଳାମଣି ସା, ପୀୟୂଷ ପଟେଲ, ମଧୁ ମାଝି, ପୁରୁତ୍ତମ ମାଝି, ପ୍ରଶାନ୍ତ ନାୟକ, ବାବୁଲି ମେହେର, ରାକଶେ ସା ପ୍ରମୁଖ ଉପସ୍ଥିତ ଥିଲେ। ସିନାପାଲି ନାଗରିକ କମିଟି ଆହ୍ୱାନରେ ଏ ସଂକ୍ରାନ୍ତରେ ଏକ ଆକ୍‌ସନ୍ କମିଟି ଗଠନ କରାଯାଇଛି। ଏଥିରେ ସିନାପାଲି ସହର ସମସ୍ତ ଯୁବ ସଂଘ, ରାଜନୈତିକ ନେତୃବୃନ୍ଦ, ସାମାଜିକ କର୍ମୀ ସମସ୍ତେ ସାମିଲ ଅଛନ୍ତି। ଶୁକ୍ରବାର ସକାଳ ୬ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ସିନାପାଲି ସହର ବନ୍ଦ ରହିବ। ଦୋକାନ ବଜାର ସହିତ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ହେବା ସହିତ ଚକଅଖ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଗୁରୁବାର ସନ୍ଧ୍ୟାରେ ସିନାପାଲି ବନ୍ଦ ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ସମସ୍ତ ଦୋକାନୀ ଓ ସର୍ବସାଧାରଣଙ୍କୁ ଅବଗତ କରାଯାଉଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ଯେ, ସିନାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିନାପାଲି, କାପସି, ଯୁଗେନପଦର ସମେତ ଏହା ସଂଲଗ୍ନ ଗୋଟିଏ ଦୁଇଟି ଗ୍ରାମକୁ ନେଇ ଏନଏସି ମାନ୍ୟତା ପ୍ରଦାନ କରିବା ପାଇଁ ବାରମ୍ବାର ଦାବି ହୋଇ ଆସୁଛି। ଏଠାରେ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବା ବେଳେ ୨୦୦୪-୦୫ରୁ ସହରାଞ୍ଚଳର ମାନ୍ୟତା ପାଇଥିବା ଜଣାପଡିଛି। ଏହା ସହିତ ଅନ୍ୟାନ୍ୟ ସମସ୍ତ ଯୋଗ୍ୟତା ଥିଲେ ମଧ ସିନାପାଲିକୁ ଏନ୍‌ଏସି କରାଯାଉ ନ ଥିବା ଯୋଗୁ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି । ଗତ ଦିନରେ ରାଜ୍ୟ ସରକାର କେତେକ ସହରକୁ ଏନଏସି ଘୋଷଣା କରିବା ପାଇଁ ପ୍ରସ୍ତାବ ରଖିଥିଲେ ମଧ ସିନାପାଲିକୁ ଏଥିରୁ ବାଦ ଦିଆଯାଇଛି। ଏ ସଂକ୍ରାନ୍ତରେ ଗତ ଦିନରେ ବିଧାନ ସଭାରେ ଆଲୋଚନା ହୋଇସାରିଛି। ବର୍ତ୍ତମାନ ସିନାପାଲିକୁ ଏନଏସି ମାନ୍ୟତା ପାଇଁ ଆନ୍ଦୋଳନ ଜୋର୍ ଧରିଛି।



ସିନାପାଲି ବନ୍ଦ ନେଇ ନାଗରିକ କମିଟି ଆହ୍ୱାନରେ ଆଲୋଚନା ଚାଲିଛି।

## ଜିଲା ବ୍ୟାପୀ ପାଳନ ହେଲା ଶିଶୁ ଦିବସ

# ଶିଶୁ ଦିବସ ଶିଶୁ ପ୍ରତିଭା ବିକାଶର ଏକ ମାଧ୍ୟମ

ନୂଆପଡା ଅଫିସ/ସିନାପାଲି/କୋମନା/ଖଡ଼ିଆଳ,୧୪।୧୧(ଡି.ଏନ.ଏ.)

ଆଜିର ଶିଶୁ କାଲିର ନାଗରିକ। ଏମାନଙ୍କ ମଧ୍ୟରେ ବହୁ ଲୁକ୍କାୟିତ ପ୍ରତିଭା ଭରି ରହିଛି। ଏଗୁଡିକୁ ବାହାରକୁ ଆଣିବା ଆବଶ୍ୟକତା ରହିଛି। ଏହି ଶିଶୁ ଦିବସ ଶିଶୁ ପ୍ରତିଭା ବିକାଶର ଏକ ମାଧ୍ୟମ। ଶିଶୁଙ୍କୁ ମର୍ଯ୍ୟାଦା ଦେବା ପାଇଁ ଶିଶୁ ଦିବସ ପାଳନର ଆବଶ୍ୟକତା ରହିଛି ବୋଲି ପବିତ୍ର ଶିଶୁ ଦିବସ ପାଳନରେ ଅତିଥିମାନେ କହିଛନ୍ତି। ସ୍ଥାନୀୟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ତୋର୍ଲାରେ ୟୋଥ ଆଣ୍ଡ ୟୁକୋ କ୍ଲବ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ କିଶୋର କୁମାର ପରିଡା ସଭାପତିତ୍ୱ କରିଥିବାବେଳେ ସିଆରସିସି ଗିରିଧାରୀ ନାୟକ ମୁଖ୍ୟଅତିଥି, ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ମନୋଜ କୁମାର ପଟେଲ ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୋତିଲାଲ ଉଜିର, ଉପସଭାପତି ଭଗତରାମ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱର୍ଗତ ଭାରତ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସ୍କୁଲ କ୍ୟାବିନେଟ ମୁଖ୍ୟମନ୍ତ୍ରୀ ଛାତ୍ର ଗୋବିନ୍ଦ ପଟେଲ ନେହେରୁଙ୍କ ଜୀବନି ଉପରେ ଆଲୋଚନା କରି ସମସ୍ତଙ୍କୁ ସ୍ତବ୍ଧ କରି ଦେଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ବକ୍ତୃତା, ପ୍ରବନ୍ଧ, ଶ୍ରୁତଲିଖନ ପ୍ରତିଯୋଗିତା ହୋଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହିଭଳି ସ୍ଥାନୀୟ ଡୁମେରପାଣି ଉନ୍ନୀତ ଉଚ୍ଚବିଦ୍ୟାଳୟରେ ମଧ୍ୟ ଶିଶୁ ଦିବସ ପାଳନ କରାଯାଇଥିଲା। ପ୍ରଧାନଶିକ୍ଷକ କୌସ୍ତୁଭ ସା ସଭାପତିତ୍ୱ କରିଥିବା ବେଳେ ଏସଏମସି ସଭାପତି ଟିକେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ମନୋହର ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମିନି ମହାନ୍ତି, ଗଣେଶ ସାହୁ, ଅରୁଣ ସାହୁ, ଜଗନ୍ନାଥ ସିଂ ପ୍ରମୁଖ ସହଯୋଗ କରିଥିଲେ। ସ୍ଥାନୀୟ ନ୍ୟାଶନାଲ ହାଇସ୍କୁଲରେ ମଧ୍ୟ ୟୋଥ ଏବଂ ଇକୋ କ୍ଲବ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁକାନ୍ତ ସତପଥୀ ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟିତ୍ରୀ ଅନିତା ମୁଣ୍ଡା, ସୁନୀତା ରଥ, କ୍ଷେତ୍ରମୋହନ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ ଏବଂ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ଦଶମ ଶ୍ରେଣୀ ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ଭୋଇ ମଞ୍ଚ ପରିଚାଳନା କରିଥିଲେ। ସେହିପରି ସିନାପାଲି ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହିକ୍ରମରେ ସ୍ଥାନୀୟ ରାଜଶ୍ରୀ ପବ୍ଲିକ ସ୍କୁଲ ବାହାଲପଡା ଶିଶୁ ଦିବସରେ ବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ଶେଖର ପତି ସଭାପତିତ୍ୱ କରିଥିବା ବେଳେ ହରେକୃଷ୍ଣ ମେହେର ମୁଖ୍ୟଅତିଥି, ବିଦ୍ୟାଳୟ ଚେୟାରମ୍ୟାନ ରାଜେଶ ଅଗ୍ରୱାଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। କସେଇପାଣି ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବେନ୍ଦ୍ର ନାରାୟଣ କସ୍ୟପ ସଭାପତିତ୍ୱ କରିଥିବା ବେଳେ ସ୍ଥାନୀୟ ଜେଏମଏଫସି ମାଜିଷ୍ଟ୍ରେଟ ସରୋଜିନି ସାହୁ ମୁଖ୍ୟଅତିଥି, କୁସୁମ ଯୋର ସରପଞ୍ଚ ଉଦିତ ଜ୍ୟୋତି, ଆଇନଜୀବୀ ଦୁର୍ଗା ପ୍ରସାଦ ସୁନାରୀ, ବାଣି ବଲ୍ଲଭ ପାଣିଗ୍ରାହୀ, ସଞ୍ଜୟ ବେହେରା, ଜ୍ୟୋତିପ୍ରକାଶ ମେହେର, କୁଞ୍ଜବିହାରୀ ଯୋଷୀ ପ୍ରମୁଖ ଯୋଗଦେଇଥିଲେ। କୋମନା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପଣ କରାଯାଇଥିଲା। କିର୍ତ୍ତିମାନ ଶିଶୁପ୍ରିୟ ମନୀଷୀଙ୍କ ଆଦର୍ଶ ଗୁଣାବଳୀକୁ ଅନୁକରଣ କରିବାକୁ ଶିକ୍ଷକମାନେ କହିଥିଲେ। ଏଥିରେ ମହୁଲଭଟା, କୋମନା, ଟିକ୍ରାପଡା, ଜେଠୁପାଲି, କୁରେଶ୍ୱର, ବୁଦ୍ଧିକୋମନା, କାଲିମାଟି ସମେତ ପ୍ରତେକ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରି ଉତ୍ସାହିତ କରାଯାଇଥିଲା । ସେହିପରି ଖଡିଆଳ ତାଲୁକସ୍ତରୀୟ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ କସ୍ତୁରବା ବାଳାଶ୍ରମରେ ଶିଶୁ ଦିବସ ପାଳିତ ହୋଇଯାଇଛି । ବାଳାଶ୍ରମ ପରିଚାଳିକା ପ୍ରିୟଦର୍ଶିନୀ ଠାକୁର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲା ଶିଶୁ ସୁରକ୍ଷା ପ୍ରକଳ୍ପ ଅଧିକାରୀ ବଳଦେବ ରଥ ଶିଶୁ ଦିବସର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ତାଲୁକ ସେବା କମିଟି ସଦସ୍ୟ ମେଜର ଡ. ରାମଚନ୍ଦ୍ର ମିଶ୍ର, ପ୍ରଥମ ଶ୍ରେଣୀ ବିଚାରପତି ଶ୍ରଦ୍ଧା ମାଣ୍ଡୋଠିଆ, ଓକିଲ ସଂଘ ସଭାପତି ତୁଳସୀ ତାଣ୍ଡି ପ୍ରମୁଖ ଉପସ୍ଥିତ ରହି ଶିଶୁମାନଙ୍କୁ ଲକ୍ଷ୍ୟ, ସାଧନା, ଅଧ୍ୟୟନ ଆଦି ଦିଗରେ ଧ୍ୟାନ ଦେଇ ଭବିଷ୍ୟତରେ ଦେଶର ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ବାଳାଶ୍ରମର ବାହାଦୁର ମାଝି, ଖାନସୀରାଣୀ ପଟେଲ, ଜ୍ୟୋତ୍ସ୍ନା ଶବର, ତରୁଣୀ ନିଆଲ, ଶରତ ଦୀପ, କୁମୁଦିନୀ ମାଝି, ମୀନା ଲୁହାର ପ୍ରମୁଖ ଛାତ୍ରୀଛାତ୍ରମାନେ ଶିଶୁ ଦିବସ ସମ୍ବାଦୀୟ ସଙ୍ଗୀତ ଗାନ କରିଥିବା ବେଳେ ଗ୍ରୁପ ଡ୍ୟାନ୍ସ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ କୋର୍ଟ କର୍ମଚାରୀ ସୂର୍ଯ୍ୟ ମେହେର ଓ ବାଳାଶ୍ରମ କର୍ମଚାରୀ ସହଯୋଗ କରିଥିଲେ। ବାଳାଶ୍ରମର ତତ୍ତ୍ୱାବଧାରକ ଅର୍ଚ୍ଚନା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।




ତୋର୍ଲା ହାଇସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।


## CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ଦୁର୍ଘଟଣା ଘଟାଇଥିବା ଚାଳକଙ୍କୁ ଧରିବାରେ ପୋଲିସ ବିଫଳ

# ପ୍ରତିବାଦରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

ଜୁନାଗଡ,୧୪।୧୧(ସ୍ୱ.ପ୍ର./ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣିଜରା ଛକ ନିକଟରେ ଗତ ୮ ତାରିଖ ରାତିରେ ଅଜଣା ବାଇକ୍ ଧକ୍କାରେ ସୁଶାନ୍ତ ଗହୀର (୨୦) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଇତିମଧ୍ୟରେ ଏକ ସପ୍ତାହ ବିତି ଯାଇଥିଲେ ମଧ୍ୟ ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡି ଓ ଚାଳକଙ୍କୁ ଧରିବାରେ ବିଫଳ ହୋଇଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଦ୍ୱିତୀୟ ଥର ପାଇଁ ଗୁରବାର ସକାଳ ୭ଟାରୁ ଜୁନାଗଡ-କଲମପୁର ରାସ୍ତା ଅବରୋଧ କରିଛନ୍ତି। ଘଟଣାସ୍ଥଳରେ ପ୍ରଶାସନ ପକ୍ଷରୁ ଆନ୍ଦୋଳନକାରୀଙ୍କ ସହ ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା, ଜୁନାଗଡ ଆଇଆଇସି ପ୍ରଭାତ ସେଠି, ଜୁନାଗଡ ଭାରପ୍ରାପ୍ତ ତହସିଲଦାର ପ୍ରଭାସ କୁମାର ବୋଡାୟକ, ଚିଲିଗୁଡା ଫାଣ୍ଡି ଅଧିକାରୀ ଅଶୋକ କୁମାର ବିହାରୀ ପ୍ରମୁଖ ଆଲୋଚନା ଜାରି ରଖିଛନ୍ତି।

ସୂଚନା ଅନୁସାରେ ଗତ ୮ ତାରିଖ ରାତିରେ ଏକ ଅଜଣା ଗାଡି ଧକ୍କାରେ ବଣିଜରା ଗ୍ରାମର ଶୁଶାନ୍ତ ଗହିର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଉଥିବା ବେଳେ କେସିଙ୍ଗା ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା। ୯ ତାରିଖରେ ଶବ ବ୍ୟବଚ୍ଛେଦ ପରେ ମୃତକଙ୍କ ସମ୍ପର୍କୀୟମାନେ ଉତ୍ତ୍ୟକ୍ତ ହୋଇ ଦୁର୍ଘଟଣା ଘଟାଇଥିବା ବାଇକ ଚାଳକଙ୍କୁ ଗିରଫ ଓ କ୍ଷତିପୂରଣ ଦାବି ନେଇ ଅପରାହ୍ନ ୩.୫୦ରୁ ବଣିଜରା ଛକ ନିକଟରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଖବର ପାଇ ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠୀଙ୍କ ସମେତ ସଦଳବଳ ଓ ଭାରପ୍ରାପ୍ତ ତହସିଲଦାର ପ୍ରଭାସ କୁମାର ବୁଡାୟକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସନ୍ଧ୍ୟା ଟାରେ ରାସ୍ତାରୋକୋ ହଟିଥିଲା। ଅନ୍ୟପକ୍ଷରେ ସଶାନ୍ତ ମୃତ୍ୟୁ ପୂର୍ବରୁ ବଣିଜରା ଗ୍ରାମର ଜଣେ ବ୍ୟକ୍ତିଙ୍କ ଗାଡି ଧକ୍କା ଦେଇଥିବା ତାଙ୍କ ମା'ଙ୍କୁ କହିଥିଲେ। ତଦନୁସାରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ରଖି ପଚରା ଉଚୁରା ଜାରି ରଖିଛି। ସେହି ସମୟରେ ରାସ୍ତା କଡରେ ଥିବା ଦୋକାନ ସିସିଟିଭି ଫୁଟେଜ ନେଇ ପୋଲିସ ତଦନ୍ତ କଲେ ସମସ୍ତ ଘଟଣା ସାମ୍ନାକୁ ଆସି ପାରନ୍ତା ବୋଲି ଗ୍ରାମବାସୀ କହୁଥିବା ବେଳେ ପୋଲିସ ଜାଣିଶୁଣି ତଦନ୍ତକୁ କୋହଳ କରୁଥିବା ଅଭିଯୋଗ କରି ଗୁରୁବାର ଗାଁ ମହିଳା ସଂଘ ସମେତ ଶୁଶାନ୍ତଙ୍କ ପରିବାରବର୍ଗ ଓ ଗ୍ରାମବାସୀ ମିଳିତ ଭାବେ ଦ୍ୱିତୀୟ ଥର ପାଇଁ ବଣିଜରା ଛକରେ ରାସ୍ତା ଅବରୋଧ କରିଛନ୍ତି।



ଗ୍ରାମବାସୀମାନେ ରାସ୍ତା ଅବରୋଧ କରିରଖିଛନ୍ତି।

**ଅଜଣା ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା**

## ନେହେରୁ ଯୁବକେନ୍ଦ୍ର ପ୍ରତିଷ୍ଠା ଦିବସ ପାଳିତ

ଭବାନୀପାଟଣା,୧୪।୧୧(ଡି.ଏନ.ଏ.):

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ନେରହେରୁ ଯୁବ କେନ୍ଦ୍ର କଳାହାଣ୍ଡି ପକ୍ଷରୁ ଗୁରୁବାର ନେହେରୁ ଯୁବ କେନ୍ଦ୍ର ପ୍ରତିଷ୍ଠା ଦିବସ ସ୍ଥାନୀୟ ନେହେରୁ ଯୁବ କେନ୍ଦ୍ର ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ତ୍ରିଲୋଚନ ଜେନା, ମୁଖ୍ୟବକ୍ତା ଭାବେ ଏନ୍ଏନ୍ଏସ୍ ମୁଖ୍ୟ କାର୍ଯ୍ୟକର୍ତ୍ତା ପ୍ରତାପ ଦାସ, ସମ୍ମାନିତ ଅତିଥି ଭାବେ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂଲିଶ ପ୍ରାଧାପକ କ୍ୟା. ଜୟଦେବ ସାହୁ, ପୂର୍ବତନ ଜିଲା ଯୁବ ଯୁବ ସଂଯୋଜିକା ସୁଶ୍ରୀ ଶୁଭଲକ୍ଷ୍ମୀ ନାଏକ ପ୍ରମୁଖ ଯୋଗଦେଇ ନେହେରୁ ଯୁବ କେନ୍ଦ୍ରର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ ପ୍ରଶନ୍ନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜାତୀୟ ଯୁବ ସ୍ୱେଚ୍ଛାସେବୀ ଚିନ୍ମୟ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପଦ୍ମାବତୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲାର ବିଭିନ୍ନ ଯୁବ ଅନୁଷ୍ଠାନ, ଏନ୍‌ସିସି, ଏନ୍ଏସ୍ଏସ୍‌ର ସ୍ୱଚ୍ଛାସେବୀମାନେ ଯୋଗଦେଇଥିଲେ।



ଅତିଥିଙ୍କ ଗହଣରେ ବିଭିନ୍ନ ଯୁବ ଅନୁଷ୍ଠାନ, ଏନ୍‌ସିସି, ଏନ୍ଏସ୍ଏସ୍ ସଦସ୍ୟ ।


No. RR-29:

ଓଡ଼ିଶା ସରକାର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ

"ଅକ୍ଷର"

୨ୟ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ

ଡିସେମ୍ବର ୬ରୁ ୧୫, ୨୦୧୯

ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର

ଷ୍ଟଲ ସଂରକ୍ଷଣ ନିମନ୍ତେ ଆଗ୍ରହୀ ପୁସ୍ତକ ପ୍ରକାଶକ, ବିତରକ ଓ ବିକ୍ରେତା ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ:

ସଭାପତି, ରାଜଧାନୀ ପୁସ୍ତକ ମେଳା, ୭୮, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭

ଦୂରଭାଷ: ୯୪୩୭୧୩୩୩୬୮ / ୭୦୦୮୪୫୪୨୫୧ / ୭୬୫୫୮୬୧୪୩୪

ଶେଷ ତାରିଖ: ୨୦।୧୧।୨୦୧୯

ସହ-ଆୟୋଜନ:

ରାଜଧାନୀ ପୁସ୍ତକ ମେଳା, ଏକାମ୍ର ପୁସ୍ତକ ମହୋତ୍ସବ, କଳିଙ୍ଗ ପୁସ୍ତକ ମେଳା ଏବଂ ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ

03016/11/0002/1920


## ବିଭିନ୍ନ ସ୍କୁଲରେ ଶିଶୁ ଦିବସ ପାଳିତ

ଭବାନୀପାଟଣା, ୧୪।୧୧(ଡି.ଏନ.ଏ.)

ସ୍ଥାନୀୟ ପୁରୁଣାପଡା ଅଙ୍ଗନୱାଡି କେନ୍ଦ୍ରଠାରେ ଶିଶୁ ଦିବସ ପାଳିତ ହୋଇଯାଇଛି। କେନ୍ଦ୍ରର କର୍ମୀ ସରସ୍ୱତୀ ଆରୁଖ ସଭା ପରିଚାଳନା କରିଥିବା ବେଳେ ସାମାଜିକ କର୍ମୀ ମିନତୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ଦିବସ ପାଳନ କରାଯିବା ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିବା ସହ କୁନି ପିଲାଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସଂଯସହାୟକ ଗୋଷ୍ଠୀ ସଦସ୍ୟା, ଯାଞ୍ଚ କମିଟି ସଦସ୍ୟା ଓ ଅଭିଭାବକମାନେ ଯୋଗଦେଇଥିଲେ। କେନ୍ଦ୍ର ସହାୟକା କୁନି ବିଶ୍ୱାଳ, ସଞ୍ଜୁ ଡାକୁଆ, ଜୟା ନାଏକ, ସଙ୍ଗୀତା ନାଏକ, ସଞ୍ଜୁକ୍ତା ସାହୁ, ତିର୍ଥବାସିନୀ ଡାକୁଆ ପ୍ରମୁଖ ସହଯୋଗ କରିଥିଲେ। କୁନିକୁନି ପିଲାମାନେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଦେଇଥିଲେ। ସେହିପରି ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲଠାରେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ନିରାଦ କଁହର, ସାମାଜିକ କର୍ମୀ ସୁତମ ନାୟକ, ଶିକ୍ଷାବିତ ବ୍ରହ୍ମାନନ୍ଦ ସମାଲ, ଜିଲା ସଂଯୋଜକ କିସ ଓ କିଟ ଭୁବନେଶ୍ୱର ଦୁଷ୍ମନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଶିବରାମ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷକ ଦକ୍ଷ ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ସାପ କାମୁଡ଼ାରେ ଯୁବକ ମୃତ

ସିନାପାଲି,୧୪।୧୧ (ଡି.ଏନ.ଏ.): ନୂଆପଡ଼ା ଜିଲା ସିନାପାଲି ଥାନା ଅନ୍ତର୍ଗତ ମାଲପଡା ଗ୍ରାମରେ ଝଜନ ମାଝି (୪୫)ଙ୍କ ବିଷାକ୍ତ ସାପ କମୁଡାରେ ଗୁରୁବାର ସନ୍ଧ୍ୟାରେ ମୃତ୍ୟୁ ଘଟିଥିବା ଜଣାପଡିଛି। ସେ ତାଙ୍କ ଘରେ ଥିବା କୁକୁଡା ଭାଡିରୁ ସାପ ବାହାରି ତାଙ୍କୁ କାମୁଡି ଦେଇଥିବା ଜଣାପଡିଛି। ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତରା କରାଯାଇଛି। ଏ ନେଇ ସିନାପାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୪/୧୯) ରୁଜୁ ହୋଇଛି।


**DISTRICT PLANNING & MONITORING UNIT, PURI**

**Office Order No.889 / Dtd: 11.11.2019**

**Tender Notice for Outsourcing of Manpower**

No.X-27 :- Bids in sealed cover are invited under two-bid system from reputed and experienced manpower service provider for providing Data Entry Operator / Field Enumerators for District Planning & Monitoring Unit (Statistical Wing), Puri. Intending agencies are required to download Tender Documents from Puri district website **(http://puri.nic.in)** from dt.16.11.2019. Last date of submission of bid is 30.11.2019 up to 3:00 PM **(Contact No.-06752-223210)**

Sd./-
Asst. Director (Statistics)
DOMU, Puri

21011/11/0002/1920

**CENTRAL ELECTRICITY SUPPLY UTILITY OF ODISHA**
**O/o. SUPERINTENDING ENGINEER (ELECT.)**
**ELECTRICAL CIRCLE No. - 1, Unit - 8, BBSR - 12**

**NOTICE INVITING TENDER**

No.: CAD-564: Sealed tenders in two part bidding systems are invited from intending Manufacturers/Authorised Distributors/ Reputed Suppliers, who comply with the terms and conditions for the supply of different NSC materials. Approximately costing around 65 Lakh. Last date of receipt of bids is 21.11.19 upto 3.00 P.M. For details please visit our website **www.cescoorissa.com / www.cesuodisha.com**. Any amendments, corrigendum, time extension etc. will be uploaded in the above website only. The undersigned reserves the right to accept or reject any or all tenders without assigning any reason thereof.

04010/11/0003/1920 — Superintending Engineer (Elect.)

No. C-312:

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**P.H. DIVISION, SAMBALPUR**
Phone No.:(0663)-2412135, Fax No. : (0663) 2412335
Email ID : eephdsbp@gmail.com, eephsbp@nic.in

**NOTICE INVITING TENDERS**

**NATIONAL COMPETITIVE BIDDING THROUGH e-Procurement**

**Bid Identification No. EEPHSBP-13/2019-20 Dt. 08.11.2019**

| | | |
|---|---|---|
| 01. | Name of the Work | : 2 nos. Work. |
| 02. | Type of Bid. | : Single Bid System |
| 03. | Estimated Cost | : Rs. 18.87 lakhs to Rs. 28.01 lakhs |
| 04. | Period of Completion | : 3 (Three) Calendar Months. |
| 05. | Date & Time of availability of bid document in the portal | : From 11.00 AM of dt. 18.11.2019 to 5.00 PM of 01.12.2019. |
| 06. | Last date / time of receipt of bids in the portal | : 5.00 PM of 01.12.2019. |
| 07. | Date & Time of opening of Tender | : At 11.30 AM of 02.12.2019. |
| 08. | Name and Address of the Officer Inviting Bid | : Executive Engineer, P.H. Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

Further details can be seen from the web site http://tenders.ori.nic.in or www.tendersorissa.gov.in

Sd/- Executive Engineer
P.H. Division, Sambalpur

13026/11/0015/1920

C-310

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, PUBLIC HEALTH CIRCLE, SAMBALPUR, ODISHA.**

E-mail id: - sephsbp@yahoo.in / sephsbp@gmail.com

**NATIONAL COMPETITIVE BIDDING THROUGH e-Procurement**

**Bid Identification No. SEPHSBP- 07 /2019-20 Dt. 08.11.2019**

| | | |
|---|---|---|
| 01. | Number of Work | : 1 no. |
| 02 | Type of Bid | : Two Bid system |
| 04 | Period of Completion | : 3 (Three) Calendar Month |
| 05 | Class of Contractor | : Contractors of 'B'/'A' Class |
| 06 | Date & Time of availability of bid document in the portal | : From 11.00 Hrs. of Dt. 19.11.2019 to 17.00 Hrs of 03.12.2019 |
| 07 | Last date / time of seeking clarification | : 17.00 Hrs of 25.11.2019 |
| 08 | Last date / time of receipt of bids in the portal | : 17.00 Hrs of 03.12.2019 |
| 09 | Date & Time of opening of Technical bids | : At 11.00 Hrs. of 06.12.2019 |
| 10 | Name and Address of the Officer Inviting Bid | : Superintending Engineer, P.H. Circle, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

Further details can be seen from the e-Procurement portal "http://www.tendersorissa.gov.in"

Sd/-
Superintending Engineer,
P.H. Circle, Sambalpur.

13018/11/0008/1920

**COLLECTORATE, KORAPUT**
**(SPORTS SECTION)**

No.: 424/II 41 Sports - 2019 — Dated: 11.11.2019

**Tender Call Notice for Construction of Wooden Badminton Court at Indoor Stadium, Koraput**

No.: TT-15: Sealed tenders are invited by Collectorate, Koraput (Sports Section) from reputed Firms/Agencies as per tender specifications for construction of "Wooden Badminton Court" at Indoor Stadium, Koraput. The detailed tender document may be downloaded from website **(www.koraput.nic.in)**.

Interested bidders may submit their sealed tender documents in the prescribed format mentioning "Wooden Badminton Court" on the cover of the envelope to the Collectorate, Koraput (Sports Section) by 25.11.2019 upto 5 P.M. Bidders are required to submit Technical Bid & the Financial Bid in the separate envelope through Register/Speed Post only.

The Technical & Financial Bid will be opened on 26.11.2019 at 4.00 P.M. in the presence of the district level committee members, bidders or their authorised representatives.

Tenders received after due date & time will not be accepted. Collectorate, Koraput (Sports Section) will not be responsible for postal delay or similar reasons.

Tenders sent through an electronic means shall not be accepted. Any Corrigendum/Addendum if any will be uploaded in the above mentioned website.

Collectorate, Koraput "Sports Section" reserves the right to accept or reject any or all tender without assigning any reason thereof. For any queries you may contact District Sports Officer, Koraput.

(Cell No.- 9437145404)

Sd./- Addl. District Magistrate, Koraput

24057/11/0002/1920

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, MAYURBHANJ IRRIGATION DIVISION, BARIPADA**
No.A-382

e-mail: exen.mid@gmail.com, FAX/TEL: 06792-260442

**"E" PROCUREMENT NOTICE NO. 02MBJ/2019-20.**

| | |
|---|---|
| 1. Name of works | : i. Bank protection work on left bank of river Budhabalanga near village Angaragadia (Jambhirapal) under Kuliana Block<br>ii. Restoration to TRE from Baradihi to Parchipur on right bank of river Sono near village Baradihi as mentioned in the website. |
| 2. Total No. of works | : 02 (Two) Nos. of work. |
| 3. Estimated Cost | : Varies from 39.28 lakh to 44.54 lakh |
| 4. Class of Contractor | : 'C' & 'B' and 'B' & 'A' |
| 5. Period of completion | : As mentioned against work. |
| 6. Other details as follows | : |
| (i) Procurement Officer | : Executive Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : 15.11.2019 from 10.00 Hours to 29.11.2019 upto 17.00 Hours. |
| (iii) Date, time and place of opening of Bid. | : On 30.11.2019 at 11.00 Hours in the O/o the Executive Engineer, Mayurbhanj Irrigation Division, Baripada |
| (iv) Date of Transparent Lottery to be conducted (if required) | : On dt. 03.12.2019 at 11.00 AM. |
| 11. Further details can be seen from the 'e' Procurement Portal **http://tendersorissa.gov.in** | |

Sd./- Executive Engineer,
Mayurbhanj Irrigation Division,
Baripada.

32041/11/0004/1920

No. AA-16:

**GOVERNMENT OF ODISHA**
**ELECTRICAL LICENSING BOARD**
OFFICE OF THE ENGINEER-IN-CHIEF,ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA,
3RD FLOOR HEADS OF DEPARTMENT BUILDING, BHUBANESWAR-751 001.
Email-secyelbo@nic.in, Ph.0674-2394572

**NOTICE**

No. ELBO/SCC (MV & HT) EXAM /132/2019 / 1374 / Dated 11.11.2019

The Supervisor Certificate of Competency (SCC) (MV & HT) Examination-2019 is scheduled to be conducted on **24.11.2019 (SUNDAY)** in two sittings as per the following:-

| | |
|---|---|
| 1) 1st Sitting - 10AM to 12Noon<br>2) 2nd Sitting - 2PM to 4PM | Venue:- Directorate of Distance & Continuing Education (DDCE), Utkal University, Vanivihar, Bhubaneswar |

Candidates are advised to reach the venue before 60 minutes of commencement of the Examination. The SMS has already been sent to eligible shortlisted candidates for downloading the Admit Card.

The applicants are also advised to visit the Website:- **eicelectricityodisha.nic.in** to view the list of eligible shortlisted candidates and download their Admit Card for appearing the Examination. No hard copy of Admit Card will be sent to the eligible shortlisted candidates.

04009/11/0002/1920 — Sd/- SUPERINTENDING ENGINEER-CUM-SECRETARY, ELBO.

No. CAD-568:

**Odisha State Medical Corporation Limited (OSMCL)**
In front of Ram Mandir, Convent Square, Unit – III, Bhubaneswar -751 001
Tel. : (0674) 2380660/2380608
Website : www.osmcl.nic.in Email : logistics.osmcl.od@nic.in
*Assuring Quality, Saving Lives*

**NOTICE INVITING E-TENDER FOR SUPPLY OF ANTI-CANCER DRUGS AND MEDICAL CONSUMABLES (GROUP-III) FOR THE YEAR 2019-20**

Bid Ref. No. : **OSMCL/2019-20/DRUGS-DHS-ACD-GR-III/05** — Date: 13 /11/2019

**Online Bids** through **e-Tender portal** (https://tendersodisha.gov.in) are invited from eligible bidders for **Supply of Anti-Cancer Drugs and Medical Consumables (Group-III)** as per the particulars mentioned below::

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 15 /11 /2019, 3 PM | |
| 2. | Date & time of Pre-bid meeting | 22 /11 /2019, 11:00 AM<br>Venue : Tender Evaluation Room, Odisha State Medical Corporation Ltd., In front of Ram Mandir, Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time<br>28 / 11 /2019, 3 PM | End Date & Time<br>12 / 12 /2019, 6.00 PM |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time<br>13 / 12 / 2019, 10 AM | End Date & Time<br>20 / 12 /2019, 11.00 AM |
| 5. | Date & time of online Technical bid opening | 20 / 12 / 2019, 11:00 AM | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.

Sd/-
Managing Director
OSMCL

10112/11/0015/1920



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଜନ୍ମ ଦିନରେ ନେହେରୁଙ୍କୁ ମନେପକାଇଲେ ଛାତ୍ରୀଛାତ୍ର

**ଟିକ୍ରାପଡା, ୧୪।୧୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡାଠାରେ ଶିଶୁ ଦିବସ ଗୁରୁବାର ପାଳିତ ହୋଇଯାଇଛି । ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲରେ ଅନୁଷ୍ଠିତ ସଭାରେ ଅଧକ୍ଷ ଚନ୍ଦ୍ରମଣି ରାଜପଲିଆ ଅଧକ୍ଷତା କରିଥିଲେ । ମୌସୁମୀ ରାଜପଲିଆ, ପୂଜାରାଣୀ ନାଏକ ସଭା ସଂଯୋଜନା କରିଥିଲେ । ଧ୍ରୁବଳେଶ୍ୱର ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୱେଷା ମେହେର, ରିମଶା ଜାଲ, ଚର୍ଚ୍ଚିତା ରାଜପଲିଆ, କ୍ରିତିକା ବାଗ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଶିକ୍ଷକ ଦିଲୁ ବାଗ, ଭାର୍ଗବୀ ରାଜପଲିଆ ଅତିଥିଭାବେ ଯୋଗ ଦେଇଥିଲେ। ଜ୍ୟୋସ୍ନାମୟୀ ବଗର୍ତ୍ତି, ଅଶୋକ ରାଜପଲିଆ, ସ୍ୱସ୍ତିକ ମେହେର, କରିଷ୍ମ ରାଜପଲିଆ, ଜ୍ୟୋତିକୃଷ୍ଣ ଧରୁଆ ପ୍ରମୁଖ ଛାତ୍ରୀଛାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ । ଚାଚା ନେହେରୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହେବାକୁ ବକ୍ତାମାନେ ଆହ୍ୱାନ ଜଣାଇଥିଲେ । ରଣାପଡାସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ତପ ଜାଲଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ସରୋଜିନୀ ରାଜପଲିଆ, ରଶ୍ମିତା ସରାବ, ରଶ୍ମିତା ବାଗ ପ୍ରମୁଖ ଶିକ୍ଷୟିତ୍ରୀ ବକ୍ତବ୍ୟ ପ୍ରଦାନ କରିଥିଲେ ।

### ଆଦର୍ଶ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ

**କଣ୍ଟାବାଞ୍ଜି, ୧୪।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସିଭିଲ କୋର୍ଟରେ ଥିବା ତାଲୁକ ଆଇନ ସେବା ପ୍ରାଧିକରଣ କମିଟି ପକ୍ଷରୁ ଝରଣିସ୍ଥିତ ଆଦର୍ଶ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଛି । ଏହି ଉପଲକ୍ଷେ ବିଦ୍ୟାଳୟ ଅଧକ୍ଷ ଚନ୍ଦନ କୁମାର ମହାକୁଡଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଜେଏମଏଫସି ଲିଙ୍କିପ୍ରିୟା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁ ଦିବସ ପାଳନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ବରିଷ୍ଠ ଆଇନଜୀବୀ ଦୁଃଖିଶ୍ୟାମ ଗୁରୁ, ଅଶୋକ କୁମାର ଦାସ ଏବଂ ପିଏଲଭି ଗୋବିନ୍ଦ ତାଣ୍ଡି ମଧ ବକ୍ତବ୍ୟ ରଖିଥିଲେ । ସେହିପରି ଚଟୁଅନକା ମାଝିପଡା ସରକାରୀ ସ୍କୁଲରେ ଶିଶୁ ଦିବସ ପାଳନ ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ ପ୍ରତିଯୋଗୀତା କରାଯାଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ବିରଞ୍ଚ ନାରାୟଣ ଦାସଙ୍କ ଅଧକ୍ଷତାରେ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

### ଅନ୍ତର୍ଲାରେ କଳାସୀ ଯାତ୍ରା

**ଟିକ୍ରାପଡା, ୧୪।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଇଛାପଡା ପଞ୍ଚାୟତ ଅଧିନ ଅନ୍ତର୍ଲାଠାରେ ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା କଳାସୀ ଯାତ୍ରା ସମ୍ପନ୍ନ ହୋଇଯାଇଛି। ହେମଚନ୍ଦ୍ର କପାଟ, ସଜନା କପାଟ, ଗୋପାଳଚନ୍ଦ୍ର କପାଟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାଳିସୀଙ୍କ ଦେବତାଙ୍କଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା । ଶ୍ରଦ୍ଧାଳୁମାନେ ଦେବତାଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ । ଅଶାତ୍ତୁ ଜାଲ, ରାଜେନ୍ଦ୍ର ଜାଲ, ସୁରେନ୍ଦ୍ର ଜାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ମଦ ଜବତ, ୨ଗିରଫ

**ଗୁଡଭେଲା,୧୪।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଦେଓଗାଁ ବ୍ଲକ କୁତୁର୍ଲା ଗ୍ରାମରେ ଚଢାଉ କରାଯାଇଥିଲା। ଗାଁର ଡାକ୍ତର ପ୍ରଧାନଙ୍କଠାରୁ ୬ ଲିଟର ଓ ଲଣ୍ଡାପଥର ଗ୍ରାମର ରାଧେ ବୁଡେକଙ୍କ ଠାରୁ ୬ ଲିଟର ଦେଶୀ ଜବତ କରାଯାଇଛି। ଏ ନେଇ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସ୍ଥାନୀୟ ଅବକାରୀ ଅଧିକାରୀ ଅରୁଣ କୁମାର ଯୋଷୀ ପ୍ରକାଶ କରିଛନ୍ତି । ଏହି ଚଢାଉ ବେଳେ ଏଏସଆଇ ଜୟନାରାୟଣ ଯୋଷୀ, ଦେବାଚନ ଭୋଇ, ସୁରେଷ ଭୋଇ ପ୍ରମୁଖ ସାମିଲ ଥିଲେ ।

### ଶିଶୁ ମନ୍ଦିରରେ ଶିଶୁ ଶିବିର

**ଲୋଇସିଂହା, ୧୪।୧୧(ଡି.ଏନ.ଏ):** ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଶିବିର ଗୁରୁବାର ପାଳିତ ହୋଇଯାଇଛି । ପ୍ରଧାନଅଚାର୍ଯ୍ୟ ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଶବିର ଅନୁଷ୍ଠିତ ହୋଇଥିଲା । ଏଥିରେ ପରିଚାଳନା ସମିତ ସଭ୍ୟ କମଳକିଶୋର ଅଗ୍ରୱାଲ ଅତିଥିଭାବେ ଯୋଗଦେଇଥିଲେ। ଅତିଥି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ । ସଭା ପରେ ଶିଶୁ ବାଟିକା ବିଭାଗ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭା ପୂର୍ବରୁ ଛାତ୍ରୀଛାତ୍ର ପ୍ରାର୍ଥନା ବନ୍ଦନା ସମାପନ ସାରି ସକମା ସ୍ଥିତ ସୁକତେଲ ନଦୀ ପରିଦର୍ଶନରେ ଯାଇଥିଲେ । ଏ ସମସ୍ତ କାର୍ଯ୍ୟକ୍ରମକୁ ବବିତା ମାହାଣା, ସରୋଜ ବେହେରା, ଆଶିଷ ବିଶି ପରିଚାଳନା କରିଥିଲେ ।

ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଏଡ୍ସ ଆକ୍ରାନ୍ତଙ୍କୁ ନେଇ ଆସିଲେ ପରିଜନ

# ଜିଲାପାଳଙ୍କ ଅଫିସ ଆଗରେ ଶୁଆଇଲେ

**ବଲାଙ୍ଗୀର ଅଫିସ, ୧୪।୧୧**

ଗୁରୁତର ଅସୁସ୍ଥ ଜଣେ ଏଚ୍ଆଇଭି ସଂକ୍ରମିତ ମହିଳାଙ୍କୁ ତାଙ୍କ ସମ୍ପର୍କୀୟମାନେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଶଯ୍ୟାରୁ ନେଇ ଆସି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖକୁ ଆଣି ଆର୍ଥିକ ସହାୟତା ପାଇଁ ଆନ୍ଦୋଳନ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଗୁରୁତର ଅସୁସ୍ଥ ସେହି ରୋଗୀଙ୍କୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶୁଆଇ ଦିଆଯାଇଥିବା ଦେଖାଯାଇଥିଲା । ବଲାଙ୍ଗୀର ବଡମାଳ ଅଞ୍ଚଳର ଏହି ମହିଳା ୨୦୧୫ ମସିହାରୁ ଏଚ୍ଆଇଭି ସଂକ୍ରମିତ ବୋଲି ଜଣାପଡିଥିଲା । ଏହାପରେ ସେ ଚିକିତ୍ସିତ ହେଉଥିଲେ । ତେବେ ୪ ଦିନ ତଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ପରିଜନମାନେ ତାକୁ ଭୀମ ଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରିଥିଲେ । ତାଙ୍କ ଶରୀର ଅତ୍ୟନ୍ତ ଦୁର୍ବଳ ହୋଇଯାଇଥିବା ବେଳେ ସେ ଠିକ୍ ଭାବେ କଥା ମଧ ହୋଇପାରୁ ନାହାନ୍ତି । ତାଙ୍କ ଶରୀରରେ ଏକ ଟ୍ୟୁମର ରହିଛି



ଏଚ୍ଆଇଭି ସଂକ୍ରମିତ ମହିଳାଙ୍କୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶୁଆଇ ଦିଆଯାଇଛି ।

ଓ ଏହାର ଅସ୍ତ୍ରୋପଚାର ଆବଶ୍ୟକ ବୋଲି ଜଣାପଡିବା ପରେ ମେଡିକାଲ କର୍ତ୍ତୃପକ୍ଷ ତାଙ୍କୁ ବୁର୍ଲା ଭୀମସାରକୁ ଯିବା ପାଇଁ ପରାମର୍ଶ ଦେଇଥିଲେ । ତେବେ ଅର୍ଥ ଅଭାବରୁ ତାଙ୍କ ସମ୍ପର୍କୀୟମାନେ ସମ୍ପୃକ୍ତ ମହିଳା ରୋଗୀଙ୍କୁ ବୁର୍ଲା ନେଇପାରି ନ ଥିଲେ । ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସମ୍ପୃକ୍ତ ଏଚ୍ଆଇଭି ମହିଳାଙ୍କୁ ତାଙ୍କ ମାତା ଓ ଅନ୍ୟ ପରିଜନ ହସପିଟାଲରୁ ନେଇ ଆସି ଜିଲାପାଳ କାର୍ଯ୍ୟାଳୟ ପହଞ୍ଚିଥିଲେ। କାର୍ଯ୍ୟାଳୟ ସମ୍ମୁଖରେ ସମ୍ପୃକ୍ତ ମହିଳା ରୋଗୀଙ୍କୁ ଶୁଆଇ ଦେଇଥିଲେ । ଅର୍ଥ ସହାୟତା ନ ଦେଲେ ସେମାନେ ବୁର୍ଲା ନେଇପାରିବେ ନାହିଁ ବୋଲି ଜିଲାପାଳ କାର୍ଯ୍ୟାଳୟରେ ଦରଖାସ୍ତ ଦେଇଥିଲେ । ଘଟଣାସ୍ଥଳକୁ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚିବା ପରେ ଏଚ୍ଆଇଭି ସଂକ୍ରମିତ ମହିଳାଙ୍କ

## ଚିକିତ୍ସା ପାଇଁ ଅର୍ଥ ସହାୟତା ଦାବି କଲେ

ମାତା ଭୀମଭୋଇ ହସପିଟାଲ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ । ଏଚ୍ଆଇଭି ରୋଗୀଙ୍କ ହସପିଟାଲ ୱାର୍ଡରେ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିବା ଅଭିଯୋଗ କରିବା ସହ ତାଙ୍କୁ ଚିକିତ୍ସା କରା ନ ଯାଇ ବୁର୍ଲା ପଠାଯାଉଥିବା କହିଥିଲେ । ପୂର୍ବରୁ ଥରେ ତାଙ୍କୁ ବୁର୍ଲା ପଠାଇଥିଲେ। ବୁର୍ଲା ପହଞ୍ଚିବା ପରେ ସେଠାକାର ସ୍ୱାସ୍ଥ୍ୟକର୍ମୀମାନେ ବଲାଙ୍ଗୀର ମେଡିକାଲକୁ ଫେରିଯିବାକୁ କହିଥିଲେ ବୋଲି ରାଗୀଙ୍କ ମାତା ସୂଚନା ଦେଇଥିଲେ । ଏଭଳି ଭାବେ ବଲାଙ୍ଗୀର ଓ ବୁର୍ଲାର ହସପିଟାଲ କର୍ମଚାରୀ ଓ ଅଧିକାରୀମାନେ ସେମାନଙ୍କୁ ହଇରାଣ ହରକତ କରୁଥିବା କହିଥିଲେ । ଅର୍ଥ ଅଭାବରୁ ଏଚ୍ଆଇଭି ସଂକ୍ରମିତ ମହିଳାଙ୍କ ଅସ୍ତ୍ରୋପଚାର ଓ ଚିକିତ୍ସା କରାଯାଇ ପାରୁ ନ ଥିବା ସେ ସୂଚନା ଅଭିଯୋଗ କରି ଆର୍ଥିକ ସହାୟତା ପାଇଁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖକୁ ତାଙ୍କ ଝିଅକୁ ଆଣି ରଖିଛନ୍ତି ବୋଲି କହିଥିଲେ । ଏହାର କିଛି ସମୟ ପରେ ସିଡିଏମ୍ଓ ଡା ଦୈତାରୀ ସାହୁ, ଏନ୍ଏଚ୍ଏମ୍ ଡିପିଏମ୍ ମୃତ୍ୟୁଞ୍ଜୟ ମୁଣ୍ଡ, ଏଚ୍ଆଇଭି ସେଲର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏନେଇ ସିଡିଏମ୍ଓ ଡା ସାହୁଙ୍କ ପଚାରିବାରୁ ଏଚ୍ଆଇଭି ସଂକ୍ରମିତ ମହିଳା ରୋଗୀଙ୍କ ଟ୍ୟୁମର ରହିଛି ଓ ଏହାର ଅସ୍ତ୍ରୋପଚାର ଆବଶ୍ୟକ । ଏଣୁ ତାଙ୍କୁ ଏଠାରୁ ବୁର୍ଲା ପଠାଯାଇଛି । ମାତ୍ର ସେ ବୁର୍ଲା ନ ଯାଇ ଏବଂ ହସପିଟାଲ କର୍ମଚାରୀଙ୍କୁ କିଛି ନ ଜଣାଇ ଜିଲାପାଳ କାର୍ଯ୍ୟାଳୟକୁ ପଳାଇ ଆସିଛନ୍ତି ବୋଲି କହିଥିଲେ । ଏହି ମହିଳା ରୋଗୀ ଜଣକ ସଂକ୍ରମିତ ହୋଇଥିବାରୁ ଆଇସୋଲେସନ୍ ୱାର୍ଡରେ ଭର୍ତ୍ତି କରାଯିବାକୁ କୁହାଯାଉଥିଲେ ମଧ ସେ ସେଠାକୁ ଯିବାକୁ ଅମଙ୍ଗ ହେଉଥିବା ସେ କହିଛନ୍ତି । ଏହାବାଦ୍ ମନଇଚ୍ଛା ତାଙ୍କର ସାଲାଇନ୍କୁ ସେ ବନ୍ଦ କରିଦେଉଥିବା କହିଥିଲେ । ତେବେ ତାଙ୍କୁ କିଭଳି ଆର୍ଥିକ ସହାୟତା ଯୋଗାଇ ଦିଆଯାଇପାରିବ ଏ ନେଇ ସେମାନେ ଜିଲାପାଳ କାର୍ଯ୍ୟାଳୟ ଆସିଥିବା ସୂଚନା ଦେଇଥିଲେ ।



### ମେଗା ଡାଇବେଟିସ ପରୀକ୍ଷଣ ଶିବିର

**ଟିଟିଲାଗଡ଼, ୧୪।୧୧ (ଡି.ଏନ.ଏ.)**

ବିଶ୍ୱ ମଧୁମେହ ଦିବସ ଅବସରରେ ସ୍ଥାନୀୟ ଲାୟନ୍ସ କ୍ଲବ ପକ୍ଷରୁ ଗୁରୁବାର ଟିଟିଲାଗଡ ସହରରେ ମଧୁମେହ ପରୀକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ବିନ୍ଦୁ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲାୟନ୍ସ କ୍ଲବ ସଭ୍ୟ ମୋଟ ୮ଟି ଶିବିର ଜରିଆରେ ଲୋକଙ୍କ ରକ୍ତ ପରୀକ୍ଷା କରିଥିଲେ । ମୋଟ ୧୨୧୦ଜଣଙ୍କ ପରୀକ୍ଷଣ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୭୦ଜଣଙ୍କ ଶରୀରରେ ଡାଇବେଟିସ ରୋଗଥିବା ଜଣାପଡିଥିଲା । ପରେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଏସସିଡି, ଟିଟିଲାଗଡ ଏବଂ ଲାୟନ୍ସ କ୍ଲବଙ୍କ ସହଭାଗିତାରେ ମାଗଣା ଚକ୍ଷୁ ପରୀକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କ୍ଲବର ସମ୍ପାଦକ ମଦନ ପୃଷ୍ଟି, ସୌରଭ ସାହୁ, ପ୍ରଭାସ ସାହୁ, ସନ୍ତୋଷ ମହାନ୍ତି, ଦୀପକ ପୃଷ୍ଟି, ଅସିମ କୁଣ୍ଡୁ, ଗୋପାଲ ଲାଠ, ସଞ୍ଜୟ ସୋନି, ଟିଟିଲାଗଡ ବରିଷ୍ଠ ନାଗରିକ କମିଟି ସଭାପତି ଅଶ୍ୱିନୀ ମହାନ୍ତି, ଡ. ବିନୋଦ ବିହାରୀ ଜାଲ, ପଞ୍ଚାନନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଜୁଆ ଆଡ୍ଡାରେ ଚଢ଼ାଉ, ୩ ଗିରଫ



ଗିରଫ ୩ ଅଭିଯୁକ୍ତ ।

**ଲୋଇସିଂହା,୧୪।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ଆଗଲପୁର ବ୍ଲକ ରିନ୍‌ବଚନରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଚଢାଉ କରି ୩ ଜଣଙ୍କୁ ଗିରଫ କରିଛି । ପୋଲିସ ଘଟଣାସ୍ଥଳରୁ ଘୁଡୁଘୁଡୁ ପଟି, ୬ଟି ଗୁଟି, ୫ ବାଇକ୍, ୨ଟି ସାଇକେଲ ସହ ୪ ହଜାର ୯ ଶହ ଟଙ୍କା ଜବତ କରିଛି । ଗିରଫ ଯୁବକମାନେ ହେଲେ ରାଜୋ ବାରିକ(୪୦), ଅରୂପା ଭୋଇ(୪୩) ଓ ହେମନ୍ତ ନାଏକ(୩୨)। ଗୁରୁବାର ଗିରଫ ଯୁବକମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଲୋଇସିଂହା ଥାନା ଆଇଆଇସି ଲଳିତା ଲାକ୍ରା କହିଛନ୍ତି।

ପୋଲିସ ସୂଚନା ମୁତାବକ, ଆଗଲପୁର ବ୍ଲକ ରିନ୍‌ବଚନ ଗାଁ କଟାଁ ନିକଟରେ ଦୀର୍ଘ ଦିନ ହେଲା ଏକ ଜୁଆଆଡ୍ଡା ଚାଲିଥିଲା । ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଜିଲା ଆରକ୍ଷୀ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲେ । ଆରକ୍ଷୀ ଅଧିକାରୀଙ୍କ ନର୍ଦ୍ଦେଶ କ୍ରମେ ଲୋଇସିଂହା ଥାନା ପୋଲିସ ସମ୍ପୃକ୍ତ ଜୁଆଆଡ୍ଡା ଉପରେ ଚଢାଉ କରିଥିଲା ହେଲେ ଚଢାଉ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ଜୁଆଡିମାନେ ଫେରାର ହୋଇଯାଇଥିଲେ। ଅନ୍ୟପକ୍ଷେ ଆଇଆସି ଲାକ୍ରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବୁଧବାର ପୁଣି ଚଢାଉ କରି ୩ଜଣଙ୍କୁ ଧରିବା ସହ ବିଭିନ୍ନ ସାମଗ୍ରୀ ସହ ଟଙ୍କା, ବାଇକ୍ ଜବତ କରିବାରେ ସଫଳ ହୋଇଥିଲା । ହେଲେ ଘଟଣାସ୍ଥଳରୁ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡିଛି। ମୁଖ୍ୟ ଅଭିଯୁକ୍ତଙ୍କ ସହ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଲାକ୍ରା ପ୍ରକାଶ କରିଛନ୍ତି । ଏନେଇ ଲୋଇସିଂହା ଥାନା ପୋଲିସ ଏକ ମାମଲା (ନଂ.୨୯୩/୧୯) ରୁଜୁ କରିଛି।

### ଓମଭେଲି ସ୍କୁଲ ବାର୍ଷିକ କ୍ରୀଡା ଉଦ୍‌ଘାଟିତ

**ଟିଟିଲାଗଡ଼, ୧୪।୧୧ (ଡି.ଏନ.ଏ.)**

ଟିଟିଲାଗଡ଼ ଓମଭେଲି ଉଚ୍ଚ ପ୍ରାଥମିକ ଆବାସିକ ବିଦ୍ୟାଳୟର ତ୍ରିଦିବସୀୟ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଛି। ଏଥିରେ ୮୨ଟି ଇଭେଣ୍ଟରେ ବିଭିନ୍ନ ବୟସ ଗ୍ରୁପର ୫୦୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ସ୍କୁଲ ପରିଚାଳନା ନିର୍ଦ୍ଦେଶିକା ବିଭାରାଜ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ ସହ ଉତ୍ସବକୁ ଉଦ୍‌ଘାଟିତ କରିଛନ୍ତି। ସ୍କୁଲ ଅଧକ୍ଷ ବଦ୍ରିନାଥ ମିଶ୍ର, ଉପାଧକ୍ଷା ବର୍ଷା କୁଲେଶ୍ରଷ୍ଠ, ଧରିତ୍ରୀ ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାଳୟର ୧୭୦୦ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ର ନିକଟସ୍ଥ ଖାରଦେବନ୍ଧସ୍ଥିତ ଶିବ ମନ୍ଦିରରୁ ଏକ ଶୋଭାଯାତ୍ରାରେ ମଶାଲ ଆଣି ସ୍କୁଲ ଖେଳ ପଡିଆରେ ସ୍ଥାପନ କରିଥିଲେ।

## ଶିଶୁ ଦିବସରେ ବିଭିନ୍ନ ପ୍ରତିଯୋଗିତା

**ଲୋଇସିଂହା,୧୪।୧୧(ଡି.ଏନ.ଏ)**

ଲୋଇସିଂହା ବ୍ଲକ ପ୍ରଥମ ଇଜ୍ୟୁକେଶନ ଫାଉଣ୍ଡେସନ ପକ୍ଷରୁ ବ୍ଲକ ଅଧୀନ ବ୍ରାହ୍ମଣୀପାଲି, ଭାଲୁପାଲି ଓ ମାଣ୍ଡିଆପଦର ଗ୍ରାମରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ, ସଙ୍ଗୀତ ଓ ନୃତ୍ୟ ଓ ଖେଳକୁଦ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଗୋପାଳ ପଧାନ ମୁଖ୍ୟ ଅତିଥି, ପ୍ରକଳ୍ପ ଜିଲା ସଂଯୋଜକ କୁମୁଦରଞ୍ଜନ ମହାନ୍ତି, ବ୍ଲକ ସଂଯୋଜାକ ବିକ୍ରମପଧାନ, ରାକେଶ ଦୀପ, ଜ୍ୟୋତି ଦୀପ, ବିଦ୍ୟୁମଣୀ କୁମ୍ଭାର, ଦେବାନନ୍ଦ ବାଗ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ।



ଅତିଥିଙ୍କ ସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ।



ମହାଲକ୍ଷ୍ମୀ ପୂଜା ଆରମ୍ଭ ଅବସରରେ ଶ୍ରଦ୍ଧାଳୁଙ୍କ କଳସ ଶୋଭାଯାତ୍ରା ।

## ଚୁଡ଼ାପାଲିରେ ମହାଲକ୍ଷ୍ମୀ ପୂଜା ଆରମ୍ଭ

**ବଲାଙ୍ଗୀର ଅଫିସ, ୧୪।୧୧**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲିଠାରେ ମାର୍ଗଶିର ମାସର ପ୍ରଥମ ଗୁରୁବାରଠାରୁ ମହାଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ଏହି ଉପଲକ୍ଷେ ବୁଧବାର ୧୦୮ କଳସ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା । ଆୟୋଜକ କମିଟି ସଭାପତି ଲୋକନାଥ କୁମୁରାଙ୍କ ସହ ଉପସଭାପତି ନୀଳମଣି ଦଣ୍ଡସନା, ସମ୍ପାଦକ ଲମ୍ବୋଦର ପଟେଲ, ଉପଦେଷ୍ଟା ଘାସିରାମ ବେହେରା, ରାମକିଶନ ଅଗ୍ରୱାଲ, ବେଣୁଧର ବାଗ, ତେଜରାଜ ପଟେଲ, ସଭ୍ୟ ମନୋଜ ଦଣ୍ଡସନା, ଗୋବିନ୍ଦ ପଟେଲ, ରାମଚନ୍ଦ୍ର ପୋଢ ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି । ମହାଲକ୍ଷ୍ମୀ ପୂଜା ମାର୍ଗଶିର ମାସ ବ୍ୟାପି ଚାଲୁ ରହିବ । ଏହି ଉପଲକ୍ଷେ ମୀନାବଜାର ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ସାଂସ୍କୃତିକ ସମ୍ପାଦକ କପିଳ ବେହେରା କହିଛନ୍ତି ।

## ଗୁଡଭେଲାରେ ମାତୃଗୃହ ଉଦ୍‌ଘାଟିତ

**ଗୁଡଭେଲା,୧୪।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ଥିବା ଏକ ଭଡା ଘରକୁ ମାତୃଗୃହ ଭାବେ ପଞ୍ଚାୟତ ସମିତି ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏଠାରେ ଦୂରଦୂରାନ୍ତରୁ ଆସୁଥିବା ଗର୍ଭବତୀ ମହିଳାମାନଙ୍କୁ ରହିବା ସହ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ମଳିପାରିବ ବୋଲି କହିଥିଲେ। ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ଗୃହ ନିର୍ମାଣ କରାଯିବ ବୋଲି ଏହି ଅବସରରେ ଉପସ୍ଥଇତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମିତ ମେହେର କହିଥିଲେ। ଅନ୍ୟମାନଙ୍କ ମଧରେ ଡା. ସୂର୍ଯ୍ୟକାନ୍ତ ମହାପାତ୍ର, ଡା. ସୁରଜ ବେହେରା, ବିପିଏମ ମନୋଜ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।



ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା ମାତୃଗୃହକୁ ଉଦ୍‌ଘାଟନ କରୁଛନ୍ତି ।

ଲୋଇସିଂହା ଷ୍ଟାଡିୟମ ସ୍ୱନକ୍ଷତ୍ର ଉପଲକ୍ଷେ ଫୁଟବଲ ଟୁର୍ନାମେଣ୍ଟ

# ବୁର୍ଡାକୁ ହରାଇ ସୁଜିଆ ଚାମ୍ପିୟନ

**ଲୋଇସିଂହା,୧୪।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମର ୧୧ତମ ସ୍ୱନକ୍ଷତ୍ର ଦିବସ ଗୁରୁବାର ପାଳିତ ହୋଇଯାଇଛି । ଏହି ଅବସରରେ ଷ୍ଟାଡିମୟରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଟୁର୍ନାମେଣ୍ଟର ଫାଇନାଲ ଖେଳରେ ସୁଜିଆ ଏକାଦଶ ଟାଇବ୍ରେକର ୫-୪ ଗୋଲରେ ବୁର୍ଡାକୁ ହରାଇ ଚାମ୍ପିୟନ ହୋଇଥିଲା । ଟୁର୍ନାମେଣ୍ଟରେ ଲୋଇସିଂହା, ସୁଜିଆ, ଅମାମୁଣ୍ଡା, ବଲାଙ୍ଗୀର, ଢୁଙ୍ଗୁରିପାଲି, ବିଲାଇସର୍ଡା, ବୁର୍ଡା ଓ ଆଗଲପୁର ଏକାଦଶ ଅଂଶଗ୍ରହଣ କରିଥିଲେ । ଏ ଗ୍ରୁପ୍‌ରୁ ସୁଜିଆ ଓ ବି ଗ୍ରୁପ୍‌ରୁ ବୁର୍ଡା ଏକାଦଶ ପାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ରେଫରୀ ବିଜୟ ରଣା, ପ୍ରଦୀପ ବଗର୍ତ୍ତି, ସୁରେଶ ନାଏକ, ଜ୍ୟୋତିର୍ମୟ ରାଉତ, ଭୋଳାନାଥ ନାଏକ ଓ ଅଞ୍ଜନ ବେଶ୍ରା ଖେଳ ପରିଚାଳନା କରିଥିଲେ । ଟୁର୍ନାମେଣ୍ଟର ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ଯତିନ୍ଦ୍ର ପଟେଲ ମୁଖ୍ୟ ଅତିଥି, ବିଭୂତିଭୂଷଣ ସାହାଣୀ, ଗଜାନନ ଅଗ୍ରୱାଲ, ବିଶ୍ୱନାଥ ଭୂୟାଁ, ଉତ୍ତର ହେର୍ଣ୍ଡା, କୁମର ମାହାଣା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଚାମ୍ପିୟନ ଦଳକୁ ୫ ହଜାର ଓ ରନର୍ସଅପ ଦଳକୁ ୩ ହଜାର ସହ ଟ୍ରଫିଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ଆଥଲେଟିକ ଆସୋସିଏଶନର ସଭାପତି ଦିଲୀପ କୁମାର ବେହେରା ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ ।



ଅତିଥି, ଆୟୋଜକଙ୍କ ଗହଣରେ ଚାମ୍ପିୟନ ଓ ରନର୍ସ ଅପ ଦଳର ଖେଳାଳିମାନେ ।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



**ସଂକ୍ଷେପରେ**

## ଜବାହାରଲାଲ ଜୟନ୍ତୀ ପାଳିତ

**ଭବାନୀପାଟଣା,୧୪।୧୧(ଡି.ଏନ.ଏ.)** କଳାହାଣ୍ଡି ଜିଲା କଂଗ୍ରେସ ପାର୍ଟି ଅଫିସରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ୧୩୦ ତମ ଜୟନ୍ତୀ ଗୁରୁବାର ସକାଳ ୯ଟାରେ ପାଳନ କରାଯାଇଥିଲା। ବର୍ଷୀୟାନ କଂଗ୍ରେସ ନେତା ସିଦ୍ଧାର୍ଥ ନାୟକ ପଣ୍ଡିତ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଧୂପଦୀପ ଅର୍ପଣ କରିଥିଲେ। ପୂର୍ବତନ ଜିଲା ସଭାପତି ହାଇଦର ଅଲ୍ଲି ଖାଁ, ଉତ୍ସବ ସାହୁ, ଜିଲା ସମ୍ପାଦକ ବ୍ରଜମୋହନ ସାହୁ, ସୁରେସ ପଟ୍ଟନାୟକ, ଆଦିବାସୀ ନେତା ପରମାନନ୍ଦ ମାଝି, ଟାଉନ କଂଗ୍ରେସ ସଭାପତି ନିମାଞ୍ଚଳ ନାଏକ, ଚନ୍ଦ୍ର ଯୋଷୀ, ମହିଳା ସଭାନେତ୍ରୀ ସୁକାନ୍ତି ସରାଫ, ସରତ ନାଏକ, ରାଗବ ଯାଦବ, ସୁନିଲ ନାଏକ, ପ୍ରୀତମ ବେହେରା, ରେହମତୁଲ୍ଲା ଖାଁ, ସାୟର ଅଲ୍ଲି ପ୍ରମୁଖ ଜବାହାରଲାଲ ଜୟନ୍ତୀ ପାଳନରେ ଯୋଗଦେଇ ନେହେରୁଙ୍କ ସ୍ମୃତିଚାରଣ କରିଥିଲେ।



## ଶିଶୁ ଦିବସ ଅବସରରେ ମହାବୀର ଶିଶୁଶ୍ରୀ ପ୍ରତିଯୋଗିତା

**ଭବାନୀପାଟଣା,୧୪।୧୧(ଡି.ଏନ.ଏ.)** ଶିଶୁ ଦିବସ ଅବସରରେ ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଶିଶୁଶ୍ରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା ସହରର ୧ ବର୍ଷରୁ ୩ ବର୍ଷର ଶିଶୁମାନଙ୍କୁ ନେଇ ମହାବୀର ଶିଶୁଶ୍ରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଭବାନୀପାଟଣା ସହର ବିଭିନ୍ନ ୱାର୍ଡର କୁନିକୁନି ଶିଶୁମାନେ ଭାଗ ନେଇଥିଲେ। ବିଶେଷଜ୍ଞ ଡା. ଦିନବନ୍ଧୁ ସାହୁ, ଡା. ନିହାରରଞ୍ଜନ ପଣ୍ଡାଙ୍କ ଦ୍ୱାରା ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ବୁଦ୍ଧିମତା ପରୀକ୍ଷା କରାଯାଇଥିଲା। ଚଳିତ ୨୦୧୯ ବର୍ଷ ମହାବୀର ଶିଶୁଶ୍ରୀ ଭାବେ ସ୍ୱସ୍ତିକ ମିଶ୍ର ବିଜେତା ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନ ଅଭିନନ୍ଦନ ମିଶ୍ର, ତୃତୀୟ ସ୍ଥାନ ଜୟା ପରବିନ୍ ହୋଇଥିଲେ। ମହାବୀର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବରଗଡ ଧନୁଯାତ୍ରାର ପୂର୍ବତନ କଂସ ମହାରାଜ ଗୋପାଳ ସାହୁ (ଏଲି) ମହାବୀର ଶିଶୁଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ।

### ■ ଅବକାରୀ ନିୟମକୁ ମଦ ବ୍ୟବସାୟୀଙ୍କ ବେଖାତିର

# ଦୋକାନ ଆଗରେ ଦର ତାଲିକା ଟାଙ୍ଗୁ ନାହାନ୍ତି

**ଭବାନୀପାଟଣା,୧୪।୧୧(ସ୍ୱ.ପ୍ର.)**

■ ଠିପି ବନ୍ଦ ମଦ ଦୋକାନରେ ଚାଲିଛି ଠିପି ଖୋଲା କାରବାର
■ ନୀରବ ଦ୍ରଷ୍ଟା ସାଜିଛି ଅବକାରୀ ବିଭାଗ

କଳାହାଣ୍ଡି ଜିଲାରେ ଲାଇସେନ୍ସପ୍ରାପ୍ତ ମଦ ବ୍ୟବସାୟୀମାନେ ଅବକାରୀ ନିୟମକୁ ବେଖାତିର କରୁଛନ୍ତି। ସେମାନେ ଠିପି ବନ୍ଦ ମଦ ଦୋକାନରେ ଠିପି ଖୋଲା କାରବାର ଚଳାଇଛନ୍ତି। ମଦ ଦୋକାନ ଆଗରେ ମଦର ଦର, ତାଲିକା ଟାଙ୍ଗିବା ପାଇଁ ନିୟମ ରହିଥିବାବେଳେ ସମ୍ପୃକ୍ତ ମଦ ବ୍ୟବସାୟୀମାନେ ଏହା ବେଖାତିର କରୁଛନ୍ତି। ଏହି ନିୟମ ବିରୋଧରେ କାର୍ଯ୍ୟ କରୁଥିବା ମଦ ବ୍ୟବସାୟୀଙ୍କ ଉପରେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଏହା ମଦ ବ୍ୟବସାୟୀଙ୍କ ସହିତ ଅବକାରୀ ବିଭାଗର ସଲାସୁତୁରା ବୋଲି ପ୍ରମାଣିତ ହେଉଛି। ଏପଟେ ମଦ ବ୍ୟବସାୟୀମାନେ ମଦର ଦର ତାଲିକା ଦୋକାନ ଆଗରେ ଟାଙ୍ଗି ଫଟୋ ଉଠାଇ ବିଭାଗକୁ ପଠାଉଥିବା ଅବକାରୀ ଅଧିକ୍ଷକଙ୍କଠୁ ଜଣାପଡେ। ବାସ୍ତବିକ ଫଟୋ ଉଠାଇବାର ଦିନେ ଦୁଇଦିନ ପରେ ଏହି ତାଲିକାକୁ ମଦ ବ୍ୟବସାୟୀମାନେ ଖୋଲିଦେଉଛନ୍ତି। ଏଭଳି ପ୍ରାୟ ଅଧିକାଂଶ ଦୋକାନୀ ଅବକାରୀ ବିଭାଗକୁ ଦିନ ଦ୍ୱିପହରେ ଭୁଆଁ ବୁଲାଉଛନ୍ତି। ମଦ ଦୋକାନୀମାନେ ନିୟମ ମାନି କାର୍ଯ୍ୟ କରୁଛନ୍ତି ଭାବି ଅବକାରୀ ବିଭାଗ ବି ଚୁପ୍ ବସିଯାଉଛି। ବିଭିନ୍ନ ସମୟରେ ଜିଲାରେ ଥିବା ଏହି ଦୋକାନମାନଙ୍କରେ ଅତର୍କିତ ଚଢାଉ କରାଗଲେ କେଉଁମାନେ ଦର ତାଲିକା ଟାଙ୍ଗୁଛନ୍ତି ଓ କେଉଁମାନେ ଟାଙ୍ଗୁ ନାହାନ୍ତି ତାହା ଜଣାପଡନ୍ତା। ଅବକାରୀ ବିଭାଗ ଚଢାଉ ତ ଦୂରର କଥା ଏଥିପ୍ରତି ନୀରବ ଦ୍ରଷ୍ଟା ସାଜିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ମଦ ଦର ତାଲିକା ନ ଟାଙ୍ଗିବା ଯୋଗୁଁ ମଦ ବ୍ୟବସାୟୀମାନେ ମନଇଚ୍ଛା ଚଢାଦରରେ ମଦ ବିକ୍ରି କରୁଥିବା ଜଣାପଡିଛି। ସେହିପରି ଠିପି ବନ୍ଦ ମଦ ଦୋକାନରେ ମଦ ପିଇବାର ନିୟମ ନ ଥିବାବେଳେ ଅଧିକାଂଶ ଦୋକାନ ଆଗରେ ଲୋକମାନେ ଠିପି ଖୋଲି ମଦ ପିଉଥିବା ଦେଖିବାକୁ ମିଳିଛି। ଏହାକୁ ସମ୍ପୃକ୍ତ ଦୋକାନୀମାନେ ପ୍ରୋତ୍ସାହିତ କରୁଛନ୍ତି। ଠିପି ଖୋଲା ମଦ ଦୋକାନ ପାଇଁ ଅଧିକ ଟିକସ ଦେବାର ନିୟମ ଥିବାବେଳେ ଠିପି ବନ୍ଦ ଦୋକାନୀମାନେ ଠିପିଖୋଲା କାରବାର ଚଳାଇ ସରକାରୀ ଟିକସ ଫାଙ୍କୁଛନ୍ତି। ଜନବସ୍ତି, ମନ୍ଦିର, ଶିକ୍ଷାନୁଷ୍ଠାନ ନିକଟରେ ମଦ ଦୋକାନ ଖୋଲିବା ନିୟମ ନ ଥିବାବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅନେକ ମଦ ଦୋକାନଗୁଡିକ ଏବେ ଜନବସତି, ରାସ୍ତାକଡ, ଶିକ୍ଷାନୁଷ୍ଠାନ, ମନ୍ଦିର ନିକଟରେ ରହିଛି। ଜିଲା ଅବକାରୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ କଳାହାଣ୍ଡି ଜିଲାରେ ସମୁଦାୟ ୩୧ଟି ଠିପିବନ୍ଦ ମଦ ଦୋକାନ ରହିଛି। ସେଥିମଧ୍ୟରୁ ସହରାଞ୍ଚଳରେ ୧୧ଟି ଓ ଗ୍ରାମାଞ୍ଚଳରେ ୨୦ଟି ମଦ ଦୋକାନ ରହିଛି।

**ରିପୋର୍ଟ–ଉତ୍ତମ କୁମାର ଦାଶ।**



‘ଯେଉଁ ଦୋକାନୀମାନେ ମଦର ଦର ତାଲିକା ଟାଙ୍ଗୁନାହାନ୍ତି ତାଙ୍କ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଚଢାଦରରେ ମଦ ବିକ୍ରି କରୁଥିବା ବ୍ୟବସାୟୀଙ୍କ ଉପରେ ମଧ ଜରିମନା ଲଗାଯିବ’ ।
**ଅବକାରୀ ଅଧୀକ୍ଷକ, ଡମ୍ବରୁଧର ଖଣ୍ଡା।**



ସତ୍ୟସାଇ ସେବା ସଙ୍ଗଠନ ଓ ସତ୍ୟସାଇ ଭଜନ ମଣ୍ଡଳୀର କର୍ମକର୍ତ୍ତାଗଣ।

## ସତ୍ୟସାଇ ମନ୍ଦିର ପ୍ରତିଷ୍ଠା, ସପ୍ତ ବିଂଶତମ ବାର୍ଷିକ ଉତ୍ସବ

**କର୍ଲାମୁଣ୍ଡା,୧୪।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ଆରଆଇ ଅଫିସ ନିକଟରେ ନବନିର୍ମିତ ସତ୍ୟସାଇ ମନ୍ଦିର ପ୍ରତିଷ୍ଠା ଓ ସପ୍ତବିଂଶତମ ବାର୍ଷିକ ଉତ୍ସବ ମହାସମାରୋହରେ ଗୁରୁବାର ପାଳିତ ହୋଇଯାଇଛି। ସତ୍ୟସାଇ ସେବା ସଙ୍ଗଠନ ଓଡିଶା କଳାହାଣ୍ଡି ମ.ରାମପୁର ଓ ସତ୍ୟସାଇ ଭଜନ ମଣ୍ଡଳୀ ଯୋରାଡବରା ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ବୁଧବାର କଳସ ଯାତ୍ରା ଅଧିବାସ ହୋଇଥିବା ବେଳେ ଗୁରୁବାର ସତ୍ୟସାଇ ବାବାଙ୍କ ବିଗ୍ରହ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ସତ୍ୟସାଇ ସେବା ସଦନର ରାଜ୍ୟ ଉପସଭାପତି ଡ. ରସରାଜ ଠାକୁର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜିଲା ସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ବେଣୁଧର କୁମାର ପ୍ରମୁଖ ଯୋଗଦେଇ ସତ୍ୟସାଇଙ୍କ ଜୀବନି କାହାଣୀ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୃଷିକେଶ ସାହୁ, କିସନଲାଲ ସାହୁ, ବିଜୟ ସାହୁ, ଦେବେନ୍ଦ୍ର ସାହୁ, ଯାଦୁଦାସ ଭୋଇ, ଭୁବନେଶ୍ୱର ସାହୁ, ଶିବରାମ ସାହୁ, ବିଜୟ ଦାସ, ଯୋଶବନ୍ତ ସାହୁ, ଭଜନ ମଣ୍ଡଳୀର ଉପଦେଷ୍ଟା କୃଷ୍ଣଚନ୍ଦ୍ର ପାତ୍ର, ଅର୍ଏଁଲାପାଲି ଭଜନ ମଣ୍ଡଳୀରୁ ଅୟକର ସାହୁ, ନନ୍ଦକିଶୋର ସାହୁ, ତ୍ରିନାଥ ସାହୁ, ଶଶିଭୂଷଣ ସାହୁ, ପିପଲପଦର ସେବାଗ୍ରୁପରୁ ମୀନ ବେହେରା, ଯୁବରାଜ ସାହୁ ତଥା ଯୋରଡବରା ଗ୍ରାମବାସୀ ସହଯୋଗ କରିଥିଲେ।

## ଶ୍ରୀସତ୍ୟସାଇ ଆନ୍ତଃ ବିଦ୍ୟାଳୟ ବାଳବିକାଶ ସମ୍ମିଳନୀ

**ଭବାନୀପାଟଣା,୧୪।୧୧(ଡି.ଏନ.ଏ.)**

ମୂଲ୍ୟଭିତ୍ତିକ ଶିକ୍ଷା ଉଦ୍ଦେଶ୍ୟରେ ଓଡିଶା ଶ୍ରୀ ସତ୍ୟସାଇ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍ଥାନୀୟ ଶ୍ରୀ ସତ୍ୟସାଇ ବିଦ୍ୟା ମନ୍ଦିର ଭବାନୀପାଟଣା ପ୍ରାଙ୍ଗଣରେ ଗତ ୩ ଦିନ ଧରି ଚାଲିଥିବା ଆଧାତ୍ମିକ ପରିବେଶ ମଧ୍ୟରେ ହର୍ଷ ଉଲ୍ଲାସରେ ସହିତ ଗୁରୁବାର ଉଦ୍‌ଯାପିତ ହୋଇଛି। ଶ୍ରୀ ସତ୍ୟସାଇ ସେବା ସଂସ୍ଥାନର ଓଡିଶାର ସଭାପତି ନାରାୟଣ ପ୍ରସାଦ ସର୍ ଏବଂ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ମୂଲ୍ୟବୋଧ ଭିତ୍ତିକ ପ୍ରକଳ୍ପଗୁଡିକ ପ୍ରଦର୍ଶନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଇଞ୍ଜିନିୟର ସଚ୍ଚିଦାନନ୍ଦ ଯୋଗଦାନ କରିଥିଲେ ଏବଂ ବିବେକ ଅନୁମୋଦିତ ମୂଲ୍ୟବୋଧ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ପରିବେଶ ମୁଖରିତ ହୋଇଥିଲା। ବିଜୟୀ ପ୍ରତିଯୋଗୀଙ୍କ ପ୍ରୋତ୍ସାହନ ସ୍ୱରୂପ ପୁରସ୍କାର ବିତରଣ କରାଯାଇଥିଲା। ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଆଳତୀ ପ୍ରଦାନ କରି କାର୍ଯ୍ୟକ୍ରମ ପୂର୍ଣ୍ଣାହୁତି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନେକ ବାଳବିକାଶ ପ୍ରଶିକ୍ଷକ, ସାଇଭକ୍ତ, ଅଭିଭାବକ ଗଣ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ଏକ ଭବ୍ୟ, ଦିବ୍ୟ ପ୍ରତିଛବିକୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ସାଇ ଭଜନ ଗାନ କରି ନଗର ପରିକ୍ରମା କରିଥିଲେ।



ଉଦ୍‌ଯାପିତ କାର୍ଯ୍ୟକ୍ରମରେ ଛାତ୍ରୀମାନେ ସଙ୍ଗୀତ ଗାନ କରୁଛନ୍ତି ।

## ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଠକାମିର ଶିକାର, ୪ କୋର୍ଟଚାଲାଣ

**ଭବାନୀପାଟଣା,୧୪।୧୧(ଡି.ଏନ.ଏ.)**

ସ୍ଥାନୀୟ ମନ୍ଦାରବଗିଚାପଡାସ୍ଥିତ ଜିଲା ବ୍ୟାୟାମଗାର ସମ୍ମୁଖରେ ଇ.ଗ୍ରାମ କେନ୍ଦ୍ର ନାମରେ ଏକ କାର୍ଯ୍ୟାଳୟ ଖୋଲି ଗରିବ ଲୋକଙ୍କଠାରୁ ପାଞ୍ଚ ଶହ ଟଙ୍କା ଲେଖାଏଁ ସଂଗ୍ରହ କରୁଥିଲେ। କିଛି ମହିଳା ସେହି ଇ.ଗ୍ରାମ କେନ୍ଦ୍ରକୁ ଆସି କାର୍ଯ୍ୟାଳୟକୁ ଆସି ବୁଝିବା ବେଳକୁ ଏହା ଠକ ସଂସ୍ଥା ଓ ନକଲି ସଂସ୍ଥା ବୋଲି ଜଣାପଡିଥିଲା। ଘଟଣା ସମ୍ପର୍କରେ କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ଜଣାଇବା ପରେ ଟାଉନ୍ ଥାନା ପୋଲିସ ପହଞ୍ଚି ତଦନ୍ତ କରି ଇ.ଗ୍ରାମ କେନ୍ଦ୍ରର କର୍ମଚାରୀମାନଙ୍କୁ ଥାନାକୁ ନେଇ ପଚରାଉଚୁରା ଚଳାଇଛନ୍ତି। ଫେଡେରାଲ ବ୍ୟାଙ୍କର ବିନା ସୂଚନାରେ ଏନ୍‌ଆର୍‌ଆଇ ଆକାଉଣ୍ଟ ଖୁଲୁଥିଲା, ଯାହାକି ଆଇନ ବିରୋଧ ଏବଂ ଏହି ଠକ ସଂସ୍ଥା ଜିଲାର ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କଠାରୁ ସମସ୍ତ କାଗଜପତ୍ର ନେଇ ୮୦ ହଜାର ଟଙ୍କା ପାଇବ ବୋଲି ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କଠାରୁ ପାଞ୍ଚ ଶହ ଟଙ୍କା ଲେଖାଏଁ ସଂଗ୍ରହ କରିଥିବା ଜଣାପଡିଛି। ଏହି ଘଟଣାରେ ଥାନାକୁ ଆଣି ପଚାରା ଉଚରା କରୁଥିବା ସୋନୁ ତାଣ୍ଡି, ତନୁର୍ଯ୍ୟ ଭୋଇ, ଲକ୍ଷ୍ମଣ ତାଣ୍ଡି, ସନାତନ ସାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିବାବେଳେ ଘଟଣାର ମାଷ୍ଟର ମାଇଣ୍ଡ ଦିନବନ୍ଧୁ ବେହେରା ଫେରାର ଥିବା ପ୍ରକାଶ।



ଉଦ୍‌ଯାପନୀ ମ୍ୟାଚ୍‌ରେ ଯୋଗଦେଇଥିବା ଅତିଥିଗଣ।

## ଜୟ ଜଗନ୍ନାଥ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: ଧର୍ମଗଡ଼ ଚାମ୍ପିୟନ

**ଜୁନାଗଡ,୧୪।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାଲୋପଲା ଗଣ୍ଡାନାଳ ପଡିଆରେ ଗତ ୧୦ ତାରିଖଠୁ ଚାଲିଥିବା ଜୟଜଗନ୍ନାଥ ପଞ୍ଚ ଦିବସୀୟ ନକଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଧର୍ମଗଡ ଓ ବି କର୍ଲାକୋଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗଡ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫାଇନାଲ ଖେଳକୁ ତାପସ ଦାଶ, ଗୌତମ ମାଝି, ଗଣାଦ୍ୱୀପ ପୂଝାରୀ ପରିଚାଳନା କରିଥିଲେ। ବିଷ୍ଣୁ ପ୍ରସାଦ ସିଂ ଏଙ୍କରିଙ୍ଗ କରିଥିଲେ। କାଲୋପଲା ଫୁଟବଲ ଆଶୋସିଏଶନ ପକ୍ଷରୁ ଅନୁଷ୍ଠିତ ଟୁର୍ନାମେଣ୍ଟ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପୂର୍ବତନ ପୌରାଧକ୍ଷ ଆଦିତ୍ୟ ପ୍ରସାଦ ନନ୍ଦ, ସମ୍ମାନିତ ଅତିଥି ଭାବେ ଜୁନାଗଡ ପୂର୍ବତନ ଏନ୍‌ଏସି ଅଧକ୍ଷ ମହେଶ ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ବିଜେଡି ଯୁବ ନେତା ଦିନେଶ ବରର୍ଗୀ, କାମାକ୍ଷ ପ୍ରସାଦ ପ୍ରଧାନୀ, ରିଙ୍କୁ ବେହେରା, ସ୍ଥାନୀୟ ସମିତି ସଭ୍ୟ ସତ୍ୟନାରାୟଣ ବେହେରା, ଫୁଟବଲ ଆଶୋସିଏଶନ୍ ସଭାପତି ତଥା ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଧନେଶ୍ୱର ନାଏକ, ଉପସଭାପତି ମୁକୁନ୍ଦ ଶବର, ସମ୍ପାଦକ ଶ୍ରୀନିବାସ ରାଉତ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉମେଶ ଚନ୍ଦ୍ର ସିଂ, ଅର୍ଜୁନ ବାଗ, ଜୟଲାଲ ସିଂ, ଜିତେନ୍ଦ୍ର ମଙ୍ଗରାଜ, ଲଛମନ ଗହୀର, ତେଜରାଜ ଗୋପାଳ, ବିକାଶ ଗୋପାଳ, ବିକାଶ ସିଂ, ରୁବେନ ସିଂ, ଦୟା ସିଂ, ଜହରଲାଲ ସିଂ, ରୋଶନ ସିଂ, ଧଲପଦ୍ମ ଗୋପାଳ ପ୍ରମୁଖ ସହଯୋଗ କରିଥିଲେ। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଯୋଗଦେଇଥିଲେ।

### ■ ଛୋରିଆଗଡରେ ଶିଶୁ ମହୋତ୍ସବ ଉଦ୍‌ଯାପିତ

# ୩ ଶହ ଛାତ୍ରୀଛାତ୍ର ପୁରସ୍କୃତ

**ଜୁନାଗଡ,୧୪।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡ ଜୟଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ଗତ ୧ ସପ୍ତାହ ଧରି କର୍ତ୍ତବ୍ୟ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ଶିଶୁ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ଠାକୁର, ମୁଖ୍ୟବକ୍ତା ଭାବେ ଆଇନଜୀବୀ କଲ୍ୟାଣୀ ନାଏକ, ସମ୍ମାନିତ ଅତିଥି ଭାବେ କର୍ତ୍ତବ୍ୟ ଅଧକ୍ଷ ମାର୍କଣ୍ଡ ନାଏକ, ପୂର୍ବତନ ସରପଞ୍ଚ ବୈଦନାଥ ଗୁରୁ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରବୀର କୁମାର ନାୟକ, ସାମାଜିକ କର୍ମୀ ଦିଲୀପ ଠାକୁର ପ୍ରମୁଖ ଯୋଗଦେଇଥିଲେ। ଏହି ଉପଲକ୍ଷେ କର୍ତ୍ତବ୍ୟ ଅନୁଷ୍ଠାନ ପକ୍ଷରୁ ଗତ ସପ୍ତାହ ଧରି ଜୁନାଗଡ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଦୌଡଡିଆଁ ଝୋଟି, ଧିର ସାଇକେଲ ଚାଳନା, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, ବିତର୍କ ଆଦି ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା। ଏଥିରେ ପ୍ରାୟ ୨ହଜାର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ କୃତୀ ୩ଶହ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କର୍ତ୍ତବ୍ୟ ପ୍ରକଳ୍ପ ପରିଚାଳିକା ଦିପ୍ତିମୟୀ ବାରିକ ପରିଚାଳନା କରିଥିଲେ। ସେହିପରି କର୍ତ୍ତବ୍ୟ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ପଦ କୁମାର ଦାଶ, ସନ୍ତୋଷ କୁମାର ଦାଶ, ଆଲୋକ ପ୍ରଧାନ, ଦିବ୍ୟ ଶଙ୍କର ବେହେରୁକ, ତ୍ରିନାଥ ମହାଲିକ, ଶିକ୍ଷକ ବନମାଳୀ ମେହେର, ଭିଷ୍ମରଥି ନାଏକ, ସଞ୍ଜୟ ମେହେର, ଅଭିମନ୍ୟୁ ବାରିକ, ଗୋପୀନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।




ଶିଶୁ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

### ■ ୨୨ରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ କ୍ୟାମ୍ପ କୋର୍ଟ

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ସମୀକ୍ଷା

**ଭବାନୀପାଟଣା,୧୪।୧୧(ଡି.ଏନ.ଏ.)**

ଭବାନୀପାଟଣାଠାରେ ଆସନ୍ତା ୨୨ ତାରିଖରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏକ କ୍ୟାମ୍ପ କୋର୍ଟ ଓ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହେବ। ଏ ନେଇ ବୁଧବାର ସନ୍ଧ୍ୟାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଭାପତି ସନ୍ଧ୍ୟାବତୀ ପ୍ରଧାନ ସୂଚନା ଦେଇଛନ୍ତି। ନିତି ଆୟୋଗଙ୍କ ବିଭିନ୍ନ ଦୃଷ୍ଟିକୋଣରୁ ନିର୍ଦ୍ଧାରିତ ହୋଇଥିବା ଦେଶର ୧୧୫ଟି ଜିଲା ମଧ୍ୟରୁ କଳାହାଣ୍ଡି ଜିଲା ଆସ୍ପିରେସନ ଜିଲାରେ ରହିଛି। ଜିଲାର ଏମ୍‌ଏମ୍‌ଆର୍, ଆଇଏମ୍‌ଆର୍, ଦାଦନ ଶ୍ରମିକ ସମସ୍ୟା ସମେତ ବିଭିନ୍ନ ସମସ୍ୟାକୁ ନେଇ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ଆସନ୍ତା ୨୨ ତାରିଖରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଭବାନୀପାଟଣା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭା ଗୃହରେ ଏକ କ୍ୟାମ୍ପ କୋର୍ଟ କରିବା ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ଏଥି ନିମନ୍ତେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଜିଲାରେ ହୋଇଥିବା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା ବୈଠକ କରିଥିଲେ। ଏଥିରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟ ହରିହର ନାଏକ, ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ଭବାନୀପାଟଣା ଉପଜିଲାପାଳ ସୁସାନ୍ତ ସିଂ ଓ ଧର୍ମଗଡ ଉପଜିଲାପାଳ, ଜିଲା ପରିଷଦର ଅଧକ୍ଷା ନମିତାରାଣୀ ସାହୁ, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ରାଜେଶ କୁମାର ନାୟକ ଓ ସମସ୍ତ ସଦସ୍ୟ, ଜିଲା ଶିଶୁ ସୁରକ୍ଷା ୟୁନିଟର ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ସମସ୍ତ କର୍ମକର୍ତ୍ତା, ଜେଜେବି ସଦସ୍ୟ ଓ ସଦସ୍ୟା, ସିଡିଏମ୍‌ଓ, ଡିଏସ୍‌ଡବ୍ଲୁଓ, ଡିଡବ୍ଲୁଓ, ଡିଇଓ, ବିଏଲ୍‌ଓଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ କଳାହାଣ୍ଡି ଗସ୍ତର ନୋଡାଲ ଅଧିକାରୀ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ଆୟୋଗଙ୍କ କଳାହାଣ୍ଡି ଗସ୍ତକୁ ନେଇ ହୋଇଥିବା ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ତାଙ୍କର ଗସ୍ତ ସମୟରେ ଜିଲାରେ ବିଭିନ୍ନସ୍ତରରେ ନିର୍ଯାତିତ ଓ ଅବହେଳିତ ହେଉଥିବା ଶିଶୁମାନଙ୍କ ଏବଂ ଶିଶୁ ଅଧିକାରକ୍ଷୁର୍ଣ୍ଣ ହେଉଥିବା ବିଷୟ ସମ୍ପର୍କରେ ଜନସାଧାରଣଙ୍କଠାରୁ ଅଭିଯୋଗ ଆପତ୍ତି ଗ୍ରହଣ କରିବା ସହ ସମସ୍ତ ଅଭିଯୋଗ ଶୁଣାଣି କରିବା କାର୍ଯ୍ୟକ୍ରମ ରହିଛି। ବିଶେଷ କରି ଜିଲାରେ ଶିକ୍ଷା ଅଧିକାର ଆଇନ, ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର, ଅଙ୍ଗନୱାଡି କେନ୍ଦ୍ରରେ ହେଉଥିବା ଅନିୟମିତତା, ବିଭିନ୍ନ ସ୍କୁଲ ଓ ହଷ୍ଟେଲରେ ବିଦ୍ୟୁତ ଯୋଗାଣ ଓ ତତ୍‌ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗ, ବାଲ୍ୟ ବିବାହ, ପୋକ୍ସୋ ଆଇନ ଏବଂ ଶିଶୁମାନଙ୍କ ବିଭିନ୍ନ ସମସ୍ୟା ସହ ପୋଲିସ୍ ବିଭାଗ ଦ୍ୱାରା ଶିଶୁମାନେ ହେଉଥିବା ଅବହେଳା ସମ୍ପର୍କରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଜନସାଧାରଣଙ୍କଠାରୁ ଅଭିଯୋଗ ଆହ୍ୱାନ କରିଛନ୍ତି। ଆସନ୍ତା ୨୨ ତାରିଖରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏହି ସମସ୍ତ ଅଭିଯୋଗ ଉପରେ ଶୁଣାଣି କରିବା ସହ ବିଭିନ୍ନ ମାମଲାର ଦ୍ରୁତ ଫଇସଲା କରିବାର କାର୍ଯ୍ୟକ୍ରମ ରହିଛି। ଏଣୁ ଶିଶୁ ଅଧିକାର ସୁରକ୍ଷା କ୍ଷୁର୍ଣ୍ଣ ହେଉଥିବା ସମସ୍ତ ମାମଲାଗୁଡିକ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ କଳାହାଣ୍ଡି ଗସ୍ତ ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ବ୍ଲକ୍ କାର୍ଯ୍ୟାଳୟ ଓ ଜିଲା ଶିଶୁ ସୁରକ୍ଷା ୟୁନିଟରେ ଅଭିଯୋଗ ପତ୍ର ଦାଖଲ କରିବା ପାଇଁ ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ ଆହ୍ୱାନ କରିଛନ୍ତି।



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ ବୃନ୍ଦ।

# ଆବର୍ଜନା କୁଣ୍ଡ ନିର୍ମାଣ ନେଇ ଉତ୍ତେଜନା

**ରାଉରକେଲା ଅଫିସ,୧୪। ୧୧**

ଷ୍ଟିଲ ସିଟିରେ ବର୍ଜ୍ୟବସ୍ତୁ ପରିଚାଳନା ନେଇ ବିବାଦ ସୃଷ୍ଟି ହୋଇଥିଲା । ପରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଏହାର ସମାଧାନ କରିବାକୁ ଯାଇ ମହାନଗର ନିଗମ କର୍ତ୍ତୃପକ୍ଷ ଗୁରୁବାର ବିରୋଧର ସମ୍ମୁଖୀନ ହୋଇଥିଲେ। ଯାହାକୁ ନେଇ ବାସନ୍ତୀ କଲୋନୀ ନିକଟ ଲେପର୍ସି ବସ୍ତି ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । କେତେଜଣ ଲୋକ ଏହାକୁ ନେଇ ଆରଏମସି କାର୍ଯ୍ୟାଳୟକୁ ପ୍ରତିବାଦ କରିବାକୁ ଆସିଥିଲେ। ଘଟଣା ସ୍ଥଳରେ ଉତ୍ତେଜନା ସୃଷ୍ଟି ହେବାରୁ ପୋଲିସ ମୁତୟନ କରାଯାଇ ଥିଲା। ଲୋକଙ୍କୁ ବୁଝାସୁଝା କରିବାରୁ ପରିସ୍ଥିତି ଶାନ୍ତ ପଡିଥିଲା ।

ଏନେଇ ସ୍ମାର୍ଟ ସିଟି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାରୁ ସେମାନେ କହିଥିଲେ ଯେଉଁ କାରଣ ନେଇ ଲୋକେ ଆଶଙ୍କା ବ୍ୟକ୍ତ କରୁଛନ୍ତି ତାହା ଆଦୌ ସତ୍ୟ ନୁହେଁ। ରାଉରକେଲା ମହାନଗର ଅଞ୍ଚଳର ୪୦ଟି ୱାର୍ଡରୁ ସଂଗୃହୀତ ବର୍ଜ୍ୟ ପଦାର୍ଥକୁ କିପରି ଭାବେ ସୁପରିଚାଳନା କରାଯିବ ସେନେଇ ଆଧୁନିକ ପ୍ରଣାଳୀରେ ଯୋଜନା ପ୍ରସ୍ତୁତ କରାଯାଇଛି। ମହାନଗର ଅଞ୍ଚଳର ୧୦ଟି ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମସିସି) ମାଧ୍ୟମରେ ଉଭୟ ଓଦା ଓ ଶୁଖିଲା ବର୍ଜ୍ୟ ପଦାର୍ଥର ପରିଚାଳନା ନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ଏଭଳି ୧୦ଟି କ୍ଲଷ୍ଟରରେ ଏମସିସି ପ୍ରତିଷ୍ଠା କରାଯିବ। ଚିହ୍ନଟ ସ୍ଥାନରେ ୧୪ଟି କରି କୁଣ୍ଡ ନିର୍ମାଣ କରାଯିବ। ଏଥିରେ ଓଦା ଓ ଶୁଖିଲା ଅଲଗା କରି ବର୍ଜ୍ୟ ଢଳାଯିବ। ମଶା ମାଛି ଦାଉରୁ ଏହାକୁ ସୁରକ୍ଷିତ ରଖିବାକୁ ତାର ଜାଲି ଲଗାଯିବ। ଫଳରେ ବାହାର ମଶା ମାଛି ଏହା ଭିତରକୁ ପ୍ରବେଶ କରି ପାରିବେନି। ଏମିତି ବ୍ୟବସ୍ଥା ଦ୍ୱାରା ଏହାକୁ ସୁରକ୍ଷିତ ରଖାଯିବ। ଓଦା ବର୍ଜ୍ୟ ପଦାର୍ଥ ଖତରେ ପରିଣତ ହେବା ପରେ ଏହାକୁ ମାଗଣାରେ ଚାଷୀ ବା ଆଗ୍ରହୀ ଲୋକଙ୍କୁ ପ୍ରଦାନ କରାଯିବ। ଯାହାକୁ ବିଭିନ୍ନ ଫସଲରେ ଉପଯୋଗ କରାଯାଇ ପାରିବ। ସେହିଭଳି ପଲିଥିନ, ଠୁଙ୍ଗା, ଥର୍ମୋକୁଲ ଭଳି ଶୁଖିଲା ଦ୍ରବ୍ୟାଦିକୁ ଟାଙ୍କିରୁ କଢାଯିବା ପରେ ଅଖାରେ ଭର୍ତ୍ତି କରାଯିବ। ପରେ ଏହାକୁ ସିମେଣ୍ଟ ଉତ୍ପାଦନ ଭଳି କେତେକ କାରଖାନା ପଠାଯିବ।


ଆବର୍ଜନା କୁଣ୍ଡକୁ ବିରୋଧ କରୁଥିବା ବସ୍ତି ବାସିନ୍ଦା ଏକାଠି ହୋଇଛନ୍ତି ।

ଏପରି ଅବସ୍ଥାରେ ଏମ୍‌ସିସି ନିର୍ମାଣ ଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ କୌଣସି ପରିବେଶୀୟ ପ୍ରଭାବ ପଡିବନି । କାରଣ ସମ୍ପୃକ୍ତ ଏମସିସିରେ ଯେଉଁ ବର୍ଜ୍ୟ ପଦାର୍ଥ ରଖାଯିବ ତାହା ଏକାଧିକ ଦିନ ରହିବ ନାହିଁ। ଉଭୟ ଶୁଖିଲା ଓ ଓଦା ବର୍ଜ୍ୟ ସମୟାନୁସାରେ ସ୍ଥାନାନ୍ତର ହୋଇ ଚାଲିଥିବ। ଏଣୁ ଏନେଇ ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିବା ଅନୁଚିତ ବୋଲି ଆରଏମ୍‌ସି ପକ୍ଷରୁ ସ୍ପଷ୍ଟ କରିଛନ୍ତି ଜଣେ ଅଧିକାରୀ। ତେବେ ଏହାକୁ ନେଇ ଏମସିସି ପ୍ରତିଷ୍ଠା ଆରମ୍ଭରୁ ରାଜନୀତି ଆରମ୍ଭ ହୋଇଥିବା ସୂଚନା ମିଳିଛି। ତଥାପି ଚିହ୍ନଟ ସ୍ଥଳରେ ଏହାର ନିର୍ମାଣ ନେଇ ସୁରକ୍ଷା ବଳୟ ଭିତରେ ଗୁରୁବାର କାର୍ଯ୍ୟାରମ୍ଭ ହୋଇଥିବା ଜଣାପଡ଼ିଛି। ଯଦି ଏନେଇ ବିଳମ୍ବ କରାଯାଏ ତେବେ ମହାନଗର ଅଞ୍ଚଳରେ ବର୍ଜ୍ୟ ବସ୍ତୁ ପରିଚାଳନାରେ ଘୋର ବିଭ୍ରାଟ ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଛି। ଏଣେ ବର୍ଜ୍ୟ ପଦାର୍ଥ ପରିଚାଳନା ନେଇ ପ୍ରସ୍ତାବିତ କମ୍ପୋଷ୍ଟ କୁଣ୍ଡ ନିର୍ମାଣକୁ ସ୍ଥାନୀୟ ବାସିନ୍ଦା ଘୋର ବିରୋଧ କରିଛନ୍ତି। ସେମାନଙ୍କ କହିବାନୁସାରେ ଏହା ପ୍ରତିଷ୍ଠା କରାଗଲେ ଅଞ୍ଚଳରେ ପୂତିଗନ୍ଧମୟ ପରିସ୍ଥିତି ସୃଷ୍ଟି ହେବ। ଦୁର୍ଗନ୍ଧରେ ରହି ହେବ ନାହିଁ। ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପେ ବଣିଜ ପୁତ୍ରେ ଚାଷ;**
**ଗୋତି କରେ ସର୍ବନାଶ ।**

ବେପାର ବଣିଜରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଲୋଡ଼ା, ବ୍ୟବସାୟର ଦାୟିତ୍ୱ ନିଜେ ନ ନେଲେ କ୍ଷତିର ସମ୍ଭାବନା ରହିଥାଏ। ଚାଷରୁ ଭଲ ଅମଳ ପାଇବାକୁ ହେଲେ ମାଟି ସହ ମାଟି ହେବାକୁ ପଡ଼ିଥାଏ। ପରଲୋକ ନେଇ ଚାଷ କଲେ ଚାଷରେ ବିଶେଷ ଲାଭ ମିଳି ନ ଥାଏ। ସେହିପରି ପର ଘରେ ଯାଇ ଗୋତି ଖଟିବା ସବୁଠାରୁ ବଡ଼ ହୀନିମାନିଆ ଜୀବନ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆମ୍ବ କୋଇଲି,**
**ମୋ ଧନକୁ ଖଟୁଛନ୍ତି ଯୋଡ଼ା ପୋଇଲୀ ।**

କିଛି ବ୍ୟକ୍ତି ନିଜର ଥିଲାପଣିଆ ଦେଖେଇ ହୁଅନ୍ତି। ଯୋଡ଼ା ଯୋଡ଼ା ପୋଇଲୀ ବା ଚାକର ବାକର ଅଛନ୍ତି ଖଟୁଛନ୍ତି ମୋର ଆଉ ଚିନ୍ତା କ'ଣ, ଖାଲି ଗୋଡ଼ ଉପରେ ଗୋଡ଼ ପକେଇ ବସିରହିବା ନେଇ ଗର୍ବ କରି କଥା କହିଥାନ୍ତି। ଅନ୍ୟ ଆଗରେ ନିଜର ଚଳଣି, ଥାଟବାଟ ଜାହିର କରିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ଇଣ୍ଟରସିଟି ଗୋଲ୍ଡ କପ୍ ହକି ଟୁର୍ନାମେଣ୍ଟ

## ଭୁବନେଶ୍ୱର, ଓଡ଼ିଶା ପୋଲିସ ଟିମ୍ ବିଜୟୀ

**ରାଉରକେଲା ଅଫିସ, ୧୪।୧୧**

ସ୍ଥାନୀୟ ପାନପୋଷ ସ୍ପୋର୍ଟସ ହଷ୍ଟେଲ ହକି ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଟରସିଟି ଗୋଲ୍ଡ କପ୍ ହକି ଟୁର୍ନାମେଣ୍ଟର ୬ଷ୍ଠ ଦିନ ଖେଳ ଶେଷ ହୋଇଛି। ପୁରୁଷ ବର୍ଗରେ ପ୍ରଫେସନାଲ କ୍ୟାଟେଗୋରୀ ମ୍ୟାଚର ସେମିଫାଇନାଲ ମ୍ୟାଚ ଚୂଡ଼ାନ୍ତ ହୋଇଛି। ଏହି ସେମିଫାଇନାଲ ମ୍ୟାଚ ଆସନ୍ତା ୧୬ ତାରିଖ ପୂର୍ବାହ୍ନରେ ଅନୁଷ୍ଠିତ ହେବ। ଗୁରୁବାର ମହିଳା ପ୍ରଫେସନାଲ କ୍ୟାଟେଗୋରୀରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ସ୍ପୋର୍ଟସ ହଷ୍ଟେଲ ଭୁବନେଶ୍ୱର ଓ ରାଉରକେଲା ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଭୁବନେଶ୍ୱର ୩-୨ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଓଡିଶା ପୋଲିସ ମହିଳା ହକି ଦଳ ଓ ସୁନ୍ଦରଗଡ ମଧ୍ୟରେ ହୋଇଥିଲା। ଏଥିରେ ଓଡିଶା ପୋଲିସ ୯-୧ ଗୋଲରେ ବିଜୟୀ ହୋଇଥିଲା। ପୁରୁଷ କ୍ୟାଟେଗୋରୀରେ ସ୍ପୋର୍ଟସ ହଷ୍ଟେଲ ଭୁବନେଶ୍ୱର ଦଳ ଏସ୍‌ଇ ରେଳୱେ ବନ୍ଧମୁଣ୍ଡାକୁ ୭-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଓଡିଶା ପୋଲିସ ଓ ସ୍ପୋର୍ଟସ ହଷ୍ଟେଲ ପାନପୋଷ ୧-୧ ଏବଂ ଇଷ୍ଟକୋଷ୍ଟ ରେଳୱେ ଓ ସ୍ପୋର୍ଟସ ହଷ୍ଟେଲ ସୁନ୍ଦରଗଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୪-୪ ଗୋଲରେ ଡ୍ର ରହିଥିଲା। ସେହିପରି ସେଲ ହକି ଏକାଡେମୀ ରାଉରକେଲା ସ୍ପୋର୍ଟସ ହଷ୍ଟେଲ ବି ଦଳକୁ ୧୫-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଆସନ୍ତା ୧୬ ତାରିଖରେ ପ୍ରଥମ ସେମିଫାଇନାଲ ମ୍ୟାଚ ସ୍ପୋର୍ଟସ ହଷ୍ଟେଲ ଭୁବନେଶ୍ୱର ଓ ସେଲ ହକି ଏକାଡେମୀ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ମ୍ୟାଚ ସ୍ପୋର୍ଟସ ହଷ୍ଟେଲ ରାଉରକେଲା ଓ ଇଷ୍ଟକୋଷ୍ଟ ରେଳୱେ ମଧ୍ୟରେ ଅନୁଷ୍ଠିତ ହେବ।

## ଶିଶୁ ଦିବସ ସମାରୋହ | ବଡ଼ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

**ରାଉରକେଲା ଅଫିସ, ୧୪।୧୧**

ସେକ୍ଟର-୩ରେ ଓମ୍ ସାଇ ପ୍ଲେ ସ୍କୁଲ ପକ୍ଷରୁ ସେକ୍ଟର-୧୯ ସ୍ଥିତ ନେହେରୁ ଟ୍ରାଫିକ ପାର୍କରେ ଜବାହାରଲାଲ ନେହେରୁଙ୍କ ୧୩୧ତମ ଜୟନ୍ତୀ ଏବଂ ଶିଶୁ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରମଦା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଲିଲ ପଟ୍ଟନାୟକ ମୁଖ୍ୟବକ୍ତା, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ରାଉରକେଲା କେନ୍ଦ୍ରର ଆବାହକ ବୈଦ୍ୟନାଥ ଦାସ ମୁଖ୍ୟଅତିଥି, ସାମାଜିକ କର୍ମୀ ବାସୁଦେବ ବାନାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢ଼ିବା ସହ ଖେଳିବା ଓ ଗୁରୁଜନଙ୍କ କଥା ମାନି ବଡ଼ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଭାରତ୍ତୋଳନରେ ସୁନ୍ଦରଗଡ଼ ଜିଲାରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ଓ ୨ଥର ରୌପ୍ୟ ପଦକ ପାଇଥିବା ବିପାଶା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୁକ୍ତା ପତିହାରୀ, ଲିପି ଘୋଷ, ସୁଷମା ପାତ୍ର ପରିଚାଳନା କରିଥିଲେ। ପ୍ରିୟାଙ୍କା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନଙ୍କ ଗହଣରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀମାନେ।

### ଜିଲା କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ,୧୪।୧୧**

ଜିଲା କଂଗ୍ରେସ ପକ୍ଷରୁ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ କୋଏଲନଗରଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କଂଗ୍ରେସ ନେତା ରବି ରାୟଙ୍କ ନେତୃତ୍ୱରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ନେହେରୁଙ୍କ ସ୍ମୃତିଚାରଣ କରାଯାଇଥିଲା। ନେହେରୁଙ୍କ ନୀତି, ଆଦର୍ଶ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରୁଥିବ ବୋଲି ରାୟ କହିଥିଲେ। କାର୍ଯ୍ୟକ୍ରମରେ ଅଜିତ ସାମଲ, ଇଜାଜ ଅଖତର, ଲତା ନାୟକ, ଛବି ଦାସ, ଗୀତା ସିଂ, ସନ୍ଦୀପନ ମହାପାତ୍ର, ଦିନେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ ମଧୁମେହ ଦିବସ ଓ ସଚେତନତା କାର୍ଯ୍ୟକ୍ରମ

## 'ରୋଗୀ ସାରା ଜୀବନ ଇନ୍‌ସୁଲିନ ନେବାର ଆବଶ୍ୟକତା ନାହିଁ'

**ରାଉରକେଲା ଅଫିସ, ୧୪।୧୧**

ସ୍ଥାନୀୟ ସୁଇଟ ଲାଇଫ୍ ଡାଇବେଟିକ୍ କେୟାରଠାରେ ଗୁରୁବାର ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଡାକ୍ତର ଅଂଶୁମାନ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଧୁମେହ ରୋଗକୁ ନେଇ ସାରା ବିଶ୍ୱରେ ଯେଉଁ ନକାରାତ୍ମକ ବାର୍ତ୍ତା ପ୍ରସାରିତ ହୋଇଛି ତାହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ଡା. ନାଏକ କହିଛନ୍ତି। ସେ ଦର୍ଶାଇଥିଲେ, ମଧୁମେହ ଏକ ମାରାତ୍ମକ ରୋଗ ନୁହେଁ ବରଂ ଏହାକୁ ନିୟମିତ ବ୍ୟାୟାମ ଓ ଖାଦ୍ୟ କଟକଣା ଜରିଆରେ ନିୟନ୍ତ୍ରଣ କରାଯାଇପାରିବ। ଏହି ଉପଲକ୍ଷେ ଶତାଧିକ ମଧୁମେହରେ ଆକ୍ରାନ୍ତ ବ୍ୟକ୍ତି ଉପସ୍ଥିତ ରହି ରୋଗ ନିରାକରଣ ସମ୍ପର୍କିତ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇଥିବା ଅନେକ ବ୍ୟକ୍ତିଙ୍କୁ ଏହି ଅବସରରେ ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଡା. ନାଏକ କହିଲେ, ରୋଗୀ ଜୀବନ ସାରା ଇନ୍‌ସୁଲିନ ନେବାର ଯେଉଁ ଭ୍ରାନ୍ତ ଧାରଣା ରହିଛି ତାହା ସମ୍ପୂର୍ଣ୍ଣ ଅମୂଳକ । ଉପଯୁକ୍ତ ଉପଚାର କଲେ ନିୟମିତ ଔଷଧ ସେବନ ମଧ୍ୟ ଆବଶ୍ୟକ ପଡିବ ନାହିଁ । ଔଷଧ ଜରିଆରେ ନୁହେଁ ଖାଦ୍ୟପେୟ ନିୟନ୍ତ୍ରଣ କଲେ ଏହି ରୋଗରୁ ମୁକ୍ତି ମିଳିପାରିବ ବୋଲି ସେ କହିଥିଲେ। ମଧୁମେହ ରୋଗର ଚିକିତ୍ସା ଏବେ ଏକ ଜନଆନ୍ଦୋଳନର ରୂପ ନେଉଛି । ସଚେତନତା ହିଁ ଏହାର ଏକମାତ୍ର ବିକଳ୍ପ । ପୂର୍ବରୁ ଏହି ସଚେତନତା ସମସ୍ତଙ୍କ ମନରେ ଜାଗ୍ରତ କରିବା ପାଇଁ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କୁ ମଧୁମେହ ବାର୍ତ୍ତା ଉଲ୍ଲେଖ ଥିବା ଟି-ସାର୍ଟ ଓ ଟୋପି ଏବଂ ପୋଷ୍ଟର ଇତ୍ୟାଦି ପ୍ରଦାନ କରାଯାଇଥିଲା। ଏଥିରେ ବୈଦ୍ୟନାଥ ମିଶ୍ର ସଂଯୋଜନା କରିଥିଲେ । ଶିଳ୍ପପତି ସନତ କୁମାର ପ୍ରଧାନ, ନାରୀନେତ୍ରୀ ସୁରମା ମିଶ୍ର ତଥା ସିଭିଲ ଟାଉନସିପ୍ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।



ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ।

# ଜବାହାରଲାଲ ନେହେରୁଙ୍କ ଜୟନ୍ତୀ ପାଳିତ


କଂଗ୍ରେସ ପକ୍ଷରୁ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

**ରାଉରକେଲା ଅଫିସ, ୧୪।୧୧**

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ୧୩୧ତମ ଜୟନ୍ତୀ କଂଗ୍ରେସ ତରଫରୁ ଗୁରୁବାର ପାଳିତ ହୋଇଯାଇଛି। କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ତଥା କର୍ମକର୍ତ୍ତା କୋଏଲନଗର ଡି ବ୍ଲକ ଛକରେ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ନେହେରୁଙ୍କ ଆଧୁନିକ ଭାରତ ନିର୍ମାଣ କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ୍ କାରଖାନା ଏକ ଅଂଶବିଶେଷ ଥିଲା ବୋଲି କଂଗ୍ରେସ ନେତାମାନେ କହିଥିଲେ। ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ସେଠୀ, ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରି, ସନ୍ତୋଷ ବିଶ୍ୱାଳ, ଯୁବସଭାପତି ପ୍ରବୋଧ ଦାସ, ସେବାଦଳ ମୁଖ୍ୟ ବିନୋଦ ରାଉତ, ପ୍ରଫୁଲ୍ଲ ପ୍ରଧାନ, ଚକ୍ରଧର ମହାନ୍ତ, ସୁଧୀର ନାଥ, ସରୋଜ ପଟ୍ଟନାୟକ, ରତିକାନ୍ତ ମଲ୍ଲିକ, ସମସାଦ ହୁସେନ, ନାରୀନେତ୍ରୀ ରଣଜିତା ମଲ୍ଲିକ, ସରିତା ଟପ୍ପୋ, ମାରିନା ଲୁଗୁନ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା ୫୦ ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଗୋ ମନ୍ଦିର ସେବା ଟ୍ରଷ୍ଟ କର୍ମଚାରୀଙ୍କ ବୋନସ ଚୁକ୍ତିନାମା

ରାଉରକେଲା ଅଫିସ,୧୪। ୧୧- ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ ନେତୃତ୍ୱରେ ଗୁରୁବାର ଛେଣ୍ଡଠାରେ ଥିବା ଗୋ ମନ୍ଦିର ସେବା ଟ୍ରଷ୍ଟ ଓ ଶ୍ରମ ଦପ୍ତର କର୍ତ୍ତୃପକ୍ଷଙ୍କୁ ନେଇ ତ୍ରିପାକ୍ଷିକ ବୋନସ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏନେଇ ଦୀର୍ଘ ଦିନ ଧରି ଅସନ୍ତୋଷ ଲାଗି ରହିଥିବା ବେଳେ ଘଟଣାର ସମାଧାନ ଫଳରେ ଶ୍ରମିକ ମହଲରେ ସନ୍ତୋଷ ବ୍ୟକ୍ତ କରାଯାଇଛି। ୟୁନିୟନ ପକ୍ଷରୁ କେନ୍ଦ୍ରୀୟ ଉପାଧକ୍ଷ ବିଷ୍ଣୁ ମହାନ୍ତି, ସିଟୁ ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ, ଉପସାଧାରଣ ସମ୍ପାଦକ ବିମାନ ମାଇତି, ସମ୍ପାଦିକା ତାଜମୁନ ନେହେରା, ସମ୍ପାଦକ ଯଯାତୀ ସାହୁ, କେଦାର ଜେନା , ନାରାୟଣ ସାହୁ ପ୍ରମୁଖ ସ୍ୱାକ୍ଷର କରିଥିବା ବେଳେ ଅନୁଷ୍ଠାନ ପକ୍ଷରୁ ସଞ୍ଜୀବ ସାସମଲ, ବିଦ୍ୟୁଭୂଷଣ ଜେନା, ସଞ୍ଜନା ଜେନା, ଅଞ୍ଜଳି ସାହୁ ପ୍ରମୁଖ ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତିନାମା ସ୍ୱାକ୍ଷର ଫଳରେ ଶ୍ରମିକଙ୍କୁ ୨୦ ପ୍ରତିଶତ ବୋନସ ମିଳିବ। ଯାହାକୁ ନେଇ କର୍ମଚାରି ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି।

### ଟଙ୍କା ନ ଦେବାରୁ ବାପାଙ୍କୁ ମାଡ଼

ରୂପ୍ସା, ୧୪।୧୧(ଡି.ଏନ.ଏ.)

ନିଶା ସେବନ ପାଇଁ ଟଙ୍କା ନ ଦେବାରୁ ବୃଦ୍ଧ ବାପାଙ୍କୁ ପୁଅ ମାଡ଼ ମରାଯିବା ସହ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଶେଷରେ ନ୍ୟାୟ ପାଇଁ ବାପା ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ବାଧ ହୋଇ ଅଭିଯୁକ୍ତ ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଭଳି ଏକ ଘଟଣା ଘଟିଛି ବାଲେଶ୍ୱର ସଦର ବ୍ଲକ ରସଲପୁର ପଞ୍ଚାୟତ ମନୁଡ଼ିହା ଗ୍ରାମରେ। ମଙ୍ଗୁଳି ଦାସ (୬୦)ଙ୍କ ପୁଅ ମାୟାଧର ଦାସ ଅଧିକାଂଶ ଦିନ ବାପାଙ୍କୁ ଧମକ ଚମକ ଦେଇ ନିଶାସେବନ ପାଇଁ ଟଙ୍କା ମାଗୁଥିଲେ। ବୁଧବାର ସନ୍ଧ୍ୟାରେ ଏହି ଘଟଣାର ପୁନରାବୃତ୍ତି ହୋଇଥିଲା। ପଇସା ନ ଦେବାରୁ ମାୟାଧର ବାପାଙ୍କୁ ବିଧା ଗୋଇଠା ମାରିଥିଲେ। ଭୁଜାଲି ଦେଖାଇ ଜୀବନରୁ ମାରିଦେବାକୁ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ନିଶାଗ୍ରସ୍ତ ପୁଅର ଅତ୍ୟାଚାରରେ ଭୟଭୀତ ହୋଇ ବୃଦ୍ଧ ବାପା ଜଣକ ଗୁରୁବାର ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୩୫୫/୧୯) ରୁଜୁ କରି ଆଇଆଇସି ଧନେଶ୍ୱର ସାହୁ, ତଦନ୍ତ ଅଧିକାରୀ ଏସ୍ଆଇ ପ୍ରଶାନ୍ତ କୁମାର ପାଣି ଅଭିଯୁକ୍ତ ମାୟାଧରକୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ବାଲ୍ୟବିବାହ ରୋକିଲା ଚାଇଲ୍ଡଲାଇନ

ବସ୍ତା, ୧୪।୧୧(ସ୍ୱ.ପ୍ର.): ବାଲ୍ୟବିବାହ ବନ୍ଦ କରିବା ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ସଚେତନତା ସୃଷ୍ଟି କରୁଥିଲେ ମଧ ଏହାକୁ ସମ୍ପୂର୍ଣ୍ଣ ରୋକାଯାଇପାରୁନାହିଁ। ବସ୍ତା ବ୍ଲକ ସିଂଲା ଥାନା କଇନଗରୀ ପଞ୍ଚାୟତରେ ବୁଧବାର ବିଳମ୍ବିତ ରାତିରେ ଏକ ବାଲ୍ୟବିବାହ ଚାଲିଥିବା ବେଳେ ବାଲିଆପାଳ ଚାଇଲ୍ଡଲାଇନ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇ ଏହାକୁ ବନ୍ଦ କରାଯାଇଛି।

ଏହି ପଞ୍ଚାୟତର ଜଣେ ନାବାଳିକାଙ୍କ ବିବାହ ବସ୍ତା ଥାନା ଅଞ୍ଚଳର ଯୁବକଙ୍କ ସହ ସ୍ଥିର ହୋଇଥିଲା। ବୁଧବାର ରାତିରେ ବାହାଘର ଲାଗି ପ୍ରସ୍ତୁତି ଚାଲିଥିଲା ବେଳେ ବାଲିଆପାଳ ଚାଇଲ୍ଡଲାଇନ ଏହାକୁ ବନ୍ଦ କରିଥିଲା। ଏହାସହ ବାଲ୍ୟବିବାହ ନେଇ ଥିବା ଦଣ୍ଡବିଧି ଉପରେ କନ୍ୟା ମାତାପିତାଙ୍କୁ ସଚେତନ କରାଇଥିଲେ। ବସ୍ତା ସିଡିପିଓ ଚମ୍ପାମଣି ମୁର୍ମୁ, ଚାଇଲ୍ଡ ହେଲ୍ପଲାଇନର ଜିଲା ମୁଖ୍ୟ ପ୍ରଶାନ୍ତ ରାଉତ, ଟିମ୍ ମେମ୍ବର ଉତ୍ତମ ନାୟକ ପ୍ରମୁଖ ସାମିଲ ଥିଲେ। କନ୍ୟା ପିତା ଲିଖିତ ପ୍ରତିଶ୍ରୁତି ଚାଇଲ୍ଡଲାଇନକୁ ଦେବା ପରେ ବିବାହ ବନ୍ଦ ହୋଇଥିଲା।

# ସୁନ୍ଦରଗଡ଼ ମୋଟର କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା



ସୁନ୍ଦରଗଡ଼ ମୋଟର କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତାମାନେ ମଞ୍ଚାସୀନ।

ରାଉରକେଲା ଅଫିସ, ୧୪।୧୧

ଭାରତୀୟ ମଜଦୁର ସଂଘ କାର୍ଯ୍ୟାଳୟ ସେକ୍ଟର-୪ ସ୍ଥିତ ବିଶ୍ୱକର୍ମା ଭବନଠାରେ ସୁନ୍ଦରଗଡ଼ ମୋଟର କର୍ମଚାରୀ ସଂଘର ୨୬ତମ ବାର୍ଷିକ ଅଧିବେଶନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ସଙ୍ଗଠନର ପୂର୍ବ କାର୍ଯ୍ୟକାରିଣୀ ଭଙ୍ଗ କରାଯାଇ ନୂତନ କାର୍ଯ୍ୟକାରିଣୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସର୍ବଭାରତୀୟ ଷ୍ଟିଲ ଫେଡେରେଶନର ସାଧାରଣ ସମ୍ପାଦକ ରାଜେନ୍ଦ୍ରନାଥ ମହାନ୍ତ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ ନିର୍ବାଚନରେ ସର୍ବସମ୍ମତି କ୍ରମେ ଅମର ଜୟସ୍ୱାଲ ସଭାପତି, ଉପସଭାପତି ଗୋଲାପଚନ୍ଦ୍ର କୌଶିକ, ସୁକାନ୍ତ ନାଏକ, ସାଧାରଣ ସମ୍ପାଦକ ସଞ୍ଜୟ ଶତପଥୀ, ସମ୍ପାଦକ ଭାବେ ଗୁରନାମ ସିଂହ, ଜୟ କୁମାର ପ୍ରସାଦ, କୋଷାଧକ୍ଷ ଭାବେ ଗଗନ ବିହାରି ପରିଡ଼ା ଏବଂ ସଙ୍ଗଠନ ସମ୍ପାଦକ ଭାବେ ବିଜୟ ରାୟ ନିର୍ବାଚିତ ହୋଇଥିଲେ। ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ପ୍ରଫୁଲ୍ଲ ସିଂ, କେଶବ ଦାସ, ପ୍ରଶାନ୍ତ ସେଠୀ, ଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ମାହାଲି ନିର୍ବାଚିତ ହୋଇଥିବା ବେଳେ ନ୍ୟାୟିକ ଉପଦେଷ୍ଟା ଭାବେ ପି. ବାରିକ ମନୋନୀତ ହୋଇଥିଲେ। ବୈଠକରେ ପାରିତ ହୋଇଥିବା ପ୍ରସ୍ତାବ ଅନୁଯାୟୀ ଆଗାମୀ ୧ ବର୍ଷ ମଧରେ ସଂଘର ସଭ୍ୟ ସଂଖ୍ୟା ୧୦ ହଜାରକୁ ବୃଦ୍ଧି କରିବା, ସଂଘର ସମସ୍ତ ସଦସ୍ୟ ରାସ୍ତା ଦୁର୍ଘଟଣା ତଥା ରାସ୍ତାରେ ଅସୁବିଧାର ସମ୍ମୁଖୀନ ହେଉଥିବା ବ୍ୟକ୍ତି ବିଶେଷଙ୍କୁ ଆବଶ୍ୟକ ଅନୁଯାୟୀ ସହାୟତା କରିବାକୁ ସ୍ଥିର କରାଯାଇଥିଲା। ସଂଘର ପୂର୍ବତନ ସଭାପତି ବିବେକାନନ୍ଦ ମହାନ୍ତ ସଭାପତିତ୍ୱ କରିଥିଲେ। ଏହି ସଭାରେ ହିମାଂଶୁ ଶେଖର ବଳ, ପି.ବାରିକ ପ୍ରମୁଖ ଅଧିବକ୍ତା ଭାବେ ଯୋଗଦେଇଥିଲେ। ବିଜୟ ରାୟ ମଞ୍ଚ ପରିଚାଳନା କରିଥିବା ବେଳେ ଅମର ଜୟସ୍ୱାଲ ଧନ୍ୟବାଦ ଦେଇଥିଲେ।

**ବାତ୍ୟା କ୍ଷୟକ୍ଷତି ସମୀକ୍ଷା**

# ଧାମରାରେ କେନ୍ଦ୍ରୀୟ ଟିମ୍

ଭଦ୍ରକ ଅଫିସ/ଚାନ୍ଦବାଲି, ୧୪।୧୧(ଡି.ଏନ.ଏ.)

ବାତ୍ୟା 'ବୁଲ୍‌ବୁଲ୍' ପ୍ରଭାବରେ ଭଦ୍ରକ ଜିଲାର ଉପକୂଳବର୍ତ୍ତୀ ଚାନ୍ଦବାଲି, ଧାମରା ଓ ବାସୁଦେବପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାତ୍ୟା ହେବାର ସପ୍ତାହକ ପରେ ୭ ଜଣିଆ କେନ୍ଦ୍ରୀୟ ଟିମ୍ ଗୁରୁବାର ଅପରାହ୍ନରେ କ୍ଷତିଗ୍ରସ୍ତ ଧାମରା ଅଞ୍ଚଳ ପରିଦର୍ଶନ କରିବା ସହ କ୍ଷୟକ୍ଷତି ସମୀକ୍ଷା କରିଛନ୍ତି। ସେମାନେ ଜାଗୁଳା ପଞ୍ଚାୟତର ବଳଭଦ୍ରପ୍ରସାଦ ଗାଁକୁ ଯାଇ ବାତ୍ୟା ପ୍ରଭାବରେ ଧାନ ଫସଲ କିଭଳି ନଷ୍ଟ ହୋଇଛି, ପାଣିରେ ପଚିଯାଇ କ୍ଷତିଗ୍ରସ୍ତ ଧାନକେଣ୍ଡା ଦେଖିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଏକର ପିଛା ଚାଷୀମାନେ କେତେ ଟଙ୍କା ବ୍ୟୟ କରିଥିଲେ ଓ ବାତ୍ୟା ଯୋଗୁ ଏଭଳି କ୍ଷତି ପରେ କେତେ ଟଙ୍କାର ଅମଳ ହୋଇପାରିବ ବୋଲି ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାସୁଦେବପୁର ବିଡିଓ ପ୍ରଣବ ବେହେରା, ଚାନ୍ଦବାଲି ବିଡିଓ ଶ୍ୟାମସୁନ୍ଦର ଟୁଡ଼ୁ, ତହସିଲଦାର ସତ୍ୟଜିତ ରାଉତ ଓ ରାଜସ୍ୱ ସୁପରଭାଇଜର ଦାଶରଥି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସହେଲି ଘୋଷ ରାୟଙ୍କ ନେତୃତ୍ୱରେ ଆନ୍ତଃ-ମନ୍ତ୍ରଣାଳୟ ପ୍ରତିନିଧି ଦଳରେ ଶକ୍ତି ମନ୍ତ୍ରଣାଳୟର ମୁଖ୍ୟ ଯନ୍ତ୍ରୀ ବନ୍ଦନା ସିଂଘାଲ, ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ କନ୍ସଲଟାଣ୍ଟ ଦୀନା ନାଥ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଉପସଚିବ ଏସ୍.ଏସ୍ ମୋଦି, କେନ୍ଦ୍ରୀୟ ଜଳ ଆୟୋଗ ସୁପରିଣ୍ଟେଣ୍ଡେଣ୍ଟ ଯନ୍ତ୍ରୀ ଅମରିଶ ପାଲ୍‌ସିଂ, କୃଷି ବିଭାଗ ପାଟନାସ୍ଥିତ ଡିଆର୍‌ଡି ନିର୍ଦ୍ଦେଶକ ବୀରେନ୍ଦ୍ର ସିଂହ ଓ ସଡ଼କ ପରିବହନ ମନ୍ତ୍ରଣାଳୟର ଭୁବନେଶ୍ୱର ଆଞ୍ଚଳିକ ଅଧିକାରୀ ସୁନୀଲ କୁମାର ସାମିଲ ଥିଲେ।

---

No. RR-29:

ଓଡ଼ିଶା ସରକାର

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ**

# "ଅକ୍ଷର"

## ୨ୟ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ

ଡିସେମ୍ବର ୬ରୁ ୧୫, ୨୦୧୯

ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର

**ଷ୍ଟଲ ସଂରକ୍ଷଣ ନିମନ୍ତେ ଆଗ୍ରହୀ ପୁସ୍ତକ ପ୍ରକାଶକ, ବିତରକ ଓ ବିକ୍ରେତା ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ:**

ସଭାପତି, ରାଜଧାନୀ ପୁସ୍ତକ ମେଳା, ୭୮, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭

ଦୂରଭାଷ: ୯୪୩୭୧୩୩୩୬୮ / ୭୦୦୮୪୫୪୨୫୧ / ୭୬୫୫୮୬୧୪୩୪

**ଶେଷ ତାରିଖ: ୨୦।୧୧।୨୦୧୯**

ସହ-ଆୟୋଜନ:

ରାଜଧାନୀ ପୁସ୍ତକ ମେଳା, ଏକାମ୍ର ପୁସ୍ତକ ମହୋତ୍ସବ, କଳିଙ୍ଗ ପୁସ୍ତକ ମେଳା ଏବଂ ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ

03016/11/0002/1920

---

## DISTRICT PLANNING & MONITORING UNIT, PURI

**Office Order No.889 / Dtd: 11.11.2019**

**Tender Notice for Outsourcing of Manpower**

No.X-27 :- Bids in sealed cover are invited under two-bid system from reputed and experienced manpower service provider for providing Data Entry Operator / Field Enumerators for District Planning & Monitoring Unit (Statistical Wing), Puri. Intending agencies are required to download Tender Documents from Puri district website **(http://puri.nic.in)** from dt.16.11.2019. Last date of submission of bid is 30.11.2019 up to 3:00 PM **(Contact No.- 06752-223210)**

**Sd./-**
**Asst. Director (Statistics)**
**DOMU, Puri**

**21011/11/0002/1920**

---

## CENTRAL ELECTRICITY SUPPLY UTILITY OF ODISHA
## O/o. SUPERINTENDING ENGINEER (ELECT.)
**ELECTRICAL CIRCLE No. - 1, Unit - 8, BBSR - 12**

**NOTICE INVITING TENDER**

No.: CAD-564: Sealed tenders in two part bidding systems are invited from intending Manufacturers/Authorised Distributors/ Reputed Suppliers, who comply with the terms and conditions for the supply of different NSC materials. Approximately costing around 65 Lakh. Last date of receipt of bids is 21.11.19 upto 3.00 P.M. For details please visit our website **www.cescoorissa.com / www.cesuodisha.com**. Any amendments, corrigendum, time extension etc. will be uploaded in the above website only. The undersigned reserves the right to accept or reject any or all tenders without assigning any reason thereof.

04010/11/0003/1920 **Superintending Engineer (Elect.)**

---

GOVERNMENT OF ODISHA
## ELECTRICAL LICENSING BOARD
OFFICE OF THE ENGINEER-IN-CHIEF,ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA,
3RD FLOOR HEADS OF DEPARTMENT BUILDING, BHUBANESWAR-751 001.
Email-secyelbo@nic.in, Ph.0674-2394572

No. AA-16:

**NOTICE**

No. ELBO/SCC (MV & HT) EXAM /132/2019 / **1374** / Dated **11.11.2019**

The Supervisor Certificate of Competency (SCC) (MV & HT) Examination-2019 is scheduled to be conducted on **24.11.2019 (SUNDAY)** in two sittings as per the following:-

| | |
|---|---|
| 1) 1st Sitting - 10AM to 12Noon | Venue:- Directorate of Distance & Continuing Education (DDCE), Utkal University, Vanivihar, Bhubaneswar |
| 2) 2nd Sitting - 2PM to 4PM | |

Candidates are advised to reach the venue before 60 minutes of commencement of the Examination. The SMS has already been sent to eligible shortlisted candidates for downloading the Admit Card.

The applicants are also advised to visit the Website:- **eicelectricityodisha.nic.in** to view the list of eligible shortlisted candidates and download their Admit Card for appearing the Examination. No hard copy of Admit Card will be sent to the eligible shortlisted candidates.

04009/11/0002/1920 **Sd/-** SUPERINTENDING ENGINEER-CUM-SECRETARY, ELBO.

---

No. C-312:

GOVERNMENT OF ODISHA
OFFICE OF THE EXECUTIVE ENGINEER
## P.H. DIVISION, SAMBALPUR
Phone No.:(0663)-2412135, Fax No. : (0663) 2412335
Email ID : eephdsbp@gmail.com, eephsbp@nic.in

**NOTICE INVITING TENDERS**

**NATIONAL COMPETITIVE BIDDING THROUGH e-Procurement**

**Bid Identification No. EEPHSBP-13/2019-20 Dt. 08.11.2019**

| | | |
|---|---|---|
| 01. | Name of the Work | : 2 nos. Work. |
| 02. | Type of Bid. | : Single Bid System |
| 03. | Estimated Cost | : Rs. 18.87 lakhs to Rs. 28.01 lakhs |
| 04. | Period of Completion | : 3 (Three) Calendar Months. |
| 05. | Date & Time of availability of bid document in the portal | : From 11.00 AM of dt. 18.11.2019 to 5.00 PM of 01.12.2019. |
| 06. | Last date / time of receipt of bids in the portal | : 5.00 PM of 01.12.2019. |
| 07. | Date & Time of opening of Tender | : At 11.30 AM of 02.12.2019. |
| 08. | Name and Address of the Officer Inviting Bid | : Executive Engineer, P.H. Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

Further details can be seen from the web site http://tenders.ori.nic.in or www.tendersorissa.gov.in

Sd/- Executive Engineer
P.H. Division, Sambalpur

13026/11/0015/1920

---

C-310

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, PUBLIC HEALTH CIRCLE, SAMBALPUR, ODISHA.

E-mail id: - sephsbp@yahoo.in / sephsbp@gmail.com

**NATIONAL COMPETITIVE BIDDING THROUGH e-Procurement**

**Bid Identification No. SEPHSBP- 07 /2019-20 Dt. 08.11.2019**

| | | |
|---|---|---|
| 01. | Number of Work | : 1 no. |
| 02 | Type of Bid | : Two Bid system |
| 04 | Period of Completion | : 3 (Three) Calendar Month |
| 05 | Class of Contractor | : Contractors of 'B'/'A' Class |
| 06 | Date & Time of availability of bid document in the portal | : From 11.00 Hrs. of Dt. 19.11.2019 to 17.00 Hrs of 03.12.2019 |
| 07 | Last date / time of seeking clarification | : 17.00 Hrs of 25.11.2019 |
| 08 | Last date / time of receipt of bids in the portal | : 17.00 Hrs of 03.12.2019 |
| 09 | Date & Time of opening of Technical bids | : At 11.00 Hrs. of 06.12.2019 |
| 10 | Name and Address of the Officer Inviting Bid | : Superintending Engineer, P.H. Circle, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

Further details can be seen from the e-Procurement portal "http://www.tendersorissa.gov.in"

Sd/-
Superintending Engineer,
P.H. Circle, Sambalpur.

13018/11/0008/1920

---

No. CAD-568:

## Odisha State Medical Corporation Limited (OSMCL)
In front of Ram Mandir, Convent Square, Unit – III, Bhubaneswar -751 001
Tel. : (0674) 2380660/2380608
Website : www.osmcl.nic.in Email : logistics.osmcl.od@nic.in
*Assuring Quality, Saving Lives*

**NOTICE INVITING E-TENDER FOR SUPPLY OF ANTI-CANCER DRUGS AND MEDICAL CONSUMABLES (GROUP-III) FOR THE YEAR 2019-20**

Bid Ref. No. : **OSMCL/2019-20/DRUGS-DHS-ACD-GR-III/05** Date: 13 /11/2019

**Online Bids** through **e-Tender portal** (https://tendersodisha.gov.in) are invited from eligible bidders for **Supply of Anti-Cancer Drugs and Medical Consumables (Group-III)** as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 15 /11 /2019, 3 PM | |
| 2. | Date & time of Pre-bid meeting | 22 /11 /2019, 11:00 AM<br>Venue : Tender Evaluation Room, Odisha State Medical Corporation Ltd., In front of Ram Mandir, Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time<br>28 / 11 /2019, 3 PM | End Date & Time<br>12 / 12 /2019, 6.00 PM |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time<br>13 / 12 / 2019, 10 AM | End Date & Time<br>20 / 12 /2019, 11.00 AM |
| 5. | Date & time of online Technical bid opening | 20 / 12 / 2019, 11:00 AM | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.

**Sd/-**
**Managing Director**
**OSMCL**

10112/11/0015/1920

---

## COLLECTORATE,KORAPUT
**(SPORTS SECTION)**

**No.: 424/II 41 Sports - 2019** **Dated: 11.11.2019**

**Tender Call Notice for Construction of Wooden Badminton Court at Indoor Stadium, Koraput**

No.: TT-15: Sealed tenders are invited by Collectorate, Koraput (Sports Section) from reputed Firms/Agencies as per tender specifications for construction of "Wooden Badminton Court" at Indoor Stadium, Koraput. The detailed tender document may be downloaded from website **(www.koraput.nic.in)**.

Interested bidders may submit their sealed tender documents in the prescribed format mentioning "Wooden Badminton Court" on the cover of the envelope to the Collectorate, Koraput (Sports Section) by 25.11.2019 upto 5 P.M. Bidders are required to submit Technical Bid & the Financial Bid in the separate envelope through Register/Speed Post only.

The Technical & Financial Bid will be opened on 26.11.2019 at 4.00 P.M. in the presence of the district level committee members, bidders or their authorised representatives.

Tenders received after due date & time will not be accepted. Collectorate, Koraput (Sports Section) will not be responsible for postal delay or similar reasons.

Tenders sent through an electronic means shall not be accepted. Any Corrigendum/Addendum if any will be uploaded in the above mentioned website.

Collectorate, Koraput "Sports Section" reserves the right to accept or reject any or all tender without assigning any reason thereof. For any queries you may contact District Sports Officer, Koraput.
(Cell No.- 9437145404)

**Sd./- Addl. District Magistrate, Koraput**

24057/11/0002/1920

---

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER, MAYURBHANJ
IRRIGATION DIVISION, BARIPADA

No.A-382

e-mail: exen.mid@gmail.com, FAX/TEL: 06792-260442

**"E" PROCUREMENT NOTICE NO. 02MBJ/2019-20.**

| | |
|---|---|
| 1. Name of works | : i. Bank protection work on left bank of river Budhabalanga near village Angaragadia (Jambhirapal) under Kuliana Block<br>ii. Restoration to TRE from Baradihi to Parchipur on right bank of river Sono near village Baradihi as mentioned in the website. |
| 2. Total No. of works | : 02 (Two) Nos. of work. |
| 3. Estimated Cost | : Varies from 39.28 lakh to 44.54 lakh |
| 4. Class of Contractor | : 'C' & 'B' and 'B' & 'A' |
| 5. Period of completion | : As mentioned against work. |
| 6. Other details as follows | : |
| (i) Procurement Officer | : Executive Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : 15.11.2019 from 10.00 Hours to 29.11.2019 upto 17.00 Hours. |
| (iii) Date, time and place of opening of Bid. | : On 30.11.2019 at 11.00 Hours in the O/o the Executive Engineer, Mayurbhanj Irrigation Division, Baripada |
| (iv) Date of Transparent Lottery to be conducted (if required) | : On dt. 03.12.2019 at 11.00 AM. |
| 11. Further details can be seen from the 'e' Procurement Portal **http://tendersorissa.gov.in** | |

**Sd./- Executive Engineer,**
**Mayurbhanj Irrigation Division,**
**Baripada.**

32041/11/0004/1920

## ସଂକ୍ଷେପରେ

### ବସ୍ ପଛକୁ ଧକ୍କାଦେଲା ଟ୍ରକ୍: ଅନେକ ଆହତ

ଲହୁଣୀପଡା, ୧୪।୧୧ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଦର୍ଜିଂ ନିକଟସ୍ଥ ସାଲେଇପାଲିଠାରେ ଗୁରୁବାର ସନ୍ଧ୍ୟାରେ ଏକ ତୀର୍ଥଯାତ୍ରୀ ବସର ପଛରେ ଧକ୍କା ଦେଇଛି ଟ୍ରକ। ଅନେକ ତୀର୍ଥଯାତ୍ରୀ ଆହତ ହୋଇ ଲହୁଣୀପଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରାପ୍ତସୂଚନା ଅନୁସାରରେ କଟକ ଆଠଗଡରୁ ଏକ ତୀର୍ଥଯାତ୍ରୀ ବସ ବିଦୁଲତା ଓଡି ୦୫ ଟି- ୫୮୯୯ ଯୋଗେ ରାଉରକେଲା ପରିଦର୍ଶନ କରି ଆସିଥିଲେ। ରାଉରକେଲାରୁ ବାହାରି ଲହୁଣୀପଡା ପଟେ ଆସୁଥିବା ବେଳେ ସାଲେଇପାଲି ନିକଟରେ ଏକଟ୍ରକ ଓଡି ୧୯ କ୍ୟୁ- ୧୮୭୨ ତୀର୍ଥ ଯାତ୍ରୀ ବସର ପଛପଟୁ ଶକ୍ତ ଧକ୍କା ଦେଇଥିଲା । ଫଳରେ ବସରେ ବସିଥିବା ତୀର୍ଥଯାତ୍ରୀ ବନମାଳି ସାହୁ (୫୯), କାଳନ୍ଦି ସାହୁ (୭୬), ସୁଶାନ୍ତ ସାହୁ (୨୬),ରମେଶ ସାହୁ (୪୨), ହରିହର ସାହୁ (୬୧), ଦିନବନ୍ଧୁସାହୁ (୪୮), ଗୋଲକ ସାହୁ (୭୦), କୃଷ୍ଣଚନ୍ଦ୍ର ସାହୁ (୨୫), ପରେଶ କୁମାର ସାହୁ (୨୫) ଆହତ ହୋଇଥିବା ବେଳେ ଅନ୍ୟ କେତେକ ସାମାନ୍ୟ ଆହତ ହୋଇଥିବା ଜାଣିବାକୁ ମିଳେ । ଖବରପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଲହୁଣୀପଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇବା ସହିତ ଟ୍ରକ ଓ ବସକୁ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ଜଣାଯାଏ ।

# ବେଧଡ଼କ ଚାଲିଛି ଗଛକଟା

**ଗୁଣ୍ଡିଆଡିହି ସେକ୍ସନ**

- ବନବିଭାଗର ନୀରବତାରୁ ଧ୍ୱଂସ ପାଉଛି ଜଙ୍ଗଲ
- କାମ୍ପା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାର୍ଯ୍ୟକାରୀ ପ୍ରକଳ୍ପରେ ଅନିୟମିତତା ଅଭିଯୋଗ

ଲେଫ୍ରିପଡା,୧୪।୧୧(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଗୁଣ୍ଡିଆଡିହି ସେକ୍ସନ ଅଞ୍ଚଳରେ ବେଧଡକ ଭାବେ ଗଛକଟା ଚାଲଛି। ଫଳରେ ଜଙ୍ଗଲ ନଷ୍ଟ ହୋଇଯାଉଛି। ବନବିଭାଗ ନିଷ୍କ୍ରିୟ ହୋଇଥିବା ଦେଖାଦେଇଛି। ଜଙ୍ଗଲ ସୁରକ୍ଷା ପାଇଁ ସରକାର କୋଟି କୋଟି ଟଙ୍କାର ଅର୍ଥ ବିନିଯୋଗ କରି ବ୍ୟାପକ ବୃକ୍ଷ ରୋପଣ କରିଚାଲିଛନ୍ତି। ଅନ୍ୟ ପଟେ ବନ କମର୍କଚାରୀଙ୍କ ଖାମଖିଆଲୀ ମନୋଭାବ ଯୋଗୁ ଜଙ୍ଗଲରୁ ଗଛ ଚୋରି ହେଉଥିଲେ ବି ବନ ବିଭାଗ କର୍ମଚାରୀ ଜାଣିପାରୁ ନାହାନ୍ତି। ଗୁଣ୍ଡିଆଡିହି ସେକ୍ସନ ଅନ୍ତର୍ଗତ ବୁଡାପାହାଡ, ଦଲକି ଅଞ୍ଚଳରେ ବହୁସଂଖ୍ୟାରେ ଜଙ୍ଗଲରୁ ଶାଗୁଆନ, ଶାଳ, ବିଜା ଇତ୍ୟାଦି ମୂଲ୍ୟବାନ କାଠ ଚୋରି ହେଉଥିବା ଅଭିଯୋଗ ହେଉଛି। ଏହି ଅଞ୍ଚଳରୁ ଦୈନିକ ରାତ୍ରିରେ କାଠପଟା ବିଭିନ୍ନ ଗାଡିରେ ସହରକୁ ଚୋରା ଚାଲାଣ ହେଉଛି। ଅନ୍ୟପକ୍ଷରେ କୁଆଡେ ବନବିଭାଗର କର୍ମଚାରୀଙ୍କ ସହ କାଠ ବ୍ୟବସାୟୀଙ୍କ ଭିତିରି ସମ୍ପର୍କ ରହୁଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ବେଆଇନ ପଥର କ୍ୱାରୀ ଖୋଳା ଯାଉଥିବା ଦେଖିବାକୁ ମିଳୁଛି। ନିୟମିତ ବହୁ ପରିମାଣର ପଥର ଟ୍ରାକ୍ଟର ଯୋଗେ ଆଖପାଖ ଅଞ୍ଚଳକୁ ଚାଲାଣ ହେଉଛି। ବିଭିନ୍ନ ରାସ୍ତା କାମ ପାଇଁ ଠିକାଦାରମାନେ ସ୍ଥାନୀୟ ଫରେଷ୍ଟରଙ୍କୁ ଧରାଧରି କରି ସଂରକ୍ଷିତ ଜଙ୍ଗଲରୁ ମେଟାଲ ସଂଗ୍ରହ କରୁଥିବାର ଅଭିଯୋଗ ରହିଛି। ସରକାର ଜଙ୍ଗଲ ସମ୍ପଦକୁ ରକ୍ଷା କରିବା ଦିଗରେ ଗ୍ରାମ୍ୟ ବନସୁରକ୍ଷା କମିଟି ଗଠନ କରି ବିଭିନ୍ନ କ୍ଷେତ୍ରରେ ସଚେତନତା ଜାରି ରଖୁଥିବା ବେଳେ ଏ ଦିଗରେ ସଚେତନତା କେବଳ ସୀମିତ ରହିଯାଉଛି। ବନବିଭାଗ ପକ୍ଷରୁ ଗୁଣ୍ଡିଆଡିହିଠାରେ ସେକ୍ସନ କାର୍ଯ୍ୟାଳୟ ରହିଛି। ସେକ୍ସନ କାର୍ଯ୍ୟାଳୟରେ କାର୍ଯ୍ୟରତ ଫରେଷ୍ଟର କୁଆଡେ ମନଇଚ୍ଛା ସେକ୍ସନ ଏରିଆକୁ ଯାଉଥିବା ବେଳେ ମାତ୍ର କେତେଜଣ ଫରେଷ୍ଟଗାର୍ଡଙ୍କ ତତ୍ତ୍ୱାବଧାନରେ ବନ ବିଭାଗ ଚାଲିଛି ବୋଲି ଅଭିଯୋଗ ହେଉଛି। ବନ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାରେ ବନ ସଂରକ୍ଷଣ ଏବଂ ବନବାସୀଙ୍କ ପାଇଁ ଉନ୍ନୟନ କାର୍ଯ୍ୟ, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ଏଠାରେ କେବଳ କାଗଜପତ୍ରରେ ଚାଲିଥିବା ଅଭିଯୋଗ ରହିଛି। ଏହା ଦ୍ୱାରା ଜଙ୍ଗଲ ସମ୍ପଦ ଉପରେ ନିର୍ଭର କରି ଚଳୁଥିବା ବନବାସୀଙ୍କ ଜୀବନଜୀବିକା ପ୍ରତି ବିପଦ ଦେଖାଦେବାର ସମ୍ଭାବନା ରହିଛି। ବିଭାଗୀୟ କର୍ମଚାରୀଙ୍କ ଜ୍ଞାତବ୍ୟରେ ଏଭଳି ବେଆଇନ କାର୍ଯ୍ୟ ଚାଲିଥିବାରୁ ସାଧାରଣରେ ପ୍ରବଳ ଜନ ଅସନ୍ତୋଷ ଦେଖାଦେଇଛି। ଅପରପକ୍ଷରେ ଗଛ କଟା ନେଇ ଗୁଣ୍ଡିଆଡିହି ଫରେଷ୍ଟର ରୋହିତ କୁମାର ନାଏକଙ୍କୁ ପଚାରିବାରୁ ଆମ୍ଭେ ଜଙ୍ଗଲ ସୁରକ୍ଷା ଦିଗରେ ସଜାଗ ରହିଛୁ। ଯଦି କୌଣସି ଜାଗାରେ ଗଛ କଟା ଚାଲିଛି, ତା ହେଲେ ଆମ ଫରେଷ୍ଟଗାର୍ଡଙ୍କୁ ପଚାରିବି। ଫରେଷ୍ଟଗାର୍ଡଙ୍କ ମଧ୍ୟ ଦାୟିତ୍ୱ ରହିଛି। ଆପଣ ଯଦି କୌଣସି ଜାଗାରେ ଗଛକଟା ଚାଲିଛି ତା'ହେଲେ ସୂଚନା ଦେଲେ ଆମେ ଏହାର ଦିଗରେ ପଦକ୍ଷେପ ନେବୁ ବୋଲି ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏହି ସେକ୍ସନ ଅଧୀନରେ କାମ୍ପା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ହୋଇଥିବା ଟ୍ରେଞ୍ଚ ଖୋଳା, ପୋଖରୀ ଖନନ ତଥା ବୃକ୍ଷରୋପଣ ଏବଂ ପଥପାର୍ଶ୍ୱ ବୃକ୍ଷରୋପଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଇଛି। ଅନେକ ପ୍ରକଳ୍ପରେ ରୋପଣ ହୋଇଥିବା ଚାରାର ନାଁ ଗନ୍ଧ ନାହିଁ। ତେଣୁ ଏ ଦିଗରେ ଉଚ୍ଚ ସ୍ତରୀୟ ତଦନ୍ତ କରାଯିବାକୁ ଦାବି ହୋଇଛି।



ଗୁଣ୍ଡିଆଡିହି ସେକ୍ସନରେ ଗଛ କଟା ଯାଇଛି।

## ବ୍ୟାସଦେବ ଉଚ୍ଚ ବିଦ୍ୟାଳୟରେ ଶିଶୁଦିବସ

ବେଦବ୍ୟାସ, ୧୪।୧୧ (ଡି.ଏନ.ଏ)

ବେଦବ୍ୟାସ ସ୍ଥିତ ବ୍ୟାସଦେବ ଉଚ୍ଚ ବିଦ୍ୟାଳୟରେ ଶିଶୁଦିବସ ଓ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବାରିକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଲାୟନ୍ସ କ୍ଲବ ଅଫ୍ ବେଦବ୍ୟାସ– ରାଉରକେଲା ଗ୍ରେଟରର ସଭାପତି ଲାୟନ ଗୀତେଶ୍ୱର କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ସହ ଶିଶୁ ବତ୍ସଳ ଚାଚା ନେହେରୁଙ୍କ ଫଟୋଚିତ୍ରରେ ଭକ୍ତି କୁସୁମ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ଧଳ, ଶିଶୁ ସାହିତ୍ୟକ କିଶୋର କୁମାର ପଣ୍ଡା, ସହକାରୀ ଶିକ୍ଷକ ଉମେଶ ଚନ୍ଦ୍ର ଦାଶ, ସୁଶାନ୍ତ କୁମାର ପାଢ଼ୀ, ଗିରିଶ ଚନ୍ଦ୍ର ପଣ୍ଡା ପ୍ରମୁଖ ନେହେରୁଙ୍କ ସମ୍ପର୍କରେ କହିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୁବ୍ରତ କୁମାର ସାହୁ, ରବୀନ୍ଦ୍ର ଭୂମିଜ, ସୂର୍ଯ୍ୟନାରାୟଣ ସାହୁ, ଅଲିଭା ବିଶ୍ୱାଳ, ପ୍ରଜ୍ଞାପରମିତା ସାହୁ, ପ୍ରିତି ଲୋହାର ଆଦି ଚାଚା ନେହେରୁଙ୍କ ନୀତି ଆଦର୍ଶର ସ୍ମୃତି ଚାରଣ କରିଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ସାରସ୍ୱତ ସାଧକ କିଶୋର ପଣ୍ଡାଙ୍କ ତରଫରୁ ବଡଲୋକଙ୍କ ଜୀବନି ପୁସ୍ତକ ଦେଇ ପୁରସ୍କୃତ କରିଥିଲେ । ସଭା ପ୍ରାରମ୍ଭରେ ସସ୍ମିତା ରାଉତ, ସାଗରିକା ନାୟକ, ନିବେଦିତା ସେଠୀ ଓ ସ୍ମୃତିରେଖା ମହାନ୍ତି ଶିଶୁ ଦିବସର ମହତ୍ତ୍ୱ ଉପରେ ସଙ୍ଗୀତ ଗାନ କରିଥିଲେ । ଶେଷରେ କ୍ରୀଡାଶିକ୍ଷକ ଶଶିଧର ସାହୁ ଧନ୍ୟବାଦ ଦେଇଥିଲେ।

## ବିଡିଓଙ୍କୁ ସ୍ମାରକପତ୍ର ଦେଲେ ସତ୍ୟବ୍ରତ

ବାଲିଶଙ୍କରା, ୧୪।୧୧ (ଡି.ଏନ.ଏ)

ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଦାବିରେ ଜଗତସିଂହପୁର ଜିଲାର ସତ୍ୟବ୍ରତ ଦାସ ଓଡିଶାର ୩୧୪ଟି ବ୍ଲକକୁ ପଦଯାତ୍ରାରେ ଯାଇ ବିଡିଓଙ୍କ ମାଧ୍ୟମରେ ସ୍ମାରକପତ୍ର ଦେବାର ଆଶା ବାନ୍ଧିଛନ୍ତି। ତାଙ୍କର ପଦଯାତ୍ରା ଆରମ୍ଭ ହୋଇଛି ଜୁଲାଇକ ମାସ ୧୦ ତାରିଖରୁ ଯାଜପୁର ଜିଲାର ବଡଚଣା ବ୍ଲକରୁ। ବାଲିଶଙ୍କରା ବ୍ଲକକୁ ଧରି ୯୦ଟି ବ୍ଲକରେ ପହଞ୍ଚିଲାଣି ତାଙ୍କର ଏହି ଯାତ୍ରା। ୧୨୭ ଦିନ ବିତିଯାଇଥିବା ବେଳେ ହାରାହାରି ୨୫ ଶହ କିଲୋମିଟରରୁ ଉର୍ଦ୍ଧ୍ୱ ପଦଯାତ୍ରା କରିଛନ୍ତି। ତାଙ୍କର କହିବା ହିସାବରେ ୩୧୪ଟି ବ୍ଲକରେ ପହଞ୍ଚି ସ୍ମାରକପତ୍ର ଦେବା ସହିତ ଏଥିରେ ବିଫଳ ହେଲେ ମଧ୍ୟ ଦାବିପୂରଣ ନହେବା ପର୍ଯ୍ୟନ୍ତ ଏପରି କାର୍ଯ୍ୟ ଅବ୍ୟାହତ ରହିବ। ସେ ବାଲିଶଙ୍କରା ବ୍ଲକରେ ପହଞ୍ଚି ବିଡିଓ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ କୁଞ୍ଜବନ ପଟେଲଙ୍କୁ ସ୍ମାରକପତ୍ର ପ୍ରଦାନ କରି ତାଙ୍କର ଗନ୍ତବ୍ୟ ପଥରେ ପଦଯାତ୍ରାରେ ଯାଇଥିଲେ ।

ରାସ୍ତା ନିର୍ମାଣ, ପର୍ଯ୍ୟାପ୍ତ ପାଣି ପକାଇବା ଦାବିରେ ରାସ୍ତାରୋକୋ

# ପ୍ରତିଶ୍ରୁତି ପରେ ରାସ୍ତାରୋକୋ ପ୍ରତ୍ୟାହାର

ଲହୁଣୀପଡା, ୧୪।୧୧ (ଡି.ଏନ.ଏ)

ଲହୁଣୀପଡା ମୁଖ୍ୟରାସ୍ତା ନିର୍ମାଣରେ ବିଳମ୍ବ ଏବଂ ପ୍ରବଳ ଧୂଳି ଉଡିବା ପ୍ରତିବାଦରେ ଏବଂ ପାଣି ପକାଇବା ଦାବିରେ ଗୁରୁବାର ରାସ୍ତା ଅବରୋଧ କରାଯାଇଥିଲା । ଫଳରେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ଯୋଗୁ ସାଧାରଣ ଜୀବନ ଯାତ୍ରାରେ ବ୍ୟାଘାତ ସୃଷ୍ଟି ହେବା ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଛିଡା ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଗୁରୁବାର ପୂର୍ବାହ୍ନ ୧୧ଟାରେ ଲହୁଣୀପଡା ମୁଖ୍ୟ ବଜାରରେ ଦୋକାନୀ ଓ ସ୍ଥାନୀୟ ଜନସାଧାରଣମାନେ ଏହି ରାସ୍ତା ଅବରୋଧ କରିଥିଲେ । ଏହି ରାସ୍ତା ଅବସ୍ଥା ଶୋଚନୀୟ ହେବା ସହିତ ପ୍ରବଳ ଧୂଳି ଉଡିବାକୁ ନେଇ ଅନେକ ଥର ରାସ୍ତା ରୋକୋହୋଇଛି। ବାଇପାସଠାରୁ ଲହୁଣୀପଡା ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟି ଥିବା ବେଳେ ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧିନରେ ରହିଛି। ଏଥିପାଇଁ ଅନେକ ଥର ରାସ୍ତା ଅବରୋଧ ହୋଇଛି । ପ୍ରଶାସନ ମଧ ଅନେକ ଥର ପ୍ରତିଶ୍ରୁତି ଦେଇଥିଲେ ମଧ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଛି। ଏଣୁ ଲୋକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି । ଏହି ରାସ୍ତା ଦେଇ ଦୈନିକ ଶହଶହ ଭାରିଯାନ ଯାତାୟତ କରୁଛି । ଫଳରେ ଟ୍ରାଫିକ ସମସ୍ୟା ଲାଗି ରହିବା ଯୋଗୁ ବିଦ୍ୟାଳୟ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଆମ୍ବୁଲାନ୍ସଜାମରେ ଫସି ରହୁଥିବା ଦେଖିବାକୁ ମିଳିଛି । ପ୍ରବଳ ଧୂଳି ଉଡିବା ଯୋଗୁଁ ରାସ୍ତା ଦେଖା ନ ଯାଇ ଛୋଟବଡ ଦୁର୍ଘଟଣା ଘଟୁଥିବା ନଜରି ରହିଛି। ପ୍ରତିବାଦରେ ରଜାମୁଣ୍ଡା, ଲହୁଣୀପଡାଠାରେ ଅନେକ ଥର ରାସ୍ତାରୋକୋ କରାଯାଇଛି । ଫଳରେ ପାଣି ପକାଇବା ପାଇଁ ପ୍ରଶାସନିକ ଆଲୋଚନା ହୋଇଥିଲା ବେଳେ ଲହୁଣୀପଡାରେ ପୂର୍ତ୍ତ ବିଭାଗ ପକ୍ଷରୁ ଏବଂ ରଜାମୁଣ୍ଡାର ସ୍ୱଞ୍ଜ କାରଖାନା ପକ୍ଷରୁ ପାଣି ପକାଇବା ପାଇଁ ନିର୍ଦ୍ଦେଶ ଥିଲେ ମଧ ଠିକ ପାଣି ପଡୁନଥିଲା ଏବଂ ରାସ୍ତା ନିର୍ମାଣ ହେବା ପାଇଁ କୁଆଡେ ଟେଣ୍ଡର ପ୍ରକ୍ରିୟା ହୋଇଯାଇଛି । ଚଳିତ ମାସ ୧୦ ତାରିଖରୁ ଠିକାଦାର କାମ ଆରମ୍ଭ କରିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ ମଧ କାମ ଆରମ୍ଭ ନହେବା ରାସ୍ତାରେ ଠିକ ପାଣି ନପଡିବା ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର ବୋଲି ଅଭିହିତ କରିବା ପ୍ରଭୃତି ଦାବିରେ ଗୁରୁବାର ରାସ୍ତାରୋକୋ ହୋଇଥିଲା । ଖବର ପାଇ ଲହୁଣୀପଡା ତହସିଲଦାର ଆଲୋକ କୁମାର ଦେହୁରୀ ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ମାରାଣ୍ଡି ପହଞ୍ଚି ଅବରୋଧକାରୀଙ୍କ ସହିତ ଆଲେଚନା କରିଥିଲେ ମଧ ଅବରୋଧ କାରୀମାନେ ରାସ୍ତା କାମ ଆରମ୍ଭ ପାଇଁ ଜିଦରେ ଅଟକି ରହିଥିଲେ । ଲହୁଣୀପଡାଠାରୁ ରାଜାମୁଣ୍ଡା ପର୍ଯ୍ୟନ୍ତ ଅନେକ ବିଦ୍ୟାଳୟ ରହିଥିବାରୁ ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ନୋ ଏଣ୍ଟ୍ରି କରାଯାଇ ଦାବି କରିଥିଲେ । ସମାଧାନ ନ ହେବାରୁ ବଣାଇ ସହକାରୀ ଜିଲାପାଳ ରବୀନ୍ଦ୍ର କୁମାର ସେଠୀ ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ବୁଦ୍ଧଦେବ ସାହୁ ପହଞ୍ଚି ରାସ୍ତା ଅବରୋଧ କାରୀଙ୍କ ସହିତ ଆଲୋଚନା କରିବା ସହିତ ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସହିତ ଫୋନରେ କଥାହେବା ଏକ ସାତଦିନ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ଏବଂ ଧୂଳି ନଉଡିବା ପାଇଁ ପାଣି ପକାଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ରାସ୍ତା ଅବରୋଧ ପ୍ରତ୍ୟାହାର ହୋଇଥିଲା । ଏହି ରାସ୍ତା ଅବରୋଧ ୬ଘଣ୍ଟା ପରେ ପ୍ରତ୍ୟାହାର ହୋଇ ଏବେ ସ୍ୱାଭାବିକ ଅବସ୍ଥା ଫେରିଥିବା ଦେଖାଯାଇଥିଲା ।



ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ବିଧାୟକଙ୍କୁ ଅଣଦେଖା କରି ସ୍ୱତନ୍ତ୍ର ବିକାଶ ପରିଷଦର ଖେଳ ସାମଗ୍ରୀ ବଣ୍ଟନକୁ ବିରୋଧ

# ଭାଜପା କର୍ମୀ ଜିଲାପାଳଙ୍କୁ ଭେଟିଲେ

ସୁନ୍ଦରଗଡ, ୧୪।୧୧ (ଡି.ଏନ୍.ଏ)

ଶୁକ୍ରବାର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ହେବାକୁ ଥିବା ବୀର ବୀର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳନ ସହ ଆଦିବାସୀ ସଂସ୍କୃତିର ପାରମ୍ପାରିକ ବେଶ ପୋଷାକ ଓ କ୍ରୀଡାସାମଗ୍ରୀ ବିତରଣ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକାଙ୍କୁ ଅଣଦେଖା କରାଯିବା ପ୍ରତିବାଦରେ ଗୁରୁବାର ଭାଜପା କର୍ମୀନ୍‌ମାନେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା। ବିଧାୟିକାଙ୍କ ପ୍ରତିନିଧି ସୁରେନ୍ଦ୍ର ସ୍ୱର୍ଣ୍ଣକାର ଓ ଯୁବନେତା ଅଜୟ ପଟେଲଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ସରକାରଙ୍କ ଏହି କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ହୋଇଥିଲେ ହେଁ ଏଥିରେ ସ୍ଥାନୀୟ ବିଧାୟିକା କୁସୁମଟେଟେ ଓ ଅନ୍ୟ ବିଧାୟକମାନେ ସାମିଲ କରା ନ ଯାଇ ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରାଯାଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି । ଏଥିସହିତ ବିଧାୟିକା ଟେଟେ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଜାତି ,ଜନଜାତି କମିଶନର ଓ ବିଭାଗୀୟ ମନ୍ତ୍ରୀଙ୍କୁ ମଧ୍ୟ ଭେଟି ଏସମ୍ପର୍କରେ ଅଭିଯୋଗ କରିଛନ୍ତି।



ଭାଜପା କର୍ମୀ ଜିଲାପାଳଙ୍କୁ ଭେଟିବାକୁ ଯାଉଛନ୍ତି।

ରବିନାରାୟଣ ଶତପଥୀଙ୍କ ସ୍ମୃତିସଭା

# ସ୍ରଷ୍ଟାର ସୃଷ୍ଟିରେ ହେମଗିରର ଅଦ୍ୱିତୀୟ ସ୍ରଷ୍ଟା

ହେମଗିର, ୧୪।୧୧ (ଡି.ଏନ.ଏ)

ହେମଗିର ଅଞ୍ଚଳରେ ଶିକ୍ଷା କ୍ଷେତ୍ରରେ ଏକଦା ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଶିକ୍ଷାନୁଷ୍ଠାନ ତାର ସ୍ରଷ୍ଟାର ଗୌରବମୟ ଅତୀତକୁ ମନେ ପକାଇବାକୁ ଏକ ସ୍ମୃତି ସଭାର ଆୟୋଜନ କରିଥିଲେ। ହେମଗିର ବ୍ଲକ ମୁଖ୍ୟାଳୟରୁ ପ୍ରାୟ ୧୫ କି.ମି ଦୂରରେ ଅବସ୍ଥିତ ଗଡତମୁଲିଆ ଗ୍ରାମ । ଏଠାରେ ପ୍ରାଥମିକ ଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନକୁ ନେଇ ମାଣିକେଶ୍ୱରୀ ଶିକ୍ଷାନୁଷ୍ଠାନ ଗଠିତ ହୋଇଛି। ଏହି ଶିକ୍ଷାନୁଷ୍ଠାନ ସମୂହ ସ୍ୱର୍ଗତ ରବିନାରାୟଣ ଶତପଥିଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ୨୨ତମ ସ୍ମୃତି ସଭାର ଆୟୋଜନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ କଳାକୃଷ୍ଣ ଓରାମ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ଜିଲା ପରିଷଦ ସଭ୍ୟ ରବିରତ୍ନ ପଟେଲ, ଯୁକ୍ତ ଦୁଇ ଅଧକ୍ଷ ନେପାଳ ଚନ୍ଦ୍ର ପଟେଲ, ଯୁକ୍ତ ୩ ଅଧକ୍ଷ ଲକ୍ଷ୍ମୀକାନ୍ତ ଜେନା, ରବିନାରାୟଣ ପଣ୍ଡା, ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ପ୍ରକାଶିନୀ ପଟେଲ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ଶ୍ରମଶକ୍ତି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ହେମନ୍ତ କୁମାର ଚୌଧୁରୀ ଯୋଗଦେଇ ସ୍ୱର୍ଗତ ଶତପଥି ଏବଂ ହେମଗିର ମାଟିର ଜଣେ ସ୍ରଷ୍ଟାର ସୃଷ୍ଟିରେ ଅଦ୍ୱିତୀୟ ସ୍ରଷ୍ଟା ବୋଲି ଅଭିହିତ କରିଥିଲେ। ସ୍ୱର୍ଗତ ଶତପଥି ହେମଗିରର ଗଡତମୁଲିଆ ମାଟିରେ ୧୯୬୯ରେ ପାଦଥାପି ଦୁଃଖ ଦୁର୍ଦ୍ଦିନର ଝଡଝଞ୍ଜା ଭିତରେ ଗତିକରି ଶିକ୍ଷା ପ୍ରଦୀପ ସ୍ଥାପନ କରିଥିଲେ । ପରେ ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ତାଙ୍କର ଆପ୍ରାଣ ଉଦ୍ୟମ ଓ ଦୃଢ଼ନିଷ୍ଠା ବଳରେ ମହାବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତିଷ୍ଠା କରିଥିଲେ। ତାଙ୍କ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଅପୂର୍ବ ସଫଳତା ସମଗ୍ର ଓଡିଶାରେ ତାଙ୍କୁ ପରିଚିତ କରାଇବା ସଙ୍ଗେ ସଙ୍ଗେ ହେମଗିର ମାଟିର ସୁନାମ ଆଣି ପାରିଥିଲେ। ସେ ସୁଦୂର ଜଗତସିଂପୁର ଜିଲାରେ ୧୯୪୩ରେ ଜନ୍ମଗ୍ରହଣ କରିଥିବା ବେଳେ ୧୯୯୮ରେ ହେମଗିର ମାଟିରେ ଇହଲୀଳା ସମ୍ବରଣ କରିଥିଲେ। ବର୍ତ୍ତମାନ ତାଙ୍କ ସମ୍ବଳିତ ଅର୍ଥରୁ ମେଧାବୀ ଓ ଗରିବ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରାଯାଉଥିବା ବିଷୟ ମଧ ସଭାରେ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ପରିଚୟ ତଥା ଧନ୍ୟବାଦ ଅର୍ପଣ ଅଧ୍ୟାପକ ସରୋଜ କୁମାର ମିଶ୍ର। ଏଥିରେ ଅଧ୍ୟାପକ ବ୍ରଜେଶ ସାହୁ, ଦିଲୀପ କୁମାର ନାଏକ, ଅଶୋକ କୁମାର ନାଏକ, ଗଣେଷ ମେହେର, ବିଧୁଭୂଷଣ ସାହୁ, ସୁଷମା ନାଏକ ତଥା ଶିକ୍ଷୟତ୍ରୀ, ଶିକ୍ଷକ ପ୍ରମୁଖ ସହଯୋଗ କରିଥିଲେ।



ରବିନାରାୟଣ ଶତପଥୀଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ଉପସ୍ଥିତ ଅତିଥି, ବୁଦ୍ଧିଜୀବୀ, ଶିକ୍ଷାବିତ।

ସଡ଼କ ଦୁର୍ଘଟଣାରେ ୧ ମୃତ, ଜଣେ ଗୁରୁତର

# ମୃତଦେହ ରଖି ରାସ୍ତା ଅବରୋଧ

କୁତ୍ରା, ୧୪।୧୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରାଠାରେ ଗୁରୁବାର ଏକ ସଡକ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। କ୍ଷତିପୂରଣ ସାଙ୍ଗକୁ ବିଭିନ୍ନ ଦାବି ନେଇ ଗ୍ରାମବାସୀ ମୃତଦେହ ରଖି ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ସକାଳ ୯ଟାରେ କୁତ୍ରା ଗ୍ରାମର ହିମାଂଶୁ ବାଘ (୧୮) ଓ ମୋହନ ଲାକଡା (୧୭) ଏକ ବାଇକ ନଂ. ଓଡି ୧୪ ଆର– ୭୨୧୯ରେ କୁତ୍ରା ଚୁନିପଡା ଯିବା ଛକଠାରେ ୧୦ନଂ. ରାଜ୍ୟ ରାଜପଥକୁ ଅତିକ୍ରମ କରୁଥିଲେ। ଏତିକିବେଳେ ରାଉରକେଲା ପଟୁ ସୁନ୍ଦରଗଡ ଆଡକୁ ଯାଉଥିବା ଏକ କାର ନଂ. ଓଡି ୧୪ ଜି ୬୫୮୫ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ହିମାଂଶୁ ଓ ମୋହନ ରାସ୍ତା ଉପରେ ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟ ମୋହନ ଓ ହିମାଂଶୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କୁତ୍ରା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହିମାଂଶୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ମୋହନଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣା ପ୍ରଚାରହେବା ପରେ କ୍ଷତିପୂରଣ ସହ ଫ୍ଲାଏଓଭର ଓ ଫୁଟପାଥ ନିର୍ମାଣ ଦାବି ନେଇ ଗ୍ରାମବାସୀ ଘଟଣାସ୍ଥଳରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଖବରପାଇ ଉପଜିଲାପାଳ ଅଭିମନ୍ୟୁ ବେହେରା ଓ କୁତ୍ରା ତହସିଲଦାର ସୁପ୍ରଭା ଦାସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ମୃତଦେହର ସତ୍କାର ପାଇଁ ୧୦ ହଜାର ଓ ଚିକିତ୍ସା ପାଇଁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ପ୍ରଦାନ କରିବା ସାଙ୍ଗକୁ ୩୦ ଦିନ ଭିତରେ ଫୁଟପାଥ ନିର୍ମାଣ ଓ ଫ୍ଲାଏଓଭର ନିର୍ମାଣ ଦିଗରେ ବିଚାର କରାଯିବା କଥା କହିବା ପରେ ଗ୍ରାମବାସୀ ରାସ୍ତା ଅବରୋଧରୁ ହଟିଯାଇଥିଲେ।




ମୃତଦେହ ରଖି ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।